
ଭାବପ୍ରବଣ ଜୀବନସାଥୀ ଲୋଡ଼ା
ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 76 ଭାଗ ୩୪ | ସଂଖ୍ୟା ୭୬ | Sunday 7 June 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର, ୭ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ‘ଓଡ଼ିଶା ଶାସନ’କୁ ବିକୃତ କଲା ଉଚ୍ଚଶିକ୍ଷା ବିଭାଗ

# ସୋସିଆଲ ମିଡିଆରେ ଟ୍ରୋଲ ପରେ ଚେତିଲା ବିଭାଗ




**‘ଏକ୍ସ’ରେ ସଂଶୋଧନ ହେଲା ଲୋଗୋ**

ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ଏଆଇରେ ନିର୍ମିତ ପୋଷ୍ଟରରେ ରାଜ୍ୟ ସରକାରଙ୍କ ‘ଓଡ଼ିଶା ଶାସନ’ ଲୋଗୋ ବିକୃତ ହୋଇଛି। ଏହାକୁ ନେଇ ଏବେ ସାମାଜିକ ଗଣମାଧ୍ୟମରେ ଟ୍ରୋଲ୍‌ର ଶିକାର ହୋଇଛି ଉଚ୍ଚଶିକ୍ଷା ବିଭାଗ। ଉଚ୍ଚଶିକ୍ଷା ବିଭାଗ ନାମ ପାଖରେ ଏକ ‘ଓଡ଼ିଶା ଶାସନ’ ଲୋଗୋ ରହିଛି, ଯେଉଁ ଲୋଗୋରେ ଓଡ଼ିଆ ଓ ହିନ୍ଦୀରେ ଉଲ୍ଲେଖ ଥିବା ‘ଓଡ଼ିଶା ଶାସନ’ କେଉଁ ଭାଷାରେ ଉଲ୍ଲେଖ ରହିଛି, ତାହା ସ୍ପଷ୍ଟ ଭାବେ ଜଣାପଡୁନାହିଁ। ଏଥିସହ ଲୋଗୋ ମଧ୍ୟରେ ଥିବା ଘୋଡ଼ା ଓ ଅଶୋକ ସ୍ତମ୍ଭର ଆକାର ତଥା ଚିତ୍ରଟି ସମ୍ପୂର୍ଣ୍ଣ ଭାବେ ଭୁଲ୍ ରହିଥିଲା। ଏପରିକି ଅଶୋକ ସ୍ତମ୍ଭ ପରେ ‘ସତ୍ୟମେବ ଜୟତେ’ ଏଆଇ ପ୍ରସ୍ତୁତ ଲୋଗୋରେ ବି ନ ଥିଲା।

ଅମିତ୍ କିଲହୋର ନାମକ ଜଣେ ଜଣାଶୁଣା ଜାତୀୟ ସ୍ତରର ଭିଡିଓ କଣ୍ଟେଣ୍ଟ କ୍ରିଏଟର ଉଚ୍ଚଶିକ୍ଷା ବିଭାଗର ଏପରି ତ୍ରୁଟିକୁ ନେଇ ‘ଏକ୍ସ’ରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅମିତ୍ କିଲ୍‌ହୋର ସୋସିଆଲ୍ ମିଡିଆ ‘ଏକ୍ସ’ରେ ଏକ ଭିଡିଓ ପୋଷ୍ଟ କରି ସେଥିରେ ଥିବା ଓଡ଼ିଶା ଶାସନର ଲୋଗୋକୁ କିପରି ବିକୃତ କରାଯାଇଛି, ତାକୁ ସେ ଦର୍ଶାଇଥିଲେ। ‘ଗ୍ରୀନ୍ ଏନର୍ଜି ଫର ଗ୍ରୀନ୍ କ୍ୟାମ୍ପସ୍’ ନାମରେ ଏକ ପୋଷ୍ଟର ଉଚ୍ଚଶିକ୍ଷା ବିଭାଗ ସୋସିଆଲ୍ ମିଡିଆ ‘ଏକ୍ସ’ରେ ପୋଷ୍ଟ କରିଥିଲା। ଏହି ➪ପୃଷ୍ଠା-୬

# ସମ୍ବଲପୁର ଫୁଟ୍‌ବଲ ଏକାଡେମୀରେ ‘ଫିଫା ଫିଭର’

ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ବହନ କରୁଥିବା ସମ୍ବଲପୁର ଫୁଟବଲ ଏକାଡେମୀର ସୁଦୃଢ଼ ଯାତ୍ରାକୁ ଆହୁରି ବ୍ୟାପକ ତଥା ବିଶ୍ୱସ୍ତରୀୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସମ୍ବଲପୁର ଗସ୍ତରେ ଯାଇ ଏହି ଏକାଡେମୀ ପରିଦର୍ଶନ କରି ଭିତ୍ତିଭୂମିର ବିକାଶ ଓ ଆଧୁନିକୀକରଣର ମାନକୁ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ ଯେ ୧୫ କୋଟି ଟଙ୍କାରେ ଆରମ୍ଭ ହୋଇଥିବା ଏକାଡେମୀ ପରିସରରେ ଅନ୍ତର୍ଜାତୀୟ ମାନର ୩ଟି ଫିଫା ଷ୍ଟାଣ୍ଡାର୍ଡ ପୂର୍ଣ୍ଣ ଆକାରର ଫୁଟବଲ ପଡ଼ିଆ ଓ ୨ଟି ଅତ୍ୟାଧୁନିକ ଫୁଟ୍‌ସାଲ୍ ଗ୍ରାଉଣ୍ଡ ସ୍ଥାପନ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସମ୍ବଲପୁର ଫୁଟବଲ ଏକାଡେମୀର କ୍ରୀଡ଼ା ପ୍ରତିବଦ୍ଧତାକୁ ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍‌ର ଏକ ଶାଖା ଭାବେ ୨୦୦୭ରୁ ଆରମ୍ଭ ହୋଇଥିବା ଏହି ଏକାଡେମୀ ଆଜି ରାଜ୍ୟର କ୍ରୀଡ଼ା ପ୍ରତିଭାମାନଙ୍କୁ ଜାତୀୟ ସ୍ତରରେ ପରିଚୟ ଦେବାରେ ସବୁଠାରୁ ବଡ଼ ମାଧ୍ୟମ ସାଜିଛି। ଗତ ୧୯ ବର୍ଷ ମଧ୍ୟରେ ଏହି ଏକାଡେମୀରୁ ଶହ ଶହ ପ୍ରତିଭାବାନ୍ ଫୁଟ୍‌ବଲ ଖେଳାଳି ସୃଷ୍ଟି ହୋଇଛନ୍ତି ଏବଂ ସେମାନେ ବିଭିନ୍ନ ବୟସ ବର୍ଗରେ ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ଫୁଟବଲ କ୍ରୀଡ଼ାର ବିକାଶ ପ୍ରତି ଏକାଡେମୀର

**ଏକାଡେମୀକୁ ‘ମୁଖ୍ୟମନ୍ତ୍ରୀ କପ୍’ ଆୟୋଜନ ଦାୟିତ୍ୱ**

**୧୪ ବର୍ଷରୁ କମ ୩୦ ପ୍ରତିଭାଙ୍କୁ ମିଳିବ ମାଗଣା ତାଲିମ ଓ ଶିକ୍ଷା**

**ଉନ୍ନତ ଭିତ୍ତିଭୂମି ଓ ପ୍ରଶିକ୍ଷଣ ସହ ରାଜ୍ୟ ପାଇଁ ଆସିବ ଗୌରବ**

**ତିନି ଫିଫା ମାନର ପଡ଼ିଆ ସହ ୨ଟି ଫୁଟସାଲ୍ ଗ୍ରାଉଣ୍ଡ**

ଏହି ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏକାଡେମୀ ଉପରେ ଆଉ ଏକ ନୂଆ ତଥା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏଣିକି ପ୍ରତିବର୍ଷ ଆୟୋଜିତ ହେଉଥିବା ‘ମୁଖ୍ୟମନ୍ତ୍ରୀ କପ’ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍‌ରୁ



ତୃଣମୂଳ ସ୍ତରରେ ମନୋନୀତ ହେଉଥିବା ୧୪ ବର୍ଷରୁ କମ୍ ବୟସର ୩୦ ଜଣ ପ୍ରତିଭାବାନ ପିଲାଙ୍କୁ ଉଚ୍ଚକୋଟୀର ଆବାସିକ ତାଲିମ ଦେବାର ଦାୟିତ୍ୱ ଏହି ଏକାଡେମୀକୁ ଦିଆଯାଇଛି। ତାଲିମ ଗ୍ରହଣ କରୁଥିବା ଏହି ଶିଶୁମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ନିକଟସ୍ଥ ଶିକ୍ଷାନୁଷ୍ଠାନମାନଙ୍କରେ ଗୁଣାତ୍ମକ ଶିକ୍ଷା ଗ୍ରହଣର ସମ୍ପୂର୍ଣ୍ଣ ବ୍ୟବସ୍ଥା ମଧ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ଓ ଉପଯୁକ୍ତ ପ୍ରଶିକ୍ଷଣ ଜରିଆରେ ସମ୍ବଲପୁର ଫୁଟବଲ୍ ଏକାଡେମୀ ଆଗାମୀ ଦିନରେ ଓଡ଼ିଶା ପାଇଁ କ୍ରୀଡ଼ା କ୍ଷେତ୍ରରେ ଆହୁରି ଅନେକ ଗୌରବ ଓ ସଫଳତା ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରାଜ୍ୟସଭା ସାଂସଦ ମନମୋହନ ସାମଲ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ପ୍ରମୁଖ ଉପସ୍ଥିତ ଥିଲେ।

## ୨୪ ଶିଳ୍ପ ପ୍ରକଳ୍ପକୁ ମିଳିଲା ମଞ୍ଜୁରୀ

# ସୁଦୃଢ଼ ହେବ ଅର୍ଥନୀତି, ଦୂର ହେବ ବେକାରୀ

ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ସଫଳତା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱରେ ରାଜ୍ୟ ସରକାର ଶିଳ୍ପ ବିକାଶକୁ ଆହୁରି ତ୍ୱରାନ୍ୱିତ କରିଛନ୍ତି।

**୩୭୯୩ କୋଟିର ନିବେଶ ସହ ୧୯ ହଜାର ନିଯୁକ୍ତି**

**ଶିଳ୍ପର ସନ୍ତୁଳିତ ବିକାଶକୁ ସରକାରଙ୍କ ଗୁରୁତ୍ୱ**



ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୭ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ୨୪ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ସମସ୍ତ ପ୍ରକଳ୍ପ ଜରିଆରେ ରାଜ୍ୟରେ ମୋଟ ୩,୭୯୩ କୋଟି ୩୩ ଲକ୍ଷ ଟଙ୍କାର ପୁଞ୍ଜିନିବେଶ ହେବାକୁ ଯାଉଥିବା ବେଳେ ୧୯,୯୨୪ ଜଣଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ନିବେଶ ଓଡ଼ିଶାର ଅର୍ଥନୀତିକୁ ସଦୃଢ଼ କରିବା ସହ ବେକାରୀ ➪ପୃଷ୍ଠା-୬

# ସବୁ ପୌରାଞ୍ଚଳରେ ଇଭି ଚାର୍ଜିଂ ଷ୍ଟେସନ

- ଚିଠା ଏସ୍‌ଓପି ଆଣିଲା ନଗର ଉନ୍ନୟନ ବିଭାଗ
- ପ୍ରଥମ ଦଫାରେ ସରକାରୀ ଜମିରେ ଚାର୍ଜିଂ ଷ୍ଟେସନ୍




ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ରାଜ୍ୟରେ ବୈଦ୍ୟୁତିକ ଯାନ ବା ଇଭି ଗାଡ଼ି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ସରକାରୀ ଅଫିସଗୁଡ଼ିକରେ ଭଡ଼ା ପାଇଁ ଇଭି ଗାଡ଼ି ବାଧ୍ୟତାମୂଳକ କରିବା ପରେ ଏବେ ରାଜ୍ୟର ସବୁ ସହରାଞ୍ଚଳରେ ଇଭି ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି।

ରାଜ୍ୟର ସବୁ ମହାନଗର ନିଗମ, ପୌରପାଳିକା ଓ ଏନଏସିଗୁଡ଼ିକରେ ଇଭି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା କରିବା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ପ୍ରସ୍ତୁତ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ଚିଠା ଏସଓପିକୁ ଏବେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ଇଭି ପଲିସି ୨୦୨୧ର ନିୟମାବଳୀ ଆଧାରରେ ଯାଞ୍ଚ କରିବା ନିମନ୍ତେ ରାଜ୍ୟ ପରିବହନ କମିଶନରଙ୍କ ପାଖକୁ ପଠାଯାଇଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ଏହି ଇଭି ଚାର୍ଜିଂ ଷ୍ଟେସନଗୁଡ଼ିକୁ ସହରାଞ୍ଚଳର ଏକ ରାଜସ୍ୱ ଆଦାୟକାରୀ ଭିତ୍ତିଭୂମି ଭାବେ ସାମିଲ କରାଯାଇଛି, ଯାହା ସହରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ପୌରସଂସ୍ଥାଗୁଡ଼ିକର ଆୟ ବୃଦ୍ଧିରେ ମଧ୍ୟ ସହାୟକ ହେବ। ➪ପୃଷ୍ଠା-୬

# ପ୍ଲଟ୍‌ପ୍ରେମୀ ଯନ୍ତ୍ରୀଙ୍କ ଲକର୍‌ରେ ବିଡ଼ା ବିଡ଼ା ଟଙ୍କା

- ୨.୦୪ କୋଟି ଟଙ୍କା ଜବତ
- ୫ କୋଠା, ୧୪ ଦାମୀ ପ୍ଲଟ୍ ଠାବ
- ମିଳିଲା ୩୪୧ ଗ୍ରାମ୍ ସୁନା, ଜମା ଅଛି ୪୫ ଲକ୍ଷ





ଫୁଲବାଣୀ/ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଆଇଟିଡିଏର ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ବୈକୁଣ୍ଠନାଥ ବେହେରାଙ୍କ ଘରେ ପଶିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ସହ ଜଡ଼ିତ ୯ଟି ସ୍ଥାନରେ ହୋଇଛି ଏକକାଳୀନ ଚଢ଼ାଉ। ଭୁବନେଶ୍ୱରର ୪ଟି ଘର ସମେତ ମୋଟ୍ ୯ଟି ସ୍ଥାନରେ ଏହି ଚଢ଼ାଉ କରାଯାଇଥିବା ବେଳେ ଆଇଟିଡିଏ ➪ପୃଷ୍ଠା-୬

# ରାଜଧାନୀରେ ୧୫ ମିନିଟ୍‌ର ତାଣ୍ଡବ

ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ରାଜଧାନୀ ଭୁବନେଶ୍ୱରରେ ଆଜି ସକାଳୁ ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଥିଲା। ଏପରିକି ପୂର୍ବାହ୍ନ ସାଢ଼େ ୧୧ଟା ସୁଦ୍ଧା ସହରର ତାପମାତ୍ରା ୩୮ ଡିଗ୍ରୀ ଛୁଇଁଥିବା ବେଳେ ଆର୍ଦ୍ରତା ୫୧ ପ୍ରତିଶତ ରହିଥିଲା। ସାଢ଼େ ୧୧ଟା ସୁଦ୍ଧା ତାପମାତ୍ରା ୩୮ ଡିଗ୍ରୀ ଥିଲେ ସୁଦ୍ଧା ଲୋକେ ୪୯ ଡିଗ୍ରୀ ଭଳି ଉତ୍ତାପ ଅନୁଭବ କରିଥିଲେ। ତେବେ ଅପରାହ୍ନରେ ଖରା, ଗରମ ଓ ଅସହ୍ୟ ଗୁଳୁଗୁଳିରୁ ମିଳିଥିଲା ସାମାନ୍ୟ ଆଶ୍ୱସ୍ତି। କାରଣ ଅପରାହ୍ନ ପ୍ରାୟ ୩ଟା ବେଳକୁ ରାଜଧାନୀର ବିଭିନ୍ନ ସ୍ଥାନରେ ହୋଇଥିଲା କାଳବୈଶାଖୀ ବର୍ଷା। କାଳବୈଶାଖୀ ପୂର୍ବରୁ ଭୁବନେଶ୍ୱରର ତାପମାତ୍ରା ୪୦ ଡିଗ୍ରୀ ଥିବା ବେଳେ ବର୍ଷା, ପବନ ପରେ ଏହା ସିଧା ୧୪ ଡିଗ୍ରୀ ଖସି ୨୬ ଡିଗ୍ରୀରେ ପହଞ୍ଚିଥିଲା।

ଖାଲି ବର୍ଷା ହୋଇ ନ ଥିଲା, ତା’ ସହ ପବନ ଓ କୁଆପଥର ମାଡ଼ ବି ହୋଇଥିଲା। ସହରର ନୟାପଲ୍ଲୀ, ୟୁନିଟ-୮, ୟୁନିଟ-୨, ଖାରବେଳ ନଗର, ସହିଦ ନଗର ➪ପୃଷ୍ଠା-୬




## ଭାରତକୁ ରୁଷ୍ ପଠାଇଲା ସୁ-୫୭ ଗୁପ୍ତ ଜେଟ୍

ମସ୍କୋ,୬।୬ଃରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଭାରତକୁ ରୁଷିଆର ପଞ୍ଚମପିଢ଼ିର ଗୁପ୍ତ ଲଢୁଆ ବିମାନ ସୁଖୋଇ ସୁ-୫୭ ପ୍ରଦାନ କରିଛନ୍ତି। ଏଥିସହିତ ଦୁଇଦେଶର ରଣନୈତିକ ଭାଗିଦାରୀକୁ ଦୃଢ଼ କରିବା ଲାଗି ନୂଆଦିଲ୍ଲୀ ସହିତ ମିଳିତ ଭାବରେ ଏହି ଲଢୁଆ ବିମାନ ତିଆରି କରିବାକୁ ରୁଷ୍ ପ୍ରସ୍ତୁତ ରହିଛି ବୋଲି ପୁଟିନ୍ ସୂଚନା ଦେଇଛନ୍ତି। ଦଶନ୍ଧି ଦଶନ୍ଧି ଧରି ରୁଷ୍ ଭାରତର ମୁଖ୍ୟ ପ୍ରତିରକ୍ଷା ଯୋଗାଣକାରୀ ହୋଇ ରହିଆସିଛି। ତେବେ ରୁଷ୍-ୟୁକ୍ରେନ୍ ଯୁଦ୍ଧ ପରେ ଆମେରିକାର ହସ୍ତକ୍ଷେପ ଫଳରେ ଭାରତ ତା’ର ପ୍ରତିରକ୍ଷା ଚାହିଦା ପୂରଣ ପାଇଁ ବିବିଧ ଉତ୍ସର ସନ୍ଧାନ କରିଛି। ଏପରିକି, ଦୀର୍ଘବର୍ଷର ଅନୁସନ୍ଧାନ ପରେ ଭାରତ ସ୍ୱଦେଶୀ ଜ୍ଞାନ କୌଶଳରେ ପଞ୍ଚମପିଢ଼ିର ଲଢୁଆ ଜେଟ୍ ନିର୍ମାଣ ଉଦ୍ୟମ ଆରମ୍ଭ କରିଛି। ପିଟିଆଇ ମୁଖ୍ୟଙ୍କ ସହ ବାର୍ତ୍ତାଳାପ ଅବସରରେ ପୁଟିନ୍ କହିଛନ୍ତି ଯେ, ଭାରତ-ରୁଷ୍ ପ୍ରତିରକ୍ଷା ଓ ସାମରିକ ସମ୍ପର୍କ ନେଇ ରୁଷ୍ ଆଶାବାଦୀ ଅଛି। ଏଥିସହିତ ନୂଆଦିଲ୍ଲୀର ପଞ୍ଚମପିଢ଼ିର ଲଢୁଆ ବିମାନ ନିର୍ମାଣ କାର୍ଯ୍ୟକ୍ରମ ସୁ-୫୭ରେ ସମ୍ପୃକ୍ତ ହେବାକୁ ରୁଷ୍ ପ୍ରସ୍ତୁତ ରହିଛି।

## ସଡ଼କ ଦୁର୍ଘଟଣାରେ ୯ ମୃତ

ଚଣ୍ଡିଗଡ଼,୬।୬ଃ ପଞ୍ଜାବର ଫିରୋଜପୁର ଜିଲ୍ଲାରେ ଶନିବାର ସକାଳେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ୯ ଜଣଙ୍କର ମୃତ୍ୟୁ ଘଟିଛି। ବହୁଲୋକ ଗୁରୁତର ହୋଇଛନ୍ତି। ଫିରୋଜପୁର-ଫାଜିଲକା ରୋଡ୍‌ରେ ଏକ ମହିନ୍ଦ୍ରା ପିକଅପ୍ ଭ୍ୟାନ୍ ଓ ଟ୍ରଲର ମଧ୍ୟରେ ସାମ୍ନାସାମ୍ନି ଜୋରଦାର ଧକ୍କା ହେବା ଫଳରେ ଏଭଳି ଅଘଟଣ ଘଟିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ, ଜଲାଲାବାଦ ଅଞ୍ଚଳର ଏକ ପରିବାର ନିଜ ସମ୍ପର୍କୀୟମାନଙ୍କ ସହ ଅସ୍ଥି ବିସର୍ଜନ କରିବାକୁ ଯାଉଥିଲେ। ଫିରୋଜପୁର-ଫାଜିଲକା ରାସ୍ତାର ହୁସେନଶାହ ଗାଁ ନିକଟରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଦୁଇ ଭାରତୀୟ ଶାନ୍ତିରକ୍ଷୀଙ୍କୁ ମରଣୋତ୍ତର ସମ୍ମାନ

ଜେନିଭା, ୬।୬ଃ କର୍ତ୍ତବ୍ୟ ପାଳନ ସମୟରେ ନିଜର ସର୍ବୋତ୍ତମ ତ୍ୟାଗ ଓ ବଳିଦାନ ପାଇଁ ଜାତିସଂଘ ଦୁଇଜଣ ଭାରତୀୟ ଶାନ୍ତିରକ୍ଷୀଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରିଛି। ବିଶ୍ୱରେ ଅନ୍ତର୍ଜାତୀୟ ଜାତିସଂଘ ଶାନ୍ତିରକ୍ଷୀ ଦିବସ ପାଳନ ଅବସରରେ କଙ୍ଗୋରେ ଜାତିସଂଘ ପକ୍ଷରୁ କାର୍ଯ୍ୟ କରିଥିବା ଲାନ୍ସ ହାବିଲଦାର ହରଭଜନ ସିଂଙ୍କୁ ଏବଂ ଦକ୍ଷିଣ ସୁଦାନରେ ଜାତିସଂଘ ପକ୍ଷରୁ ନିଯୁକ୍ତ ନାଏବ ସୁବେଦାର ସୁଜିତ କୁମାର ପ୍ରଧାନଙ୍କୁ ଏହି ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଛି। ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଏହି ସମ୍ମାନ ପ୍ରଦାନ କରିଛନ୍ତି।

# ଏକଲା ଚଲୋ ନୀତିରେ ନବୀନ



ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ପରବର୍ତ୍ତୀ ରାଜନୈତିକ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଇଣ୍ଡି ମେଣ୍ଟକୁ ବିଜେଡି ଯିବନି ବୋଲି ଜଣାପଡ଼ିଛି। ଆସନ୍ତା ୮ ତାରିଖରେ ହେବାକୁ ଥିବା ଇଣ୍ଡି ମେଣ୍ଟ ବୈଠକରେ ନବୀନ ଯୋଗ ଦେବେନି। ସେ ପୂର୍ବଭଳି ବିଜେପି ଓ କଂଗ୍ରେସଠାରୁ ସମଦୂରତା ନୀତି ଅବଲମ୍ବନ କରିବେ ବୋଲି ବିଜେଡିର ନିକଟତମ ସୂତ୍ରରୁ ଜଣାପଡ଼ିଛି।

ଆସନ୍ତା ୮ ତାରିଖରେ ଦିଲ୍ଲୀରେ ଇଣ୍ଡି ମେଣ୍ଟର ବୈଠକ ହେବ। ଏହି ବୈଠକରେ ଦେଶର ୧୫ରୁ ଅଧିକ ରାଜନୈତିକ ଦଳ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ନବୀନ ପଟ୍ଟନାୟକ ଏବେ ଦିଲ୍ଲୀରେ ଥିବାରୁ ସେ କିମ୍ବା ତାଙ୍କ ପ୍ରତିନିଧି ଭାବେ ସଂସଦୀୟ ଦଳ ନେତା ଏହି ବୈଠକରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଥିଲା। ତେବେ ସେ କିମ୍ବା ତାଙ୍କ ପ୍ରତିନିଧି ଏହି ବୈଠକରେ ଯୋଗ ଦେବେନି ବୋଲି ଜଣାପଡିଛି। ଗତ ରାଜ୍ୟସଭା ନିର୍ବାଚନରେ ବିଜେଡି ଓ କଂଗ୍ରେସ ମିଳିତ ପ୍ରାର୍ଥୀ ଦେବା ପରେ ନବୀନ ➪ପୃଷ୍ଠା-୬

# ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡ଼ିଶାରେ ମୌସୁମୀ!



ଭୁବନେଶ୍ୱର, ୬।୬ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ନିଅଣ୍ଟିଆ ପ୍ରାକ୍-ମୌସୁମୀ ବର୍ଷା ଏକ ଚିନ୍ତାର କାରଣ ପାଲଟିଥିବା ବେଳେ ସୋଆର ପରିବେଶ ଓ ଜଳବାୟୁ ନିର୍ଦ୍ଦେଶକ ଶରତ ସାହୁ ଏକ ଆଶ୍ୱସ୍ତିକର ପୂର୍ବାନୁମାନ କରିଛନ୍ତି। କେରଳରେ ମୌସୁମୀ ପ୍ରବେଶ କରିସାରିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ସାମ୍ପ୍ରତିକ ଗତିକୁ ଲକ୍ଷ୍ୟ କଲେ ଏହା ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଓଡ଼ିଶା ଛୁଇଁବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଆସନ୍ତା ଜୁନ ୧୪ରୁ ୧୭ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶା ଉପକୂଳ ଛୁଇଁବା ଆଶା କରାଯାଉଛି। ଜୁନ୍ ୧୧ ତାରିଖ କିମ୍ବା ସେହି ପାଖାପାଖି ସମୟରେ ମୌସୁମୀ ବାୟୁ ବଙ୍ଗୋପସାଗର ଉପରେ ଘନୀଭୂତ ହୋଇପାରେ। ଏହାପରେ ମୌସୁମୀ ପ୍ରବାହ ଓଡ଼ିଶା ଅଭିମୁଖେ ତା’ର ଯାତ୍ରା ଆରମ୍ଭ କରିବ, ଆଉ ୧୪ରୁ ୧୭ ଭିତରେ ଓଡ଼ିଶାରେ ପ୍ରବେଶ କରିବ।



## କାନ ଡେରିଥା

କକରୋଚ ପାର୍ଟିକୁ ଏତେ ଭୟକରି
ପୁଲିସ ଛାଉଣୀ କଲ
ସାମ୍ବାଦିକ ମଧ ଗଦା ହୋଇଗଲେ
ଭୟକୁ ସୂଚେଇ ଦେଲ
ବୁଢ଼ା ନେତା କଲବଲ...
ଯୁବନେତା ଏଠି କିଛି ବି କରିବେ
ସୂଚନା ଦେଲାଣି ଦଳ ।

ଦେବାଶିଷ

# ବର୍ଷପୂର୍ତ୍ତି ଉତ୍ସବରେ ୨୦୨୯ର ରୋଡମ୍ୟାପ୍

ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ୨୦୨୯ ନିର୍ବାଚନର ରୋଡମ୍ୟାପ୍ ଉପରେ ମୋହର ମରାଯିବ। ଏଥିସହିତ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବି ରଣନୀତିର ମୂଳଦୂଆ ପଡ଼ିବ। ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଏହାର ରୂପରେଖ ଉନ୍ମୋଚନ ପାଇଁ ରାଜ୍ୟ ବିଜେପି ଶିବିରରେ ଜୋରଦାର ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି।

- ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭାବନା କ୍ଷୀଣ
- ନିଗମ ଆଶାୟୀ ବି ନିରାଶ ହୋଇପାରନ୍ତି

ଆସନ୍ତା ୨୦ ତାରିଖରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଉତ୍ସବରେ ଯୋଗଦେବାକୁ ସ୍ଥିର ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ଦଳୀୟ ପଦାଧିକାରୀମାନେ ଉପସ୍ଥିତ ରହିବେ। ଏଥିସହିତ ଦଳର ପ୍ରଭାରୀ ଓ କେନ୍ଦ୍ରୀୟ ପଦାଧିକାରୀମାନେ ଯୋଗଦେବେ।

ତେବେ ମିଳିଥିବା ସୂଚନାନୁଯାୟୀ, ୨୦୨୯ ମସିହାରେ ରାଜ୍ୟ ବିଜେପି କିଭଳି ନିର୍ବାଚନ ଲଢ଼ିବ ସେଥିପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହେବ। ଜିଲ୍ଲା ସ୍ତରରେ କିଭଳି ସଂଗଠନକୁ ମଝବୁତ କରାଯିବ ଓ କେଉଁ ନେତାଙ୍କୁ କେଉଁ ଦାୟିତ୍ୱ ଦିଆଯିବ, ତାହାର ତାଲିକା ପ୍ରସ୍ତୁତି ଚାଲିଛି। ୱାର୍ଡ ସ୍ତରରେ ଦଳକୁ ମଝବୁତ କରିବା ପାଇଁ ଦଳର ବରିଷ୍ଠ ନେତାମାନେ ମତ ଦେଉଛନ୍ତି। ଏହାଦ୍ୱାରା ପଞ୍ଚାୟତ ଓ ପୌର ନିର୍ବାଚନ ଦଳ ପାଇଁ ସହଜ



ହୋଇପାରିବ। ଉଲ୍ଲେଖନୀୟ ଯେ ଆସନ୍ତାବର୍ଷ ପ୍ରାରମ୍ଭରେ ପଞ୍ଚାୟତ ନିର୍ବାଚନ ହେବାକୁ ଥିବା ବେଳେ ଏହା ପରେ ପରେ ପୌର ନିର୍ବାଚନ ହେବାର ସମ୍ଭାବନା ରହିଛି।

ବର୍ଷପୂର୍ତ୍ତି ଉତ୍ସବରେ ରୋଡ୍‌ମ୍ୟାପ୍ ପ୍ରସ୍ତୁତି ପାଇଁ କସରତ ଚାଲିଥିବା ବେଳେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଆଶା କ୍ଷୀଣ ବୋଲି କୁହାଗଲାଣି। ଏଥିସହିତ ନିଗମ ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାରେ ନିଯୁକ୍ତି ଆଶା ମଧ୍ୟ କମ୍ ରହିଛି। ରାଜ୍ୟରେ ଏବେ ଏସଆଇଆର ଚାଲିଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଖର୍ଚ୍ଚକାଟ୍ ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ମନ୍ତ୍ରିମଣ୍ଡଳ ଓ ନିଗମ ନିଯୁକ୍ତି ହୋଇ ନ ପାରେ ବୋଲି ମଧ୍ୟ କୁହାଯାଉଛି।

# ଚର୍ଚ୍ଚାରେ ପାଟକୁରାର ଶିଶୁ ବିଶେଷଜ୍ଞ ଡାକ୍ତର

# ଗୋଟିଏ ମାସରେ ୨ ହଜାରରୁ ଅଧିକ ଶିଶୁଙ୍କୁ ଚିକିତ୍ସା

କେନ୍ଦ୍ରାପଡ଼ା,୬।୬ (ସଂଚାର ବ୍ୟୁରୋ): ଚିକିତ୍ସା କେବଳ ଏକ ପେଶା ନୁହେଁ, ବରଂ ଏହା ମାନବ ସେବାର ଏକ ମହାନ ବ୍ରତ। ଏହି କଥାକୁ ନିଜ କାର୍ଯ୍ୟ ମାଧ୍ୟମରେ ସତ୍ୟ ପ୍ରମାଣ କରି ଚର୍ଚ୍ଚାରେ ରହିଛନ୍ତି ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶିଶୁ ବିଶେଷଜ୍ଞ ଡାକ୍ତର ଜେନା ବାବୁ। ଗୋଟିଏ ମାସରେ ୨ ହଜାରରୁ ଅଧିକ ଶିଶୁ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ସେ ଏବେ କେବଳ ପାଟକୁରା ନୁହେଁ, ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଛନ୍ତି।



ପ୍ରତିଦିନ ଶତାଧିକ ଶିଶୁ ତାଙ୍କ ଚିକିତ୍ସା ସେବାରୁ ଉପକୃତ ହେଉଥିବା ବେଳେ, ତାଙ୍କର ସେବା କେବଳ ସରକାରୀ କାର୍ଯ୍ୟ ସମୟ ମଧ୍ୟରେ ସୀମିତ ରହିନାହିଁ। ଯେକୌଣସି ସମୟରେ ରୋଗୀଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ସେ ସହଯୋଗର ହାତ ବଢ଼ାଇ ଆସୁଛନ୍ତି। ଏପରିକି ଗଭୀର ରାତିରେ ମଧ୍ୟ ଶିଶୁ ଅସୁସ୍ଥ ହେଲେ ରୋଗୀଙ୍କ ସେବା ପାଇଁ ଉପସ୍ଥିତ ହେବା ତାଙ୍କ ମାନବିକତା ଓ କର୍ତ୍ତବ୍ୟନିଷ୍ଠାର ପରିଚୟ ଦେଇଥାଏ।

ବିଶେଷ କରି ଗରିବ ଓ ଅସହାୟ ପରିବାରଙ୍କ ପ୍ରତି ତାଙ୍କର ସହାନୁଭୂତି, ସରଳ ବ୍ୟବହାର ଏବଂ ରୋଗୀଙ୍କ ପ୍ରତି ଆନ୍ତରିକତା ତାଙ୍କୁ ସାଧାରଣ ଡାକ୍ତରଙ୍କଠାରୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଅନେକ ଅଭିଭାବକଙ୍କ ପାଇଁ ଡାକ୍ତର ଜେନା ବାବୁ କେବଳ ଜଣେ ଚିକିତ୍ସକ ନୁହେଁ, ବରଂ ଏକ ଭରସାର ନାମ ପାଲଟିଛନ୍ତି।

**ଧଳା କୋଟ ଭିତରେ ଲୁଚିଛି ଏକ ଦୟାଳୁ ହୃଦୟ**

**ରୋଗୀଙ୍କ ଭରସା ପାଲଟିଛନ୍ତି ଜେନା ବାବୁ**

ଆଜିର ବ୍ୟସ୍ତବହୁଳ ଜୀବନରେ ଯେଉଁଠାରେ ଅନେକ ବୃତ୍ତିକୁ କେବଳ ଜୀବିକାର ମାଧ୍ୟମ ଭାବେ ଦେଖୁଛନ୍ତି, ସେଠାରେ ଡାକ୍ତର ଜେନା ବାବୁ ତାଙ୍କ ନିଷ୍ଠା, ପରିଶ୍ରମ ଓ ମାନବିକ ମୂଲ୍ୟବୋଧ ମାଧ୍ୟମରେ ପ୍ରମାଣ କରିଛନ୍ତି ଯେ ରୋଗୀଙ୍କ ସେବା ହିଁ ଜଣେ ଚିକିତ୍ସକଙ୍କ ପ୍ରକୃତ ଧର୍ମ।

ତାଙ୍କର ଏହି ଉତ୍ସର୍ଗୀକୃତ ସେବା ଯୋଗୁଁ ପାଟକୁରା ଅଞ୍ଚଳ ସମେତ ସମଗ୍ର ଜିଲ୍ଲାରେ ସେ ଜଣେ ବିଶ୍ୱସ୍ତ ଓ ଲୋକପ୍ରିୟ ଶିଶୁ ବିଶେଷଜ୍ଞ ଭାବେ ପରିଚିତ ହୋଇପାରିଛନ୍ତି। ରୋଗୀଙ୍କ ମୁହଁରେ ହସ ଫୁଟାଇବା ଏବଂ ଅଭିଭାବକଙ୍କ ଚିନ୍ତା ଦୂର କରିବାକୁ ସେ ନିଜ ପାଇଁ ସବୁଠାରୁ ବଡ଼ ପୁରସ୍କାର ବୋଲି ମନେ କରୁଥିବା ତାଙ୍କ ନିକଟତମ ଲୋକମାନେ କହିଛନ୍ତି।

ଚିକିତ୍ସା କ୍ଷେତ୍ରରେ ଏଭଳି ମାନବିକ ଓ କର୍ତ୍ତବ୍ୟନିଷ୍ଠ ଡାକ୍ତରଙ୍କ ଉପସ୍ଥିତି ସମାଜ ପାଇଁ ନିଶ୍ଚିତ ଭାବେ ଏକ ସକାରାତ୍ମକ ବାର୍ତ୍ତା ବହନ କରୁଛି। ଡାକ୍ତର ଜେନା ବାବୁଙ୍କ ଏହି ନିଷ୍ଠା ଓ ସେବାଭାବ ଅନ୍ୟମାନଙ୍କ ପାଇଁ ମଧ୍ୟ ପ୍ରେରଣାର ଉତ୍ସ ପାଲଟିଛି।

## ଡେରାବିଶ ଥାନାରେ ମହିଳାଙ୍କୁ ମାଡ଼ ମାରିବା ଘଟଣା: ଏସ୍ଆଇଙ୍କ ବଦଳି




ଡେରାବିଶ,୬।୬ (ସଂଚାର ବ୍ୟୁରୋ): ଜମିବାଡି ବିବାଦକୁ କେନ୍ଦ୍ର କରି ଡେରାବିଶ ଥାନା ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବରାହିଲୋ ଗ୍ରାମର ଅଭିଯୋଗକାରିଣୀ ମାତା ମହାନ୍ତିଙ୍କ ଝିଅ ନର୍ମଦା ସାମଲଙ୍କୁ ଗତ ୨୨ତାରିଖରେ ଥାନା ଏସଆଇ ଅନୁସୂୟା ନାୟକ ମାଡ ମରିଥିବା ନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣାର କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ ତଦନ୍ତ କରିଥିଲେ। ରିପୋର୍ଟ ଆଧାରରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ଏସଆଇ ଅନୁସୟାଙ୍କୁ ବଦଳି କରିଛନ୍ତି। ତାଙ୍କୁ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ସୂଚନାଯୋଗ୍ୟ, ବୃଦ୍ଧା ମାତା ମହାନ୍ତିଙ୍କ ଜମିରେ ଉକ୍ତ ଗ୍ରାମର କେତେକ ବ୍ୟକ୍ତି ପୋଖରୀ ଖୋଳା ମାଟି ଜୋର ଜବରଦସ୍ତ ପକାଇଥିଲେ। ମାତା ଏହାର ବିରୋଧ କରିବାରୁ ଅପରପକ୍ଷ ତାଙ୍କୁ ବିଭିନ୍ନ ଧମକଚମକ କରିଥିଲେ। ଏନେଇ ସେ ଗତ ୧୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷ ମାତାଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ଥାନା ପକ୍ଷରୁ ଉଭୟ ପକ୍ଷଙ୍କୁ ଗତ ୨୨ତାରିଖରେ ଡକାଯାଇଥିଲା। ଉଭୟପକ୍ଷ ଥାନାରେ ପହଞ୍ଚିବା ପରେ ଉପସ୍ଥିତ ଥିବା ମହିଳା ଏସଆଇ ଅନୁସୂୟା ଘଟଣାର ସମାଧାନ ପାଇଁ ମାତାଙ୍କ ଉପରେ ଚାପ ପକାଇଥିଲେ। ମାତାଙ୍କ ସହ ଯାଇଥିବା ତାଙ୍କ ଝିଅ ନର୍ମଦା ଏହାର ବିରୋଧ କରିବାରୁ ଏସଆଇ ଅନୁସୟା ଉତ୍‌କ୍ଷିପ୍ତ ହୋଇ ଉଠି ଅଭିଯୋଗକାରିଣୀ ମାତା ଓ ନର୍ମଦାଙ୍କୁ ଗାଳିଗୁଲଜ କରିଥିଲେ। ନର୍ମଦାଙ୍କୁ ଟାଣି ଆଣି ତାଙ୍କ ତଣ୍ଟି ଚିପିବା ସହ ହାତ ମୋଡି ଜଖମ କରିଥିଲେ। ଏହାକୁ ନେଇ ନର୍ମଦା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ପାଇଁ ଗୁହାରି କରିଥିଲେ।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁବକଙ୍କ ମୃତ୍ୟୁ ଘଟଣା

## ହୋମଯଜ୍ଞ କରି କାର୍ଯ୍ୟାଳୟକୁ ଶୁଦ୍ଧ କଲେ



କେନ୍ଦ୍ରାପଡା,୬।୬(ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଭିତରେ ଡେରାବିଶ ବ୍ଲକ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମର ଯୁବକ ଶ୍ରୀଚନ୍ଦନ ଦାସଙ୍କ ମୃତ୍ୟୁ ଘଟଣା ପରେ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ଜିଲ୍ଲାର ସର୍ବୋଚ୍ଚ ପ୍ରଶାସନିକ କାର୍ଯ୍ୟାଳୟ ପରିସର ଭିତରେ ଏଭଳି ଏକ ଘଟଣା ଘଟିବା ଘଟଣାର ରହସ୍ୟ ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ଛିଡ଼ା କରିଛି। ଘଟଣା ପରେ ପୁଲିସ ପକ୍ଷରୁ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଥିବାବେଳେ, ଶ୍ରୀଚନ୍ଦନ ଦାସ ଦୀର୍ଘଦିନ ଧରି କୌଣସି ସମସ୍ୟା ନେଇ ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ କି ନାହିଁ ଏବଂ ଘଟଣା ଦିନ ସେ କେଉଁ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ, ତାହାର ମଧ୍ୟ ଖୋଳତାଡ଼ କରାଯାଉଛି। ଘଟଣା ପୂର୍ବରୁ ସେ କୌଣସି ଅଭିଯୋଗ ନେଇ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ କି ନାହିଁ, ସେ ଦିଗକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହି ଘଟଣା ପରେ ଆଜି କାର୍ଯ୍ୟାଳୟ ପରିସରରୁ ହୋମଯଜ୍ଞ ଦ୍ୱାରା ଶୁଦ୍ଧ କରାଯାଇଛି । ମୃତକଙ୍କ ପିତା ଭରତ ଦାସଙ୍କ ବୟାନ ମଧ୍ୟ ତଦନ୍ତ ପ୍ରକ୍ରିୟାରେ ଗୁରୁତ୍ୱ ପାଇଛି। ସେ ନିଜ ପୁଅର ମୃତ୍ୟୁ ପାଇଁ କେତେକ ବ୍ୟକ୍ତିଙ୍କୁ ଦାୟୀ କରିଥିବା ଦାବି କରିଥିବାବେଳେ, ଏହାକୁ ମଧ୍ୟ ତଦନ୍ତର ପରିସରଭୁକ୍ତ କରାଯାଇଥିବା ଜଣାପଡ଼ିଛି।

## ଏମ୍.ଏନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ଚାରା ରୋପଣ




ପଟ୍ଟାମୁଣ୍ଡାଇ, ୬।୬ (ସଂଚାର ବ୍ୟୁରୋ): ବିଶ୍ୱ ପରିବେଶ ଦିବସ ଅବସରରେ ଏମ୍ ଏ ନ୍ ହାଇସ୍କୁଲ ପୂରାତନ ଛାତ୍ର ସଂସଦ ୧୯୮୬ ବ୍ୟାଚ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହେମନ୍ତ କୁମାର ସାହୁ, ଗୋପିନାଥ ତ୍ରିପାଠୀ ସୁଶାନ୍ତ ନାୟକ, ତ୍ରିଲୋଚନ ନାୟକ, କୁମାର ସତ୍ୟନାରାୟଣ ନାୟକ, ମନୋଜ ଦାଶ, ରମେଶ ଚନ୍ଦ୍ର ଦାଶ, ସର୍ବେଶ୍ୱର ମଲ୍ଲିକ , ରଶ୍ମିକାନ୍ତ ସ୍ୱାଇଁ ଓ ବରିଷ୍ଠ ସହକାରୀ ଶିକ୍ଷକ ଅଶୋକ କୁମାର ଦାଶ ପ୍ରମୁଖ ଯୋଗ ଦେଇ ସ୍କୁଲ ପରିସରରେ ୨୦ଟି ବୃକ୍ଷ ରୋପଣ କରିଥିଲେ।

## ବଜ୍ରପାତରେ ମଇଁଷି ଚରାଳିଙ୍କ ମୃତ୍ୟୁ

ମହାକାଳପଡ଼ା,୬।୬(ସଂଚାର ବ୍ୟୁରୋ): ବଜ୍ରପାତରେ ଆଜି ଜଣେ ମଇଁଷି ଚରାଳିଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତ ଅନ୍ତର୍ଗତ ଘୋଡ଼ାବନ୍ଧ ଗ୍ରାମର ବାସୁଦେବ ଦାସ ଆଜି ଦିନ ପ୍ରାୟ ୨ଟା ସମୟରେ ଗ୍ରାମ ନିକଟସ୍ଥ ଚରାଜମିରେ ତାଙ୍କର ମଇଁଷିମାନଙ୍କୁ ଚରାଉଥିଲେ। ଏହି ସମୟରେ ଆକାଶ ମେଘାଚ୍ଛନ୍ନ ହୋଇ ଘଡଘଡି ଆରମ୍ଭ ହୋଇଥିଲା। ବାସୁଦେବଙ୍କ ଉପରେ ବଜ୍ରପାତର ଘଟି ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ପାଇଁ ତାଙ୍କ ମୃତଦେହକୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ଜଣାପଡିଛି।ବାସୁଦେବଙ୍କର ଅକାଳ ବିୟୋଗରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିବା ବେଳେ ସମଗ୍ର ଘୋଡ଼ାବନ୍ଧ ଓ ତେରଗାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରଶାସନ ନିକଟରେ ଦାବି ହୋଇଛି।

### ଏକତରଫା ପ୍ରେମ ନିବେଦନରେ ବିଫଳ ଯୁବକଙ୍କ ଉନ୍ମତ୍ତକାଣ୍ଡ

## ଯୁବତୀ ଓ ତାଙ୍କ ମା'ଙ୍କ ବେକରେ ଭୁଜାଲି ଲଗାଇ ହତ୍ୟା ଧମକ

ଡେରାବିଶ,୬।୬ (ସଂଚାର ବ୍ୟୁରୋ) :ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ବଜାରରେ ଆଜି ଏକତରଫା ପ୍ରେମରେ ବିଫଳ ଜଣେ ଭୁଜାଲିଧାରୀ ଜଣେ ମଦ୍ୟପ ଯୁବକଙ୍କର ଆତଙ୍କରାଜ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଯୁବକ ଜଣକ କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତାରୁ ଆରମ୍ଭ କରି ଡେରାବିଶ କଲେଜ ପରିସର ପର୍ଯ୍ୟନ୍ତ ପ୍ରାୟ ଏକ ଘଣ୍ଟା କାଳ ନିଜ ଆତଙ୍କରାଜ ଚଳାଇ ରଖିଥିଲା। ଯୁବକ ଜଣକ ଜଣେ ମହିଳା ଓ ତାଙ୍କ ମା'ଙ୍କ ବେକରେ ଏକ ଭୁଜାଲି ଲଗାଇ ତାଙ୍କୁ ଭଲ ପାଇବା ସହ ବିବାହ ନକଲେ ମାଡ଼ ମାରିବା ସହ ହାଣିଦେବାର ଧମକ ଦେଇଥିଲା। ଏ ନେଇ ଯୁବତୀ ଜଣକ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ଏ ସମ୍ପର୍କରେ ମଧୁସ୍ମିତା ପଣ୍ଡା ନାମକ ଯୁବତୀଙ୍କ ଅଭିଯୋଗ ଅନୁଯାୟୀ ସେ ଡେରାବିଶ କଲେଜରେ +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅଟନ୍ତି। ଗତ ଏକ ସପ୍ତାହ ହେବ ଏହି କଲେଜରେ +୩ ପ୍ରଥମ ବର୍ଷର ଛାତ୍ର ତଥା କେନ୍ଦ୍ରାପଡ଼ା ମୀରପାଟଣା ଅଞ୍ଚଳର ଯୁବକ ହ୍ରିତିକ ରଞ୍ଜନ ଜେନା ତାଙ୍କୁ ଏକତରଫା ପ୍ରେମ ନିବେଦନ କରି ଆସୁଥିଲେ। ଏଥିରେ ସେ ରାଜି ନହେବାରୁ ସେ ରିତିକ ତାଙ୍କୁ ବିଭିନ୍ନ ପ୍ରକାର ହଇରାଣ କରିବା ସହ ଅଶ୍ଲୀଳ ଗାଳିଗୁଲଜ କରିବା ସହ ତାଙ୍କ ହାତ ଧରି ଟଣାଓଟରା କରି ଆସୁଥିଲା। ଏଥିରୁ ନିସ୍ତାର ପାଇବା ପାଇଁ ଆଜି ଯୁବତୀ ଜଣକ କଲେଜରେ ଅବିଭାବକ ମିଟିଂ ଥିବା କହି ନିଜ ମାଆକୁ ସାଙ୍ଗରେ ଧରି ଆଜି କଲେଜକୁ ଆସିଥିଲେ। ଏହି ସମୟରେ ହଠାତ ହ୍ରିତିକ ସେମାନଙ୍କୁ ଅଟକାଇଥିଲା ତାଙ୍କୁ ଭଲ ପାଉଛି ଓ ତା ସହ ବିବାହ କରିବା ପାଇଁ ପ୍ରସ୍ତାବ ଦେଇଥିଲା। ଏହି ଘଟଣାରେ ତାଙ୍କ ମାଆ ଯୁବକଙ୍କୁ ବିରୋଧ କରି ଯୁବକ ଜଣକ ଉପକ୍ଷିପ୍ତ ହୋଇ ତାଙ୍କ ମାଆଙ୍କୁ ଚାପୁଡା ମାରି ଗାଳିଗୁଲଜ କରିବା ସହ ତାଙ୍କ ଚୁଟି ଧରି ଘୋଷାରି ନେଇ ମାଡ ମାରିଥିଲା। ଏଥିସହିତ ନିଜ ବ୍ୟାଗ୍ ରଖିଥିବା ଏକ ଭୁଜାଲି ବହାର କରି ତାଙ୍କ ବେକରେ ଲଗାଇ ଜବରଦସ୍ତ ବିବାହ କରିବାର ଧମକ ଦେଇଥିଲା। ଏହାର ବିରୋଧ କରିବାରୁ ଯୁବକ ଜଣକ ତାଙ୍କ ମାଆଙ୍କୁ ମଧ୍ୟ ହାଣିବାକୁ ଗୋଡାଇଥିଲା।

ପ୍ରାୟ ଘଣ୍ଟାଏ କାଳ ଯୁବକ ଜଣକ ଏହି ଆତଙ୍କରାଜ ଚଳାଇଥିବା ଦେଖି ସ୍ଥାନୀୟ ଅଞ୍ଚଳରେ କେତେକ ସାହାସୀ ଯୁବକ କୌଶଳକ୍ରମେ ଉକ୍ତ ଯୁବକକୁ କାବୁ କରିଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଆତଙ୍କ ଚଳାଇଥିବା ଯୁବକକୁ ଧରି ଥାନାକୁ ନେଇଯାଇଥିଲେ। ପରେ ଯୁବତୀଙ୍କ ଅଭିଯୋଗକୁ ଆଧାର କରି ଥାନାରେ ୧୫୦/୨୬ରେ ମାମଲା ରୁଜୁ କରାଯାଇ ଯୁବତୀ ଓ ତାଙ୍କ ମାଆର ବୟାନ ରେକର୍ଡ କରାଯାଇଥିଲା।

## ବର୍ଷାରେ ବେହାଲ ନଦୀବନ୍ଧ

- ପ୍ରଶାସନର ନିଦ ଭାଙ୍ଗିବ କେବେ ?



ମହାକାଳପଡା, ୬।୬ (ସଂଚାର ବ୍ୟୁରୋ): ବର୍ଷା ହେଲେ ବିଗୁଡୁଛି ନଦୀବନ୍ଧ ଅବସ୍ଥା। ଘଟଣାରେ ବାରମ୍ବାର ଲୋକେ ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ବିଭାଗୀୟ ତତ୍ପରତା ଶିଥିଳ ପଡିଛି। ଏନେଇ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଅଭିଯୋଗ ମଧ୍ୟ ହୋଇଛି। ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସଚିବ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ହେଲେ ନିର୍ଦ୍ଦେଶ ପରେ ମଧ୍ୟ ପ୍ରଶାସନ ତରଫରୁ କୌଣସି ତତ୍ପରତା ଦେଖିବାକୁ ମିଳୁନି। ପିଚୁ ନହୋଇ କାଦୁଅ ରାସ୍ତାରେ ଡଷ୍ଟ୍ ଛିଞ୍ଚି ଦେଇ ବସିପଡୁଛି ବିଭାଗ। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତର ତେର ଗାଁ ଘାଟ ଗୋଡା ଠାରୁ ଘୋଡ଼ା ବନ୍ଧ ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ। ପଞ୍ଚାୟତର ୫ ଗ୍ରାମର ପାଖାପାଖି ୨୫୦୦ ଲୋକ ଏହି ରାସ୍ତା ପାଇଁ ପ୍ରତିବର୍ଷ ହନ୍ତସନ୍ତ ହେଉଛନ୍ତି। ଆଜି ବର୍ଷାରେ ରାସ୍ତା ଉପରେ ପାଣି ଲହଡ଼ି ମାରୁଛି। ଯାହାଫଳରେ ଲୋକେ ଯାତାୟାତ ର ସମୁଖୀନ ହୋଇଛନ୍ତି। ତେବେ ଏହି ରାସ୍ତା ନିର୍ମାଣ ପାଇଁ ପ୍ରଶାସନର କେବେ ନିଦ ଭାଙ୍ଗିବ ତାହା ଦେଖିବାକୁ ବାକି।

## କଂକ୍ରିଟ ରାସ୍ତା କାର୍ଯ୍ୟ ନିମ୍ନମାନର, ତଦନ୍ତ ଦାବି



ମାହାଙ୍ଗା, ୬।୬ (ସଂଚାର ବ୍ୟୁରୋ): ବର୍ତ୍ତମାନ ମାହାଙ୍ଗା ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଉଥିବା ବହୁ ସିମେଣ୍ଟ କଂକ୍ରିଟ ରାସ୍ତାରେ ବ୍ୟାପକ ଦୁର୍ନୀତି ହେବା ଯୋଗୁଁ ସପ୍ତାହ ନ ପୁରୁଣୁ କଂକ୍ରିଟ ଫାଟି ନଷ୍ଟ ହୋଇଥିବା ନେଇ ବହୁବାର ଗଣାମାଧ୍ୟମରେ ଖବର ପ୍ରସାରଣ ହେଉଥିଲେ ମଧ୍ୟ ଏହି ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି ଖୋଦ ବିଭାଗୀୟ ଯନ୍ତ୍ରୀ। ସୁଚନା ମୁତାବକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସମସରପୁର ପଞ୍ଚାୟତ ସ୍ଥିତ ଯଶୋରାଜପୁର ଆର.ଡି ରାସ୍ତା ଠାରୁ ଚିତରଞ୍ଜନ କର ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା କାର୍ଯ୍ୟ ନିମନ୍ତେ ୨ ଲକ୍ଷ ୧ ହଜାର ୪୫୭ ଟଙ୍କା ବ୍ୟୟ ଅଟକଳରେ କରାଯାଇଛି। ସରକାରଙ୍କ ନିୟମ ମୁତାତକ ରାସ୍ତାର ମୋଟେଇ କରାଯାଇନଥିବା ଦେଖିବାକୁ ମିଳିଛି। ସେହିପରି ଏହି ରାସ୍ତାରେ ବ୍ୟବହୃତ ବାଲି, ଗୋଡି ଓ ସିମେଣ୍ଟର ଭାଗମାପ ଠିକ୍ ନ ଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହିବା ଯୋଗୁଁ ନିଯୁକ୍ତ ଠିକାଦାର ସରକାର ନିୟମକୁ ଜଳାଞ୍ଜଳି ଦେଇ ମନଇଛା କାର୍ଯ୍ୟ କରିଛନ୍ତି। ତେଣୁ ଏଥିପ୍ରତି କଟକ ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏଭଳି କାର୍ଯ୍ୟ କରିଥିବା ବିଭାଗୀୟ ଯନ୍ତ୍ରୀ ବିରୁଦ୍ଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।

## ଘରୋଇ ଜମିରେ ପାଟନାଳୀ ଖନନକୁ ନେଇ ବିବାଦ

**ଥାନାରେ ଏତଲା**

ମହାକାଳପଡ଼ା, ୬।୬ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତ ବାଲିଆ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରୋଇ ଜମି ଦେଇ ପାଟନାଳି ଖୋଳିବା ଘଟଣାକୁ ନେଇ ବିବାଦ ଦେଖା ଦେଇଛି । ଘଟଣା ସମ୍ପର୍କରେ ବାଲିଆ ଗ୍ରାମର ସ୍ୱର୍ଗତ ସଚିଦ୍ରାନନ୍ଦ ମିଶ୍ରଙ୍କ ପତ୍ନୀ ଭାରତୀ ମିଶ୍ର (୫୨) ମହାକାଳପଡ଼ା ଥାନାରେ ଏତଲା ଦେଇଛନ୍ତି ।



ସୂଚନା ମୁତାବକ ଗତ ଶୁକ୍ରବାର ଅପରାହ୍ନରେ ବାଲିଆ ଗ୍ରାମର କେତେକ ବ୍ୟକ୍ତି ଜେସିବି ସାହାଯ୍ୟରେ ଭାରତୀଙ୍କ ନିଜ ଗ୍ରାମ ସ୍ଥିତ ରାସ୍ତା କଡ଼କୁ ଲାଗିଥିବା ଘରବାଡ଼ି(ପ୍ଲଟ ନମ୍ବର - ୫୨୪ ଓ ଖାତା ନମ୍ବର - ୫୮)ଉପଯୋଗୀ ଜମି ଉପରେ ପାଣି ନାଳ ଖୋଳିଥିଲେ । ଭାରତୀ ଏବଂ ତାଙ୍କର ପୁଅ ନିରଞ୍ଜନ ସେଠାରେ ପହଞ୍ଚି ଖୋଳିବାକୁ ମନା କରିବାରୁ ଉକ୍ତ ବ୍ୟକ୍ତି ମାନେ କିଛି ଶୁଣି ନଥିଲେ । ଉକ୍ତ ସ୍ଥାନରେ ଥିବା ଭାରତୀଙ୍କ କେତେକ ମୂଲ୍ୟବାନ ଗଛ ଗୁଡିକୁ ମଧ୍ୟ କାଟି ପକାଇ ଥିଲେ । ସେମାନେ ଗଛ କାଟିବା ସହିତ ପାଟନାଳୀ ଖୋଳିବା ପାଇଁ ସ୍ଥାନୀୟ ବିଜୟନଗର ରାଜସ୍ୱ ନିରୀକ୍ଷକ ଓ ବିଭାଗୀୟ କର୍ତ୍ତୃପକ୍ଷ ଙ୍କ ଠାରୁ ଅନୁମତି ପାଇଛନ୍ତି ବୋଲି କହି ଭାରତୀ ଓ ତାଙ୍କ ପୁଅଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ମାଡ଼ ମାରିବା ପାଇଁ ଉଦ୍ୟତ ହୋଇଥଲେ। ଏନେଇ ସେ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ସେ ଅବଗତ ନଥିବା ଏତଲାରେ ଉଲ୍ଲେଖ ରହିଛି ।

ଏତଲା ପାଇବା ପରେ ଆଜି ମହାକାଳପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ତେବେ କେଉଁ ଯୋଜନାରେ କେଉଁ ଆଇନ ବଳରେ ଜଣେ ଘରୋଇ ବ୍ୟକ୍ତିଙ୍କ ଜାଗା ଉପରେ ସରକାରୀ ଅର୍ଥ ରେ ପାଟ ନାଳୀ ଖୋଳାଯାଉଛି, ସେ ସମ୍ପର୍କରେ ନ୍ୟାୟ ପାଇଁ ଭାରତୀ ମହାକାଳପଡ଼ାର ଭାରା ପ୍ରାପ୍ତ ବିଡ଼ିଓଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଥିବା କହିଛନ୍ତି । ତେବେ ପ୍ରଶାସନ ତରଫରୁ ଏ ସମ୍ପର୍କରେ କଣ ପଦକ୍ଷେପ ନିଆଯାଉଛି ତାହା ଉପରେ ସମସ୍ତଙ୍କ ନଜର।

## ପଞ୍ଚାୟତ ନିର୍ବାଚନ ପୂର୍ବରୁ ନୂତନ ନେତୃତ୍ୱ ପାଇଁ ଅସନ୍ତୁଷ୍ଟଙ୍କ ମେଳି



ସତ୍ୟବାଦୀ, ୬।୬ (ସଂଚାର ବ୍ୟୁରୋ): ଶୁକ୍ରବାର ସାତଶଙ୍ଖ ସ୍ଥିତ ମା' ଉତରାୟଣୀଙ୍କ ପୀଠରେ ସତ୍ୟବାଦୀର ପ୍ରାୟ ୨୪ ଗୋଟି ପଞ୍ଚାୟତର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ଏକ ନୂତନ ଯୁବ ନେତୃତ୍ୱ ପାଇଁ ଉପସ୍ଥିତ ପଞ୍ଚାୟତ ମୁରବୀ ମାନେ ମତ ପ୍ରକାଶ କରିଥିଲେ। ନବୀନବାବୁଙ୍କ ଲୋକପ୍ରିୟତା ତଥା ଆଦର୍ଶକୁ ପାଥେୟ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ଦେବାଶିଷ ରାୟଙ୍କୁ ସଂଗଠନ ଦାୟିତ୍ୱ ପ୍ରଦାନ କରିଥିଲେ। ସତ୍ୟବାଦୀର ସାମଗ୍ରିକ ବିକାଶ ତଥା ଯୁବଶକ୍ତିର ଉତ୍ଥାନ ଏବଂ ପଞ୍ଚାୟତ ସମିତି ଗଠନ ନିମନ୍ତେ ଦୃଢ଼ ସଂକଳ୍ପ ନେଇଥିଲେ। ଏହି ସଭାରେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରହଲ୍ଲାଦ ଘଟୁଆରୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ପ୍ରଧାନ, ୩୨ ନମ୍ବର ଜୋନ ବିଜୁ ଜନତା ଦଳର ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ପ୍ରତିନିଧି ସ୍ୱାଧୀନ ଭାରତ ଜେନା, ପୁରୀ ଜିଲ୍ଲା ଛାତ୍ର ଜନତା ଦଳର ସମ୍ପାଦକ ହଟ କିଶୋର ବାରିକ, ରାଜବଲ୍ଲଭ ମିଶ୍ର, ତ୍ରିଲୋଚନ ନନ୍ଦ, ମାନସ ମହାରଣା, ଅଶୋକ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ।

### ପଣସା ପଞ୍ଚାୟତରେ ବିଜେପିର ସାଂଗଠନିକ ଶକ୍ତିର ଝଲକ

## ଜନସେବା ହିଁ ସଙ୍ଗଠନର ପରିଚୟ: ସଂଗ୍ରାମ



ଯାଜପୁର, ୬।୬ (ସଂଚାର ବ୍ୟୁରୋ): ଯାଜପୁର ବ୍ଲକ ଅନ୍ତର୍ଗତ ପଣସା ପଞ୍ଚାୟତର ବଳିଘାଇ ଛକ ଶନିବାର ସନ୍ଧ୍ୟାରେ ଭାରତୀୟ ଜନତା ପାର୍ଟିର ସାଂଗଠନିକ ଉତ୍ସାହ ଓ ଜନସମ୍ପର୍କର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଶତାଧିକ କାର୍ଯ୍ୟକର୍ତ୍ତା, ସମର୍ଥକ ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକର୍ତ୍ତା ବୈଠକରେ ବିଜେପି ନେତା ସଂଗ୍ରାମ କେଶରୀ ପାତ୍ର ଯୋଗଦେଇ ସଂଗଠନକୁ ତୃଣମୂଳ ସ୍ତରରେ ଆହୁରି ଶକ୍ତିଶାଳୀ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

ବୈଠକରେ ଶ୍ରୀ ପାତ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା, ଗରିବ କଲ୍ୟାଣ କାର୍ଯ୍ୟକ୍ରମ, କୃଷକ ସଶକ୍ତିକରଣ, ମହିଳା କଲ୍ୟାଣ ଓ ଯୁବ ବିକାଶ ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସରକାରୀ ଯୋଜନାର ପ୍ରକୃତ ଲାଭ ଯେପରି ସମାଜର ଶେଷ ଧାଡ଼ିର ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଦଳୀୟ କର୍ମୀମାନେ ସେତୁ ଭଳି କାର୍ଯ୍ୟ କରିବା ଆବଶ୍ୟକ।ସେ ଆହୁରି କହିଥିଲେ ଯେ, କେବଳ ରାଜନୀତି ନୁହେଁ, ବରଂ ଜନସେବା ଓ ସାମାଜିକ ଦାୟିତ୍ୱବୋଧ ହିଁ ଏକ ସୁସ୍ଥ ସଂଗଠନର ପରିଚୟ। ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ନିଜ ଅଞ୍ଚଳରେ ଲୋକଙ୍କ ସହ ନିରନ୍ତର ସମ୍ପର୍କ ରଖି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବୁଝିବା ସହ ସମାଧାନ ଦିଗରେ କାର୍ଯ୍ୟ କରିବା ଦରକାର। ଏହା ଦ୍ୱାରା ଦଳ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସର ସମ୍ପର୍କ ଆହୁରି ଦୃଢ଼ ହୋଇପାରିବ ବୋଲି ସେ ମତ ରଖିଥିଲେ। ବୈଠକରେ ଉପସ୍ଥିତ କର୍ମୀମାନଙ୍କ ଉତ୍ସାହ ଓ ସଂଗଠନ ପ୍ରତି ନିଷ୍ଠାକୁ ଦେଖି ଶ୍ରୀ ପାତ୍ର ସନ୍ତୋଷ ବ୍ୟକ୍ତ କରିଥିଲେ।

### ସରକାରଙ୍କ ବଦଳି ନିର୍ଦ୍ଦେଶ ଫାଇଲ ତଳେ

## ୧୦ ବର୍ଷରୁ ଅଧିକ ତାଲିକାରେ ୩ ହଜାରରୁ ଅଧିକ ଶିକ୍ଷକ




ବାଲିଆପାଳ, ୬।୬ (ସଂଚାର ବ୍ୟୁରୋ): ବର୍ଷବର୍ଷ ଧରି ଶିକ୍ଷକ ବଦଳି ଓ ରେସନାଲାଇଜେସନ ନହେବାକୁ ନେଇ ବହୁ ଅଭିଯୋଗ ପରେ ସରକାରଙ୍କ ପକ୍ଷରୁ ବଦଳି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜୁନ୍ ୧୫ ମଧ୍ୟରେ ବଦଳି ଲାଗି ମୁଖ୍ୟତଃ ନିର୍ଦ୍ଦେଶ ଥିଲା। ତଦନୁସାରେ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଗୋଟିଏ ସ୍ଥାନରେ ଏକାଧିକ ବର୍ଷ ରହିବା ଓ ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ଆଖି ଆଗରେ ରଖି ଅଧିକ କିମ୍ବା ଆବଶ୍ୟକୀୟ ହେଉଥିବା ଶିକ୍ଷକଙ୍କ ସଂଖ୍ୟା ୨୧.୫.୨୦୨୬ ସୁଦ୍ଧା ପଠାଇବାକୁ ନିର୍ଦ୍ଦେଶ ଥିଲା। ହେଲେ ଦୁଃଖ ଓ ପରିତାପର ବିଷୟ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ପଠାଯାଇଥିବା ପତ୍ରକୁ ବିଭିନ୍ନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫାଇଲ ତଳେ ଚାପି ଦେଇଛନ୍ତି। ଏପରିକି ଏସଆଇଆର ଦାୟିତ୍ୱରେ ଥିବା ଶିକ୍ଷକଙ୍କ ବଦଳି ଉପରେ ରୋକ୍ ଲାଗିଥିଲେ ମଧ୍ୟ ଏହାକୁ ଆଳ କରି ଏସଆଇଆର ଦାୟିତ୍ୱରେ ନଥିବା ହଜାର ହଜାର ହଜାର ଶିକ୍ଷକ ତାହାକୁ ଢ଼ାଲ କରି ବୁଲୁଛନ୍ତି। ସର୍ବୋପରି ଦୀର୍ଘବର୍ଷ ଧରି ଜିଲ୍ଲାରେ ରେସନାଲାଇଜେସନ ନହେବା ଫଳରେ କେଉଁଠି ସଂଖ୍ୟାଧିକ ଛାତ୍ରଛାତ୍ରୀଙ୍କ ନିକଟରେ ଶିକ୍ଷକଙ୍କର ଅଭାବ ତ ଆଉ କେଉଁଠି କମ ଛାତ୍ରଛାତ୍ରୀ ଥିବାବେଳେ ବିଦ୍ୟାଳୟରେ ଏକାଧିକ ଶିକ୍ଷକ ନିୟୋଜିତ ଅଛନ୍ତି।

ବର୍ଷବର୍ଷ ଧରି ଶିକ୍ଷକ ଶିକ୍ଷୟତ୍ରୀ ମାନେ ଗାଦି ମାଡ଼ି ବସିବା ଓ ରେସନାଲାଇଜେସନକୁ ଜିଲ୍ଲାସ୍ତରରେ ଫୁ କରାଯାଉଥିବାବେଳେ ଚଳିତଥର ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ଶିକ୍ଷକ ବଦଳି ଲାଗି ଆପାତତଃ ଫାଇଲ ଆଗକୁ ମାଡ଼ିବା କଥା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଏ ସଂକ୍ରାନ୍ତରେ ତାଲିକା ମଗାଯାଇ ଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଜଣେବି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରୁ ଗାଦି ମାଡ଼ି ବସିଥିବା ଶିକ୍ଷକଙ୍କ ସୂଚନା ନଆସିନାହିଁ। ଯାହାକୁ ନେଇ ଚଳିତବର୍ଷ ମଧ୍ୟ ଶିକ୍ଷକ ବଦଳିକୁ ନେଇ ସନ୍ଦେହ ପ୍ରକାଶ ପାଉଛି।

ବିଶ୍ୱସ୍ତ ସୂତ୍ରରୁ ସୂଚନାକ୍ରମେ ଜିଲ୍ଲାରେ ୧୦ବର୍ଷରୁ ଅଧିକ ଗୋଟିଏ ସ୍କୁଲରେ କାର୍ଯ୍ୟ କରୁଥିବା ଶିକ୍ଷକଙ୍କ ସଂଖ୍ୟା ପାଖାପାଖି ୩୨୦୦ରୁ ଅଧିକ ହେବ। ତେବେ ୩୨୦୦ ଶିକ୍ଷକଙ୍କୁ ବଦଳି କରାଯିବା ଏକ କାଠିକର ପାଠ ବୋଲି କୁହାଯାଇପାରେ। ଅପରପକ୍ଷରେ ଏସଆଇଆରକୁ ଆଳ କରି ଚଳିତବର୍ଷ କିଛି ଶିକ୍ଷକ ସାଙ୍ଗକୁ ଗୋଷ୍ଠୀ ଶିକ୍ଷାଧିକାରୀ ରେସନାଲାଇଜେସନରକୁ ଆଡେଇ ଚୁପ୍‌ଚାପ୍ ବସିବାକୁ ମନସ୍ଥ କରିବା ଜଣାପଡ଼ିଛି। ତେବେ ଜୁନ୍ ୧୫ ମଧ୍ୟରେ ସରକାରଙ୍କ ବିଜ୍ଞପ୍ତି ଅନୁସାରେ ଜିଲ୍ଲାରେ ୩୨୦୦ରୁ ଅଧିକ ଶିକ୍ଷକଙ୍କ ବଦଳି ହେଉଛି କି ନା ତାହା ଦେଖିବାକୁ ବାକି ରହିଲା।

## ବିପୁଳ ପରିମାଣର ମଦ ଜବତ, ୪ ଗିରଫ



ବାଲିଆପାଳ, ୬।୬ (ସଂଚାର ବ୍ୟୁରୋ): ବାଲେଶ୍ୱର ଅବକାରୀ ଅଧିକ୍ଷକ ଶ୍ରୀମତୀ ସ୍ୱପ୍ନାରାଣୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଓ ଜଳେଶ୍ୱର ଉପ-ଅଧିକ୍ଷକ ଶ୍ରୀ ଶଶୀକାନ୍ତ ଦତ୍ତ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭ୍ରାମ୍ୟମାଣ ସ୍କ୍ୱାର୍ଡ ଉପ-ନିରୀକ୍ଷକ ଶ୍ରୀ ଭବେଶ ଦାସ ଓ ଜଳେଶ୍ୱର ଅବକାରୀ ନିରୀକ୍ଷକ ଶ୍ରୀ ଦେବେନ୍ଦ୍ର ବେହେରା, ଏ.ପି.ଆର ଫୋର୍ସ ଓ ଅବକାରୀ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ବସ୍ତା ଥାନା ଅନ୍ତର୍ଗତ ବୀଣାପୁର ଓ ଜଳେଶ୍ୱର ଥାନା ଅନ୍ତର୍ଗତ ଡିଙ୍ଗସୁଳା ଏବଂ ଭୋଗରାଇ ଥାନା ଅନ୍ତର୍ଗତ ଭୋଗରାଇ ଲକ ଗ୍ରାମରେ ଚଢ଼ାଉ କରାଯାଇ ୬୨୦୦ ଲିଟର ଦେଶୀ ମଦ, ୯୩.୭୫୦ ଲିଟର ବିଦେଶୀ ମଦ, ୧୧୭ ଲିଟର ବିଅର, ୧୦୦ ଲିଟର ସ୍ପିରିଟ, ୫୦୦ ମି.ଲି କାରାମେଲ, ଗୋଟିଏ କିଆ ସୋନେଟ କାର ଏବଂ ଗୋଟିଏ ମୋଟର ସାଇକେଲ ଜବତ କରାଯିବା ସହିତ ଏଥିରେ ସମ୍ପୃକ୍ତ ମୋଟ ୦୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଆସାମୀ ମାନେ ହେଲେ ବୀଣାପୁର ଗ୍ରାମର ମନୋରଞ୍ଜନ ମହାଳିକ, ଭୋଗରାଇ ଲକ ଗ୍ରାମର ସଞ୍ଜୟ ଦାସ, ଜାମପୁର ଗ୍ରାମର ଶଶାଙ୍କ ଜେନା ଓ ହରେନ୍ଦ୍ର ଜେନା । ଜବତ ମଦ, ସ୍ପିରିଟ, କାର ଓ ମୋଟର ସାଇକେଲ ର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି।

## ନବ ଉତ୍କଳ ମହିଳା ସମିତି ପକ୍ଷରୁ ଛତା ପ୍ରଦାନ



ଯାଜପୁର ରୋଡ଼, ୬।୬ (ସଂଚାର ବ୍ୟୁରୋ): ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ଜନ ଜୀବନ ଏବେ ଅସ୍ତବ୍ୟସ୍ତ ହେଉଥିବା ଦେଖିବାକୁ ମିଳୁଛି । ଏହି ସମୟରେ ନବ ଉତ୍କଳ ମହିଳା ସମିତି ଯାଜପୁର ପକ୍ଷରୁ ଆଜି କଟକ ଖାନନଗର ସ୍ଥିତ ମାଆ ଦକ୍ଷିଣ କାଳୀ ମନ୍ଦିର ପ୍ରାଙ୍ଗଣରେ ଓ କାଠଯୋଡ଼ି କୂଳ ୫ମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବସିଥିବା ପାଖାପାଖି ୬୦ ଜଣ ଗରିବ ଅସହାୟ ମାନଙ୍କୁ ଛତା ପ୍ରଦାନ କରା ଯାଇଛି। ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ଅମୂଲୀ ପହି, ସମ୍ପାଦିକା ଜୟନ୍ତୀ ଜେନା'ଙ୍କ ସମେତ ସୁଜାତା ବାରିକ ଓ ଜେମାମଣୀ କଅଁର ପ୍ରମୁଖ ଯୋଗ ଦେଇଥିଲେ ।

# କାଳବୈଶାଖୀରେ ଟ୍ରେଡ୍ ଫେୟାର ଛାରଖାର

## ୨୦୦ରୁ ଅଧିକ ଷ୍ଟଲ୍ କ୍ଷତିଗ୍ରସ୍ତ



ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱର ଜନତା ମୈଦାନରେ ବ୍ୟାପକ ଧ୍ୱଂସଲୀଳା କରିଛି କାଳବୈଶାଖୀ। ଛାରଖାର ହୋଇଯାଇଛି ଟ୍ରେଡ୍ ଫେୟାର। ଜନତା ମୈଦାନରେ ଚାଲିଥିବା ଅନ୍ତର୍ଜାତୀୟ ରଜ ଉତ୍ସବ ଉପରେ କାଳବୈଶାଖୀ ମାଡ଼ି ମେଳା ପରିସରରେ ଲାଗିଥିବା ଅନେକ ଷ୍ଟଲ୍ କ୍ଷତିଗ୍ରସ୍ତ ହୋଇଛି। କେତେକ ଷ୍ଟଲ ଭାଙ୍ଗିଯାଇଥିବା ବେଳେ ବ୍ୟବସାୟୀଙ୍କ ସାମଗ୍ରୀରେ ପାଣି ପଶି ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି। ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀମାନେ ଆୟୋଜକଙ୍କ ଅବ୍ୟବସ୍ଥାକୁ ଏଥିପାଇଁ ଦାୟୀ କରିବା ସହ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ମେଳା ପରିସରରେ ଲାଗିଥିବା ଏସି ୟୁନିଟ୍ ମଧ୍ୟ ତଳେ ପଡ଼ିଯାଇଥିବା ଦେଖିବାକୁ ମିଳିଛି। ମେଳାରେ ୩୦୦ରୁ ଅଧିକ ଷ୍ଟଲ୍ ଲାଗିଛି। କ୍ଷତିଗ୍ରସ୍ତ ହୋଇଥିବା ଷ୍ଟଲର ମରାମତି ଆରମ୍ଭ ହୋଇଛି। ଗତକାଲିଠାରୁ ଆରମ୍ଭ ହୋଇଥିଲା ମେଳା। ଆସନ୍ତା ୧୭ ତାରିଖ ଯାଏଁ ଚାଲିବ।

# ଜଳବାୟୁ-ସହନଶୀଳ ଅଭିବୃଦ୍ଧି ପାଇଁ ଏଗ୍ରି-ପିଭି କର୍ମଶାଳା

- ‘ଏମପାୱାରିଂ ଫାର୍ମର୍ସ ଥ୍ରୋ ଏଗ୍ରି-ପିଭି’ ରିପୋର୍ଟ ଉନ୍ମୋଚିତ
- ଦୁଇଟି ୧୫୦ ମିଟର ପବନ ସମ୍ପଦ ଆକଳନ ମାଷ୍ଟ ଉଦ୍‌ଘାଟିତ
- ବ୍ୟାଟେରୀ ଶକ୍ତି ସଂରକ୍ଷଣ କ୍ରୟ ଚୁକ୍ତି ସ୍ୱାକ୍ଷରିତ




ଭୁବନେଶ୍ୱର, ୬।୬(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱରରେ ଆଜି ନୀତି ନିର୍ଦ୍ଧାରକ, ଶକ୍ତି ବିଶେଷଜ୍ଞ, ବିକାଶକାରୀ ଓ କୃଷି କ୍ଷେତ୍ରର ପ୍ରତିନିଧିମାନଙ୍କୁ ନେଇ ‘ଓଡ଼ିଶାରେ ଜଳବାୟୁ-ସହନଶୀଳ ଅଭିବୃଦ୍ଧି ପାଇଁ ଏଗ୍ରି-ପିଭିର ସମ୍ପ୍ରସାରଣ’ ଶୀର୍ଷକ ଏକ ଉଚ୍ଚସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଏକକାଳୀନ ରାଜ୍ୟରେ କୃଷି ଓ ଶକ୍ତି କ୍ଷେତ୍ରର ମିଳିତ ଅଭିବୃଦ୍ଧି ବିଷୟରେ ଆଲୋଚନା କରାଯାଇଛି।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କେତେକ ପ୍ରମୁଖ ଯୋଜନାର ଶୁଭାରମ୍ଭ କରାଯାଇଛି, ଯେଉଁଥିରେ ଗ୍ରୀଡକୋ ଓ ବସୁଧା ଫାଉଣ୍ଡେସନ ପକ୍ଷରୁ ‘ଏମପାୱାରିଂ ଫାର୍ମର୍ସ ଥ୍ରୋ ଏଗ୍ରି-ପିଭି’ ରିପୋର୍ଟ, ଦୀର୍ଘକାଳୀନ ଶକ୍ତି ଯୋଜନା ପାଇଁ ଓଡ଼ିଶା ରାଜ୍ୟ ଶକ୍ତି କାର୍ଯ୍ୟ ଯୋଜନା (ଓଏସଇଏପି) ୱେବ୍ ପ୍ଲାଟଫର୍ମର ଶୁଭାରମ୍ଭ, ଗଞ୍ଜାମର ସୋନପୁର ଓ ଗୋପାଳପୁରଠାରେ ଦୁଇଟି ୧୫୦ ମିଟର ପବନ ସମ୍ପଦ ଆକଳନ ମାଷ୍ଟର ଆରମ୍ଭ ଓ ୬ଟି ସବ୍-ଷ୍ଟେସନରେ ୧୨୫ ମେଗାୱାଟ/୫୦୦ ମେଗାୱାଟ-ଆୱାର ବିଶିଷ୍ଟ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ (ବିଇଏସ୍‌ଏସ୍) ପ୍ରକଳ୍ପ ପାଇଁ ବ୍ୟାଟେରୀ ଶକ୍ତି ସଂରକ୍ଷଣ କ୍ରୟ ଚୁକ୍ତି ସାମିଲ। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଯେ ଏଗ୍ରି-ପିଭି ଓଡ଼ିଶାର ସ୍ୱଚ୍ଛ ଶକ୍ତି ଲକ୍ଷ୍ୟକୁ ଆଗକୁ ବଢ଼ାଇବା ସହ ଚାଷୀଙ୍କ ଆୟ ବୃଦ୍ଧି କରିପାରିବ। ଏହା ବିକଶିତ ଓଡ଼ିଶା ଅଧୀନରେ ଏକ ଜଳବାୟୁ-ସହନଶୀଳ ଓ ଚାଷୀ-କୈନ୍ଦ୍ରିକ ମଡେଲ ସୃଷ୍ଟି କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି ଯେ ଓଡ଼ିଶା ବଦଳୁଥିବା ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଅକ୍ଷୟ ଶକ୍ତି, ସଂରକ୍ଷଣ ଓ ତଥ୍ୟ-ଆଧାରିତ ଯୋଜନା ମାଧ୍ୟମରେ ଏନର୍ଜି ଟ୍ରାନଜିସନ ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରୁଛି। ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ଡଃ ସତ୍ୟପ୍ରିୟ ରଥ କହିଛନ୍ତି ଯେ ଆଧୁନିକ ଯୋଜନା ଏବଂ ସଂରକ୍ଷଣ ବ୍ୟବସ୍ଥା ସହ ଏଗ୍ରି-ପିଭିର ସମନ୍ୱୟ ଗ୍ରାମୀଣ ସମୁଦାୟ ପାଇଁ ସ୍ଥାୟୀ ଓ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି ଆଣିଦେଇପାରିବ।

---

**● କାଠଯୋଡ଼ିରୁ ମୃତଦେହ ମିଳିବା ଘଟଣା**

# ଓଏଏସ୍ ପ୍ରେମିକା ପାଇଁ ଚନ୍ଦ୍ରିକା ସହ ପ୍ରତାରଣା ଅଭିଯୋଗ

କଟକ, ୬।୬ (ସଂଚାର ବ୍ୟୁରୋ)ଃକାଠଯୋଡ଼ିରୁ ଡାକ୍ତରୀ ଛାତ୍ରୀଙ୍କ ମୃତଦେହ ମିଳିବା ଘଟଣାରେ ଦିନକୁଦିନ ନୂଆ ତଥ୍ୟ ଆସିବାରେ ଲାଗିଛି। ୧୫ ବର୍ଷ ପ୍ରେମ ସମ୍ପର୍କ ପରେ ହଠାତ୍ ଫାଟ ହେବା ପଛରେ ତ୍ରିକୋଣୀୟ ପ୍ରେମ ସମ୍ପର୍କ ରହିଥିବା ଜାଣିବାକୁ ମିଳିଛି। କାଠଯୋଡ଼ିରୁ ମୟୂରଭଞ୍ଜର ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଳା ହେମ୍ବ୍ରମ୍‌ଙ୍କ ମୃତଦେହ ମିଳିବା ପରେ ବାରଙ୍ଗ ଥାନାରେ ତାଙ୍କର ମା’ ହୀରାମଣି ହାଂସଦା ଅଭିଯୋଗ କରି କହିଛନ୍ତି ଯେ, ମୃତ୍ୟୁ ପଛରେ ରହିଛି ତ୍ରିକୋଣୀୟ ପ୍ରେମ। ପ୍ରାୟ ୧୫ ବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ସବୁକିଛି ଠିକ୍‌ଠାକ୍ ଚାଲିଥିଲା। ଆସନ୍ତା ବର୍ଷ ଡିସେମ୍ବରରେ ବାହାଘର ହୋଇଥାନ୍ତା। ହେଲେ ଅନ୍ୟ ଜଣେ ଯୁବତୀ ପଶି ସବୁ ବିଭ୍ରାଟ କରିଦେଲେ।



ସମ୍ପର୍କରେ ଫାଟ ସୃଷ୍ଟି ହେଲା। ଆମ ଝିଅ ସହିତ ତା’ର ପ୍ରେମିକ ପ୍ରତାରଣା କଲା। ଶେଷରେ ଝିଅର ଜୀବନ ଚାଲିଗଲା। ଆମ ଝିଅର ଏହି ମୃତ୍ୟୁ ପାଇଁ ତା’ର ପ୍ରେମିକ ଓ ତା’ର ଜଣେ ଝିଅ ସାଙ୍ଗ ଦାୟୀ।

ଯଦିଓ ସେ ଏତଲାରେ ସିଧାସଳଖ ହତ୍ୟା ବିଷୟରେ

**ମା’ଙ୍କ ବୟାନ ଆଧାରରେ ରୁଜୁହେଲା ମାମଲା**

ଉଲ୍ଲେଖ କରିନାହାନ୍ତି, ମାତ୍ର ଗଣମାଧ୍ୟମକୁ ଦେଇଥିବା ବୟାନରେ କହିଛନ୍ତି ଯେ, କିଛିଦିନ ହେବ ପ୍ରେମିକ ନିର୍ଯାତନା ଦେଉଥିଲା। ଏଥିରେ ପ୍ରେମିକର ବାନ୍ଧବୀ ମଧ୍ୟ ସାମିଲ ଥିଲା। ଶେଷରେ ଦୁହେଁ ହତ୍ୟା କରି ଚନ୍ଦ୍ରିକାକୁ ନଦୀରେ ଫିଙ୍ଗିଦେଇଥିବା ମା’ ହୀରାମଣି ଅଭିଯୋଗ କରିଛନ୍ତି। ମାଆ ହୀରାମଣିଙ୍କ ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା କଟକ ଡିସିପି ଖିଲାରୀ ରିଷିକେଶ ଦ୍ୟାନ୍‌ଦେଓ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ବାରଙ୍ଗ ପୁଲିସ ପରିବାରକୁ ଜିମା ଦେଇଥିଲା। ଏହାପରେ ପ୍ରାୟ ମଧ୍ୟରାତିରେ ଚନ୍ଦ୍ରିକାଙ୍କ ପରିବାର ବାରଙ୍ଗ ଥାନାକୁ ଯାଇଥିଲେ। ସେଠାରେ ମା’ ହୀରାମଣି ଏତଲା ଦେଇଥିଲେ।

ଅଭିଯୋଗ ଅନୁସାରେ, ଦୀର୍ଘ ୧୫ ବର୍ଷ ତଳେ ମୟୂରଭଞ୍ଜ ବେତନଟି ଅଞ୍ଚଳରେ ଥିବା ଏକ ନବୋଦୟ ବିଦ୍ୟାଳୟରେ ଚନ୍ଦ୍ରିକା ପଢୁଥିବା ବେଳେ ବଡ଼ସାହି ଥାନା ଅନ୍ତର୍ଗତ ସାଙ୍କୁଚା ଗାଁର ଜଣେ ସହପାଠୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଉଭୟ ପରିବାର ଏହା ଜାଣିଥିଲେ। ଚନ୍ଦ୍ରିକା ବାଲେଶ୍ୱର ମେଡିକାଲ୍ କଲେଜରେ ଡାକ୍ତରୀ ପଢୁଥିଲେ। ତାଙ୍କ ପ୍ରେମିକ ବି ସେଠାରେ ପଢୁଥିଲେ। ଡାକ୍ତରୀ ପଢ଼ିବା ସହିତ ଚନ୍ଦ୍ରିକାଙ୍କ ପ୍ରେମିକ ଓଏଏସ୍ ପାଇଁ ପ୍ରସ୍ତୁତି କରୁଥିଲେ। ଗତବର୍ଷ ସେ ଓଏଏସ୍ କୃତକାର୍ଯ୍ୟ ହେବା ପରେ ଡାକ୍ତରୀ ପଢ଼ା ଛାଡ଼ି ତାଲିମ ନେବାକୁ ଚାଲିଆସିଲେ। ତାଲିମ ନେବା ବେଳେ ଚନ୍ଦ୍ରିକାଙ୍କ ପ୍ରେମିକ ଜୀବନରେ ଅନ୍ୟ ଜଣେ ଝିଅ ଆସିଥିଲା। ଦୁହେଁ ସାଙ୍ଗ ହୋଇ ଓଏଏସ୍ ତାଲିମ ନେଉଥିବାରୁ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଲା। ଆଉ ଏହି ତ୍ରିକୋଣୀୟ ପ୍ରେମ ଫଳରେ ପ୍ରେମିକ ଚନ୍ଦ୍ରିକାଠାରୁ ଦୂରେଇବାକୁ ଲାଗିଲେ। ଏହାକୁ ନେଇ ଚନ୍ଦ୍ରିକା ଓ ତାଙ୍କ ପ୍ରେମିକଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ଏପରିକି ଚନ୍ଦ୍ରିକାଙ୍କୁ ତାଙ୍କ ପ୍ରେମିକ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏହାକୁ ନେଇ ଚନ୍ଦ୍ରିକା ମାନସିକ ଅବସାଦରେ ରହୁଥିଲେ।

ବୁଧବାର ସେ ଭୁବନେଶ୍ୱର ତାଙ୍କ ଭଉଣୀଙ୍କ ଘରକୁ ଆସିଥିଲେ। ସେଠାରୁ ଫେରିବା ପରେ ହଠାତ୍ ମୋବାଇଲ୍ ବନ୍ଦ ହୋଇଯାଇଥିଲା। ଗୁରୁବାର ସକାଳୁ ବାରଙ୍ଗ ଥାନା ପୁଲିସକୁ ଚନ୍ଦ୍ରିକାର ମୃତଦେହ କାଠଯୋଡ଼ି ନଦୀରୁ ମିଳିଥିଲା। ପୁଲିସ ବିଏନ୍‌ଏସ୍‌ର ଧାରା ୧୦୮(ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଏକ ମାମଲା ରୁଜୁ କରି ଚନ୍ଦ୍ରିକାଙ୍କର ମୋବାଇଲ୍ କଲ୍ ରେକର୍ଡ, ସୋସିଆଲ୍ ମିଡିଆ ପୋଷ୍ଟ ଓ ହ୍ୱାଟସ୍ ଆପ୍ ଚାଟ୍‌କ ଯାଞ୍ଚ କରୁଥିବା କଟକ ଡିସିପି ସୂଚନା ଦେଇଛନ୍ତି। ବୁଧବାର ରାତିରେ ଫୋନ୍ ବନ୍ଦ ହେବା ପୂର୍ବରୁ ଶେଷ କିଛି କଲ୍ ତାଙ୍କ ସମ୍ପର୍କୀୟ, ପରିବାର ଲୋକ ଏପରିକି ତାଙ୍କ ପ୍ରେମିକଙ୍କ ପାଖକୁ ହୋଇଥିବା କୁହାଯାଉଛି।

---

**● ରାଜ୍ୟସ୍ତରୀୟ ଚିନ୍ତନ ଶିବିର ୨୦୨୬ ଉଦଘାଟିତ**

# କ୍ରୀଡା ଯୁବପିଢ଼ିଙ୍କ ମଧ୍ୟରେ ଅନୁଶାସନ ଗଢ଼ିବାର ଶକ୍ତିଶାଳୀ ମାଧ୍ୟମ

ଭୁବନେଶ୍ୱର,୬।୬ (ସଂଚାର ବ୍ୟୁରୋ) ଃ କ୍ରୀଡ଼ା କେବଳ ଉଚ୍ଚ ପ୍ରଦର୍ଶନର ଏକ ମାଧ୍ୟମ ନୁହେଁ, ବରଂ ଯୁବପିଢ଼ି ମଧ୍ୟରେ ଚରିତ୍ର, ନେତୃତ୍ୱ, ଅନୁଶାସନ ଏବଂ ସାମାଜିକ ଦାୟିତ୍ୱବୋଧ ଗଢ଼ିବାର ଏକ ଶକ୍ତିଶାଳୀ ମାଧ୍ୟମ ହେବା ଉଚିତ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି । ଶନିବାର ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ଚିନ୍ତନ ଶିବିର ୨୦୨୬କୁ ଉଦଘାଟନ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି ।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଯେ ତୃଣମୂଳସ୍ତରରେ କ୍ରୀଡ଼ାକୁ ସୁଦୃଢ଼ କରିବା, ଯୁବ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଓ ଯୁବ ଖେଳାଳିମାନଙ୍କ ପାଇଁ ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିବା ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ନିମନ୍ତେ କ୍ରୀଡା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ଉପଯୋଗ କରିବା ନିତାନ୍ତ ଆବଶ୍ୟକ। ଚିନ୍ତନ ଶିବିର କେବଳ ଏକ ଅନୁଷ୍ଠାନ ନୁହେଁ, ଏହା ଅଭିଜ୍ଞତା, ବିଶେଷଜ୍ଞତା ଓ ନୂତନ ଚିନ୍ତାଧାରାକୁ ଏକତ୍ରିତ କରି ପ୍ରତିଷ୍ଠାନଗୁଡ଼ିକୁ ମଜବୁତ କରିବା ଏବଂ ନିରନ୍ତର ଉନ୍ନତି ସାଧନ କରିବାର ଏକ ମାଧ୍ୟମ।

ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ତାଙ୍କ ଟିମ୍‌କୁ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଛନ୍ତି। ନୀତି ନିର୍ମାତା, କ୍ରୀଡ଼ା ପ୍ରଶାସକ, କ୍ରୀଡ଼ାବିତ୍, ଶିଳ୍ପପତି, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ଓ ବିଦ୍ୱାନ୍‌ମାନଙ୍କ ଅଂଶଗ୍ରହଣ ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ସମ୍ମିଳିତ ପ୍ରତିବଦ୍ଧତାର ପ୍ରତୀକ। ନବସୃଜନ ଏବଂ ନିରନ୍ତର ଉନ୍ନତିର ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଉତ୍କର୍ଷତା କେବେ ଏକ ଗନ୍ତବ୍ୟସ୍ଥଳ ନୁହେଁ, ବରଂ ଏକ ନିରନ୍ତର ଯାତ୍ରା। ପ୍ରକୃତ ସଫଳତା ସେମାନଙ୍କର ଯେଉଁମାନେ ନିରନ୍ତର ଭଲ ଉପାୟ ଅବଲମ୍ବନ କରନ୍ତି। ଅଭିଜ୍ଞତାରୁ ଶିଖିଲେ, ତ୍ରୁଟିଗୁଡ଼ିକୁ ଦୂର କଲେ ଏବଂ ନୂତନ ଚିନ୍ତାଧାରା ଗ୍ରହଣ କଲେ ଉନ୍ନତି ହୁଏ ବୋଲି ରାଜ୍ୟପାଳ ଡ. କମ୍ଭମ୍‌ପାଟି କହିଛନ୍ତି।




---

# ବନ୍ଧୁକ ମୁନରେ ଲୁଟିନେଲେ ୨୫ ଲକ୍ଷର ଅଳଙ୍କାର

ଆଳି,୬।୬(ସଂଚାର ବ୍ୟୁରୋ)ଃ ବନ୍ଧୁକ ମୁନରେ ଲୁଟିନେଲେ ୨୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟା ସମୟରେ ୧୨ ଜଣ ଡକାୟତ ହାତରେ ଭୁଜାଲି ଓ ବନ୍ଧୁକ ଧରି ଆଳି ଥାନା ଖଣ୍ଡିଆପାଟଣା ଗ୍ରାମର ପ୍ରଦୀପ ରାଉତଙ୍କ ଘରେ ପଶି ଏଭଳି କାଣ୍ଡ ଭିଆଇଛନ୍ତି। ଡକାୟତମାନେ ଘରେ ପଶିବା ପରେ ପରିବାର ଲୋକଙ୍କ ବେକରେ ଭୁଜାଲି ଲଗାଇ ରୋଷେଇ ଘରେ ଭର୍ତ୍ତି କରି ଗଡ଼ରେଜ, ବାକ୍ସ ତାଡ଼ି ସେଥିରୁ ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟିନେଇଛନ୍ତି। ମାସେ ପୂର୍ବରୁ ପ୍ରଦୀପଙ୍କ ପୁଅ ବାହାଘର



ହୋଇଥିବାରୁ ଘରେ ନଗଦ ଟଙ୍କା ଓ ସୁନାଗହଣା ଆଦି ରହିଥିବାରୁ ଲୁଟେରାମାନେ ଏହାକୁ ଟାର୍ଗେଟ୍ କରି ଏପରି କାଣ୍ଡ ଭିଆଇଛନ୍ତି। ଲୁଟେରାମାନେ ପାଖାପାଖି ୪୫ ମିନିଟ୍ ଧରି ରାଜ୍ୟ ରାଜପଥ କଡ଼ରେ ଥିବା ଘରୁ ଡକାୟତି କରିଥିଲେ ମଧ୍ୟ ଏହା କାହା ନଜରରେ ପଡ଼ିନଥିଲା। ପରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବା ସହ ଲୁଟେରାମାନେ ଛାଡ଼ିଯାଇଥିବା ଏକ ଭୁଜାଲି ଜବତ କରିଛି।

# ପୁରୀ ଷ୍ଟେସନ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ପୁରୀ ରେଳ ଷ୍ଟେସନର ଏକ ବ୍ୟାପକ ନିରୀକ୍ଷଣ କରି ଯାତ୍ରୀ ସୁବିଧା, ସୁରକ୍ଷା ମାନଦଣ୍ଡ, ପରିଚାଳନାଗତ ଦକ୍ଷତା ଓ ଚାଲିଥିବା ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ମହାପ୍ରବନ୍ଧକ ପୁରୀ ରେଳଷ୍ଟେସନକୁ ଏକ ଆଧୁନିକ ତଥା ଯାତ୍ରୀ ଅନୁକୂଳ ପରିବହନ କେନ୍ଦ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ଚାଲିଥିବା ଷ୍ଟେସନ ପୁନଃନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ସେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ସ୍ଥିତି ଆକଳନ କରିଥିଲେ ଏବଂ ଗୁଣବତ୍ତା ମାନଦଣ୍ଡ ବଜାୟ ରଖିବା ସହ ଯାତ୍ରୀମାନଙ୍କ ଅସୁବିଧାକୁ ଯଥାସମ୍ଭବ କମ୍ କରି ଏହିସବୁ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ ପ୍ରବନ୍ଧକ (ଡିଆରଏମ୍) ଡି. ସୁନୀଲ ଏହି ପରିଦର୍ଶନ ସମୟରେ ମହାପ୍ରବନ୍ଧକଙ୍କ ସହ ଉପସ୍ଥିତ ଥିଲେ। ଏଥିସହ ପୂର୍ବତଟ ରେଳପଥ ମୁଖ୍ୟାଳୟ ଓ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ରେଳ ଯାତ୍ରୀମାନଙ୍କ ବଢ଼ୁଥିବା ଆକାଂକ୍ଷାକୁ ପୂରଣ କରିବା ପାଇଁ ଯାତ୍ରୀ ସୁବିଧା, ପରିଚାଳନାଗତ ଦକ୍ଷତା ଓ ସୁରକ୍ଷା ମାନଦଣ୍ଡରେ ନିରନ୍ତର ଉନ୍ନତି ଆଣିବାର ଆବଶ୍ୟକତା ଉପରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଥିଲେ। ଭାରତୀୟ ରେଳ ନେଟୱର୍କର ଅନ୍ୟତମ ପ୍ରମୁଖ ତୀର୍ଥସ୍ଥାନ ପୁରୀରେ ଯାତ୍ରୀଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବା ଦିଗରେ ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଏହି ପରିଦର୍ଶନ ପ୍ରତିଫଳିତ କରୁଛି।

---

# ଏସ୍‌ପି ଓ ଜିଲ୍ଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ଯୁବ କଂଗ୍ରେସ

ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଅଭିଯୋଗ କରିଛନ୍ତି ଯେ ନିକଟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଯେଉଁ ଦୁଇଟି ସ୍ପର୍ଶକାତର ଘଟଣା ଘଟିଛି, ସେଥିରେ ଏସ୍‌ପି ଓ ଜିଲ୍ଲାପାଳ ଦୋଷୀ। ଏମାନେ କର୍ତ୍ତବ୍ୟ ନିର୍ବାହରେ ଚରମ ଅବହେଳା କରିଛନ୍ତି ଓ ଏଥିପାଇଁ ଦୁଇଟି ନିରୀହ ଜୀବନ ନିଃଶେଷ ହୋଇଯାଇଛି।




ଆଳି ଥାନା ଅନ୍ତର୍ଗତ ବାଟିପଡ଼ା ପଞ୍ଚାୟତର ମାଦେଇ ଗ୍ରାମର ଗୌରାଙ୍ଗ ସେଠୀ ନାମକ ଦଳିତ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ତାଙ୍କୁ ପ୍ରଥମେ ଅପହରଣ କରାଯିବା ପରେ ଆଳି ଥାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ବି ସେ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଶେଷରେ ଅପରାଧୀମାନେ ଗୌରାଙ୍ଗଙ୍କୁ ହତ୍ୟା କଲେ। ପୁଲିସ ତତ୍ପରତା ଦେଖାଇବା ପରିବର୍ତ୍ତେ ପୁଲିସ୍ ଓଲଟା ମୃତକର ପରିବାରକୁ ସାକ୍ଷୀ ପ୍ରମାଣ ମାଗିଲେ। ଏପର୍ଯ୍ୟନ୍ତ ସମସ୍ତ ଅପରାଧି ଧରାପଡ଼ିନାହାନ୍ତି। ଅପରାଧୀଙ୍କ ସମ୍ପର୍କରେ ମୃତକର ପରିବାରବର୍ଗ ଥାନାରେ ଖବର ଦେଲେ ମଧ୍ୟ ଥାନା କର୍ତ୍ତୃପକ୍ଷଙ୍କ ଉଦାସୀନତା ଥାନାପରାଧିଙ୍କ ପକ୍ଷ ନେଉଥିବା ଅଭିଯୋଗ ହୋଇଥିଲା। ସେହିପରି ଗତକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରାପଡ଼ାର ଶ୍ରୀଚରଣ ଦାସ ଆତ୍ମହତ୍ୟା କଲେ। ତାଙ୍କ ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ସେ ବାରମ୍ବାର ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ଜନଶୁଣାଣିରେ ଜଣାଇଛନ୍ତି। ମାତ୍ର ଏହି ଦୁଇ ଉଚ୍ଚପଦସ୍ଥ ଅଫିସର ତାଙ୍କ ଗୁହାରି ଶୁଣିଲେ ନାହିଁ। ଶେଷରେ ନିରୁପାୟ ହୋଇ ଓ ଅନ୍ୟ କୌଣସି ରାସ୍ତା ନ ପାଇଁ ଶ୍ରୀଚରଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରେ ଆତ୍ମହତ୍ୟା କରିବାର ଖବର ଗଣମାଧ୍ୟମରେ ଘୂରି ବୁଲୁଛି। ସୁତରାଂ ଲୋକସେବା ଦାୟିତ୍ୱରେ ଥିବା ଜିଲ୍ଲାପାଳ ଓ ଏସ୍‌ପି କେନ୍ଦ୍ରାପଡ଼ାରେ କ’ଣ କରୁଛନ୍ତି ବୋଲି ଲକ୍ଷ୍ମୀପ୍ରିୟା ପ୍ରଶ୍ନ କରିଛନ୍ତି। ଏଥିସହ ଯୁବ କଂଗ୍ରେସ ପକ୍ଷରୁ ଉଭୟ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବା ସହ ଉଭୟ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଯୋଗାଇଦେବାକୁ ଦାବି କରାଯାଇଛି। ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଆଳି ଥାନାଧିକାରୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବା ସକାଶେ ଦଳ ଦାବି କରିଛି। ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ କହିଛନ୍ତି ଯେ ମୋହନ ସରକାରରେ ପୁଲିସ ଅପରାଧୀଙ୍କ ରକ୍ଷାକବଚ ସାଜିଛି ଓ ଅଫିସରମାନେ ମଉଜ ମଜଲିସରେ ମସଗୁଲ୍ ରହି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣୁନାହାନ୍ତି। ଜନଶୁଣାଣି ଏକ ନାଟକବାଜିରେ ପରିଣତ ହୋଇଛି। ତେଣୁ କେନ୍ଦ୍ରାପଡ଼ା ଏସ୍‌ପି ଓ ଜିଲ୍ଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସେ ଦାବି କରିଛନ୍ତି।

# ଚୁଲି ନିଆଁରେ ଜଳିଗଲା ୪ ବଖରା

ନାଉଗାଁ,୬।୬(ସଂଚାର ବ୍ୟୁରୋ)ଃ ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ନୂଆଗଡ ଗ୍ରାମରେ ଶୁକ୍ରବାର ଚୁଲିରୁ ନିଆଁ ଉଡ଼ି ଚାରି ବଖରା ଚାଳ ଘର ପୋଡି ପାଉଁଶ ହୋଇଥିବା ଜଣାଯାଇଛି। ସୂଚନାନୁସାରେ, ନୂଆଗାଁ ପଞ୍ଚାୟତ ନୂଆଗଡ଼ ଗ୍ରାମର ବିଜୟ ସାମଲ, ତାପସ ସାମଲଙ୍କ ଘରେ ରୋଷେଇ ହେଉଥିବା ସମୟରେ ଚୁଲିରୁ ନିଆଁ ଉଡ଼ି ଚାଳ ଘରେ ନିଆଁ ଲାଗିଥିଲା। ପରିବାର ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଏଥିରେ ବିଫଳ ହୋଇଥିଲେ। ସ୍ଥାନୀୟ ଅଗ୍ନିଶମ ବାହିନୀକୁ ସୂଚନା ଦେବା ପରେ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ୪ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ସବୁ ପୋଡି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ନୂଆଗାଁ ପଞ୍ଚାୟତର ସରପଞ୍ଚ ଦୋଳଗୋବିନ୍ଦ ରାଉଳ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ୨ ହଜାର ଟଙ୍କା ଲେଖାଏଁ ସାହାଯ୍ୟ କରିଥିଲେ। ଖବର ପାଇ ନାଉଗାଁ ତହସିଲଦାର ଅକ୍ଷୟ ବଡୁ, ନୂଆପାରୀ ଆରଆଇ ବିକ୍ରମ କିଶୋର ତ୍ରିପାଠୀ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ସହ ଅଗ୍ନିବିପନ୍ନ ବିଜୟ ସାମଲ ଓ ତାପସ ସାମଲଙ୍କ ପରିବାରକୁ ପଲିଥିନ ଯୋଗାଇଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତେବେ ଦୁଇ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି।



---

# ବେଆଇନ୍ ବଙ୍ଗଳାଦେଶୀ, ସୁରକ୍ଷିତ ସ୍ଥାନ ଭୁବନେଶ୍ୱର

ଭୁବନେଶ୍ୱର, ୬।୬ଃ ବେଆଇନ୍ ଅନୁପ୍ରବେଶକାରୀ ବିଶେଷକରି ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ସୁରକ୍ଷିତ ସ୍ଥାନ ପାଲଟିଛି ରାଜ୍ୟ ରାଜଧାନୀ। ରାଜ୍ୟ ସରକାର ଧରପଗଡ଼ କରି ଯେତିକି ବେଆଇନ୍ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ତଡୁଛନ୍ତି, ସେମାନଙ୍କ ସଂଖ୍ୟା ଭୁବନେଶ୍ୱରରେ ଅଧିକ ରହିଛି।



ଓଡ଼ିଶାର ଉପକୂଳ ଜିଲ୍ଲା ବିଶେଷକରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁରରେ ବଙ୍ଗଳାଦେଶୀମାନେ ଥିବା ବେଳେ ସେମାନଙ୍କ ସମ୍ପର୍କରେ ଥିବା ବଙ୍ଗଳାଦେଶର ଲୋକେ ବେଆଇନ୍ ଭାବେ ଓଡ଼ିଶାରେ ପ୍ରବେଶ କରିଥାନ୍ତି। ଏମାନେ ମୁଖ୍ୟତଃ ଜଳପଥରେ ଆସି କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ରହିବା ପରେ ପରବର୍ତ୍ତୀ ସମୟରେ କାମଧନ୍ଦା ଅନ୍ୱେଷଣରେ ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସହରକୁ ଯାଇଥାନ୍ତି।

ଯେହେତୁ ରାଜଧାନୀରେ ସହଜରେ ସେମାନଙ୍କୁ କାମ ମିଳିଥାଏ, ତେଣୁ ସେମାନଙ୍କ ପ୍ରଥମ ପସନ୍ଦ ଭୁବନେଶ୍ୱର ସହର ହୋଇଥାଏ। ଏଠାରେ ଥିବା ବିଭିନ୍ନ ବସ୍ତିରେ ଅବସ୍ଥାନ କରି ରାଜମିସ୍ତ୍ରିଠାରୁ ଜରିଗୋଟାଳି ଓ ରାସ୍ତାକଡ଼ରେ ବିଭିନ୍ନ ସାମଗ୍ରୀ ବିକ୍ରି କରିଥାନ୍ତି। ଆଉ କିଛି ବ୍ୟକ୍ତି ବ୍ୟବସାୟ ପ୍ରତିଷ୍ଠାନରେ କମାଧନ୍ଦା ପାଇଥାନ୍ତି।

ରାଜଧାନୀରେ ପୁଲିସ୍‌ର ନିୟମିତ ଧରପଗଡ଼ ଓ ଯାଞ୍ଚ ହୁଏ ନାହିଁ ତେଣୁ ଏମାନେ ଏଠାରେ ସହଜରେ ରହିଥାନ୍ତି। ସମୟ ସୁବିଧା ଦେଖି ନିଜ ସମ୍ପର୍କୀୟଙ୍କ ମାଧ୍ୟମରେ ପ୍ରଥମେ ଆଧାର କାର୍ଡ ପ୍ରସ୍ତୁତ କରନ୍ତି ଓ ପରେ ଭୋଟର ତାଲିକାରେ ନିଜକୁ ସାମିଲ କରିଦେଇଥାନ୍ତି।

କେନ୍ଦ୍ର ସରକାରଙ୍କ ତାଗିଦା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ବର୍ଷ ହୋଇଥିବା ଯାଞ୍ଚ ସମୟରେ କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। ଚିହ୍ନଟ ସମୟରେ ୭୭ ଜଣ ବଙ୍ଗଳାଦେଶୀ ବେଆଇନ ଭାବେ ବସବାସ କରୁଥିବା ଜଣାପଡ଼ିଥିଲା। ଏମାନଙ୍କ ମଧ୍ୟରୁ କେବଳ ୨୬ ଜଣ ଭୁବନେଶ୍ୱର ସହରରେ ଥିବା ବେଳେ ଜଗତ୍‌ସିଂହପୁରରେ ୨୧ ଓ କଟକରେ ୧୫ ଜଣ ରହିଥିଲେ। ଏମାନଙ୍କ ଦେଶାନ୍ତର କରିବା ସମୟରେ ଦେଖିବାକୁ ମିଳିଥିଲା ଯେ ୭୭ ଜଣଙ୍କ ମଧ୍ୟରୁ ଦୁଇ ଜଣ ଜାଲ କାଗଜପତ୍ର ଦାଖଲ କରି ଓଡ଼ିଶାରେ ପାସ୍‌ପୋର୍ଟ ହାତେଇ ନେଇଛନ୍ତି।

ତେବେ ଗତ ବର୍ଷର ଏହି ସର୍ଭେ ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଉ ସେଭଳି ଯାଞ୍ଚ ହୋଇଥିବାର ନଜିର ନାହିଁ। ଇତିମଧ୍ୟରେ ପଶ୍ଚିମବଙ୍ଗ ନିର୍ବାଚନ ପରେ ସେଠାକାର ନୂଆ ସରକାର ବେଆଇନ ଅନୁପ୍ରବେଶକାରୀ ବଙ୍ଗଳାଦେଶୀମାନଙ୍କୁ ସେଠାରୁ ତଡ଼ିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଯେହେତୁ ପୂର୍ବରୁ ଓଡିଶାରେ ବହୁ ବଙ୍ଗଳାଦେଶୀ ସ୍ଥାୟୀ ଭାବେ ବସବାସ କରୁଛନ୍ତି ଓ ସେମାନଙ୍କ ସହାୟତାରେ ଆଉ କିଛି ବେଆଇନ ଅନୁପ୍ରବେଶକାରୀ ଆସି ଏଠାରେ ରହିବାରେ ସଫଳ ହୋଇଛନ୍ତି, ତେଣୁ ପଶ୍ଚିମବଙ୍ଗ ସରକାରଙ୍କ ଆକ୍ରୋଶର ଶିକାର ହେବା ପୂର୍ବରୁ ଅନୁପ୍ରବେଶକାରୀ ବଙ୍ଗଳାଦେଶୀମାନେ ଓଡ଼ିଶାକୁ ପଳାଇ ଆସିବାର ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର ତୁରନ୍ତ ବଙ୍ଗଳାଦେଶୀ ତଲାସୀ ଅଭିଯାନ ଜୋରଦାର କରିବା ସହ ସେମାନଙ୍କୁ ତୁରନ୍ତ ଦେଶାନ୍ତର କରିବା ପାଇଁ ଦାବି ହେଉଛି। (ତଥ୍ୟ)

**● ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦଳିତ ଯୁବକଙ୍କ ଆତ୍ମହତ୍ୟା ଘଟଣା**

# ସରକାରଙ୍କ ଅଭିଯୋଗ ଶୁଣାଣିର ସତ୍ୟତା ଧରାପଡ଼ିଲାଃ ବିଜେଡି

ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ଦଳିତ ଯୁବକଙ୍କ ଆତ୍ମହତ୍ୟା ଘଟଣା ସରକାରଙ୍କ ସମ୍ବେଦନହୀନତା ଓ ପ୍ରଶାସନିକ ବିଫଳତାର ନଗ୍ନ ଉଦାହରଣ ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ସ୍ପଷ୍ଟ ଦିବାଲୋକରେ ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟରେ ଏଭଳି ଅଘଟଣ ଘଟିବା ସରକାରଙ୍କ ସମ୍ବେଦନହୀନତାର ପରିଚୟ। ମୃତ ଯୁବକ ଜଣକ ନିଜର ବ୍ୟକ୍ତିଗତ ଅଭିଯୋଗର ଶୁଣାଣି ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶ ହେଲା ପରେ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ଲୋକଙ୍କ ସରକାର କହି ଡିଣ୍ଡିମ ପିଟୁଥିବା ବିଜେପି ସରକାର ସାଧାରଣ ଜନତାଙ୍କ ସମସ୍ୟା ପ୍ରତି କିଭଳି ଆଖି ବୁଜିଦେଇଛନ୍ତି, ତାହା ଗତକାଲିର ଏହି ଘଟଣାରୁ ପ୍ରମାଣିତ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ଜଣେ ଯୁବକ ଆତ୍ମହତ୍ୟା କରିବା ପ୍ରଶାସନିକ ଓ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ବେହେରା କହିଛନ୍ତି।

**ପରିବାରକୁ ୧୦ ଲକ୍ଷ କ୍ଷତିପୂରଣ ଦେବାକୁ ଦାବି**



ସେହିପରି ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ କହୁଛନ୍ତି ୨ ବର୍ଷ ଭିତରେ ଅଭିଯୋଗ ଶୁଣାଣି କରି ୯୬ ପ୍ରତିଶତ ଲୋକଙ୍କ ସମସ୍ୟା ସମାଧାନ କରିଛୁ। ଆଜି ଶ୍ରୀଚରଣ ଦାସଙ୍କ ମୃତ୍ୟୁ ମୁଖ୍ୟମନ୍ତ୍ରୀଙ୍କ ଏହି ଦାବିକୁ ଅଟ୍ଟହାସ୍ୟ କରୁଛି। ସରକାରଙ୍କ ପ୍ରତିନିଧି ରୂପେ ଜିଲ୍ଲାପାଳଙ୍କ ନିକଟକୁ ନ୍ୟାୟ ପାଇବା ପାଇଁ ଜନସାଧାରଣ ଯାଇଥାନ୍ତି। ସରକାରୀ ବ୍ୟବସ୍ଥା ଉପରୁ ସମ୍ପୂର୍ଣ୍ଣ ଭରସା ତୁଟିଗଲା ପରେ ହିଁ ଜଣେ ଏମିତି ଚରମ ପଦକ୍ଷେପ ନିଏ। ତେଣୁ ସରକାର ଶ୍ରୀଚରଣଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଅନ୍ତୁ ସରକାର। ଏଥିସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସରକାର ପଦକ୍ଷେପ ନେବା ଦରକାର। ନଚେତ୍ ଆଗାମୀ ଦିନରେ ଏହା ବିରୋଧରେ ବିଜେଡି ତୀବ୍ର ଆନ୍ଦୋଳନ କରିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି।

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ରବିବାର ୭ ଜୁନ୍ ୨୦୨୬, ଭୁବନେଶ୍ୱର
Sunday 7 June 2026, Bhubaneswar



# ଖାଦ୍ୟ ବନାମ ଇନ୍ଧନ




ବିଶ୍ୱବ୍ୟାପୀ ଇନ୍ଧନ ସଙ୍କଟ ଏବଂ ଭାରତର ତୈଳ ଆମଦାନି ନିର୍ଭରତା ମଧ୍ୟରେ ସରକାର ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଛନ୍ତି। ସମ୍ପ୍ରତି ଇ-୨୦ ପରେ ଇ-୮୫ ଇନ୍ଧନର ପରୀକ୍ଷଣ ଆରମ୍ଭ ହୋଇଛି। ଏହା ୮୫% ଇଥାନଲ ଏବଂ ୧୫% ପେଟ୍ରୋଲର ମିଶ୍ରଣ। ପ୍ରଶ୍ନ ଉଠୁଛି ଏହା ଭାରତର ଇନ୍ଧନ ସଙ୍କଟର ସମାଧାନ ଏବଂ ଆବଶ୍ୟକତା ପୂରଣ କରିପାରିବ କି? ଏହା ଏକ ସମ୍ଭାବନାପୂର୍ଣ୍ଣ ପଦକ୍ଷେପ ହେଲେ ମଧ୍ୟ ପୂର୍ଣ୍ଣ ସମାଧାନ ନୁହେଁ। କାରଣ ଏଥିରେ ଅନେକ ପ୍ରତିବନ୍ଧକ ମଧ୍ୟ ରହିଛି। ତେଣୁ ଏବେ ଦେଶରେ ଖାଦ୍ୟ ବନାମ ଇନ୍ଧନକୁ ନେଇ ବିତର୍କ ସୃଷ୍ଟି ହୋଇଛି।

ଭାରତ ପ୍ରତିବର୍ଷ ପ୍ରାୟ ୮୫% କ୍ରୁଡ୍ ତୈଳ ଆମଦାନି କରେ, ଯାହା ବିଦେଶୀ ମୁଦ୍ରା ଭଣ୍ଡାରକୁ ବହୁତ ଚାପ ଦେଇଥାଏ। ଇଥାନଲ ମିଶ୍ରଣ ଏହି ନିର୍ଭରତା କମାଇବାରେ ସହାୟକ ହୋଇପାରେ। ଇ-୮୫ ଇନ୍ଧନ ପରିବେଶ ପାଇଁ ଅଧିକ ଅନୁକୂଳ, କାରଣ ଏହା ଗ୍ରୀନହାଉସ ଗ୍ୟାସ ନିର୍ଗମନକୁ ୫୦-୬୧ ପ୍ରତିଶତ ପର୍ଯ୍ୟନ୍ତ କମାଇଥାଏ। ଏହା କୃଷକଙ୍କ ଆୟ ବୃଦ୍ଧି କରିବ, ବିଶେଷକରି ଆଖୁ, ମକା ଏବଂ ଅନ୍ୟାନ୍ୟ ଫସଲ ଉତ୍ପାଦକଙ୍କ ପାଇଁ। ସରକାରୀ ତଥ୍ୟ ଅନୁଯାୟୀ, ଇଥାନଲ ଉତ୍ପାଦନ କୃଷି ଅର୍ଥନୀତିକୁ ମଜବୁତ କରିବ ଏବଂ ଗ୍ରାମୀଣ ନିଯୁକ୍ତି ସୃଷ୍ଟି କରିବ। ଦିଲ୍ଲୀରେ ପ୍ରଥମ ଇ-୮୫ ପମ୍ପ ଉଦଘାଟନ ହୋଇଥିବା ସମୟରେ ଏହାର ମୂଲ୍ୟ ଇ-୨୦ ଠାରୁ ପ୍ରାୟ ୨୦ ଟଙ୍କା କମ ରଖାଯାଇଛି, ଯାହା ଉପଭୋକ୍ତାଙ୍କ ପାଇଁ ଆକର୍ଷଣୀୟ ହୋଇଛି।

ତଥାପି, ଏହାର ସୀମାବଦ୍ଧତା ଅନେକ। ପ୍ରଥମତଃ, ଇଥାନଲର ଶକ୍ତି ଘନତ୍ୱ ପେଟ୍ରୋଲ ଠାରୁ କମ୍। ଫଳସ୍ୱରୂପ ଇ-୮୫ ବ୍ୟବହାର କରିଲେ ମାଇଲେଜ୍ ୨୫-୩୫ ପ୍ରତିଶତ କମ୍ ହୋଇପାରେ। ଏହା ଉପଭୋକ୍ତାଙ୍କ ପାଇଁ ଅର୍ଥନୈତିକ ଭାବେ ଲାଭଦାୟକ ହେବ କି ନାହିଁ ତାହା ମୂଲ୍ୟ ଏବଂ ମାଇଲେଜ୍ ଉପରେ ନିର୍ଭର କରେ। ଦ୍ୱିତୀୟତଃ, ଅଧିକାଂଶ ବର୍ତ୍ତମାନର ଯାନ ଇ-୮୫ ପାଇଁ ଉପଯୁକ୍ତ ନୁହଁ। ଫ୍ଲେକ୍ସ ଫ୍ୟୁଅଲ୍ ଭେହିକଲ୍ (ଏଫଏଫଭି) ଆବଶ୍ୟକ, ଯାହାର ଇଞ୍ଜିନ୍ ଉଚ୍ଚ ଇଥାନଲ ସହିତ ସମଞ୍ଜସ୍ୟ ରଖିପାରିବ। ମାରୁତି, ହିରୋ ପରି କମ୍ପାନୀ କିଛି ମଡେଲ୍ ପ୍ରସ୍ତୁତ କରୁଛନ୍ତି, କିନ୍ତୁ ଦେଶର ବିରାଟ ଯାନ ପରିବହନ ଏହା ପାଇଁ ପରିବର୍ତ୍ତନ ଆବଶ୍ୟକ କରେ। ପୁରୁଣା ଯାନରେ କରୋସନ୍ ଏବଂ ରବର୍ ପାଇପ୍ ସମସ୍ୟା ଦେଖାଦେଇପାରେ।

ତୃତୀୟତଃ, ଇଥାନଲ ଉତ୍ପାଦନର ପରିବେଶଗତ ଏବଂ ଆର୍ଥିକ ଚ୍ୟାଲେଞ୍ଜ୍ ଅଛି। ଆଖୁ ଏବଂ ମକା ପରି ଫସଲ ଜଳ ବ୍ୟବହାର କରେ। ଏକ ଲିଟର ଇଥାନଲ ପାଇଁ ହଜାର ହଜାର ଲିଟର ଜଳ ଆବଶ୍ୟକ ହୋଇପାରେ, ଯାହା ଜଳ ସଙ୍କଟ ଥିବା ଅଞ୍ଚଳରେ ସମସ୍ୟା ସୃଷ୍ଟି କରିପାରେ। ଖାଦ୍ୟ ବନାମ୍ ଇନ୍ଧନ ବିତର୍କ ମଧ୍ୟ ଉଠେ। ଯଦି ଅଧିକ ଫସଲ ଇଥାନଲ ପାଇଁ ବ୍ୟବହୃତ ହୁଏ, ତେବେ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇପାରେ। ଭିତ୍ତିଭୂମୀ ମଧ୍ୟ ଆଉ ଏକ ବଡ଼ ଚ୍ୟାଲେଞ୍ଜ୍। ୨୦୨୭ ସୁଦ୍ଧା ୫୦୦୦ ପମ୍ପ ସ୍ଥାପନ ଲକ୍ଷ୍ୟ ରହିଛି, କିନ୍ତୁ ଏହା ପାଇଁ ବିପୁଳ ବିନିଯୋଗ ଆବଶ୍ୟକ।

ଓଡ଼ିଶା ପରିପ୍ରେକ୍ଷୀରେ ଏହାର ପ୍ରଭାବ ବିଶେଷ ଅର୍ଥପୂର୍ଣ୍ଣ। ରାଜ୍ୟର କୃଷି ଅର୍ଥନୀତି ଆଖୁ ଏବଂ ଅନ୍ୟାନ୍ୟ ଫସଲ ଉପରେ ନିର୍ଭରଶୀଳ। ଇଥାନଲ ଉତ୍ପାଦନ କୃଷକଙ୍କୁ ନୂତନ ଆୟର ସୁଯୋଗ ଦେବ, କିନ୍ତୁ ଜଳ ସଂରକ୍ଷଣ ଏବଂ ପୁଞ୍ଜି ବ୍ୟବସ୍ଥା ଆବଶ୍ୟକ। ସରକାରୀ ନୀତି ଫ୍ଲେକ୍ସ ଫ୍ୟୁଅଲ୍ ଯାନ ଉତ୍ପାଦନକୁ ଉତ୍ସାହିତ କରିବା ଉଚିତ୍। ତା ସହିତ ଭିତ୍ତିଭୂମୀ ବିକାଶ ଏବଂ କୃଷି ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେବାର ମଧ୍ୟ ଆବଶ୍ୟକତା ରହିଛି। ସାରାଂଶରେ, ଇ-୮୫ ଇନ୍ଧନ ଇନ୍ଧନ ସଙ୍କଟର ଏକ ଆଂଶିକ ସମାଧାନ ହୋଇପାରେ। ଏହା ତୈଳ ଆମଦାନି କମାଇବ, ପରିବେଶ ରକ୍ଷା କରିବ ଏବଂ କୃଷିକୁ ମଜବୁତ କରିବ। କିନ୍ତୁ ଏହା ପୂର୍ଣ୍ଣ ସମାଧାନ ନୁହେଁ। ଇଲେକ୍ଟ୍ରିକ୍ ଯାନ, ହାଇଡ୍ରୋଜେନ୍ ଏବଂ ଅନ୍ୟାନ୍ୟ ବିକଳ୍ପ ସହିତ ଏକ ବ୍ୟାପକ କୌଶଳ ଆବଶ୍ୟକ। ସରକାର, ଉଦ୍ୟୋଗ ଏବଂ କୃଷକଙ୍କ ମଧ୍ୟରେ ସମନ୍ୱୟ ଦ୍ୱାରା ହିଁ ଏହା ସଫଳ ହୋଇପାରିବ। ଏହା କେବଳ ଇନ୍ଧନ ନୁହେଁ, ଏକ ସ୍ୱାଧୀନ ଏବଂ ସବୁଜ ଭବିଷ୍ୟତର ପଥ।

# ‘ପ୍ରକୃତି ଅସନ୍ତୁଳନରେ ଆଜିର ମନୁଷ୍ୟର ଭୂମିକା’



**ଡଃ ଅମୂଲ୍ୟ କୁମାର ପଣ୍ଡା**



ପ୍ରକୃତିର ସନ୍ତୁଳନ ଏକ ଅନନ୍ୟ କୃତି, ଯେଉଁଠାରେ ପ୍ରତ୍ୟେକ ଉପାଦାନ ତାର ନିର୍ଦ୍ଦିଷ୍ଟ ଭୂମିକାରେ ସୌନ୍ଦର୍ଯ୍ୟ ପ୍ରଦର୍ଶନ କରେ। ପକ୍ଷୀଙ୍କ ଡେଣା ସେମାନଙ୍କ ଉଡ଼ାଣର ପ୍ରତୀକ, ଆକାଶରେ ସ୍ୱାଧୀନତା ଏବଂ ସମନ୍ୱୟ ପ୍ରଦାନ କରେ। କିନ୍ତୁ ମାନବ ହସ୍ତକ୍ଷେପ ସହିତ, ଏହି ସୌନ୍ଦର୍ଯ୍ୟ ବିନାଶର ରୂପ ନେଇଥାଏ। ପକ୍ଷୀମାନଙ୍କ ଉପରେ କେବଳ ଡେଣା ଭଲ ଦେଖାଯାଏ... ମଣିଷ ଯିବା ମାତ୍ରେ ବିନାଶ ଆରମ୍ଭ ହୁଏ। ଏହି ବିବୃତ୍ତି ମାନବ ଲୋଭ ଏବଂ ଅଜ୍ଞତାକୁ ପ୍ରତିଫଳିତ କରେ। ଏହା ଆମକୁ ଚେତାବନୀ ଦିଏ ଯେ ପ୍ରକୃତି ସହିତ ହାତାହାତି କରୁଥିବା ମଣିଷମାନେ ନିଜର ମୂଳ କାଟି ଦିଅନ୍ତି। ଏହି ପ୍ରବନ୍ଧରେ, ଆମେ ଏହି ବିବୃତ୍ତିର ବିଭିନ୍ନ ଦିଗକୁ ବିଶ୍ଳେଷଣ କରିବୁ - ପରିବେଶଗତ, ସାମାଜିକ, ଆଧ୍ୟାତ୍ମିକ ଏବଂ ଐତିହାସିକ। ପ୍ରଥମେ ପରିବେଶଗତ ଦୃଷ୍ଟିକୋଣରୁ, ଏହି ବିବୃତ୍ତି ପରିବେଶଗତ ବିନାଶର ସତ୍ୟକୁ ପ୍ରକାଶ କରେ। ପକ୍ଷୀମାନେ ପ୍ରକୃତିର ସନ୍ତୁଳନର ପ୍ରତୀକ, ସେମାନଙ୍କ ଡେଣା ବାୟୁରେ ଉଡ଼ିବା ସମୟରେ ଇକୋସିଷ୍ଟମକୁ ବଜାୟ ରଖନ୍ତି। ସେମାନେ ବିହନ ବିସ୍ତାର କରନ୍ତି, କୀଟପତଙ୍ଗଙ୍କୁ ସନ୍ତୁଳିତ କରନ୍ତି ଏବଂ ବର୍ଷା ଚକ୍ରରେ ଯୋଗଦାନ କରନ୍ତି। କିନ୍ତୁ ମଣିଷ ଆଗମନ ଜଙ୍ଗଲ ନଷ୍ଟ କରିଛି, ନଦୀ ପ୍ରଦୂଷିତ କରିଛି ଏବଂ ବାୟୁକୁ ବିଷାକ୍ତ କରିଛି। ଉଦାହରଣ ସ୍ୱରୂପ, ଆମାଜନ ବର୍ଷାଜଳକୁ ସୋୟା ଚାଷ ପାଇଁ ସଫା କରାଯାଉଛି, ଯାହା ପକ୍ଷୀ ପ୍ରଜାତି ବିଲୁପ୍ତ କରିଦିଏ। ଭାରତରେ, ଗଙ୍ଗା-ଯମୁନା ସମତଳ ଭୂମିରେ ଶିଳ୍ପାୟନ ପକ୍ଷୀ ଅଭୟାରଣ୍ୟକୁ ନଷ୍ଟ କରିଦେଇଛି। କେରଳର ଭେମ୍ବାନାଡ ହ୍ରଦ, ଯାହା ଥରେ ପ୍ରବାସୀ ପକ୍ଷୀଙ୍କ ପାଇଁ ସ୍ୱର୍ଗ ଥିଲା, ଏବେ ପ୍ଲାଷ୍ଟିକ୍ ଆବର୍ଜନାରେ ସ୍ତବ୍ଧ ହୋଇଯାଇଛି। ମାନବ ‘ବିକାଶ‘ ନାମରେ, ପକ୍ଷୀ ସୌନ୍ଦର୍ଯ୍ୟ ଉଡ଼ିବା ପରିବର୍ତ୍ତେ ଭୂମିରେ ପଡ଼ିଯାଇଛି। ଜଳବାୟୁ ପରିବର୍ତ୍ତନ ଏହାର ଏକ ସ୍ପଷ୍ଟ ଉଦାହରଣ - ହିମବାହ ତରଳି ଯାଉଛି, ଘୂର୍ଣ୍ଣିବାତ୍ୟା ବଢ଼ୁଛି, ଏବଂ ମାନବ ଲୋଭ ଏହାର ମୂଳ କାରଣ। ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି ଯେ ଗତ ୫୦ ବର୍ଷ ମଧ୍ୟରେ ୬୮% ବନ୍ୟପ୍ରାଣୀ ଲୋଭ ଯୋଗୁଁ ଲୋପ ପାଇଛନ୍ତି। ଏହି ବକ୍ତବ୍ୟ ସାମାଜିକ ସ୍ତରରେ ମଧ୍ୟ ପ୍ରାସଙ୍ଗିକ। ପକ୍ଷୀମାନେ ସମ୍ପ୍ରଦାୟ ଏକତା ଏବଂ ସହଯୋଗର ଉଦାହରଣ ଦିଅନ୍ତି - ସେମାନେ ପରସ୍ପରକୁ ସୁରକ୍ଷା ଦେଇ ଦଳ ଦଳ ହୋଇ ଉଡ଼ନ୍ତି। କିନ୍ତୁ ମାନବ ଆଗମନ ସମାଜରେ ସ୍ୱାର୍ଥପରତା, ହିଂସା ଏବଂ ଅସମାନତାକୁ ଜନ୍ମ ଦେଇଛି।

ପ୍ରାଚୀନ କାଳରେ, ପ୍ରକୃତି ସହିତ ସମନ୍ୱୟରେ ଜଙ୍ଗଲ ଜୀବନ ସରଳ ଥିଲା। କିନ୍ତୁ ଶିଳ୍ପ ବିପ୍ଳବ ପରେ, ପୁଞ୍ଜିବାଦ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଭାରତରେ ବ୍ରିଟିଶ ଯୁଗରେ, ରେଳ ପାଇଁ ଜଙ୍ଗଲକୁ ଶୋଷଣ କରାଯାଉଥିଲା, ଆଦିବାସୀ ସଂସ୍କୃତିକୁ ନଷ୍ଟ କରାଯାଉଥିଲା। ଆଜି ମଧ୍ୟ, କର୍ପୋରେଟ୍ ଲବିଗୁଡ଼ିକ ଜମି ଅଧିଗ୍ରହଣ ନାମରେ ଗ୍ରାମଗୁଡ଼ିକୁ ନଷ୍ଟ କରୁଛନ୍ତି। ଉଙଠଓଉ-୧୯ ମହାମାରୀ ପ୍ରମାଣ କରିଛି ଯେ ମଣିଷର କପଟ ପ୍ରକୃତିକୁ ବିପଦରେ ପକାଇଛି। ସହରୀକରଣ ପକ୍ଷୀମାନଙ୍କୁ ସେମାନଙ୍କର ପ୍ରାକୃତିକ ବାସସ୍ଥାନରୁ ଲୁଣ୍ଠନ କରିଛି, ଏବଂ କଂକ୍ରିଟ୍ ଜଙ୍ଗଲ ଚାପ, ଅବସାଦ ଏବଂ ଅପରାଧକୁ ପ୍ରୋତ୍ସାହିତ କରିଛି। ମହାତ୍ମା ଗାନ୍ଧୀ କହିଥିଲେ, ‘ପୃଥିବୀ ସମସ୍ତଙ୍କର ଆବଶ୍ୟକତା ପୂରଣ କରିପାରିବ, କିନ୍ତୁ ଲୋଭ ନୁହେଁ।‘ ମଣିଷର ଆଗମନ ସହିତ, ସାମାଜିକ ବନ୍ଧନ ଭାଙ୍ଗିଗଲା, ଏବଂ ବିନାଶର ଏକ ଚକ୍ର ଆରମ୍ଭ ହେଲା। ଏହି ଉକ୍ତି ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଗଭୀର। ଭାରତୀୟ ଦର୍ଶନରେ, ପକ୍ଷୀ ଆତ୍ମାର ପ୍ରତୀକ - ଉପନିଷଦରେ, ପକ୍ଷୀ ବ୍ରହ୍ମ ଆଡ଼କୁ ଉଡ଼ିବାର ଏକ ରୂପକ। ଭଗବଦ୍ ଗୀତାରେ, ଭଗବାନ କୃଷ୍ଣ କହିଛନ୍ତି ଯେ ପ୍ରକୃତି ହେଉଛି ଈଶ୍ୱରଙ୍କ ଭ୍ରମ, ଯାହାକୁ ମଣିଷ ସଂରକ୍ଷଣ କରିବା ଉଚିତ। କିନ୍ତୁ ମାନବ ଅହଂକାର ଏହାକୁ ଭୁଲି ଯାଇଛି। ଜୈନ ଧର୍ମରେ, ଅହିଂସା ପକ୍ଷୀମାନଙ୍କ ଦ୍ୱାରା ପ୍ରେରିତ, ଯେତେବେଳେ ଆଧୁନିକ ମଣିଷ ନିଷ୍ଠୁରତାର ପ୍ରତୀକ ପାଲଟିଛି। ତିବ୍ବତୀୟ ଲାମାମାନେ କୁହନ୍ତି ଯେ ପ୍ରକୃତି ହେଉଛି ଦେବତାମାନଙ୍କର ଘର, ଏବଂ ମାନବ ହସ୍ତକ୍ଷେପ ହେଉଛି ପାପ। ବର୍ତ୍ତମାନ, ଯୋଗ ଏବଂ ଧ୍ୟାନ ନାମରେ ବାଣିଜ୍ୟକରଣ ଆଧ୍ୟାତ୍ମିକ ପବିତ୍ରତାକୁ ନଷ୍ଟ କରୁଛି। ସନ୍ଥ କବୀର କହିଥିଲେ, ପକ୍ଷୀମାନେ କେଉଁଠାରେ ରହିବେ, ଉଦ୍ୟାନ ଚାଲିଗଲା। ମାନବ ଲୋଭ ସେମାନଙ୍କର ଆଧ୍ୟାତ୍ମିକ ଡେଣା କାଟି ଦେଇଛି।

ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ପ୍ରମାଣ ମିଳିଥାଏ। ପ୍ରାଚୀନ ମିଶରୀୟ ଏବଂ ମାୟାନ ସଭ୍ୟତା ପ୍ରକୃତି ସହିତ ସମନ୍ୱୟରେ ବିକଶିତ ହୋଇଥିଲା, କିନ୍ତୁ ରୋମାନ ସାମ୍ରାଜ୍ୟ ଏବଂ ଉପନିବେଶବାଦୀ ଶକ୍ତିଗୁଡ଼ିକ ଶୋଷଣ ମାଧ୍ୟମରେ ନିଜକୁ ନଷ୍ଟ କରିଥିଲେ। ଭାରତରେ, ମୋଗଲ ଯୁଗର ଉଦ୍ୟାନଗୁଡ଼ିକ ଲୋପ ପାଇଗଲା, ଏବଂ ବ୍ରିଟିଶ ଶାସନ ଜଙ୍ଗଲକୁ ନଷ୍ଟ କରିଦେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରମାଣୁ ପରୀକ୍ଷଣ ପରିବେଶକୁ ନଷ୍ଟ କରିଦେଲା। ଆଜି, ଜଳବାୟୁ ସମ୍ମିଳନୀରେ ମଧ୍ୟ ଧନୀ ଦେଶଗୁଡ଼ିକ ଗରିବମାନଙ୍କୁ ଦୋଷ ଦିଅନ୍ତି, କିନ୍ତୁ ସମସ୍ୟା ମଣିଷର ସ୍ୱାର୍ଥପରତାରେ ରହିଛି। ଶେଷରେ, ଏହି ଉକ୍ତି ଆମକୁ ଜାଗ୍ରତ କରେ। ପକ୍ଷୀଙ୍କ ଡେଣା ପ୍ରକୃତିର ଗରିମା; ମଣିଷ ସେମାନଙ୍କୁ ଆଲିଙ୍ଗନ କରିବା ଉଚିତ, ନଷ୍ଟ କରିବା ଉଚିତ ନୁହେଁ। ସ୍ଥାୟୀ ବିକାଶ, ବୃକ୍ଷରୋପଣ ଏବଂ ନୈତିକ ଜୀବନଶୈଳୀ ହେଉଛି ସମାଧାନ। ଯଦି ମଣିଷ ପ୍ରକୃତିକୁ ସମ୍ମାନ କରେ, ତେବେ ବିନାଶ ବନ୍ଦ ହୋଇପାରିବ। ନଚେତ୍, ଆମର ଡେଣା ଭାଙ୍ଗିଯିବ, ଏବଂ ଆମର ଉଡ଼ାଣ ଅସମ୍ଭବ ହୋଇଯିବ। ଆସନ୍ତୁ ଏହି ଉକ୍ତିକୁ ହୃଦୟଙ୍ଗମ କରିବା ଏବଂ ପ୍ରକୃତି ସହିତ ସମନ୍ୱୟରେ ବଞ୍ଚିବା।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ଜନପ୍ରତିନିଧିଙ୍କ ପେନସନକୁ ନେଇ ପ୍ରଶ୍ନ



ଗୋପାଳ ମହାପାତ୍ର



ଭାରତ ଏକ ଗଣତନ୍ତ୍ରିକ ରାଷ୍ଟ୍ର ଅଟେ ଯେଉଁଠି ଜନତା ସର୍ବୋଚ୍ଚ ବୋଲି କୁହାଯାଏ ଏବଂ ଜନପ୍ରତିନିଧି ଜନତାଙ୍କ ସେବକ ଭାବରେ କାର୍ଯ୍ୟ କରିଥାନ୍ତି। କିନ୍ତୁ ସମୟ ବଦଳିବା ସାଙ୍ଗକୁ ଏକଥା ମଧ୍ୟ ବଦଳିଯାଇଛି। ଏବେ ଜନ ପ୍ରତିନିଧି ମାନ୍ୟବର ଓ ଶାସକ ଏବଂ ଜନତା ଅବହେଳିତ ପ୍ରଜା ପାଲଟିଯାଇଛନ୍ତି। ଏ ପ୍ରସଙ୍ଗରେ ଅନେକ କଥା ସମୟରେ ଏମିତି ସାମନାକୁ ଆସେ ଯାହା ଗଣତନ୍ତ୍ରର ମୂଳ ଭାବନା ଉପରେ ପ୍ରଶ୍ନଚିହ୍ନ ଆଙ୍କି ଦେଇଥାଏ। ଏବେ ପୂର୍ବତନ ସାଂସଦ ମାନଙ୍କ ପେନସନ ଓ ସେମାନେ ପାଉଥିବା ସୁବିଧା ସୁଯୋଗକୁ ନେଇ ଆରମ୍ଭ ହୋଇଥିବା ଆଲୋଚନା/ତର୍ଜମା ଏହି ଶ୍ରେଣୀରେ ଆସୁଛି। ମାନ୍ୟବର ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଯେ ପୂର୍ବତନ ସାଂସଦ ମାନଙ୍କୁ ଦିଆଯାଉଥିବା ପେନଶନ ଓ ସୁବିଧା ସୁଯୋଗର ଔଚିତ୍ୟ କ’ଣ? ସୁପ୍ରିମକୋର୍ଟଙ୍କ ଏହି ପ୍ରଶ୍ନ ପରେ ଏ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ପ୍ରଶ୍ନ କେବଳ ଏକ ପ୍ରଶାସନିକ ବା ଆଇନଗତ ପ୍ରସଙ୍ଗ ନୁହେଁ ବରଂ ଏହା ସାମାଜିକ ନ୍ୟାୟ, ସମାନତା ଏବଂ ଗଣତାନ୍ତ୍ରିକ ମୂଲ୍ୟ ସହ ଯୋଡି ହୋଇଥିବା ବିଶୟ ଅଟେ।

କାହିଁକି ଗୋଟିଏ ବର୍ଗକୁ ବିଶେଷାଧିକାର ପ୍ରଦାନ କରାଯିବ ଓ ଅନ୍ୟ ବର୍ଗଙ୍କୁ କଡ଼ା ନିୟମ ଏବଂ ସୀମାରେଖା ମଧ୍ୟରେ ବାନ୍ଧି ଦିଆଯିବ? ଏଭଳି ପ୍ରଶ୍ନ ଲୋକଙ୍କ ମନରେ ଉଠୁଛି ଓ ଉଠିବା ମଧ୍ୟ ସ୍ୱାଭାବିକ୍।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନପ୍ରତିନିଧି ଲୋକ ବା ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ଲୋକଙ୍କ ହିତ ବା ସ୍ୱାର୍ଥର ସୁରକ୍ଷା ଏବଂ ସମାଜର ବିକାଶ ଦିଗରେ କାମ କରିବା ପାଇଁ। ଏହା ଏକ ଦାୟିତ୍ୱ ମଧ୍ୟ, ଏହା କୌଣସି ସ୍ଥାୟୀ ଲାଭ ପ୍ରାପ୍ତ କରିବାର ମାଧ୍ୟମ ନୁହେଁ। ପରନ୍ତୁ ଯେତେବେଳେ ଜନପ୍ରତିନିଧି ମାନଙ୍କୁ ଆଜୀବନ ପେନସନ ଓ ଅନ୍ୟକେତେକ ସୁବିଧା ସୁଯୋଗ ଏବଂ ବିଶୋଷାଧିକାର ଦିଆଯାଇଥାଏ ସେତେବେଳେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଏହି ବ୍ୟବସ୍ଥା ସେବା ପାଇଁ ନା ବିଶେଷାଧିକାର ପାଇବା ପାଇଁ? ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କୁ ପେନସନ ପାଇବା ପାଇଁ ଅନେକ ବର୍ଷ ସେବା କରିବାକୁ ପଡ଼ିଥାଏ। ୨୦ ରୁ ୩୦ ବର୍ଷର ଚାକିରୀ ପରେ ସେ ପେନସନ ପାଇବା ପାଇଁ ହକଦାର ହୋଇଥାନ୍ତି।

କିନ୍ତୁ ସାଂସଦ ବା ବିଧାୟକଙ୍କ କ୍ଷେତ୍ରରେ ଗୋଟିଏ କାର୍ଯ୍ୟକାଳ, ତାହା ପୁଣି ୫ବର୍ଷ ପେନଶନ ପାଇବା ପାଇଁ ପର୍ଯ୍ୟାପ୍ତ ହୋଇଥାଏ। ଏହି ଅସମାନତା କେବଳ ଯେ ଆର୍ଥୀକ ଦୃଷ୍ଟିରୁନୁହେଁ ବରଂ ନୈତିକ ଦୃଷ୍ଟିର ମଧ ଚିନ୍ତାଜନକ।

ପୂର୍ବତନ ସାଂସଦ/ ବିଧାୟକଙ୍କୁ ଦିଆଯାଉଥିବା ପେନସନ ବାବଦ ଅର୍ଥ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ସୃଜନ ଏବଂ ବୁନିଆଦି ସୁବିଧା ପାଇଁ ନିବେଶ କରାଯିବା ଉଚିତ୍ ନୁହେଁ କି? ଯୁକ୍ତି ଦର୍ଶାଯାଇ ପାରେ ଯେ ଏହି ଅର୍ଥ ଅଧିକ ନୁହେଁ। କିନ୍ତୁ ପ୍ରସଙ୍ଗ କେବଳ ଅର୍ଥର ପରିମାଣ କୁ ନେଇ ନୁହେଁ ବରଂ ଏହା ସିଦ୍ଧାନ୍ତର ପ୍ରସଙ୍ଗ ଅଟେ। ଯଦି ଗୋଟିଏ ବ୍ୟବସ୍ଥା ଅସମାନତା ବୃଦ୍ଧି କରୁଥାଏ ତେବେ ତାର ଆର୍ଥୀକ ପ୍ରଭାବ ସୀମିତ ବହି ତାକୁ ଠିକ୍ ବୋଲି କୁହାଯାଇପାରିବ ନାହିଁ।

ଏ ପ୍ରସଙ୍ଗ ବା ବିଶୟର ଏକ ସପକ୍ଷବାଦୀ ପକ୍ଷ ହେଉଛି ଜନ ପ୍ରତିନିଧି ମାନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ସେମାନଙ୍କୁ କିଛି ସୁବିଧା ସୁଯୋଗ ମିଳିବା ଉଚିତ୍। ଯୁକ୍ତି ହେଉଛି ସାଂସଦ/ବିଧାୟକ ହେବା ପରେ ବ୍ୟକ୍ତି ନିଜର ପେଶା, ବ୍ୟବସାୟ ବା ଚାକିରୀ ଠାରୁ ଦୂରେଇ ଯାଇଥାଏ। ଏଣୁ ତାର କାର୍ଯ୍ୟକାଳ ସମାପ୍ତ ହେବାପରେ ତା ପାଖରେ ସ୍ଥାୟୀ ଆୟର ସ୍ରୋତ ନଥାଏ। ଏତଦ୍ ବ୍ୟତୀତ ଏକଥା ବି କୁହାଯାଏ ଯେ ଯଦି ଜନପ୍ରତିନିଧିଙ୍କୁ ଆର୍ଥୀକ ସୁରକ୍ଷା ଦିଆଯିବ ନାହିଁ ତେବେ ସେମାନେ ସ୍ୱତନ୍ତ୍ର ଏବଂ ନିରପେକ୍ଷ ନିଷ୍ପତ୍ତି ନେବାରେ ସକ୍ଷମ ହେବେନାହିଁ, ସେମାନେ ବାହାର ପ୍ରଭାବ ପ୍ରତି ଅଧିକ ସମ୍ବେଦନଶୀଳ ହୋଇପାରନ୍ତି ଯାହାଦ୍ୱାରା ଗଣତନ୍ତ୍ରର ଗୁଣବତ୍ତା ପ୍ରଭାବିତ ହୋଇପାରେ। ଏହି ଯୁକ୍ତି ହୁଏତ ଠିକ ଲାଗିପାରେ କିନ୍ତୁ ପ୍ରଶ୍ନ ହେଉଛି କ’ଣ ବର୍ତ୍ତମାନ ବ୍ୟବସ୍ଥା ସନ୍ତୁଳିତ ଅଟେ ନା ଏହା ସୁବିଧା “ଆବଶ୍ୟକତା”ର ଆଗକୁ ଯାଇ “ବିଶେଷାଧିକାର”ର ରୂପ ନେଇ ସାରିଛି?

ପୂର୍ବତନ ସାଂସଦ/ ବିଧାୟକଙ୍କ ପେନଶନ ଏବଂ ସୁବିଧା ସୁଯୋଗକୁ ନେଇ ଉଠୁଥିବା ଏହି ଚର୍ଚ୍ଚା/ ଆଲୋଚନା ଏକ ନୀତିର ପ୍ରଶ୍ନ ନୁହେଁ ବରଂ ଏହା ଗଣତନ୍ତ୍ରର ଆତ୍ମା ସହ ଯୋଡିହୋଇଥିବା ବିଶୟ ଅଟେ। ଏ ପ୍ରସଙ୍ଗକୁ ନେଇ ଅଧିକ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ତର୍ଜମା କରାଯିବାର ଆବଶ୍ୟକତ୍। ଯେ ଆମେ ବାସ୍ତବରେ କ’ଣ ସମାନତା ଏବଂ ନ୍ୟାୟର ସିଦ୍ଧାନ୍ତକୁ ପାଳନ କରୁଛେ? ସରକାର ଏବଂ ନୀତି ନିର୍ମାତା ମାନେ ଏ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରି ଏମିତି ଏକ ବ୍ୟବସ୍ଥା ବିକଶିତ କରିବା ଉଚିତ୍ ଯାହା

ତର୍କ ସଙ୍ଗତ ହେବ ଓ ନ୍ୟାୟସଙ୍ଗତ ହେବ। ଜନପ୍ରତିନିଧିଙ୍କୁ ସମ୍ମାନ ଓ ସୁରକ୍ଷା ମିଳୁ କିନ୍ତୁ ଏହା ବିଶେଷାଧିକାରର ରୂପ ନନେଉ। ଏକ ମଜଭୁତ ଗଣତନ୍ତ୍ରରେ ଜନତାଙ୍କ ବିଶ୍ୱାସ ସର୍ବୋପରି ଏବଂ ଏହି ବିଶ୍ୱାସକୁ ବଜାୟ ରଖିବା ପାଇଁ ନୀତିରେ ପାରଦର୍ଶିତା ସମାନତା ଏବଂ ଉତ୍ତରଦାୟୀତ୍ୱକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ପଡ଼ିବ।

**ରାମଚନ୍ଦ୍ରପୁର, ରଣପୁର**
**ମୋ: ୦୪୩୮୪୮୫୦୯୪**

# ଶ୍ରୀଜଗନ୍ନାଥ : ଆମ ସଖା, ଆମ ମୁରବୀ

**ବିରଞ୍ଚି ନାରାୟଣ ମହାନ୍ତି**



ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ଜାତୀୟ ଜୀବନର ସେ କେବଳ ପ୍ରତୀକ ନୁହଁନ୍ତି, ମହାନାୟକ। ସେ କେବଳ ସେବ୍ୟ, ଆମେ ସମସ୍ତେ ସେବକ। ଠାକୁରରାଜା ଗଜପତି ମହାରାଜ ତାଙ୍କର ମୁଖ୍ୟ ସେବକ। ଓଡ଼ିଶାର ପୂଜା ପାର୍ବଣ ବ୍ୟତୀତ ପ୍ରତିଟି ଘରର ଶୁଭାଶୁଭ କାର୍ଯ୍ୟରେ ସେ ହିଁ ମୁଖ୍ୟ ଆରାଧ୍ୟ, ନାୟକ, ପରିଚାଳକ, ସଞ୍ଚାଳକ ସବୁକିଛି। ତାଙ୍କ ନିର୍ମାଲ୍ୟ କଣିକା ଟିକିଏ ପିଲାଟିର ଏକୋଇଶା ଦିନ ଷଷ୍ଠୀ ଦେବୀଙ୍କ ପୂଜା ହେଉ ବା ଅନ୍ନ ପ୍ରସନ୍ନ, ବ୍ରାହ୍ମଣ କର୍ମ ଉପନୟନ ଠାରୁ ଜନ୍ମ ବାର୍ଷିକ ସବୁକିଛିରେ ତାଙ୍କୁ କେବଳ ଡକରା ପତ୍ର ପଠା ଯାଇନଥାଏ। ତାଙ୍କ ପାଖରେ ସମର୍ପଣ କରି ସେ ଯେହେତୁ ସମସ୍ତ କର୍ମର କର୍ତ୍ତା କିପରି ଚଳାଇ ନେବେ ତାଙ୍କୁ ମାଗୁଣି କରିଥାଉ। ବନ୍ଧୁ ସମ୍ପର୍କ ଯେଉଁଠି ବି ଆରମ୍ଭ ହୋଇଥାଏ ଘରୋଇ ହେଉ ବା ସାମାଜିକ ବିଧି ବିଧାନରେ ହେଉ ମହାପ୍ରସାଦର ମୂଲ୍ୟ ସେଠାରେ ଅତିବ ଶୁଭ ପ୍ରତୀକ ଓ ବନ୍ଧୁତ୍ୱର ମଜଭୁତ କୃପା।

ମହାପ୍ରଭୁଙ୍କ ସଂସ୍କୃତି କେବଳ ଆମ ଜନଜୀବନକୁ ପ୍ରଭାବିତ ପ୍ରଚାରିତ କରିନାହିଁ ବରଂ ସମଗ୍ର ଭାରତର ଅଗଣିତ ଜନମାନସକୁ ମହାନ ସନାତନ ସଂସ୍କୃତିର ବାର୍ତ୍ତା ଦେଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ୱର ପ୍ରତୀକ। ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ମାନବ ଆଜି ବିଶ୍ୱ ମାନବ ହେବା ପାଇଁ ଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନା। ଆଜି ବି କେବଳ ଗ୍ରାମାଞ୍ଚଳରେ ନୁହେଁ ସହରାଞ୍ଚଳର ଭାଗବତ ଗାଦି, ଭାଗବତ ଗୋସାଇଁ, ଜଗନ୍ନାଥ ମନ୍ଦିର, ଅନ୍ୟାନ୍ୟ ଦେବାଳୟରେ ମହାପ୍ରଭୁଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ। ଆଜି ବି ସନ୍ଧ୍ୟା ସମୟରେ ଅନେକ ମଠ ମନ୍ଦିରରେ ଜଗନ୍ନାଥ ଅଷ୍ଟକମ୍ ସହିତ ଭାଗବତ ପାଠ ହୋଇଥାଏ।

ଆମ ଓଡ଼ିଶାରେ ଅନେକ ଘରେ ଦେଖିଥିବେ ‘ଜଗା’, ‘ଜଗନ’, ‘ଜଗୁନି’, ‘ଜଗନ୍ନାଥ’ ଏପରି ଅନେକ ଭାବରେ ମହାପ୍ରଭୁଙ୍କ ନାମ ପିଲା ମାନଙ୍କୁ ଶ୍ରଦ୍ଧାରେ ଡାକ ନାମ ଭାବରେ ଦେଇଥାନ୍ତି। ଏଇଥିପାଇଁ ଯେ କେଉଁ ବାହାନାରେ ବା କେଉଁ ମାଧ୍ୟମରେ ହୁଏତ ଜଗନ୍ନାଥଙ୍କ ନାମ ଟିକିଏ ତ ତୁଣ୍ଡରେ ପଶିବ। ଓଡ଼ିଶାର କିଛି ଅଞ୍ଚଳରେ ଆଧ୍ୟାତ୍ମିକ ଭାବପୂର୍ଣ୍ଣ ନିଷ୍ଠାପର ଜୀବନ ନିର୍ବାହ କରୁଥିବା ବ୍ରାହ୍ମଣୀମାନେ ସେମାନଙ୍କ ପତିଦେବଙ୍କ ପରଲୋକ ପରେ ଶ୍ରୀଜଗନ୍ନାଥଙ୍କୁ ଆରାଧନା କରିଥାନ୍ତି ସ୍ୱାମୀ ରୂପରେ। ପୂର୍ଣ୍ୟମାସ କାର୍ତ୍ତିକରେ ବିପୁଳ ସଂଖ୍ୟାରେ ହବିଷ ପୂର୍ଣ୍ୟ କରିବା ପାଇଁ ବିଧବା ବ୍ରାହ୍ମଣୀମାନେ ଜଗନ୍ନାଥ ଧାମକୁ ଆସିଥାନ୍ତି।

ଜଗନ୍ନାଥ ସଂସ୍କୃତି ବିନା ଉତ୍କଳୀୟ ସଂସ୍କୃତିର ଉତ୍କର୍ଷ ଓ ମହନୀୟତା ଆଦୌ ସମ୍ଭବ ନୁହେଁ। ଆମ ଭିତରୁ ଅନେକ, ଅନେକ ସମୟରେ, ଅନେକ ପରିସ୍ଥିତିରେ, ଯିଏ ଯେଉଁପରି ଭାବରେ ବି ତାଙ୍କୁ ଡାକିଛି, ନିଜକୁ ସମର୍ପି ଦୁଇ ହାତ ମେଲାଇ ବିକଳ ପ୍ରାର୍ଥନା କରିଛି ମହାପ୍ରଭୁ ତାଙ୍କୁ ସେତେବେଳେ କେଉଁ ନାଁ କେଉଁ ରୂପରେ, ଭାବରେ, କେଉଁ ମାଧ୍ୟମରେ ଦର୍ଶନ ଦେଇଥାନ୍ତି। କେତେବେଳେ ସେ ଦାରୁବ୍ରହ୍ମ ତ କେତେବେଳେ ସେ ଶୂନ୍ୟପୁରୁଷ। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ମତାବଲମ୍ବୀ ଭକ୍ତଙ୍କ ଠାରୁ ଶ୍ରଦ୍ଧାଳୁ, ଦାର୍ଶନିକଙ୍କ ଠାରୁ ଗବେଷକ ନିଜେନିଜ ପ୍ରଚାର ପ୍ରସାର ଠାରୁ ମହାପ୍ରଭୁଙ୍କ କୃପା ପାଇବା ନିମିତ୍ତ ଶ୍ରୀକ୍ଷେତ୍ର ଛୁଟି ଆସିଛନ୍ତି ମହାନ ଜଗନ୍ନାଥ ଧର୍ମ ଦର୍ଶନ କରି ନିଜକୁ ପବିତ୍ର କରିବା ପାଇଁ। ଶ୍ରୀ ଶଙ୍କରଙ୍କ ଠାରୁ ରାମାନୁଜ, କବୀରଙ୍କ ଠାରୁ ନାନକ, ବଲ୍ଲଭାଚାର୍ଯ୍ୟଙ୍କ ଠାରୁ ଗାଣପତ୍ୟ ଅନେକ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ମାନେ ମହାପ୍ରଭୁଙ୍କୁ କରୁଣା, ସଂହତି, ସାମ୍ୟ, ମୈତ୍ରୀ ପ୍ରେମର ପ୍ରତୀକ ରୂପେ ପାଇଛନ୍ତି। ମହାପ୍ରଭୁ ଭକ୍ତ ଦାସିଆଙ୍କ ନଡ଼ିଆ ଗ୍ରହଣ କରିଛନ୍ତି ପୁଣି ସେହି ଭକ୍ତଙ୍କୁ ଦଶାବତାରର ଦିବ୍ୟରୂପ ଦେଖାଇ ଆତ୍ମବିଭୋରର କୃପା ଦେଇଛନ୍ତି।

ମହାପ୍ରଭୁ ସେମିତି, ଏପରି ଠାକୁର ଯେ, ତାଙ୍କ ଆଗରେ ସମସ୍ତେ ସମାନ। ତାଙ୍କୁ କିଣି ହେବ କେବଳ ଦୃଢ଼ ସମର୍ପଣ ଭରା ଭକ୍ତି ଦ୍ୱାରା ଡାକୁଥିବା ଆକୁଳ ଜଣଙ୍କ ଯେଉଁ ଜାତିର ହୁଅନ୍ତୁ ନା କାହିଁକି, ହୁଅନ୍ତୁ ନା ଯେଉଁ ସମ୍ପ୍ରଦାୟର ସବୁ ମତଭେଦ ଭୁଲି କରୁଣା ଟିକକ ପାଇଁ ପ୍ରାର୍ଥନା କରୁଥିବା ଭକ୍ତଜନଙ୍କୁ କରୁଣାର ଶୀତଳତା, ଆନନ୍ଦ ଦେବା ସହ ଆପଣାର କରି ନିଅନ୍ତି। ମନେ ପକାନ୍ତୁ କବି ଜବନ ଭକ୍ତ ସାଲବେଗଙ୍କ କଥା। ତାଙ୍କ କାତର ଭରା ପ୍ରାର୍ଥନାରେ ନନ୍ଦିଘୋଷ ବଡ଼ଦାଣ୍ଡରେ ଅଟକି ଯାଇଥିଲା। ମହାପ୍ରଭୁ ସାକାର, ସେ ପୁଣି ନିରାକାର।

ଜଗନ୍ନାଥଙ୍କ ଚେତନାକୁ ଆମେ ସବୁଠି ଅନୁଭବ କରିଥାଉ। ଗାଁର ଦୃଶ୍ୟ ଟିକେ ମନେପକାନ୍ତୁ। ଓଡ଼ିଶାର ଏମିତି କୌଣସି ଗ୍ରାମ ନଥିବ ଯେଉଁଠି ମହାପ୍ରଭୁଙ୍କ ଚେତନା ନ ରହିଥିବ। ଗ୍ରାମ ମୁଣ୍ଡର ଗ୍ରାମ ଦେବତୀ ହୁଅନ୍ତୁ ବା ଗାଁ ଭାଗବତ ଘରର ଗାଦି ଗୋସାଇଁ। ଜଗନ୍ନାଥ ମନ୍ଦିରର ଶ୍ରୀଜୀଉଙ୍କ ଠାରୁ ଗାଁ ଉପକଣ୍ଠର ଶୈବ ମନ୍ଦିର। ମଠ ମନ୍ଦିରର ରାଧାକୃଷ୍ଣ କେଉଁଠି ଶ୍ରୀଜଗନ୍ନାଥ ତ କେଉଁଠି ସେ ଶ୍ରୀକୃଷ୍ଣ। କଳିଯୁଗରେ ମହାପ୍ରଭୁଙ୍କୁ ଆମେ କିଏ କୃଷ୍ଣ ରୂପରେ କିଏ ରାମ ରୂପରେ, କିଏ ବୁଦ୍ଧ ରୂପରେ, କିଏ କଲ୍କୀ ରୂପରେ, କିଏ ନିଜ ଇଷ୍ଟ, ଗୁରୁଙ୍କ ରୂପରେ। ଭାବନ୍ତୁ ଟିକେ ଚେର ସହିତ ଯେପରି ଗଣ୍ଡି, ବୃକ୍ଷର ଗଣ୍ଡିର ସହିତ ଡାଳ, ଫୁଲ, ଫଳ, ତମାମ ଭଳି ଆମ ଓଡ଼ିଆ ଶ୍ୱାସପ୍ରଶ୍ୱାସରେ, କାର୍ଯ୍ୟ ଚିନ୍ତନରେ ସବୁଠି ଏହି ମହାନ ଶ୍ରୀଜଗନ୍ନାଥ ବିଭୁତି ଆମ୍ଭମାନଙ୍କୁ ଶକ୍ତି ଯୋଗାଏ, ପ୍ରେରଣା ଯୋଗାଏ, ଭଲ ରାସ୍ତାରେ ଚାଲିବା ପାଇଁ ଆଲୋକ ବର୍ତ୍ତିକା ସାଜିଥାଏ।

ଅସୀମ, ଅନନ୍ତ, ଅବ୍ୟକ୍ତ, ଈଶ୍ୱରସତ୍ତା ହେଉଛି ଶ୍ରୀଜଗନ୍ନାଥ ଚେତନା। ଯାହା ଦେଶ, କାଳ, ଜାତି, ବର୍ଣ୍ଣ, ଗୋତ୍ର ସବୁରି ଉପରେ। ଏହି ଜଗନ୍ନାଥ ଚେତନା ଆମ ସମସ୍ତଙ୍କ କ୍ଷୁଦ୍ରତାକୁ ଭୁଲାଇ ଦେଇ ବିଶ୍ୱ ମାନବୀୟ ମୂଲ୍ୟବୋଧର ଶିକ୍ଷା ଦେଉଛି। ଏହି ଜଗନ୍ନାଥ ଚେତନା ଲାଭ କରି ଜୀବନମୁକ୍ତ ହୋଇଯାଏ। ଅନେକ ଚିନ୍ତା, ଯାତନା, ଯନ୍ତ୍ରଣା, ବିକଳ ଆହ୍ୱାନ ଭିତରେ ସେ ହିଁ କୃପାର ଝଙ୍କାର ଶୁଣାଇ ଥାନ୍ତି ଏହା ହିଁ ଆମ ପୁଣ୍ୟତମ ପ୍ରାପ୍ତି। ଲୋକମୁଖର କାହାଣୀର ନାଁ, ନାୟକ, କିମ୍ବଦନ୍ତୀ ମହାପ୍ରଭୁ ଶ୍ରୀଜଗନ୍ନାଥ, ଯିଏ ଆମର, ଆମ ଘରର, ଆମ ମୁରବୀ, ଆମ ସୁଖଦୁଃଖର ସାଥୀ, ସାରଥୀ, ବାଟ ଦେଖାଉଥିବା ମାର୍ଗଦର୍ଶକ।

**ଚୁନଭାଟି ଗଳି, ଚୌଧୁରୀ ବଜାର, କଟକ**

# ବିଶ୍ୱ ଜିଡିପି ଭାଗିଦାରୀରେ ଚୀନ୍‌କୁ ଟପିବ ଭାରତ

- ବେଜିଂର ଅବଦାନ କମୁଛି
- ଏକବିଂଶ ଶତାବ୍ଦୀରେ ବିଶ୍ୱ ହେବ ବହୁଧ୍ରୁବୀୟ



**ନୂଆଦିଲ୍ଲୀ,୬।୬:** ୨୦୨୬ ସୁଦ୍ଧା ବିଶ୍ୱ ଜିଡିପି (ମୋଟ୍ ଘରୋଇ ଉତ୍ପାଦ) ଭାଗିଦାରୀରେ ଭାରତ ଚାଇନାକୁ ଟପିଯିବ ବୋଲି ବିଶ୍ୱ ଅସମାନତା ଲ୍ୟାବ୍ (ଡବ୍ଲୁଇଏଲ) ସହିତ ସମ୍ପୃକ୍ତ ଗବେଷକମାନେ କ୍ରୟ ଶକ୍ତି ସମାନତା (ପିପିପି) ଆଧାରରେ ଉଭୟ ଭାରତ ଓ ଚୀନ୍‌ର ବିଶ୍ୱ ଜିଡିପିରେ ଅଂଶୀଦାରକୁ ଅନୁଧ୍ୟାନ କରି ଏକ ଚାଞ୍ଚଲ୍ୟକର ପୂର୍ବାନୁମାନ କରିଛନ୍ତି। ବିଶ୍ୱ ଅର୍ଥନୀତି ଉପରେ ପ୍ରଭାବ ବିସ୍ତାର କରିବା ଲକ୍ଷ୍ୟରେ ଭାରତ ଆଗକୁ ବଢୁଥିବା ବେଳେ ବିଶ୍ୱ ଅସମାନତା ଲ୍ୟାବ୍‌ର ଏହି ରିପୋର୍ଟ ବେଶ୍ ଗୁରୁତ୍ୱବହନ କରୁଛି।

ଡବ୍ଲୁଇଏଲ୍‌ର ଗବେଷକମାନେ କହିଛନ୍ତି ଯେ, କ୍ରୟ ଶକ୍ତି ସମାନତା (ପିପିପି) ଆଧାରରେ ମାପ କରାଯାଇଥିବା ବିଶ୍ୱ ଜିଡିପିରେ ବେଜିଂର ଅବଦାନ ଧୀରେଧୀରେ କମ୍ ହେଉଛି। ଏକବିଂଶ ଶତାବ୍ଦୀରେ ଏହା ଆହୁରି ହ୍ରାସ ପାଇବାର ସମ୍ଭାବନା ରହିଛି। ବିଶ୍ୱ ଜିଡିପିରେ ବେଜିଂର ଏହି କ୍ରମଃ-ହ୍ରାସମାନ ଭାଗିଦାରୀକୁ ଭିତ୍ତିକରି ବିଶ୍ୱ ଅସମାନତା ଲ୍ୟାବ୍‌ର ଗବେଷକମାନେ ଏଭଳି ପୂର୍ବାନୁମାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଶ୍ୱ ଅସମାନତା ଲ୍ୟାବ୍ (ଡବ୍ଲୁଆଇଏଲ୍) ହେଉଛି ପ୍ୟାରିସ୍ ସ୍କୁଲ ଅଫ୍ ଇକନୋମିକ୍ସ (ପିଏସ୍‌ଇ)ର ଏକ ଗବେଷଣା ପ୍ରୟୋଗଶାଳା ଯାହା ବିଶ୍ୱବ୍ୟାପୀ ଅସମାନତା ଅନୁଧ୍ୟାନ ଉପରେ କାର୍ଯ୍ୟ କରିଥାଏ।

'ଗ୍ଲୋବାଲ ଜଷ୍ଟିସ୍ ରିପୋର୍ଟ: ଏ ପ୍ଲାନ୍ ଫର ଇକୁଆଲିଟି ଆଣ୍ଡ ପ୍ରସପେରିଟି ୱିଥ୍ ପ୍ଲାନେଟାରୀ ବାଉଣ୍ଡ୍ରିଜ୍' ଶୀର୍ଷକ ରିପୋର୍ଟରେ କୁହାଯାଇଛି ଯେ, କ୍ରୟ ଶକ୍ତି ସମାନତା (ପିପିପି) ଆଧାରରେ ବିଶ୍ୱ ଜିଡିପି କ୍ଷେତ୍ରକୁ ଚୀନର ଭାଗିଦାରୀ ଏବେ ୨୦ ପ୍ରତିଶତ ରହିଛି, ଯାହା ଆମେରିକାର ଭାଗିଦାରୀ ଠାରୁ ଏକତୃତୀୟାଂଶ ଅଧିକ। ବିଶ୍ୱ ଅସମାନତା ଲ୍ୟାବ୍‌ର ବେଞ୍ଚମାର୍କ ମାନଦଣ୍ଡ ଅନୁସାରେ ଏହା ୨୦୩୫ ସୁଦ୍ଧା ଆମେରିକା ତୁଳନାରେ ଦୁଇଗୁଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେବେ ଚୀନର ଜନସଂଖ୍ୟା ଦ୍ରୁତ ଗତିରେ କମ୍ ହେଉଥିବାରୁ ବିଶ୍ୱ ଜନସଂଖ୍ୟାକୁ ଚୀନ୍‌ର ଭାଗିଦାରୀ ମଧ୍ୟ ବହୁ ଦ୍ରୁତଗତିରେ ହ୍ରାସ ପାଉଛି। ୧୯୪୫ରେ ବିଶ୍ୱର ମୋଟ୍ ଜନସଂଖ୍ୟାରେ ଚୀନର ହାର ୨୩ ପ୍ରତିଶତ ଥିବା ବେଳେ ୨୦୨୫ରେ ଏହା

## ବିଶ୍ୱ ଅସମାନତା ଲ୍ୟାବ୍ ରିପୋର୍ଟ

୧୭ ପ୍ରତିଶତକୁ ହ୍ରାସ ପାଇଛି। ୨୧୦୦ ବେଳକୁ ଏହା ୮ ପ୍ରତିଶତରୁ ଆହୁରି କମ୍ ହୋଇଯିବ। ଫଳରେ ବିଶ୍ୱ ଜିଡିପିକୁ ଚୀନର ଅଂଶ ସ୍ଥିର ହୋଇଯିବ। ଏକବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ଏହା ହ୍ରାସ ହେବା ଆରମ୍ଭ କରିବ। ଶତାବ୍ଦୀର ଦ୍ୱିତୀୟ ଭାଗ, ଅର୍ଥାତ୍ ୨୦୬୦ ପାଖାପାଖି ବେଳକୁ ଭାରତ ତାହାକୁ ଅତିକ୍ରମ କରିଯିବ ବୋଲି ରିପୋର୍ଟ କହିଛି।

ରିପୋର୍ଟରେ କୁହାଯାଇଛି ଯେ, ୧୯୫୦ ମସିହାରେ ବିଶ୍ୱ ଜିଡିପି କ୍ଷେତ୍ରକୁ ଆମେରିକାର ୩୫-୪୦ ପ୍ରତିଶତ ଭାଗିଦାରୀ ଥିଲା। ୧୯୦୦ରୁ ୧୯୧୦ ମଧ୍ୟରେ ବିଶ୍ୱ ଜିଡିପି କ୍ଷେତ୍ରକୁ ୟୁରୋପ୍‌ର ଭାଗିଦାରୀ ୪୦-୫୦ ପ୍ରତିଶତ ଥିଲା। ତେବେ କୌଣସି ପରିପ୍ରେକ୍ଷୀରେ ବର୍ତ୍ତମାନ ବିଶ୍ୱ ଜିଡିପି କ୍ଷେତ୍ରରେ ଚୀନ୍ ସେହିଭଳି ଆଧିପତ୍ୟବାଦୀ ସ୍ଥିତି ହାସଲ କରିବାର ସମ୍ଭାବନା ନାହିଁ। ବିଶ୍ୱ ଆଉ ଉନବିଂଶ ଓ ବିଂଶ ଶତାବ୍ଦୀ ପରି ଏକଧ୍ରୁବୀୟ ବା ଦ୍ୱିଧ୍ରୁବୀୟ ହୋଇ ରହିବନାହିଁ। ୨୧ତମ ଶତାବ୍ଦୀରେ ବିଶ୍ୱ ବହୁଧ୍ରୁବୀୟ ହେବାକୁ ଯାଉଛି ବୋଲି ସଂକ୍ଷେପରେ ରିପୋର୍ଟରେ ଗବେଷକମାନେ ସ୍ପଷ୍ଟ କରିଦେଇଛନ୍ତି।

ଆଶ୍ଚର୍ଯ୍ୟଜନକ ଭାବରେ ଭାରତରେ ଚୀନ୍ ତୁଳନାର ଅନେକ ଅସମାନତା ରହିଛି। ମାତ୍ର ଏଥିସହିତ କମ୍ ଉତ୍ପାଦକତା ଅଭିବୃଦ୍ଧି ମଧ୍ୟ ରହିଛି। ତେବେ ଏହାକୁ ଚୀନ୍‌ରେ ବୃହତ୍ ଏବଂ ଉତ୍ତମ-ଲକ୍ଷ୍ୟଯୁକ୍ତ ମାନବ ପୁଞ୍ଜି ବ୍ୟୟ ଦ୍ୱାରା ମଧ୍ୟ ବ୍ୟାଖ୍ୟା କରାଯାଇପାରିବ। ଗୋଟିଏ ଦେଶର ମୁଦ୍ରାର ଏକ ୟୁନିଟ୍ ବଳରେ ଅନ୍ୟ ଏକ ଦେଶରେ କେତେ ପରିମାଣରେ ଦ୍ରବ୍ୟ ଓ ସେବା କିଣାଯାଇପାରିବ ତାହା କ୍ରୟ ଶକ୍ତି ସମାନତା (ପିପିପି)ରୁ ଏକଥା ଜଣାପଡ଼ିଥାଏ।

ସଦ୍ୟତନ ବିଶ୍ୱ ଅର୍ଥନୈତିକ ଆଉଟ୍‌ଲୁକ୍ (ଡବ୍ଲୁଇଓ) ଅନୁସାରେ, ୨୦୨୬ ମସିହାରେ ଭାରତ ମୋଟ୍ ଘରୋଇ ଉତ୍ପାଦ (ଜିଡିପି), ଦେଶରେ ଉତ୍ପାଦିତ ହେଉଥିବା ଦ୍ରବ୍ୟ ଓ ସେବାଗୁଡ଼ିକର ସମୁଦାୟ ମୂଲ୍ୟ ୪.୧୫ ଟ୍ରିଲିଅନ୍ ଡଲାର ପାଖାପାଖି ହେବାକୁ ଯାଉଛି, ଯାହା ୨୦୨୫ରେ ୩.୯୨ ଟ୍ରିଲିଅନ୍ ଡଲାର ଥିଲା। ୨୦୨୬ରେ ବ୍ରିଟେନ୍‌ର ଜିଡିପି ୪.୨୬ ଟ୍ରିଲିଅନ୍ ଡଲାର ଥିବା ବେଳେ ଜାପାନର ଜିଡିପି ୪.୪୮ ଟ୍ରିଲିଅନ୍ ଜିଡିପି ରହିଛି। ଆମେରିକାର ଜିଡିପି ୨୦୨୬ରେ ୩୨.୩୮ ଟ୍ରିଲିଅନ୍ ଡଲାରକୁ ଛୁଇଁବା ଆଶା କରାଯାଉଥିବା ବେଳେ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ଚୀନ୍ ୨୦.୮୫ ଟ୍ରିଲିଅନ୍ ଡଲାରରେ ରହିଛି।

### ଅଡୁଆରେ ଶିବକୁମାର ସରକାର

# ମନ୍ତ୍ରିମଣ୍ଡଳରେ ନାହିଁ ଦିନେଶ ଗୁଣ୍ଡୁ ରାଓଙ୍କ ନାମ



**ବେଙ୍ଗାଲୁରୁ,୬।୬:** କର୍ଣ୍ଣାଟକରେ ନୂଆ ସରକାର ଗଠନ କରିଥିବା ଡି. ଶିବକୁମାର ଦିନକୁଦିନ ଫସିବାରେ ଲାଗିଛନ୍ତି। ପୋର୍ଟଫୋଲିଓ ବଣ୍ଟନକୁ ନେଇ କ୍ୟାବିନେଟ୍‌ର ମନ୍ତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଘନୀଭୂତ ହେଉଥିବାରୁ ଏହା ଶିବକୁମାରଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ସ୍ଥିତି ତିଆରି କରିଛି। ମିଳିଥିବା ପଦକୁ ନେଇ ଅସନ୍ତୁଷ୍ଟ ମନ୍ତ୍ରୀ ରାମଲିଙ୍ଗା ରେଡ୍ଡୀ ଇସ୍ତଫା ଦେଇସାରିଥିବା ବେଳେ ସିଦ୍ଧରମୈୟାଙ୍କ ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଦିନେଶ ଗୁଣ୍ଡୁରାଓଙ୍କ ନାମ ଶିବକୁମାର କ୍ୟାବିନେଟରେ ନଥିବାରୁ ଏହା ଆଗକୁ ଜଟିଳ ରୂପ ନେବ ବୋଲି ରାଜ୍ୟର ରାଜନୈତିକ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ପୋର୍ଟଫୋଲିଓ ଆବଣ୍ଟନକୁ ନେଇ ଅସନ୍ତୁଷ୍ଟ କର୍ଣ୍ଣାଟକ ମନ୍ତ୍ରୀ ରାମଲିଙ୍ଗା ରେଡ୍ଡୀ ଇସ୍ତଫା ଦେବାର ଦିନକ ପରେ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଶନିବାର ସ୍ପଷ୍ଟୀକରଣ ରଖିଛନ୍ତି। ସେ କହିଛନ୍ତି ଯେ ସବୁ ସମସ୍ୟାର ସମାଧାନ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀ ରେଡ୍ଡୀ ମୋର ମିତ୍ର ଓ ଆମେ ପରସ୍ପର ସମସ୍ୟାର ସମାଧାନ ବାଟ ଖୋଜି କାଢ଼ିବୁ। ମନ୍ତ୍ରୀ ରାମଲିଙ୍ଗା ରେଡ୍ଡୀ ହ୍ୱାଟସ୍ ଆପ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଇସ୍ତଫାପତ୍ର ପଠାଇଥିଲେ, ଯାହା ଶିବକୁମାର ପାଇଥିବା ସ୍ୱୀକାର କରିଛନ୍ତି। ତେବେ ପ୍ରସଙ୍ଗ ନେଇ ଜୁନ ୫ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିବା ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କୌଣସି ସୂଚନା ଦେଇ ନାହାନ୍ତି। ସେହିପରି ମନ୍ତ୍ରୀମଣ୍ଡଳରୁ ଆଉ ଜଣେ ମନ୍ତ୍ରୀଙ୍କ ନାମ ଗାୟବ ରହିଛି। ସେ ହେଉଛନ୍ତି ଦିନେଶ ଗୁଣ୍ଡୁ ରାଓ। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ମନ୍ତ୍ରୀମଣ୍ଡଳରେ ସେ ସ୍ୱାସ୍ଥ୍ୟ ମନ୍ତ୍ରୀଭାବେ କାର୍ଯ୍ୟ କରୁଥିଲେ। ତେବେ ଡି.କେ.ଶିବକୁମାରଙ୍କ ମନ୍ତ୍ରୀମଣ୍ଡଳରେ ତାଙ୍କୁ ସ୍ଥାନ ମିଳିନାହିଁ।

## ଶାନ୍ତି ପ୍ରସ୍ତାବକୁ ଖାରଜ କଲେ ପୁଟିନ୍



**ମସ୍କୋ,୬।୬:** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନିଜ ୟୁକ୍ରେନ ପ୍ରତିପକ୍ଷ ଭୋଲୋଡିମିର ଜେଲେନସ୍କିଙ୍କ ସହ ଏକାଠି ବସି ଆଲୋଚନା କରିବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ବର୍ତ୍ତମାନ ସମୟରେ ଏଭଳି ବୈଠକର କୌଣସି ଲାଭ ନାହିଁ ବୋଲି ସେ କହିଛନ୍ତି। ଜେଲେନସ୍କି ନିକଟରେ ଏକ ଖୋଲା ଚିଠି ଲେଖି ଯୁଦ୍ଧ ବନ୍ଦ କରିବା ପାଇଁ ମୁହାଁମୁହିଁ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ମାତ୍ର ଶୁକ୍ରବାର ରୁଷିଆର ସେଣ୍ଟ ପିଟର୍ସବର୍ଗ ଅର୍ଥନୈତିକ ଫୋରମ୍‌ରେ ପୁଟିନ କହିଛନ୍ତି ଯେ, ଏ ଚିଠିରେ କୌଣସି ଆନ୍ତରିକତା ନଥିଲା। ପୁଟିନଙ୍କ ମତରେ ବର୍ତ୍ତମାନ ଭେଟିବାର କୌଣସି ଅର୍ଥ ନାହିଁ। ପ୍ରଥମେ ୟୁକ୍ରେନ ସେନା ରୁଷିଆର ଅଗ୍ରଗତିକୁ ରୋକିବା ବନ୍ଦ କରୁ। ଏହାପରେ ବିଶେଷଜ୍ଞମାନେ ବସି କିଛି ଚୁକ୍ତି ଓ ସମାଧାନର ବାଟ ବାହାର କଲେ ଯାଇ ଉଭୟ ନେତା ଭେଟିବାର ଯୁକ୍ତି ରହିବ। ପୁଟିନ ସ୍ପଷ୍ଟ କରିଛନ୍ତି ଯେ, ଯେପର୍ଯ୍ୟନ୍ତ ରୁଷିଆ ନିଜର ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ନକରିଛି ସେପର୍ଯ୍ୟନ୍ତ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଯୁଦ୍ଧ ଜାରି ରହିବ। ପୁଟିନଙ୍କ ଏହି ବୟାନ ପରେ ଜେଲେନସ୍କି ନିଜର ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ, ରୁଷିଆ ଯୁଦ୍ଧ ଶେଷ କରିବାକୁ ଚାହୁଁନାହିଁ। ରୁଷିଆ ପୁଣିଥରେ ଯୁଦ୍ଧକୁ ହିଁ ବାଛିଛି ଏବଂ ପୁଟିନଙ୍କ ଏହି ନୈରାଶ୍ୟଜନକ ଉତ୍ତର ସମଗ୍ର ବିଶ୍ୱକୁ ଦୁଃଖିତ କରିବ। ଯୁଦ୍ଧ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକର କଟକଣା ଯୋଗୁଁ ୨୦୨୬ର ପ୍ରଥମ କ୍ୱାର୍ଟରରେ ରୁଷିଆର ଅର୍ଥନୀତିରେ ୦.୨% କମିଛି, ଯାହାକି ଗତ ୩ ବର୍ଷ ମଧ୍ୟରେ ପ୍ରଥମଥର।

## ୟୁସୁଫଙ୍କୁ ଇସ୍ତଫା ପାଇଁ ପ୍ରବର୍ତ୍ତାଇବା ଖବରକୁ ଗାଙ୍ଗୁଲିଙ୍କ ଅସ୍ୱୀକାର



**କୋଲକାତା,୬।୬:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ନିଜକୁ ନେଇ ଚାଲିଥିବା ଏକ ବଡ଼ ରାଜନୈତିକ ଚର୍ଚ୍ଚା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତରଫରୁ ସେ ସାଂସଦ ୟୁସୁଫ୍ ପଠାନଙ୍କୁ ଇସ୍ତଫା ଦେବା ପାଇଁ କହିଥିବା ଖବରକୁ ଗାଙ୍ଗୁଲି ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛନ୍ତି। ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେ, ମମତା ବାନାର୍ଜୀଙ୍କୁ ବହରମପୁର ଲୋକସଭା ଆସନରୁ ଉପ-ନିର୍ବାଚନ ଲଢ଼ାଇବା ପାଇଁ ଯୋଜନା ଚାଲିଛି। ଏଥିପାଇଁ ସୌରଭ ଗାଙ୍ଗୁଲି ଜଣେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରି ମମତାଙ୍କ ବାର୍ତ୍ତା ନେଇ ୟୁସୁଫ୍ ପଠାନଙ୍କ ପାଖକୁ ଯାଇଥିଲେ ଏବଂ ତାଙ୍କୁ ନିଜ ସାମ୍ବିଧାନିକ ପଦବୀରୁ ଇସ୍ତଫା ଦେବାକୁ କହିଥିଲେ। ଏହି ଗୁଜବ ଉପରେ ନିଜର ପ୍ରତିକ୍ରିୟା ରଖି ସୌରଭ ଗାଙ୍ଗୁଲି ଏକ ବିବୃତ୍ତି ଜାରି କରିଛନ୍ତି। ସେ କହିଛନ୍ତି, 'ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତରଫରୁ ମୁଁ ୟୁସୁଫ୍ ପଠାନଙ୍କୁ ଯୋଗାଯୋଗ କରିଥିଲି ଏବଂ ଉପ-ନିର୍ବାଚନ ପାଇଁ ତାଙ୍କୁ ଇସ୍ତଫା ଦେବାକୁ କହିଥିଲି ବୋଲି ଯେଉଁ ଅଭିଯୋଗ ହେଉଛି, ତାହା ସମ୍ପୂର୍ଣ୍ଣ ଅସତ୍ୟ ଓ ଭିତ୍ତିହୀନ।' ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏଭଳି ଦାୟିତ୍ୱହୀନ ଖବର ପ୍ରକାଶ ପାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରିପୋର୍ଟ ପ୍ରକାଶ କରିବା ପୂର୍ବରୁ ସତ୍ୟାସତ୍ୟ ଜାଣିବା ପାଇଁ କୌଣସି ଚେଷ୍ଟା କରାଯାଇ ନାହିଁ ଏବଂ ସତ୍ୟକୁ ସମ୍ପୂର୍ଣ୍ଣ ଅଣଦେଖା କରି ଏଭଳି ମିଥ୍ୟା କାହାଣୀ ପ୍ରସ୍ତୁତ କରାଯାଇଛି।

## ହିମାଚଳ ପ୍ରଦେଶରେ ଭୂକମ୍ପ

**ନୂଆଦିଲ୍ଲୀ,୬।୬:** ଶୁକ୍ରବାର ରାତିରେ ହିମାଚଳ ପ୍ରଦେଶରେ ଭୂମିକମ୍ପ ଅନୁଭୂତ ହୋଇଛି। ପ୍ରାଥମିକ ସୂଚନା ଅନୁଯାୟୀ ଏହାର ତୀବ୍ରତା ୪.୩ ଥିଲା। ଧର୍ମଶାଳାରୁ ପ୍ରାୟ ୧୮ କିଲୋମିଟର ଦୂରରେ ଭୂମିକମ୍ପର କେନ୍ଦ୍ରସ୍ଥଳ ବୋଲି ଜଣାପଡିଛି। ରାତି ୧୦: ୦୪ ସମୟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା, ଯାହା ଫଳରେ ଲୋକଙ୍କ ମଧ୍ୟରେ କିଛି ସମୟ ପାଇଁ ଭୟ ସୃଷ୍ଟି ହୋଇଥିଲା। ଚମ୍ବା, କାଙ୍ଗଡ଼ା, ଧର୍ମଶାଳା, କୁଲୁ ଏବଂ ସିମଲା ସମେତ ପ୍ରାୟ ସମସ୍ତ ଜିଲ୍ଲା ଏବଂ ଆଖପାଖ ଅଞ୍ଚଳରେ ମଧ୍ୟ ଭୂମିକମ୍ପର ରିପୋର୍ଟ ଆସିଛି। ଭୂମିକମ୍ପ ଅନୁଭୂତ ହେବା ମାତ୍ରେ, ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଅନେକ ଲୋକ ସେମାନଙ୍କ ଘର ଏବଂ କୋଠା ବାହାରକୁ ବାହାରି ଆସିଥିଲେ। ବର୍ତ୍ତମାନ, କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳିନାହିଁ। ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି ଏବଂ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଠାରୁ ବିସ୍ତୃତ ରିପୋର୍ଟ ଅପେକ୍ଷା କରିଛି। କାଙ୍ଗଡ଼ା ଅଞ୍ଚଳକୁ ଭୂକମ୍ପ ଦୃଷ୍ଟିରୁ ସମ୍ବେଦନଶୀଳ ବୋଲି ବିବେଚନା କରାଯାଏ ଏବଂ ଉଚ୍ଚ ଭୂମିକମ୍ପ ବିପଦ ଅଞ୍ଚଳରେ ଅନ୍ତର୍ଭୁକ୍ତ କରାଯାଇଛି। ଧର୍ମଶାଳା ଏବଂ ଆଖପାଖ ଅଞ୍ଚଳରେ ସମୟ ସମୟରେ ମୃଦୁରୁ ମଧ୍ୟମ ଭୂମିକମ୍ପ ଅନୁଭୂତ ହୋଇଥାଏ। ହିମାଚଳ ପ୍ରଦେଶର ସମସ୍ତ ଜିଲ୍ଲାରେ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି।

### ଷ୍ଟ୍ରେଟ୍ ଅଫ୍ ହର୍ମୋଜରେ ଉତ୍ତେଜନା

## ଆମେରିକା ରାଡାର୍‌କୁ ଇରାନ୍ ଡ୍ରୋନ୍‌ର ଟାର୍ଗେଟ୍



**ତେହେରାନ,୬।୬:** ଆମେରିକା ଏବଂ ଇରାନ ମଧ୍ୟରେ ତିକ୍ତତା କମିବାର ନାଁ ନେଉନାହିଁ। ଗୋଟିଏ ପଟେ ଶାନ୍ତି ପାଇଁ ଆଲୋଚନା ଚାଲିଛି। ଅନ୍ୟ ଦିଗରେ ପରସ୍ପରକୁ ଟାର୍ଗେଟ୍ କରୁଛନ୍ତି ଦୁଇଦେଶ। ଏସବୁ ଭିତରେ ଷ୍ଟ୍ରେଟ୍ ଅଫ୍ ହର୍ମୋଜରେ ଆମେରିକା ଏବଂ ଇରାନ ପୁଣି ମୁହାଁମୁହିଁ ହୋଇଛନ୍ତି।

ଇରାନ ନ୍ୟୁଜ୍ ଏଜେନ୍ସି ଅନୁସାରେ, ତେହେରାନ ହର୍ମୋଜ୍ ନିକଟରେ ଚେତାବନୀ ଦେବାକୁ ଯାଇ ଗୁଳିଗୋଳା ମାଡ କରିଛି। ଏଠାରେ ଆମେରିକା ନୌସେନାର ଜାହାଜ ଦେଖିବାକୁ ମିଳିଥିଲା। ଯାହାର ଜବାବରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସମୁଦ୍ରରେ ଥିବା ଲାରକ ଦ୍ୱୀପ ନିକଟରେ ଗୁଳିଗୋଳା ମାଡ କରାଯାଇଛି। ଏହା ବନ୍ଦରଆବାସ୍ ନିକଟରେ ଅବସ୍ଥିତ। ଅନ୍ୟ ଦିଗରେ ଆମେରିକାର ଜଣେ ଅଧିକାରୀ ଦାବି କରିଛନ୍ତି ଯେ, ଇରାନ ହର୍ମୋଜ୍ ଷ୍ଟ୍ରେଟରେ ଡ୍ରୋନ୍ ଦ୍ୱାରା ଆକ୍ରମଣ କରିବାକୁ ପ୍ରୟାସ କରିଥିଲା। ଯାହାକୁ ଇଣ୍ଟରସେପ୍ଟ କରାଯାଇଛି। ଚାରୋଟି ଡ୍ରୋନକୁ ଖସାଇ ଦିଆଯାଇଛି। ଏହାପରେ ଇରାନ ଆମେରିକାର ଉପକୂଳ ଉପରେ ନଜର ରଖୁଥିବା ରାଡାରକୁ ଟାର୍ଗେଟ୍ କରିଥିଲା। ୟୁଏସ୍ ଆହୁରି ମଧ୍ୟ କହିଛି ଯେ, ଇରାନର ଡ୍ରୋନ୍ ଉପକୂଳର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିଲେ।

# ଅନ୍‌ମାର୍କ ପୋର୍ଟାଲ୍ ବନ୍ଦ୍‌କଲା ସିବିଏସ୍‌ଇ

## ଗଠିତ ହେଲା ୪ ଜଣିଆ ବିଶେଷଜ୍ଞ ଟିମ୍

**ନୂଆଦିଲ୍ଲୀ,୬।୬:** ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ଉତ୍ତରଖାତାର ପୁନଃମୂଲ୍ୟାୟନକୁ ନେଇ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଏକ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ସୁରକ୍ଷା ସମ୍ବନ୍ଧୀୟ ଚିନ୍ତା ଏବଂ ଗୁପ୍ତତା ବଜାୟ ରଖିବା ପାଇଁ ବୋର୍ଡ 'ଅନମାର୍କ' ପ୍ଲାଟଫର୍ମକୁ ପୁନର୍ମୂଲ୍ୟାୟନ ପ୍ରକ୍ରିୟାରୁ ବାଦ୍ ଦେଇଛି। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ଖାତା ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ସିବିଏସ୍‌ଇର ନିଜସ୍ୱ ପୋର୍ଟାଲ୍ ଜରିଆରେ କରାଯିବ। ଏହି ପ୍ରକ୍ରିୟା ଆସନ୍ତା ସପ୍ତାହରୁ ଆରମ୍ଭ ହେବାର ସମ୍ଭାବନା ରହିଛି।

ସୂଚନାଯୋଗ୍ୟ ଯେ, ସିବିଏସ୍‌ଇ ଚଳିତ ବର୍ଷ ପ୍ରାୟ ୧କୋଟି ଉତ୍ତରଖାତାର ମୂଲ୍ୟାୟନ ପାଇଁ 'ଅନମାର୍କ' ଡିଜିଟାଲ୍ ସିଷ୍ଟମର ସହାୟତା ନେଇଥିଲା। କିନ୍ତୁ, ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଅନେକ ଛାତ୍ରଛାତ୍ରୀ ମୂଲ୍ୟାୟନରେ



ତ୍ରୁଟି ଏବଂ ବୈଷୟିକ ସମସ୍ୟା ନେଇ ଅଭିଯୋଗ କରିଥିଲେ। ଏହାକୁ ଗମ୍ଭୀରତାର ସହ ନେଇ ବୋର୍ଡ ପକ୍ଷରୁ ମାମଲାର ଯାଞ୍ଚ ଏବଂ ବୈଷୟିକ ସମୀକ୍ଷା ଆରମ୍ଭ କରାଯାଇଥିଲା।

ଏହି ସମଗ୍ର ବୈଷୟିକ ସଙ୍କଟର ସମାଧାନ ପାଇଁ ଓ ସିବିଏସ୍‌ଇକୁ ସହାୟତା କରିବା ପାଇଁ ଆଇଆଇଟି କାନପୁର ଓ ଆଇଆଇଟି ମାଦ୍ରାଜର ବିଶେଷଜ୍ଞମାନଙ୍କୁ ନେଇ ଏକ ୪ ଜଣିଆ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ସାଇବର ସୁରକ୍ଷା, କମ୍ପ୍ୟୁଟର ସିଷ୍ଟମ୍ ଏବଂ ପରୀକ୍ଷା ପ୍ରକ୍ରିୟା ସହ ଜଡ଼ିତ ବିଶେଷଜ୍ଞ ରହିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକୁ ବୈଷୟିକ ସହାୟତା ପାଇଁ ସାମିଲ କରାଯାଇଛି।

ଯେଉଁ ଛାତ୍ରଛାତ୍ରୀମାନେ ମେ ୨୦ ରୁ ୨୫ ତାରିଖ ମଧ୍ୟରେ ନିଜ ଉତ୍ତରଖାତାର ସ୍କାନ୍ କପି ପାଇଁ ଆବେଦନ କରିଥିଲେ ସେମାନେ ଜୁନ୍ ୭ ତାରିଖ ସୁଦ୍ଧା ପ୍ରଶ୍ନ ଭିତ୍ତିକ ଆପତ୍ତି ଦାଖଲ କରିପାରିବେ। ସାଇବର ସୁରକ୍ଷାକୁ କଡ଼ାକଡ଼ି କରିବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସିବିଏସ୍‌ଇ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି, ଯାହାଦ୍ୱାରା ଆଗାମୀ ଦିନରେ କୌଣସି ପ୍ରକାର ଅସୁବିଧା ବିନା ସ୍ୱଚ୍ଛତାର ସହ ପୁନଃମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇପାରିବ।

## ମରୁଭୂମି ମଝିରେ ଅଟକିଗଲା ଟ୍ରକ୍

# ଶୋଷରେ ଚାଲିଗଲା ୪୯ ଜୀବନ

**ଜୋହାନ୍ସବର୍ଗ, ୬।୬:** ମରୁଭୂମିରେ ପାଣି ପିଇବାକୁ ନପାଇ ୪୯ ଜଣ ପ୍ରାଣ ହରାଇଛନ୍ତି। ଏଭଳି ଏକ ଘଟଣା ଆଫ୍ରିକାର ସାହାରା ମରୁଭୂମିରେ ଘଟିଛି। ରିପୋର୍ଟ ଅନୁସାରେ, ସାହାରା ମରୁଭୂମି ଦେଇ ଏକ ଟ୍ରକ୍ ଯାଉଥିଲା। ଏଥିରେ ୫୦ରୁ ଅଧିକ ଲୋକ ଥିଲେ। ତେବେ କୌଣସି କାରଣରୁ ମରୁଭୂମି ମଝିରେ ଟ୍ରକ୍‌ଟି ଖରାପ ହୋଇଯାଇଥିଲା। କୁହାଯାଉଛି ଯେ, ଟ୍ରକରେ ଥିବା ଲୋକେ ଇଦ୍ ଉତ୍ସବ ପାଇଁ ମାଲି ଯାଇଥିଲେ। ସେଠାରୁ ଫେରିବା ବେଳେ ଅଘଟଣ ଘଟିଥିଲା। ଫଳରେ ଯାତ୍ରୀମାନେ ମରୁଭୂମିରେ ଫସି ରହିଥିଲେ। ସେମାନଙ୍କ ପାଖରେ ଥିବା ପାଣି ଅଳ୍ପଦିନ ପରେ ସରିଯାଇଥିଲା। ଅନେକ ଦିନ ବିତିଯାଇଥିଲେ ବି କୌଣସି ଉଦ୍ଧାରକାର୍ଯ୍ୟ ହୋଇନଥିଲା। ଫଳରେ ପାଣି ନପାଇ ସେମାନଙ୍କ ମଧ୍ୟରୁ ୪୯ଜଣଙ୍କ ମୃତ୍ୟୁ ହୋଇଛି। ଦୁଇଜଣ ବ୍ୟକ୍ତି ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ସେମାନେ ପାଣିର ସନ୍ଧାନରେ ପ୍ରାୟ ୫୦ କିଲୋମିଟର ଚାଲିଚାଲି ଯାଇ ଏକ ଜନବସତିରେ ପହଁଚିଥିଲେ। ଏହାପରେ ଲୋକଙ୍କୁ ଘଟଣା ବାବଦରେ ସୂଚନା ଦେଇଥିଲେ। ସ୍ଥାନୀୟ ପ୍ରଶାସନ ଅନୁସାରେ, ପଶ୍ଚିମ ଆଶାମାକା ଠାରୁ ଟ୍ରକଟି ୮୦କିଲୋ ମିଟର ଦୂରରେ ଫସି ରହିଥିଲା। ଏହି ସ୍ଥାନ ନାଇଜର୍ ଏବଂ ଆଲଜେରିଆର କ୍ରସିଂ ପଏଣ୍ଟ ଅଟେ। ଘଟଣାସ୍ଥଳକୁ ଏକ ପ୍ରତିନିଧି ଟିମ୍ ଗସ୍ତ କରିଛନ୍ତି। ତେବେ ଟ୍ରକଟି କାହିଁକି ଖରାପ ହେଲା ଏବଂ କେତେ ଦିନ ଯାଏଁ ଯାତ୍ରୀମାନେ ଫସି ରହିଥିଲେ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନଥିବା ପ୍ରଶାସନ କହିଛି।



# ଅନାୟା ଖୋଜୁଛନ୍ତି ଭାବପ୍ରବଣ ଜୀବନସାଥୀ

**ନୂଆଦିଲ୍ଲୀ,୬।୬:** ଆର୍ଯ୍ୟନରୁ ଅନାୟା। ପୂର୍ବତନ କ୍ରିକେଟର ସଞ୍ଜୟ ବାଙ୍ଗରଙ୍କ ପୁଅ ଆର୍ଯ୍ୟନ ପୁଅରୁ ଝିଅ ହୋଇଛନ୍ତି। ନିଜର ସୌନ୍ଦର୍ଯ୍ୟ ପାଇଁ ଚର୍ଚ୍ଚାରେ ରହୁଥିବା ଅନାୟା ନିଜ ଜୀବନକୁ ନେଇ ଦେଇଛନ୍ତି ଗୁରୁତ୍ୱପୂର୍ଣ୍ଣ ପ୍ରତିକ୍ରିୟା। ସେ ନିକଟରେ ପ୍ରଣୀତଙ୍କ ଷ୍ଟାଣ୍ଡ ଅପ୍ ଶୋ'ରେ ଯୋଗ ଦେଇଥିଲେ। ସେଠାରେ ସେ ନିଜ ଜୀବନରେ କେମିତିକା ସାଥୀ ଖୋଜୁଛନ୍ତି ସେ ସମ୍ପର୍କରେ ପ୍ରକାଶ କରିଛନ୍ତି।

ଅନାୟାଙ୍କ ଜୀବନ ସମ୍ପର୍କରେ ଜାଣିବା ପାଇଁ ଅନେକ ଇଛା ପ୍ରକାଶ କରିଥାନ୍ତି। ତେବେ ଏହି ଶୋ'ରେ ଅନାୟା ନିଜର



ଜୀବନ ସମ୍ପର୍କରେ ଏବଂ କେମିତିକା ଜୀବନସାଥୀ ଚାହାଁନ୍ତି ସେ ସମ୍ପର୍କରେ ପ୍ରକାଶ କରିଛନ୍ତି। ପ୍ରଣୀତ ତାଙ୍କୁ ପ୍ରଶ୍ନ କରିଥିଲେ କି, ତୁମ ଜୀବନରେ କେହି ଅଛନ୍ତି କି ? ଏହାର ଉତ୍ତରରେ ଅନାୟା କହିଥିଲେ କି, ନା କେହି ନାହାନ୍ତି। ତଥାପି ମୁଁ ଜଣେ ଜୀବନସାଥୀ ଖୋଜୁଛି। ଅନାୟା କହିଛନ୍ତି କି, ମୁଁ ଜଣେ ଉଚ୍ଚ, ଭଲ ବଡ଼ି ଓ ଭାବପ୍ରବଣ ପୁଅକୁ ଖୋଜୁଛି। ତେବେ ଅନାୟାଙ୍କ ଏଭଳି କଥା ଶୁଣି ସେଠାରେ ଥିବା ସମସ୍ତେ ହସିବାକୁ ଲାଗିଥିଲେ।ଏହାସହ ଅନାୟାଙ୍କୁ ପ୍ରଶ୍ନ କରାଯାଇଥିଲା କି, ତୁମେ କୌଣସି କ୍ରିକେଟରଙ୍କୁ ଚାହୁଁଛ କି ? ତାଙ୍କ ସହ ଡେଟ୍ କରିବ କି ? ଉତ୍ତରରେ ସେ କହିଥିଲେ କି, ମୁଁ ପୂର୍ବରୁ କ୍ରିକେଟ ଖେଳିଛି। ଅନେକ ଖେଳାଳିଙ୍କ ସହ ମିଶିଛି।

## ପ୍ରଧାନ ବିଚାରପତିଙ୍କ କାର୍ଯ୍ୟକ୍ରମରେ ହଙ୍ଗାମାକୁ ନିନ୍ଦା



**ନୂଆଦିଲ୍ଲୀ,୬।୬:** ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଲଣ୍ଡନ ଗସ୍ତ ସମୟରେ ଏକ ସଭାରେ ହୋଇଥିବା ହଟ୍ଟଗୋଳ ଓ ବିଶୃଙ୍ଖଳାକୁ ବ୍ରିଟେନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଦୃଢ଼ ନିନ୍ଦା କରିଛି। ଶୁକ୍ରବାର ଭାରତୀୟ ମିଶନ ପକ୍ଷରୁ ଏକ ବିବୃତି ଜାରି କରାଯାଇ ଏହି ଘଟଣାକୁ ଅଗ୍ରହଣୀୟ ବୋଲି କୁହାଯାଇଛି। ଗୁରୁବାର ଲଣ୍ଡନ ୟୁନିଭର୍ସିଟିର 'ବିର୍କବେକ'ଠାରେ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାର ବିଷୟବସ୍ତୁ ଥିଲା 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଅନ୍ତର୍ଜାତୀୟ ଆଇନ'। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏହି ବିଷୟ ଉପରେ ନିଜର ବକ୍ତବ୍ୟ ରଖିବା ପରେ ଉପସ୍ଥିତ ଶ୍ରୋତାମାନଙ୍କ ସହ ଆଲୋଚନା ଚାଲିଥିଲା। ଏହି ସମୟରେ ଜଣେ ବ୍ୟକ୍ତି ସଭାରେ ଗଣ୍ଡଗୋଳ କରିବାକୁ ଚେଷ୍ଟା କରିଥିଲେ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓ ଅନୁଯାୟୀ, ଜଣେ ମହିଳା 'ଭାରତରେ ଭିନ୍ନମତ ପ୍ରତି ବଢୁଥିବା ଶତ୍ରୁତା' କୁ ନେଇ ପ୍ରଶ୍ନ କରିବାକୁ ଚେଷ୍ଟା କରିଥିଲେ। ଏହି ପ୍ରଶ୍ନ ବିଷୟବସ୍ତୁ ଉପରେ ଆଧାରିତ ହୋଇନଥିବାରୁ କାର୍ଯ୍ୟକ୍ରମର ପରିଚାଳକ ମହିଳାଙ୍କୁ ଅଧାରୁ ଅଟକାଇ ଦେଇଥିଲେ ।

### ମୃତ୍ୟୁ ବି ଅଲଗା କରିପାରିଲାନି

# ବାହୁରେ ବାହୁ ଛନ୍ଦି ଅଗ୍ନିସ୍ନାନ କଲେ ଆଫ୍ରିକୀୟ ଦମ୍ପତି

**ନୂଆଦିଲ୍ଲୀ,୬।୬:** ସନ୍ତାନ ସୁଖ ପାଇଁ ସେମାନେ ଭାରତ ଆସିଥିଲେ। ସେମାନେ ଜାଣି ନଥିଲେ ମୁହୂର୍ତ୍ତକର ନିଆଁ ସବୁକିଛି ଶେଷ କରିଦେବ। ଦିଲ୍ଲୀ ମାଲବ୍ୟନଗର ଅଗ୍ନିକାଣ୍ଡରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ହେଲେ ପରସ୍ପର ବାହୁରେ ବାହୁଛନ୍ତି ଅଗ୍ନିସ୍ନାନ କରିଥିବା ଦୁଇ ଆଫ୍ରିକୀୟ ଦମ୍ପତିଙ୍କ କାହାଣୀ ଏବେ ସବୁଠି ଚର୍ଚ୍ଚା ପାଲଟିଛି। ଆଇଭିଏଫ୍ ଚିକିତ୍ସା ପାଇଁ ସେମାନେ ଆଫ୍ରିକାରୁ ଭାରତ ଆସିଥିଲେ। ହେଲେ ଆଉ ଫେରିଲେନି। ହୁତୁ ହୁତୁ ହୋଇ ଜଳୁଥିଲା ହୋଟେଲ୍। ଆଉ ପରସ୍ପରକୁ ବାହୁରେ ବାନ୍ଧିରଖି




ସେମାନେ ଅଗ୍ନି ନିକଟରେ ନିଜକୁ ସମର୍ପଣ କରିଦେଇଥିଲେ। ସେମାନଙ୍କ ପ୍ରେମ ନିକଟରେ ମୃତ୍ୟୁ ଯେମିତି ହାର ମାନିଛି। ସେମାନଙ୍କୁ ମାରିଦେଇଛି ସତ, ହେଲେ ଅଲଗା କରିପାରିନି।

ଦିଲ୍ଲୀର ଛାତିଥରା ମାଲବ୍ୟ ନଗର ହୋଟେଲ ଅଗ୍ନିକାଣ୍ଡରେ ଜଣେ ଆଫ୍ରିକୀୟ ଦମ୍ପତ୍ତିଙ୍କ ମୃତ୍ୟୁ ଦେଖଣାହାରୀଙ୍କୁ ଦୋହଲାଇ ଦେଇଛି। ଉଭୟଙ୍କ ହୃଦୟବିଦାରକ କାହାଣୀ ସମସ୍ତଙ୍କୁ ଲୁହରେ ଭିଜାଇ ଦେଇଛି। ମୃତ୍ୟୁ ମଧ୍ୟ ଦମ୍ପତିଙ୍କୁ ଅଲଗା କରିପାରିନି। ଆଇଭିଏଫ୍ ଚିକିତ୍ସା ଲାଗି ଉଭୟ ଦିଲ୍ଲୀ ଆସିଥିଲେ। କିନ୍ତୁ ହୋଟେଲରେ ଭୀଷଣ ଅଗ୍ନିକାଣ୍ଡରେ ଦୁହେଁ ଦୁହିଁଙ୍କ ବାହୁରେ ପ୍ରାଣ ହରାଇଲେ। ଉଦ୍ଧାରକାରୀମାନେ ହୋଟେଲର ତଳ ମହଲା ସ୍ନାନାଗାରରୁ ଉଭୟଙ୍କ ମୃତ ଶରୀର ଉଦ୍ଧାର କରିଛନ୍ତି। ଭୀଷଣ ନିଆଁ ଓ ଧୂଆଁ ପୂରା ଅଟ୍ଟାଳିକାକୁ କବ୍‌ଜା କରିଥିବା ବେଳେ ଏଥିରୁ ବର୍ତ୍ତିବା ପାଇଁ ଦମ୍ପତି ସେଠାରେ ସାହାରା ନେଇଥିଲେ। ଦୁହିଁଙ୍କୁ ଜାଣିଥିବା ହସ୍ପିଟାଲ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା କହିଛନ୍ତି, ଉଭୟ ଉକ୍ତ ହୋଟେଲରେ ରହି ନିକଟସ୍ଥ ଏକ ହସ୍ପିଟାଲରେ ପ୍ରଜନନ ଚିକିତ୍ସା ନେଉଥିଲେ।

ଦମ୍ପତିଙ୍କର ପରସ୍ପର ବାହୁରେ ଛନ୍ଦି ହୋଇ ପ୍ରାଣ ହରାଇବା ଦୃଶ୍ୟକୁ ବର୍ଣ୍ଣନା କରି ମ୍ୟାକ୍ସ ସ୍ମାର୍ଟ ହସ୍ପିଟାଲର ଡ୍ୟୁଟିରେ ଥିବା ୱାସିମ ରାଜା କହିଛନ୍ତି, ପ୍ରେମର ପ୍ରତୀକ ରୂପେ ଏହା ତାଜମହଲକୁ ମଧ୍ୟ ପଛରେ ପକାଇଛି। କୌଣସିମତେ ସ୍ନାନାଗାର ଦ୍ୱାର ଖୋଲିବା ପରେ ଏହି ହୃଦୟବିଦାରକ ଦୃଶ୍ୟ ଆମକୁ ଦୋହଲାଇ ଦେଲା। ସେ କହିଛନ୍ତି, ନିକଟରେ ମହିଳାଙ୍କର ସର୍ଜରି ହୋଇଥିଲା, କାରଣ ତାଙ୍କ ମୁଣ୍ଡରେ ସର୍ଜରି ଚିହ୍ନ ଥିଲା। ସେ ଶୌଚାଳୟ ଉପରେ ବସିଥିଲେ ଏବଂ ତାଙ୍କ ସ୍ୱାମୀ ତାଙ୍କ ପାଖରେ ଏକ ଚେୟାରରେ ବସିଥିଲେ। ଉଭୟ ଉଭୟଙ୍କୁ କୋଳେଇ ଧରିଥିଲେ। ମହିଳାଙ୍କ ମୁଣ୍ଡ ସ୍ୱାମୀଙ୍କ କାନ୍ଧରେ ଥିଲା।

### 'ସମ୍ବଲପୁର କପ୍' କବାଡ଼ି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟମନ୍ତ୍ରୀ

# ସମ୍ବଲପୁରର ସମସ୍ତ ୯ ବ୍ଲକରେ ନିର୍ମାଣ ହେବ ଷ୍ଟାଡିୟମ

ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ସମ୍ବଲପୁରଠାରେ ଆୟୋଜିତ ସର୍ବଭାରତୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ 'ସମ୍ବଲପୁର କପ୍'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି । କବାଡ଼ି କେବଳ ଏକ ଖେଳ ନୁହେଁ, ବରଂ ଏହା ଭାରତର ଗ୍ରାମାଞ୍ଚଳରୁ ସୃଷ୍ଟି ହୋଇ ଆଜି ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇଥିବା ଆମ ସଂସ୍କୃତିର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ସମ୍ବଲପୁରର କ୍ରୀଡ଼ା ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ୨୫ କୋଟି ଟଙ୍କା ବ୍ୟୟରେ ଭିଏସ୍ଏସ୍ ଷ୍ଟାଡିୟମର ପୁନର୍ବିକାଶ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୧୫ କୋଟି ଟଙ୍କା ବ୍ୟୟରେ ମଣ୍ଡଳିଆ ଖେଳ ପଡ଼ିଆଠାରେ ଏକ ଆଧୁନିକ ଫିଫା ଯୋଗ୍ୟତାସମ୍ପନ୍ନ ଫୁଟବଲ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏଥିସହ ଯୁବ ଖେଳାଳିମାନଙ୍କ ପାଇଁ ୧୦୦ ଶଯ୍ୟାବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ, ଏକ ବହୁମୁଖୀ ଷ୍ଟାଡିୟମ ଓ ଜିଲ୍ଲାର ସମସ୍ତ ୯ଟି ବ୍ଲକରେ ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୁର୍ଲା ଓ ହୀରାକୁଦ ଇନ୍‌ଡୋର ଷ୍ଟାଡିୟମର ଉନ୍ନୟନ ପାଇଁ ଡିପିଆର୍ ପ୍ରସ୍ତୁତି ଚାଲିଥିବା ବେଳେ କୁଲୁଣ୍ଡିସ୍ଥିତ ସରକାରୀ କ୍ରୀଡ଼ା ମହାବିଦ୍ୟାଳୟକୁ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ସରକାର କାର୍ଯ୍ୟ କରୁଛନ୍ତି। ଅତୀତର ମହାନଦୀ ବାଲୁକା ଶଯ୍ୟାର କବାଡ଼ି ଖେଳଠାରୁ ଆରମ୍ଭ କରି ଆଜିର ଆଧୁନିକ ଷ୍ଟାଡିୟମ ପର୍ଯ୍ୟନ୍ତର ଯାତ୍ରାକୁ ମନେ ପକାଇ ମୁଖ୍ୟମନ୍ତ୍ରୀ ସମ୍ବଲପୁରର ଅନ୍ତର୍ଜାତୀୟ କ୍ରୀଡ଼ାବିତଙ୍କୁ ପ୍ରଶଂସା କରିଛନ୍ତି। ସେ ୨୦୦୪ ଦକ୍ଷିଣ ଏସୀୟ କ୍ରୀଡ଼ାର ସ୍ୱର୍ଣ୍ଣ ପଦକ ବିଜେତା ଭୀମ ବରାଡ ଓ ୨୦୨୫ ଏସୀୟ ଯୁବ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଥିବା ତଳାପଡ଼ାର ଝିଅ ପ୍ରିୟଙ୍କା ପ୍ରଧାନଙ୍କ ସଫଳତାକୁ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଅଳିଆ ଫିଙ୍ଗୁଥିବା ଭିଡ଼ିଓ ଭାଇରାଲ୍, ଛାତ୍ରଙ୍କ ଆତ୍ମହତ୍ୟା

ପଣଜୀ,୬।୬ଃ ରାସ୍ତାକଡ଼ରେ ଅଳିଆ ଫିଙ୍ଗୁଥିବାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଗୋଆରେ ଜଣେ ୨୩ ବର୍ଷୀୟ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସାମୁଏଲ ଡି' ବ୍ରାଜାଙ୍କା ନାମକ ଏହି ଛାତ୍ରଜଣକ ନିକଟରେ ସ୍ନାତକ ଦ୍ୱିତୀୟ ବର୍ଷ ପରୀକ୍ଷା ଦେଇସାରି ନିଜର ମାଆ ଓ ଦୁଇ ଭଉଣୀଙ୍କ ସହିତ ଗୋଆର ଉତ୍ତରାଞ୍ଚଳ କ୍ଷେତ୍ର ମାପୁସାରେ ରହୁଥିଲେ। ସେ ରାସ୍ତାକଡ଼ରେ ଅଳିଆ ପକାଉଥିବାର ଭିଡ଼ିଓଟି ସୋସିଆଲ ମିଡ଼ିଆରେ ଭାଇରାଲ୍ ହେବା ସହିତ ତାଙ୍କୁ ବିଭିନ୍ନ ଆଡୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା। ଭିଡ଼ିଓ ଆଧାରରେ ପୁଲିସ୍ ଛାତ୍ରଙ୍କ ନାମରେ ଏକ ମାମଲା ରୁଜୁ କରିଥିଲା। ଏଭଳି ଘଟଣାରେ ଅପମାନିତବୋଧ କରି ଛାତ୍ରଜଣକ ଆତ୍ମହତ୍ୟା କରିଥିବା ପୁଲିସ୍ କହିଛି।

## ପଶ୍ଚିମବଙ୍ଗରେ ବୁଲେଟ୍ ଟ୍ରେନ୍

କୋଲକାତା,୬।୬(ସଂଚାର ବ୍ୟୁରୋ)ଃ ଦିଲ୍ଲୀ ଓ ସିଲିଗୁଡ଼ିକୁ ସଂଯୋଗ କରିବା ପାଇଁ ଖୁବ୍ ଶୀଘ୍ର ଏକ ବୁଲେଟ୍ ଟ୍ରେନ୍ ପ୍ରଚଳନ କରିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର କହିଛନ୍ତି। ନବାନ୍ନରେ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ବୈଠକ କରିବା ଅବସରରେ ସେ କହିଥିଲେ ଯେ, ଏକ ବୁଲେଟ୍ ଟ୍ରେନ୍ ଖୁବ୍ ଶୀଘ୍ର ଛଅ ଘଣ୍ଟାରେ ଦିଲ୍ଲୀ ଓ ସିଲିଗୁଡ଼ିକୁ ସଂଯୋଗ କରିବ। ଟ୍ରେନ୍ ଦିଲ୍ଲୀରୁ ଲକ୍ଷ୍ନୌ ଯାତ୍ରା କରିବ ଏବଂ ତା'ପରେ ପାଟନା ଦେଇ ଶିଲିଗୁଡ଼ିରେ ପହଞ୍ଚିବ। ରେଳମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ରେଳବାଇ ୫୩୮ଟି ଫ୍ଲାଏଓଭର ଓ ଅଣ୍ଡରପାସ୍ ନିର୍ମାଣ କରିବ। ଅଣ୍ଡରପାସ୍ ପାଇଁ ରେଳବାଇକୁ ୪୦ରୁ ଅଧିକ ଏନ୍‌ଓସି ପ୍ରଦାନ କରାଯାଇଛି। ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ୧୦୨ଟି ଷ୍ଟେସନ୍ ବିକଶିତ କରାଯିବ। ଗୋପୀବଲ୍ଲଭପୁର ଓ ନୟାଗ୍ରାମକୁ ସଂଯୋଗ କରୁଥିବା ଏକ ରେଳ ନେଟୱାର୍କ ପ୍ରତିଷ୍ଠା କରାଯିବ। ରାଜ୍ୟରେ ୧ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ହାତକୁ ନିଆଯିବ। ଆଗାମୀ ୫ ବର୍ଷ ମଧ୍ୟରେ କୋଲକାତା ମେଟ୍ରୋ ପାଇଁ ୬୦ଟି ନୂତନ ପିଢ଼ିର ଟ୍ରେନ୍ ପ୍ରଚଳନ କରାଯିବ।

## ପୂର୍ବତନ ବିଧାୟକଙ୍କୁ ଗିରଫ କଲା ଏନ୍ଆଇଏ

କୋଲକାତା,୬।୬(ସଂଚାର ବ୍ୟୁରୋ)ଃ ପୂର୍ବତନ ବିଧାୟକ ଶଉକତ ମୋଲ୍ଲାଙ୍କୁ ଏକ ବୋମା ବିସ୍ଫୋରଣ ଘଟଣାରେ ଏନ୍ଆଇଏ ଗିରଫ କରିଛି। ଶୁକ୍ରବାର ରାତିରେ ନରେନ୍ଦ୍ରପୁର ଥାନା ଅନ୍ତର୍ଗତ କମଲଗାଜିରୁ ତାଙ୍କୁ ଜଣେ ସହଯୋଗୀଙ୍କ ସହିତ ଗିରଫ କରାଯାଇଛି। ଗତ ମାର୍ଚ୍ଚରେ ଘଟିଥିବା ଭାଙ୍ଗଡ ବିସ୍ଫୋରଣର ତଦନ୍ତ ପାଇଁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ତାଙ୍କୁ କିଛି ଦିନ ଧରି ଖୋଜୁଥିଲା। ଏନ୍ଆଇଏ ଗୁରୁବାର ଶଉକତଙ୍କ ଜୀବନତଲାସ୍ଥିତ ବାସଭବନ, ପାର୍ଟି ଅଫିସ ଏବଂ ତାଙ୍କ ପୁଅ କାଫେରେ ଚଢ଼ାଉ କରିଥିଲା। ଏନ୍ଆଇଏ ସୂତ୍ର ଅନୁଯାୟୀ, ଶୁକ୍ରବାର ତାଙ୍କୁ ଖୋଜିବା ପାଇଁ ବିଭିନ୍ନ ସ୍ଥାନରେ ତଲାସୀ ଚାଲିଥିଲା। ଶଉକତ କମଲଗାଜି ଅଞ୍ଚଳରେ ଜଣକୁ ଭେଟିବାକୁ ଆସୁଥିବା ବେଳେ ଏନ୍ଆଇଏର ଏକ ଦଳ ସେଠାରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ପ୍ରକାଶ ଯେ, ଶଉକତ ଦକ୍ଷିଣ ୨୪ ପ୍ରଗଣାର ଜଣେ ତୃଣମୂଳ ବିଧାୟକଙ୍କ ଆଶ୍ରୟ ତଳେ ଲୁଚି ରହିଥିଲେ ଏବଂ ସେହି ସ୍ଥାନରୁ ଖସିଯିବାକୁ ଚେଷ୍ଟା କରିବା ସମୟରେ ତାଙ୍କୁ ଗିରଫ କରାଯାଇଥିଲା। ତେବେ ତାଙ୍କ ପରିବାର ଦାବି କରିଛନ୍ତି ଯେ ସେ ଆତ୍ମସମର୍ପଣ କରିଛନ୍ତି।

## ଝଡ଼ରେ ବିପର୍ଯ୍ୟସ୍ତ ଜନଜୀବନ



କୋଲକାତା,୬।୬(ସଂଚାର ବ୍ୟୁରୋ)ଃଶନିବାର ସକାଳେ ଉଲୁବେଡିଆ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ସହିତ ଏକ ଭୟଙ୍କର ଝଡ଼ରେ ଅନେକ ଗଛ ଭାଙ୍ଗିବା ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଅନୁଯାୟୀ, ଶନିବାର ସକାଳେ ହଠାତ୍ ଆକାଶ ଅନ୍ଧାର ହୋଇଗଲା ଏବଂ ତା'ପରେ ବିଜୁଳି ଝଡ଼ ଆରମ୍ଭ ହେଲା। ଏହାର କିଛି ସମୟ ପରେ ପ୍ରବଳ ଝଡ଼ ସହିତ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ଝଡ଼ ଏତେ ତୀବ୍ର ଥିଲା ଯେ ଫତେହପୁର ଅଞ୍ଚଳରେ ଅନେକ ବଡ଼ ଗଛର ଡାଳ ଭାଙ୍ଗି ପଡ଼ିଲା। ଅନେକ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ରାସ୍ତାରେ ପଡ଼ିଗଲା। ଏହାଦ୍ୱାରା ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଛି।

## ୧୭ ବନ୍ଧୁକ ଓ ୩୫ ରାଉଣ୍ଡ ଗୁଳି ଜବତ

କୋଲକାତା,୬।୬(ସଂଚାର ବ୍ୟୁରୋ)ଃ ରାଜ୍ୟ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସରବେରିଆ, ଆକୁଞ୍ଜିପଡା, ବାସନ୍ତୀ ଏବଂ କୁମଡୋଖାଲି ସମେତ ସନ୍ଦେଶଖାଲିର ବିଭିନ୍ନ ଅଞ୍ଚଳରେ ଚଢାଉ କରି ବିପୁଳ ପରିମାଣର ବନ୍ଧୁକ ଜବତ କରିଛି। ରାଜ୍ୟ ପୁଲିସ ଶେଖ ଶାହଜାହାନଙ୍କ ଆଡ୍ଡା ଉପରେ ଚଢାଉ କରି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଏକ ସୂଚନା ଆଧାରରେ ରାଜ୍ୟ ପୁଲିସ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଏବଂ ବସିରହାଟ ଜିଲ୍ଲା ପୋଲିସ ସନ୍ଦେଶଖାଲିର ସରବେରିଆ ଅଞ୍ଚଳରେ ଚଢ଼ାଉ କରିଥିଲା। ଏହି ମିଳିତ ଅଭିଯାନ ସମୟରେ ସରବେରିଆ ମାର୍କେଟ ନିକଟବର୍ତ୍ତୀ ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ ଆଡ୍ଡାରୁ ଏପର୍ଯ୍ୟନ୍ତ ୧୭ଟି ବନ୍ଧୁକ ଏବଂ ୩୫ ରାଉଣ୍ଡ ଗୁଳି ଜବତ କରାଯାଇଛି।

## ସ୍ୱତନ୍ତ୍ର ସଘନ ସଂଶୋଧନ ସମୀକ୍ଷା କଲେ ଅତିରିକ୍ତ ଜିଲ୍ଲାପାଳ

କଟକ,୬।୬(ସଂଚାର ବ୍ୟୁରୋ)ଃ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର -୨୦୨୬) କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ କମଳଜିତ ଦାସ କିଶନନଗର ଅଞ୍ଚଳ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ସହକାରୀ ପଞ୍ଜୀକରଣ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ), ସୁପରଭାଇଜର ମାନଙ୍କ ସହ ଚାଲିଥିବା ଗଣନା ଓ ଯାଞ୍ଚ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି। ପ୍ରଥମଥର ପାଇଁ ଏହି ଜନଗଣନା ଡିଜିଟିକରଣ ମାଧ୍ୟମରେ କରାଯାଉଛି ସେଥିନିମନ୍ତେ ସତର୍କତା, ଦାୟିତ୍ୱବୋଧ ଓ ସମୟନିଷ୍ଠତା ସହ କାର୍ଯ୍ୟ କରିବାକୁ ବିଏଲଓମାନଙ୍କୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି। ଘରକୁଘର ଯାଇ କରାଯାଉଥିବା ତଥ୍ୟ ସଂଗ୍ରହ, ମତଦାତାଙ୍କ ବିବରଣୀ ଯାଞ୍ଚ ଏବଂ ଏନୁମେରେସନ୍ ଫର୍ମ ପୂରଣ କାର୍ଯ୍ୟର ତଦାରଖ କରିଛନ୍ତି।

## ମେଗା ଏମ୍ଆରଏଫ୍ ବୁଲି ଦେଖିଲେ ଶିକ୍ଷା ନବୀଶ

ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଯୋଗଦେଇଛନ୍ତି ୮୫ ଜଣ ଶିକ୍ଷା ନବୀଶ। ଆଜି ସେମାନେ ପଳାଶୁଣିସ୍ଥିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଓ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟ୍ (ଏମ୍ଆର୍ଏଫ୍) ବୁଲି ଦେଖିଛନ୍ତି। ଦୈନିକ ୧୫୦ ମେଟ୍ରିକ୍ ଟନ୍ ପ୍ରକ୍ରିୟାକରଣ ହେଉଥିବା ଏହି ପ୍ଲାଣ୍ଟର କାର୍ଯ୍ୟଧାରା ଓ ପଦ୍ଧତି ସମ୍ପର୍କରେ ସେମାନେ ପଚାରି ବୁଝିଥିଲେ। ଅତ୍ୟାଧୁନିକ ପ୍ରଣାଳୀରେ କିପରି ବର୍ଜ୍ୟ ପ୍ରକ୍ରିୟାକରଣ କରାଯାଉଛି, ଓଦା ବର୍ଜ୍ୟ ଓ ଶୁଖିଲା ବର୍ଜ୍ୟ ବସ୍ତୁ କିପରି ପ୍ରକ୍ରିୟାକରଣ କରାଯାଉଛି, ସହରରୁ ସଂଗୃହୀତ ହେଉଥିବା ନଡ଼ିଆରୁ କିପରି କତା ଏବଂ କତାରୁ କିପରି ବିଭିନ୍ନ ଘରକରଣା ଯଥା ହାତୀ, ଘୋଡ଼ା, ବିଭିନ୍ନ ପ୍ରକାର ପଶୁପକ୍ଷୀ, ପାପୋଛ ଆଦି ଜିନିଷ ପ୍ରସ୍ତୁତ ହେଉଛି, ସେସବୁ ସେମାନେ ବୁଲି ଦେଖିଥିଲେ। ଯୁକ୍ତ ୩ ଶ୍ରେଣୀର କଳା, ବାଣିଜ୍ୟ ଏବଂ ବିଜ୍ଞାନର ସମୁଦାୟ ୮୫ ଜଣ ବିଦ୍ୟାର୍ଥୀ ଏଥିରେ ସାମିଲ ଅଛନ୍ତି। ଆମେ ନେଉଥିବା ଶିକ୍ଷା ଓ କ୍ଷେତ୍ର ବିଶେଷରେ ହେଉଥିବା କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀ କିପରି ଅନୁଭୂତିରେ ଆଣିପାରିବେ, ଯାହା ପରବର୍ତ୍ତୀ ସମୟରେ ବୃତ୍ତି ଏବଂ ସାମାଜିକ ଚଳଣିରେ ସହାୟକ ହୋଇପାରିବ। ସମୁଦାୟ ୩୫ ଦିନର ଅଭିଜ୍ଞତା ନେବେ ଏହି ଶିକ୍ଷାର୍ଥୀମାନେ। ରାଜ୍ୟର ପ୍ରମୁଖ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥା ଭାବରେ ବିଏମ୍‌ସିର କାର୍ଯ୍ୟକ୍ରମରେ ଅନେକ କିଛି ଶିଖି ଅଭିଜ୍ଞତା ହାସଲ କରିବାର ସୁଯୋଗ ମିଳିବ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି।

## ଚୋରି ମାମଲାରେ ବନ୍ଧାହେଲେ ୩ ଯୁବକ




କଟକ,୬।୬(ସଂଚାର ବ୍ୟୁରୋ)ଃ ଅଭିଯୋଗକାରୀ ନିଜ ଘରେ ନଥିବା ସମୟରେ ଅଜଣା ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଚୋରି କରିଥିଲେ। ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ଦୁଇଟି ନିକନ କ୍ୟାମେରା, ୧୨ଟି କ୍ୟାମେରା ଲେନ୍ସ, ଦୁଇଟି ଟମି ହିଲଫିଗର ହାତଘଡ଼ି, ଏକ ସୋନି ସାଇବରସଟ୍ କ୍ୟାମେରା, ଗାଡ଼ି ଚାବି, ୧୨ ହଜାର ଟଙ୍କା ନଗଦ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ରହିଥିଲା। ତଦନ୍ତ ସମୟରେ ଆଜି ସୂଚନା ମିଳିଥିଲା ଯେ ତିନି ଜଣ ବ୍ୟକ୍ତି ଶିଖରଚଣ୍ଡୀ ନଗର ଅଞ୍ଚଳରେ ସନ୍ଦେହଜନକ ଭାବେ ବୁଲୁଥିବା ସହ ଅତି କମ୍ ଦରରେ ଏକ ଲାପଟପ୍ ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି। ଏହି ସୂଚନା ଆଧାରରେ ପୁଲିସ ଚଢ଼ାଉ କରି ଅଭିଯୁକ୍ତ ବିକି ସ୍ୱାଇଁ, ଶିବ ସାହୁ ଓ ଏସ୍.କେ. ସଲିମ୍‌ଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ଏକ କଳା ରଙ୍ଗର ମାଇକ୍ରୋମାକ୍ସ ଲାପଟପ୍ ଓ ଭଙ୍ଗା ପାଣି ଟ୍ୟାପ୍ ଭର୍ତ୍ତି ଏକ ବ୍ୟାଗ ଜବତ କରାଯାଇଥିଲା। ପଚରାଉଚରା ସମୟରେ ଅଭିଯୁକ୍ତମାନେ ବର୍ତ୍ତମାନ ମାମଲାରେ ସେମାନଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ ଓ ଗତ ୨ ତାରିଖ ରାତିରେ ଅଭିଯୋଗକାରୀଙ୍କ ଘରେ ଚୋରି କରିଥିବା ସ୍ୱୀକାର କରିଥିଲେ। ସେମାନେ ଚୋରି ହୋଇଥିବା କ୍ୟାମେରାଗୁଡ଼ିକୁ ବାପୁଜୀ ନଗର ଅଞ୍ଚଳର ଜଣେ ଅଜଣା ଦୋକାନୀଙ୍କୁ ବିକ୍ରି କରିଦେଇଥିବା କଥା ମଧ୍ୟ ସେମାନେ ସ୍ୱୀକାର କରିଥିଲେ। ତେବେ ଚୋରି ସାମଗ୍ରୀ ଗ୍ରହଣକାରୀ ସମ୍ପର୍କରେ ସେମାନେ ଅଧିକ ସୂଚନା ଦେଇପାରି ନ ଥିଲେ।ତଦନ୍ତରୁ ଆହୁରି ଜଣାପଡ଼ିଥିଲା ଯେ, ଅଭିଯୁକ୍ତମାନେ ଗତ ମାସ ୧୯ରେ ନନ୍ଦନ ବିହାର ଅଞ୍ଚଳରେ ଘଟିଥିବା ଅନ୍ୟ ଏକ ସିନ୍ଧିଚୋରି ଘଟଣାରେ ମଧ୍ୟ ସମ୍ପୃକ୍ତ ଥିଲେ, ଯେଉଁଥିରେ ଘରୁ ପାଣି ଟ୍ୟାପ୍ ଏବଂ ବିଦ୍ୟୁତ ତାର ଚୋରି ହୋଇଥିଲା। ଏହି ଘଟଣା ଇନଫୋସିଟି ଥାନା କେସ୍ ନଂ-୪୩୨/୨୬ ସହ ସମ୍ପୃକ୍ତ ବୋଲି ଜଣାପଡ଼ିଥିଲା। ଚୋରି ହୋଇଥିବା କେତେକ ଟ୍ୟାପ୍ ଅଭିଯୁକ୍ତମାନେ ନିଜ ପାଖରେ ରଖିଥିବା ବେଳେ ଅନ୍ୟଗୁଡ଼ିକୁ କବାଡ଼ିଆ ପାଖରେ ବିକ୍ରି କରିଦେଇଥିବା ଜଣାପଡ଼ିଥିଲା। ଜବତ ଲାପଟପ୍ ଏବଂ ଭଙ୍ଗା ଟ୍ୟାପ୍‌ଗୁଡ଼ିକୁ ମାମଲାର ପ୍ରମାଣ ସ୍ୱରୂପ ଜବତ କରାଯାଇଥିଲା। ଅଭିଯୁକ୍ତ ବିକି, ଶିବ ଓ ସଲିମ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ୨୧ ମୃତ୍ୟୁ ମାମଲାରେ ରୋଷେୟା ଗିରଫ

ନୂଆଦିଲ୍ଲୀ,୬।୬ଃ ଦିଲ୍ଲୀର ମାଲବ୍ୟନଗର ଅଗ୍ନିକାଣ୍ଡ ଘଟଣାରେ ଶନିବାର ପୁଲିସ ହୋଟେଲର ରୋଷେୟାକୁ ଗିରଫ କରିଛି। ରୋଷେଇ ଘରେ ତାଙ୍କର ଅବହେଳା କାରଣରୁ ନିଆଁ ବ୍ୟାପିଥାଇପାରେ ବୋଲି ପୁଲିସ ଅନୁମାନ କରୁଛି। ତେବେ ହୋଟେଲ ମାଲିକଙ୍କ ଘନିଷ୍ଠ ସହଯୋଗୀ ତଥା ଆକାଉଣ୍ଟାଣ୍ଟ ଜୟ ମିଶ୍ର ଏହି ଘଟଣା ପରଠାରୁ ଫେରାର୍ ଅଛନ୍ତି। ହୋଟେଲର ଏକାଧିକ କାଗଜପତ୍ରରେ ତାଙ୍କ ନାମ ରହିଛି। ତାଙ୍କୁ ଧରିବା ପାଇଁ ପୋଲିସ ଏକାଧିକ ଟିମ୍ ନିୟୋଜିତ କରିବା ସହ ବିହାରକୁ ମଧ୍ୟ ଏକ ଟିମ୍ ପଠାଇଛି। ସୂଚନାଯୋଗ୍ୟ ଯେ, ଏହି ମାମଲାରେ ପୁଲିସ ପୂର୍ବରୁ ହୋଟେଲ ମାଲିକ ଲବକେଶ ବଜାଜଙ୍କୁ ଗିରଫ କରି ତାଙ୍କ ନାମରେ ଅବହେଳା ଜନିତ ହତ୍ୟା ମାମଲା ରୁଜୁ କରିସାରିଛି। ଏଫଆଇଆର୍ ଅନୁଯାୟୀ, ହୋଟେଲରେ ମାତ୍ର ୬ଟି ରୁମ୍ ଚଳାଇବା ପାଇଁ ଅନୁମତି ଥିବା ବେଳେ ବେଆଇନ ଭାବେ ୨୮ଟି ରୁମ୍ ଚାଲିଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ବେସମେଣ୍ଟ ଏକଜିଟ୍ (ବାହାରିବା ରାସ୍ତା) ରେ ତାଲା ପଡ଼ିଥିଲା। ହୋଟେଲରେ ଅଗ୍ନିନିର୍ବାପକ ଯନ୍ତ୍ର ଥିଲେ ମଧ୍ୟ ଜରୁରୀ ପରିସ୍ଥିତିରେ କେହି ତାହାର ବ୍ୟବହାର କରିନଥିଲେ।

# ୨୭ ହଜାର କୋଟି ଘୋଟାଲାର ସିବିଆଇ ତଦନ୍ତ ଦାବି

ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାର ୨୦୨୪ ଫେବୃଆରୀ ସୁଦ୍ଧା ବିଦ୍ୟୁତ ଭିତ୍ତିଭୂମି ସଜାଡ଼ିବାକୁ ୨୦ ହଜାର କୋଟି ଏବଂ ଟାଟା ପାୱାର ୭ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ମାର୍ଚ୍ଚ ୨୦୨୬ ସୁଦ୍ଧା ଟାଟା ପାୱାର ୭ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛି ବୋଲି ଦର୍ଶାଇଛି। ଏହି ସବୁ ଅର୍ଥ ସଠିକ ଭାବେ ଖର୍ଚ୍ଚ ନ ହୋଇ ହରିଲୁଟ ହୋଇଛି। ତେଣୁ ଓଇଆରସି ଟାରିଫ ଅର୍ଡରର ୧୧୬ ନମ୍ବର ପୃଷ୍ଠାରେ ସ୍ପଷ୍ଟ ଭାବେ ଏହାର ସିଏଜି ଅଡିଟ ପାଇଁ ସୁପାରିସ୍ କରିଛନ୍ତି। ତେଣୁ ତୁରନ୍ତ ଏହି ଆର୍ଥିକ ଅନିୟମିତତାର ସିବିଆଇ ତଦନ୍ତ ଦାବି କରିଛି ରାଜ୍ୟ ଉପଭୋକ୍ତା ମହାସଂଘ।

୨୦୧୩ରୁ ରାଜ୍ୟରେ ୫୦୦ଟି ୩୩/୧୧ କେଭି ସବଷ୍ଟେସନ ନିର୍ମାଣରେ ବ୍ୟାପକ ହରିଲୁଟ ହୋଇଛି। ଏଥିରେ ନିମ୍ନମାନର ଯନ୍ତ୍ରାଂଶ ବ୍ୟବହାର ହୋଇଛି, ଯାହା ଫଳରେ ପରିବହନ କ୍ଷତି କମାଇ ବିଜୁଳି ଦର କମାଇବାକୁ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ସେ ଆଶା ଧୂଳିସାତ ହୋଇଛି। ଏହି ଘୋଟାଲାକୁ ଘଣ୍ଟ ଘୋଡ଼ାଇବାକୁ ତତ୍କାଳୀନ ଓଇଆରସି ଚେୟାରମ୍ୟାନ ବିନା



କୌଣସି ଜନଶୁଣାଣିରେ କୋଭିଡ ସମୟରେ ଟାଟା କମ୍ପାନୀକୁ ବେଆଇନ ଭାବେ ରାତିଅଧିଆ ବିତରଣ ଦାୟିତ୍ୱ ଟେକି ଦେଇଛନ୍ତି। ଟାଟା ପାୱାର ସହ ହୋଇଥିବା ଭେଷ୍ଟିଙ୍ଗ ଅର୍ଡରରେ ଏହି ୫୦୦ଟି ସବଷ୍ଟେସନ ବାବଦରେ କିଛି ଉଲ୍ଲେଖ ନାହିଁ। ଫଳରେ ୨୦୨୦ରେ ଟାଟା କମ୍ପାନୀ ସବୁ ନିମ୍ନମାନର ଭିତ୍ତିଭୂମି ଅଛି ଦର୍ଶାଇ ୨୬୦୦ କୋଟି ଟଙ୍କାର କାପେକ୍ସ ଇନଭେଷ୍ଟମେଣ୍ଟ ପାଇଁ ଅନୁମତି ମାଗିଥିଲେ। ସେତେବେଳେ କିଛି ତର୍ଜମା ନ କରି ତାକୁ ଅନୁମତି ଦେଲେ ସରକାର। ଯାହା ଫଳରେ ଆଜି ଟାଟା ପାୱାର ୭ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛି ବୋଲି ହିସାବ ଦେଇ ତା'ର ସୁଧ ବିଜୁଳି ବିଲ ଉପରେ କଷି ଆଦାୟ କରୁଛି।

ଏକଥା ଗତ ଶୁଣାଣିରେ ଓଇଆରସି ଆପତ୍ତି ଉଠାଇ ତୁରନ୍ତ ସିଏଜି ଅଡିଟ ପାଇଁ ସୁପାରିସ୍ କରିଥିଲେ। ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର କାହିଁକି ସିଏଜି ଅଡିଟ ପାଇଁ ଆଦେଶ ଦେଇନାହାନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ଉପଭୋକ୍ତା ମହାସଂଘ ପ୍ରଶ୍ନ କରିଛି। ସେହିପରି ରାଜ୍ୟ ସରକାର ସ୍ମାର୍ଟ ମିଟର ଲଗାଇବା ଓ ତା'ର ଭଡ଼ା ବାବଦ ପାଇଁ ଯେଉଁ ୭୩୫ କୋଟି ଟଙ୍କା ଦେବା ସମ୍ପୂର୍ଣ୍ଣ ବେଆଇନ ବୋଲି ମହାସଂଘ ଅଭିଯୋଗ କରିଛି। ଏହା ବିଦ୍ୟୁତ ଆଇନ ୨୦୦୩ର ବିରୁଦ୍ଧାଚରଣ କରୁଛି। ମିଟର ଲଗାଇବା ଉପଭୋକ୍ତାର ସମ୍ପୂର୍ଣ୍ଣ ନିଜସ୍ୱ ଇଚ୍ଛାଧୀନ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

### ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ମୁଖ୍ୟ ଶାସନ ସଚିବ

# ବିକାଶ ସହ ଋଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଗୁରୁତ୍ୱ



ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ)ଃ ସମସ୍ତ କ୍ଷେତ୍ରରେ ସନ୍ତୁଳିତ ଓ ସମାବେଶୀ ଅଭିବୃଦ୍ଧି ପାଇଁ ଋଣ ପ୍ରବାହକୁ ଅଧିକ ସୁଦୃଢ଼ କରିବା ଉପରେ ଆଜି ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶାର ଭିଜନ୍ ଡକ୍ୟୁମେଣ୍ଟ ସହ ସମନ୍ୱୟ ରଖି ସମସ୍ତ କ୍ଷେତ୍ରକୁ ଋଣ ପ୍ରଦାନ କରାଯିବା ସହ ପର୍ଯ୍ୟଟନ, କୃଷି ଉଦ୍ୟୋଗୀକରଣ, ଗଭୀର ସମୁଦ୍ର ମତ୍ସ୍ୟଚାଷ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଭଳି ନୂତନ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ପରବର୍ତ୍ତୀ ପର୍ଯ୍ୟାୟର ବିକାଶରେ ସେବା କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦେଇ ଋଣ ପ୍ରଦାନ ସହ ନିବେଶ ଓ ଉଦ୍ୟୋଗ ବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ 'ଇଜ୍ ଅଫ୍ ଡୁଇଂ ବିଜନେସ୍' ବା 'ବ୍ୟବସାୟ ଅନୁକୂଳ ପରିବେଶ' ସୃଷ୍ଟି କରିବା ପରି ପଦକ୍ଷେପଗୁଡ଼ିକୁ ଅଧିକ ସକ୍ରିୟ ଭାବେ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିଭଳି ମହିଳା ଉଦ୍ୟୋଗୀମାନଙ୍କୁ ଅଧିକ ଋଣ ସହାୟତା ପ୍ରଦାନ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ରୂପାନ୍ତରିତ ହେବାକୁ ପ୍ରୋତ୍ସାହିତ କରିବାକୁ ବ୍ୟାଙ୍କମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନିମନ୍ତେ ସମସ୍ତ ନିୟନ୍ତ୍ରକ ବ୍ୟାଙ୍କ, ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର, ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଥିଲା। ସେହିପରି ନିବେଶକ-ଅନୁକୂଳ ଋଣ ପ୍ରବାହ ସୁନିଶ୍ଚିତ କରିବା ପାଇଁ 'ରେଡ୍ ଟେପ୍ ଠାରୁ ରେଡ୍ କାର୍ପେଟ୍' ଆଭିମୁଖ୍ୟ ଗ୍ରହଣ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସମ୍ପୂର୍ଣ୍ଣ ଭାବେ ସିକେୱାଇସି ପ୍ରଣାଳୀର ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ଆର୍ଥିକ ସେବା ବିଭାଗର ଯୁଗ୍ମ ସଚିବ ଶାଳିନୀ ପଣ୍ଡିତ ରାଜ୍ୟର କ୍ୟାସ ଡିପୋଜିଟ ହାରକୁ ଜାତୀୟ ହାର ସହ ସମକକ୍ଷ କରିବା ପାଇଁ ଉନ୍ନତି ଆଣିବାର ଆବଶ୍ୟକତା ଉଲ୍ଲେଖ କରିଥିଲେ।

## ପୁଣି ଜେଲରେ ଅସିତ ମଜୁମଦାର

କୋଲକାତା,୬।୬(ସଂଚାର ବ୍ୟୁରୋ)ଃ ପୂର୍ବତନ ତୃଣମୂଳ (ଟିଏମ୍‌ସି) ବିଧାୟକ ଅସିତ ମଜୁମଦାରଙ୍କୁ ଜେଲଦଣ୍ଡ ପାଇଁ ଆଇନଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ପ୍ରାରମ୍ଭରେ ତାଙ୍କ ବିରୁଦ୍ଧରେ ଏକ ପ୍ରତିବାଦ ସମୟରେ ପୁଲିସ କାର୍ଯ୍ୟରେ ବାଧା ସୃଷ୍ଟି କରିବାର ଅଭିଯୋଗ ଆସିଥିଲା। ପରବର୍ତ୍ତୀ ସମୟରେ ତାଙ୍କ ବିରୁଦ୍ଧରେ ଦାଦାବଟି ଆଦାୟ ମାମଲା ରୁଜୁ ହୋଇଥିଲା ଏବଂ ବର୍ତ୍ତମାନ ଏହି ପ୍ରବୀଣ ରାଜନେତା ବଳାତ୍କାର ଉଦ୍ୟମ ଅଭିଯୋଗର ସମ୍ମୁଖୀନ ହୋଇଛନ୍ତି। ଅସିତଙ୍କୁ ଶୁକ୍ରବାର ଚୁଞ୍ଚୁଡ଼ା କୋର୍ଟରେ ହାଜର କରାଯାଇଥିଲା, କିନ୍ତୁ ସେ ଦିନ ଶେଷରେ ଘରକୁ ଫେରି ନଥିଲେ ବରଂ, ପୂର୍ବତନ ବିଧାୟକଙ୍କୁ ପୁଣି ଜେଲକୁ ପଠାଇ ଦିଆଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୋସିଆଲ ମିଡିଆରେ...

ଡିଜିଟାଲ ପୋଷ୍ଟରଟି ଏଆଇ ପ୍ଲାଟଫର୍ମରେ ପ୍ରସ୍ତୁତ ହୋଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଅମିତ୍ ଅଭିଯୋଗ କରି କହିଛନ୍ତି ଯେ ଉଚ୍ଚଶିକ୍ଷା ବିଭାଗ ପୋଷ୍ଟର ପ୍ରସ୍ତୁତ କରିବା ପାଇଁ ଏଆଇ ବ୍ୟବହାର କରୁଛି। ସେଥିରେ ରାଜ୍ୟର ଲୋଗୋକୁ ବିକୃତ କରୁଛି। ଏହା ଜାତୀୟ ସ୍ତରରେ ରାଜ୍ୟର ସମ୍ମାନକୁ ପକାଇବା ସହ ରାଜ୍ୟର ପ୍ରତୀକ ପ୍ରତି ମଧ୍ୟ ଅପମାନ। ଏଆଇର ବ୍ୟବହାର ଅନୁଚିତ ନୁହେଁ, କିନ୍ତୁ ସଠିକ ଭାବେ କମାଣ୍ଡର ବ୍ୟବହାର କରାଯାଉ ନ ଥିବାରୁ ସରକାରଙ୍କ ଶାସନ ଲୋଗୋ ଏଭଳି ବିକୃତ ହେଉଛି। ତେବେ ଅମିତଙ୍କ ପୋଷ୍ଟ ପରେ ଉଚ୍ଚଶିକ୍ଷା ତାଙ୍କ ପୋଷ୍ଟରେ କମେଣ୍ଟ କରି ଏହାକୁ ଦୃଷ୍ଟି ଆକର୍ଷଣ କରିଥିବାରୁ ଧନ୍ୟବାଦ ଜଣାଇଛି। ଏଥିସହ ବିଭାଗ ପକ୍ଷରୁ ମଧ୍ୟ ପୋଷ୍ଟରକୁ ସଙ୍ଗେ ସଙ୍ଗେ ପରିବର୍ତ୍ତନ କରାଯାଇଛି।

### ସୁଦୃଢ଼ ହେବ...

ସମସ୍ୟା ଦୂର କରିବାରେ ବେଶ ସହାୟକ ହେବ। ରାଜ୍ୟର ସବୁ ଅଞ୍ଚଳରେ ଶିଳ୍ପର ସନ୍ତୁଳିତ ବିକାଶ ପାଇଁ ଏହି ପ୍ରକଳ୍ପଗୁଡ଼ିକୁ ୧୪ଟି ଜିଲ୍ଲାରେ ପ୍ରତିଷ୍ଠା କରାଯିବ। ଆଜି ମଞ୍ଜୁରିପ୍ରାପ୍ତ ପ୍ରକଳ୍ପଗୁଡ଼ିକ ଖୋର୍ଦ୍ଧା, ଢେଙ୍କାନାଳ, ଝାରସୁଗୁଡ଼ା, କୋରାପୁଟ, ଯାଜପୁର, ସମ୍ବଲପୁର, କେନ୍ଦୁଝର, ବଲାଙ୍ଗୀର, ପୁରୀ, କଟକ, ସୁନ୍ଦରଗଡ଼, ଗଞ୍ଜାମ, ଜଗତସିଂହପୁର ଏବଂ ମୟୂରଭଞ୍ଜରେ ପ୍ରତିଷ୍ଠା ହେବ। ଇସ୍ପାତ, ଗ୍ରୀନ୍ ଏନର୍ଜି, ବିଦେଶୀ ପୋଷାକ, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ ଓ ଇଭି ଭଳି ବିଭିନ୍ନ କ୍ଷେତ୍ରକୁ ଏଥିରେ ସାମିଲ କରାଯାଇଛି। ନନ୍ଦରାଜ ଟେକ୍ସଟାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଖୋର୍ଦ୍ଧାରେ ୧୬୮.୭୪ କୋଟି ଟଙ୍କା ନିବେଶରେ ଏକ କପଡ଼ା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୧୦,୩୦୬ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ସମ୍ବଲପୁରରେ ୧୪୫.୫୦ କୋଟି ଟଙ୍କା ବ୍ୟୟରେ ଶାହୀ ଏକ୍ସପୋର୍ଟସ୍ ପକ୍ଷରୁ ଏକ ଗାର୍ମେଣ୍ଟସ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୧୮୪୦ ଜଣଙ୍କୁ ନିଯୁକ୍ତି ମିଳିବ। ଗଞ୍ଜାମରେ ୭୦ କୋଟି ଟଙ୍କା ବ୍ୟୟରେ ମା' ତାରାତାରିଣୀ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା ହେବ। ଏହାଦ୍ୱାରା ୩୫୦ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଢେଙ୍କାନାଳରେ ୬୮୩.୮୩ କୋଟି ଟଙ୍କା ନିବେଶରେ ସିଇଏସସି ଗ୍ରୀନ୍ ପାୱାର ପକ୍ଷରୁ ଏକ 'ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ' ସ୍ଥାପନ କରାଯିବ। ଖୋର୍ଦ୍ଧାରେ ୫୦୦ କୋଟି ଟଙ୍କା ବ୍ୟୟରେ ଏଭିପି ଷ୍ଟାର୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏକ 'ଲ୍ୟାବ୍ ଗ୍ରୋନ୍ ଡାଇମଣ୍ଡ' (କୃତ୍ରିମ ହୀରା) ତିଆରି କାରଖାନା ପ୍ରତିଷ୍ଠା ହେବ, ଯେଉଁଠି ୫୦୦ ଜଣ ନିଯୁକ୍ତି ପାଇବେ। ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଅନେକ ପ୍ରିମିୟମ ହୋଟେଲ ଓ ରିସୋର୍ଟର ଅଭିବୃଦ୍ଧି ପାଇଁ କୋରାପୁଟରେ ୨୫୦ କୋଟି ଟଙ୍କା ବ୍ୟୟରେ ସ୍ୱସ୍ତି ପ୍ରିମିୟମ୍ ଲିମିଟେଡ୍ ଏକ ୫-ଷ୍ଟାର୍ ରିସୋର୍ଟ ନିର୍ମାଣ କରିବ। ଏଥିରେ ୪୮୦ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିଭଳି କେନ୍ଦୁଝରରେ ୧୦୫.୬୦ କୋଟି ଟଙ୍କାରେ ଶ୍ରୀ ଇକୋ ରିସୋର୍ଟ ପକ୍ଷରୁ ଇକୋ-ରିସୋର୍ଟ ଏବଂ ୱାଟର ଆମ୍ୟୁଜମେଣ୍ଟ ପାର୍କ। ଏହାବାଦ୍ ପୁରୀ, ଜଗତସିଂହପୁର, ସୁନ୍ଦରଗଡ଼ ଓ ମୟୂରଭଞ୍ଜରେ ମଧ୍ୟ ନୂଆ ରିସୋର୍ଟ ଓ ହୋଟେଲ୍ସ ନିର୍ମାଣ ହେବ। ଯାଜପୁରରେ ୨୧୫ କୋଟି ଟଙ୍କା ନିବେଶରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ଫ୍ୟାବ୍ରିକେସନ ୟୁନିଟ୍ କରିବ ପ୍ରତିଷ୍ଠା କରିବ। ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ନିବେଶକମାନଙ୍କୁ ଖୁବ କମ ସମୟ ମଧ୍ୟରେ ସମସ୍ତ ଅନୁମତି ଯୋଗାଇ ଦିଆଯାଉଛି। ସମୃଦ୍ଧ ଓଡ଼ିଶା ୨୦୩୬ର ଦୀର୍ଘକାଳୀନ ଲକ୍ଷ୍ୟକୁ ଆଖିରେ ରଖି ରାଜ୍ୟ ସରକାର ଏହି ନିଯୁକ୍ତିଭିତ୍ତିକ ଏବଂ ପରିବେଶ ଅନୁକୂଳ ଶିଳ୍ପାୟନ ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ନୂଆ ପ୍ରକଳ୍ପଗୁଡ଼ିକ ଓଡ଼ିଶାକୁ ପୂର୍ବ ଭାରତର ସବୁଠାରୁ ବଡ଼ ଶିଳ୍ପ ଏବଂ ନିବେଶ ହବ୍ ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ଦାବି କରାଯାଉଛି।

### ସବୁ ପୌରାଞ୍ଚଳରେ...

ଏହି ଚିଠା ଏସଓପି ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ସହରାଞ୍ଚଳର ସ୍ଥାନୀୟ ସଂସ୍ଥା ବା ୟୁଏଲବିଗୁଡ଼ିକ ସେମାନଙ୍କ ଅଧୀନରେ ଥିବା ସରକାରୀ ଜମିକୁ ଏହି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା ପାଇଁ ଚିହ୍ନଟ କରିବେ। ଏହି ସ୍ଥାନ ଚୟନ ସମୟରେ ବିଶେଷକରି ପାର୍କିଂ ହବ୍, ବ୍ୟାବସାୟିକ କେନ୍ଦ୍ର, ସରକାରୀ କୋଠାବାଡ଼ି, ବଜାର ଓ ପ୍ରମୁଖ ଯାତାୟାତ କରିଡରଗୁଡ଼ିକୁ ପ୍ରାଥମିକତା ଦିଆଯିବ। ଏଥିସହ ସମ୍ପୃକ୍ତ ସ୍ଥାନରେ ପର୍ଯ୍ୟାପ୍ତ ଜାଗା, ଜନସାଧାରଣଙ୍କ ପାଇଁ ସହଜ ଗମନାଗମନ ବ୍ୟବସ୍ଥା, ବୈଦ୍ୟୁତିକ ସଂଯୋଗୀକରଣର ସୁବିଧା, ନିରାପତ୍ତା ଓ ଭବିଷ୍ୟତରେ ଏହାର ସମ୍ପ୍ରସାରଣ ପାଇଁ ଥିବା ସୁଯୋଗକୁ ବିଚାରକୁ ନିଆଯାଇ ସ୍ଥାନ ଚୂଡ଼ାନ୍ତ କରାଯିବ। ଏହି ପ୍ରକଳ୍ପ ଅଧୀନରେ ଚିହ୍ନଟ ହୋଇଥିବା ସ୍ଥାନଗୁଡ଼ିକର ବିକାଶ ଓ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ପୌରସଂସ୍ଥାଗୁଡ଼ିକ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ପାଣ୍ଠିରୁ ସମ୍ପାଦନ କରିବେ। ଏହି ସ୍ଥାନଗୁଡ଼ିକରେ ଗାଡ଼ି ରଖିବା ପାଇଁ ପାର୍କିଂ ଶେଡ୍, ଆଲୋକୀକରଣ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ସୁବିଧା, ଶୌଚାଳୟ ଓ ଚାର୍ଜିଂ ଷ୍ଟେସନ ପାଇଁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ଆନୁଷଙ୍ଗିକ ସେବା ପ୍ରଦାନ କରାଯିବ। ଯେଉଁ ପୌର ସଂସ୍ଥାଗୁଡ଼ିକୁ ୨୦୨୫-୨୬ ଆର୍ଥିକ ବର୍ଷରେ ପାଣ୍ଠି ପ୍ରଦାନ କରାଯାଇଛି, ସେମାନେ ନିଜର ଆବଶ୍ୟକତା ଅନୁଯାୟୀ ଏହି ଅର୍ଥକୁ ଉପଯୋଗ କରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିପାରିବେ। ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷର ବାର୍ଷିକ କାର୍ଯ୍ୟ ଯୋଜନାରେ ସମସ୍ତ ସାଇଟ୍ ବିବରଣୀ ଓ ଜିଓ-କୋର୍ଡିନେଟ୍ସ ସହ ଏହି ପ୍ରସ୍ତାବକୁ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚାର୍ଜିଂ ଷ୍ଟେସନଗୁଡ଼ିକର ସ୍ଥାପନ, ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଉପଯୁକ୍ତ ସଂସ୍ଥା ବା ଏଜେନ୍ସି ଚୟନ କରାଯିବ।

### ଫ୍ଲାଟ୍‌ପ୍ରେମୀ ଯନ୍ତ୍ରୀଙ୍କ...

କାର୍ଯ୍ୟାଳୟ ଓ ବାଲିଗୁଡ଼ା ସରକାରୀ ଘର, ଯାଜପୁରର ଧର୍ମଶାଳାରେ ଥିବା ପୈତୃକ ଘର ଓ ବାରିପଦାରେ ଥିବା ସମ୍ପର୍କୀୟଙ୍କ ଘରେ ବି ଚଢ଼ାଉ ଜାରି ରହିଛି। ଏହି ଚଢ଼ାଉ ସମୟରେ ଯନ୍ତ୍ରୀ ବାବୁଙ୍କର ୪ଟି ସୌଖୀନ ବାସଭବନ ସମେତ ମୋଟ ୫ଟି ବହୁତଳ ପ୍ରାସାଦ ଓ ୧୪ଟି ଦାମୀ ଫ୍ଲାଟ୍ ରହିଥିବା ଜଣାପଡ଼ିଛି। ଶ୍ରୀ ବେହେରାଙ୍କର ଭୁବନେଶ୍ୱର ନୀଳାଦ୍ରି ବିହାରରେ ସାଢ଼େ ୧୦ ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ୪ ମହଲା ବିଶିଷ୍ଟ ଘର, ଶୈଳଶ୍ରୀ ବିହାରରେ ୧୧୦୦ ବର୍ଗଫୁଟ ଅଞ୍ଚଳରେ ତିନି ମହଲା ଘର, ପଟିଆ କାନନ ବିହାର ଫେଜ -୧ରେ ଅଢ଼େଇ ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ଦୁଇ ମହଲା ଘର ଓ ଚନ୍ଦ୍ରଶେଖରପୁରରେ ମଧ୍ୟ ୨୫୦୦ ବର୍ଗଫୁଟର ଦୁଇ ମହଲା ବିଶିଷ୍ଟ ଘର ରହିଛି। ଏହାଛଡ଼ା ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ତାଙ୍କର ୭ଟି ଫ୍ଲାଟ୍ ରହିଥିବା ବେଳେ ଯାଜପୁରର ଧର୍ମଶାଳାରେ ରହିଛି ୫ଟି ଫ୍ଲାଟ୍। ଏହାଛଡ଼ା ବାରିପଦାରେ ମଧ୍ୟ ଅନ୍ୟ ଗୋଟିଏ ଫ୍ଲାଟ୍ ରହିଥିବା ଚଢ଼ାଉ ସମୟରେ ଜଣାପଡ଼ିଛି। ସେହିପରି ଧର୍ମଶାଳା କଲେଜ ନିକଟସ୍ଥ ପଣ୍ଡୁଆ ଗ୍ରାମରେ ଶ୍ରୀ ବେହେରାଙ୍କ ପୈତୃକ ଜମି ଉପରେ ନିର୍ମିତ ଦୁଇ ମହଲା ଘର ବି ଠାବ କରିଛି ଭିଜିଲାନ୍ସ। ଚଢ଼ାଉ ସମୟରେ ତାଙ୍କ ଘରୁ ନଗଦ ପାଖାପାଖି ୪ ଲକ୍ଷ ୧୪ ହଜାର ଟଙ୍କା ଜବତ କରାଯାଇଛି। ତେବେ ତାଙ୍କ ପତ୍ନୀଙ୍କ ନାମରେ ଚନ୍ଦ୍ରଶେଖରପୁରର ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଆକ୍ସିସ୍ ବ୍ୟାଙ୍କରେ ଦୁଇଟି ଲକର୍ ଥିବା ତଦନ୍ତ ସମୟରେ ଜଣାପଡ଼ିଥିବା ବେଳେ ଏହାକୁ ଖୋଲିବା ପରେ ଭିଜିଲାନ୍ସ ଅଧିକାରୀମାନଙ୍କ ଆଖି ଖୋସିହୋଇଯାଇଛି। କାରଣ ଦୁଇଟି ଲକର୍‌ରୁ ବାହାରିଛି ଖାଲି ବିଡ଼ା ବିଡ଼ା ଟଙ୍କା। ବିଡ଼ା ବିଡ଼ା ଟଙ୍କା ଭିଜିଲାନ୍ସ କର୍ମଚାରୀମାନେ ମେସିନ୍ ଲଗାଇ ଗଣୁଥିବାର ଦେଖିବାକୁ ମିଳିଛି, ଯାହା ପାଖାପାଖି ୨ କୋଟି ଟଙ୍କା ବୋଲି ଜଣାପଡ଼ିଛି। ଆହୁରି ତାଙ୍କ ଘରୁ ୩୪୧ ଗ୍ରାମ୍ ଓଜନର ସୁନା ଅଳଙ୍କାର ବି ଠାବ କରାଯାଇଛି। ସେହିପରି ଶ୍ରୀ ବେହେରା ଓ ତାଙ୍କ ପରିବାରର ବିଭିନ୍ନ ସଦସ୍ୟଙ୍କ ନାମରେ ୪୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜମା ବିଭିନ୍ନ ବ୍ୟାଙ୍କରେ ରହିଛି। ଏହାଛଡ଼ା ଶ୍ରୀ ବେହେରାଙ୍କ ଭୁବନେଶ୍ୱର କାନନ ବିହାରସ୍ଥିତ ଘରୁ ଅନେକ ସୌଖୀନ ସାମଗ୍ରୀ ମିଳିଛି।

### ରାଜଧାନୀରେ ୧୫...

ସମେତ ଆଉ କିଛି ଅଞ୍ଚଳରେ କୁଆପଥର ମାଡ଼ ହୋଇଥିବା ବେଳେ ପ୍ରାୟ ସବୁ ସ୍ଥାନରେ ପବନ ହୋଇଥିଲା। ବର୍ଷାଠାରୁ ଅଧିକ ପବନ ହୋଇଥିଲା। ରାଜଧାନୀରେ ମାତ୍ର ୧୫ ମିନିଟ୍ ପାଇଁ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। କିନ୍ତୁ ସେତିକି ସମୟ ମଧ୍ୟରେ ବର୍ଷା ସହ ଏତେ ଜୋରରେ ପବନ ବହିଥିଲା ଯେ ଅନେକ ସ୍ଥାନରେ ଗଛ ଭାଙ୍ଗିଯାଇଛି। ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜିଥିବା ବେଳେ ସେଗୁଡ଼ିକୁ ହଟାଇବା ପାଇଁ ଅଗ୍ନିଶମ ବିଭାଗର ୧୫ଟି ଟିମ୍‌କୁ ନିୟୋଜିତ କରାଯାଇଛି। ଜୟଦେବ ବିହାର ଛକରେ ଏକ ଗଛ ଭାଙ୍ଗି ପଡ଼ିଯିବାରୁ ପ୍ରାୟ ୧୦ଟି ବାଇକ୍ କ୍ଷତିଗ୍ରସ୍ତ ହୋଇଛି। ସେହିପରି କିଛି ସ୍ଥାନରେ ବଡ଼ ବଡ଼ ହୋର୍ଡିଂ ମଧ୍ୟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ଜୟଦେବ ବିହାର ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ କାର ଉପରେ ଏକ ହୋର୍ଡିଂ ପଡ଼ିଯାଇଥିଲା। ତେବେ ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ଗଛ ଓ ହୋର୍ଡିଂ ଆଦି ଭାଙ୍ଗି ଯାଇଥିବାରୁ ସହରର ଅନେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ସେପଟେ ସିଆରପି ଛକରୁ ୟୁନିଟ୍-୮ ଡିଏଭି ଯିବା ରାସ୍ତାରେ ମଧ୍ୟ ବଡ଼ ବଡ଼ ଗଛ ଭାଙ୍ଗିଛି। ଗଛ ଭାଙ୍ଗି ଅଟୋ ରିକ୍ସା ଏବଂ ବାଇକ୍ ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। ଆଗାମୀ ୫ ଦିନରେ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ଓ ବଜ୍ରପାତ ହେବାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ପାଣିପାଗ ବିଭାଗର ଆକଳନ ଅନୁସାରେ, ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏଭଳି କାଳବୈଶାଖୀ ବର୍ଷା ସହ ଗରମ ଓ ଗୁଳୁଗୁଳି ଲାଗି ରହିବ।

### ଏକଲା ଚଲୋ...

କଂଗ୍ରେସ ଆଡକୁ ଢଳିଛନ୍ତି ବୋଲି ଆକଳନ କରାଯାଉଥିଲା। ହେଲେ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିରେ ନବୀନ ନେଇଥିବା ନିଷ୍ପତ୍ତି ସର୍ବକାଳୀନ ନୁହେଁ। ବିଜେପିର ଘୋଡ଼ା ବେପାରକୁ ଚେକ୍ ଦେବାକୁ ଏହି ରଣନୀତି ଆପଣାଯାଇଥିଲା। ପରେ ଉଭୟ ଦଳର ତୁଙ୍ଗ ନେତାମାନେ ଏହା ସ୍ପଷ୍ଟ ଭାବେ କହିଥିଲେ। ସେହି ସମୟ ଓ ଗୋଟିଏ କାରଣ ପାଇଁ ଦୁଇ ଦଳ ମିଳିତ ଭାବେ ପ୍ରାର୍ଥୀ ଦେଇଥିଲେ। ହେଲେ ଆସନ୍ତା ପଞ୍ଚାୟତ କି ସାଧାରଣ ନିର୍ବାଚନରେ ଏହା ପ୍ରତିଫଳିତ ହେବ ନାହିଁ ବୋଲି ଦୁଇ ଦଳର ବରିଷ୍ଠ ନେତାମାନେ ସ୍ପଷ୍ଟ କରିଦେଇଛନ୍ତି। ଏମିତି ବି ନବୀନ ନିଜର ଓ ନିଜ ଦଳର ସୁରକ୍ଷା ପାଇଁ ମୋଦିଙ୍କୁ ବିରୋଧ କରିବାର ସମ୍ଭାବନା କମ୍। ତେଣୁ ନବୀନ ପୂର୍ବଭଳି ଏକ୍ଲା ଚଲୋ ନୀତିକୁ ଆପଣେଇ ପ୍ରସଙ୍ଗ ଭିତ୍ତିରେ ବିଜେପିକୁ ବିରୋଧ କରିବେ ବୋଲି ଜଣାପଡ଼ିଛି।

# ଅପରେସନ ବୈତରଣୀ ଫେଲ୍ ?

**ଜଙ୍ଗଲ ଭିତରେ ଚୋରା ବାଲି ଡିପୋ**

**ପ୍ରଶାସନକୁ ଚକମା ଦେଉଛନ୍ତି ମାଫିଆ**



**ଆନନ୍ଦପୁର,୬।୬ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ସହ 'ଅପରେସନ ବୈତରଣୀ' ଆରମ୍ଭ ହୋଇଥିଲେ ମଧ୍ୟ ବାଲି ଚୋରି ଉପରେ ସମ୍ପୂର୍ଣ୍ଣ ରୋକ ଲାଗିପାରିନାହିଁ। ବରଂ ପୁଲିସ ଓ ପ୍ରଶାସନକୁ ଚକମା ଦେବା ପାଇଁ ବାଲି ମାଫିଆମାନେ ନୂଆ କୌଶଳ ଆପଣାଇଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ଆନନ୍ଦପୁର ଥାନା ଅଞ୍ଚଳର ବୁଢ଼ିକୁଦ, ସନ୍ତୋଷପୁର, ତନେଇପାଳ ଏବଂ ରଟୁଆଁ ଅଞ୍ଚଳରୁ ବୈତରଣୀ ନଦୀର ବାଲି ବେଧଡ଼କ ଭାବେ ଉତ୍ତୋଳନ କରାଯାଉଛି। ଏହି ବାଲିକୁ ସିଧାସଳଖ ଚାଲାଣ ନକରି କେନ୍ଦୁଝର-ମୟୂରଭଞ୍ଜ ସୀମାରେ ଥିବା ଗୋଡ଼ଭଙ୍ଗା ଜଙ୍ଗଲ ଅଞ୍ଚଳରେ ଗଚ୍ଛିତ ରଖାଯାଉଥିବା ଜଣାପଡ଼ିଛି। ଆନନ୍ଦପୁର ଉପଖଣ୍ଡର ଶେଷ ସୀମାରେ ଥିବା ଗୋଡ଼ଭଙ୍ଗା ଜଙ୍ଗଲ ବିଭାଗ ତନଖି ଫାଟକ ନିକଟରେ ଏକ ବିରାଟ ଚୋରା ବାଲି ଡିପୋ ଥିବା ଦେଖିବାକୁ ମିଳିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏଠାରେ ଶହେ ଟ୍ରିପ୍‌ରୁ ଅଧିକ ବାଲି ଗଦା କରାଯାଇଛି। ଦିନରାତି ଟ୍ରାକ୍ଟର ଯୋଗେ ବାଲି ଆଣି ମହଜୁଦ ରଖାଯାଉଥିବା ବେଳେ ପରେ ରାତି ଅନ୍ଧାରରେ ହାଇୱା ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ ହେଉଛି। 'ଅପରେସନ ବୈତରଣୀ' ମାଧ୍ୟମରେ ପ୍ରଶାସନ କିଛି ସଫଳତା ପାଇଥିଲେ ମଧ୍ୟ ଏଭଳି ନୂଆ ତରିକାରେ ଚାଲିଥିବା ବାଲି ଚୋରି ଘଟଣା ପ୍ରଶାସନର କାର୍ଯ୍ୟକାରିତାକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହି ଘଟଣାର ତୁରନ୍ତ ତଦନ୍ତ କରି ଚୋରା ବାଲି ଡିପୋ ଉପରେ ଚଢ଼ାଉ କରିବା ସହ ଏହା ପଛରେ ଥିବା ମାଫିଆ ଚକ୍ର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି କରିଛନ୍ତି। ସେପଟେ ଆନନ୍ଦପୁର ପ୍ରଶାସନ, ଜିଲ୍ଲା ଖଣି ବିଭାଗ ଏବଂ ବନ ବିଭାଗ ଏହି ପ୍ରସଙ୍ଗରେ କେବେ ପଦକ୍ଷେପ ନେଉଛନ୍ତି, ତାହା ଦେଖିବାକୁ ବାକି ରହିଲା।

## ପେଟ୍ରୋଲ, ଡିଜେଲ ସହ ଦରଦାମ ବୃଦ୍ଧିକୁ କଂଗ୍ରେସର ପ୍ରତିବାଦ

**ନବରଙ୍ଗପୁର/ତେନ୍ତୁଳୀଖୁଣ୍ଟି, ୬।୬ (ସଂଚାର ବ୍ୟୁରୋ):** ନବରଙ୍ଗପୁର, ତେନ୍ତୁଳୀଖୁଣ୍ଟି ବ୍ଲକ କଂଗ୍ରେସ ସଭାପତିଙ୍କ ଆହ୍ୱାନ କ୍ରମେ କୁର୍ମାକୋଟ ଭାରତ ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସ କର୍ମୀମାନେ ପ୍ରତିବାଦ ଓ ଆନ୍ଦୋଳନ କରିଥିଲେ। କେନ୍ଦ୍ର ସରକାରଙ୍କ ଅହେତୁକ ପେଟ୍ରୋଲ, ଡିଜେଲ, ନିତିଦିନିଆ ଘୋରେଇ ସାମଗ୍ରୀ ଉପରେ ଦରଦାମ ବଢ଼ିବାରେ ଲାଗିଥିବାରୁ ସାଧାରଣ ଜନତା ଅତିଷ୍ଠ ହୋଇପଡ଼ିଲେଣି ବୋଲି ବ୍ଲକ କଂଗ୍ରେସ ସଭାପତି ମତ ପ୍ରକାଶ କରିଥିଲେ। ଏହି ପ୍ରତିବାଦ ସଭାରେ ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲ,ଜିଲ୍ଲା ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ ସଭାପତି ପି ନାଗାରତ୍ନମ, ଯୁବ କଂଗ୍ରେସ ସଭାପତି ଅଖିଳ ଭତ୍ରା ଓ କିଶୋର ସିଂ, ବିଶ୍ୱନାଥ ସିଂ, ନବୀନ କର୍କରା, ଅମର ପାଣି, ସୁବାସ ସାନ୍ତା ଉପସ୍ଥିତ ରହି ପ୍ରତିବାଦ ସଭା ରେ ସହଯୋଗ କରିଥିଲେ।



## ହିଞ୍ଜିଳିରେ ଟ୍ରାଫିକ ସମସ୍ୟା ଉତ୍କଟ

**ମାଡ଼ି ଚାଲିଛି ଜବରଦଖଲ, ବଢୁଛି ଅସନ୍ତୋଷ**



**ହିଞ୍ଜିଳିକାଟୁ, ୬।୬ (ସଂଚାର ବ୍ୟୁରୋ):** ଆଜିକାଲି ଲୋକେ ଅଧିକ ସଂଖ୍ୟାରେ ସହରାଭିମୁଖି ହେଉଛନ୍ତି । ଫଳରେ ସହରରେ ଲୋକସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସହରର ଟ୍ରାଫିକ ବ୍ୟବସ୍ଥାରେ ନାନା ସମସ୍ୟା ଦେଖାଦେଉଛି। ଯାହାର ଜ୍ୱଳନ୍ତ ପ୍ରମାଣ ଦେଖିବାକୁ ମିଳୁଛି ଗଂଜାମ ଜିଲା ହିଞ୍ଜିଳିକାଟୁ ପୌରାଞ୍ଚଳରେ । ତେବେ ହିଞ୍ଜିଳିକାଟୁ - ତାରାତାରିଣୀ ରାସ୍ତାରେ ପରିବା ବଜାର ହେବ ଯାତାୟାତ ଏବେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ଏହି ରାସ୍ତା ଦେଇ ସିକିରି,ଖରିଡା, ଆଲପୁର,ରାଳବ, ଅଣ୍ଟରି ଗାଁ ଆଦି ଗାଁ ର ମାଲ ପରିବହନକାରୀ ଗାଡି ଯାତାୟାତ କରେ। ଟ୍ରାଫିକ୍ ଭିଡ଼ ଯୋଗୁ ସର୍ବଦା ବିଶେଷତଃ ଜରୁରୀକାଳୀନ ସମୟରେ ଯାତାୟାତକାରୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । । ଜରୁରୀ କାମରେ ଘରୁ ବାହାରିଲେ, ଆଗୁଆ ଯିବାକୁ ପଡୁଛି, ନହେଲେ ସମୟରେ ଗନ୍ତବ୍ୟ ସ୍ଥଳରେ ପହଁଚିବା କଷ୍ଟକର ହୋଇପଡୁଛି ।

ରାସ୍ତା ଉପରେ ପସରା ମେଲାଇ ବ୍ୟବସାୟ କରୁଛନ୍ତି ଠେଲା ଦୋକାନୀ ଫଳରେ ପ୍ରମୁଖ ରାସ୍ତା ଗୁଡିକ ସଂକୁଚିତ ହେଉଯାଉଛି । ଟ୍ରାଫିକ ସମସ୍ୟା ସାଙ୍ଗକୁ ଛୋଟମୋଟ ଦୁର୍ଘଟଣା ଘଟୁଛି । ପ୍ରଶାସନ ମୁଣ୍ଡ ପୁରାଉନି ଯାହାକୁ ନେଇ ଜନ ଅସନ୍ତୋଷ ବଢୁଛି । ହିଞ୍ଜିଳିକାଟୁ ବଜାର ଏହି ବ୍ଲକ ଅଞ୍ଚଳର ଏକ ସଂଯୁକ୍ତ ସ୍ଥଳ ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଭାବେ ପରିଚିତ । ତେଣୁ ଏଠାରେ ସର୍ବଦା ଗହଳି ଲାଗି ରହିଥାଏ। ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ଆଦି ଅନେକ ସଂସ୍ଥା ଏଠାରେ ରହିଛି। ଦିନକୁ ଦିନ ଯାନବାହନ ସଂଖ୍ୟା ବଢ଼ିବାରେ ଲାଗିଛି । ତେଣୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଅଣତାଲିମପ୍ରାପ୍ତ ହୋମଗାର୍ଡଙ୍କ ଉପରେ ଏହି ବ୍ୟବସ୍ଥା ଟେକି ଦେଇ ବଡବଡ଼ୁ ମାନେ ନିଜର ଦାୟିତ୍ୱ ସାରିଦେଉଛନ୍ତି । ଯାହା ଫଳରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ହେଉଛି। ଟ୍ରାଫିକ ବ୍ୟବସ୍ଥାରେ ଅଧିକାଂଶ ସମୟରେ ଲୋକମାନେ ନିୟମ ଉଲ୍ଲଂଘନ କରୁଥିବା ବେଳେ ଉଭୟ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଝଗଡ଼ା ହେଉଥିବା ନଜିର ରହିଛି । ତୁରନ୍ତ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ତାଲିମପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରିବା ସହ ଟ୍ରାଫିକ ବ୍ୟବସ୍ଥା ଉପରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି ।

## ପ୍ରଧାନଶିକ୍ଷକଙ୍କୁ ପ୍ରକୃତି ମିତ୍ର ପୁରସ୍କାର



**ଫୁଲବାଣୀ, ୬।୬ (ସଂଚାର ବ୍ୟୁରୋ):** ଫୁଲବାଣୀର ପଞ୍ଚାୟତ ଭବନ ଠାରେ ବିଶ୍ୱ ପରିବେଶ ଦିବସ ପାଳନ ଆନୁକୂଲ୍ୟରେ ଜିଲ୍ଲାପାଳ ବେଦଭୂଷଣ, ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ, ପ୍ରୋବେଶନରେ ଥିବା ଆଇ.ଏ.ଏସ ଯଶକିରଣ ସିଂ ଓ ବନ ବିଭାଗର ଗଣ୍ୟମାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ କନ୍ଧମାଳ ଜିଲ୍ଲାର ଚଳିତ ବର୍ଷର ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ବିତରଣ କରାଯାଇଥିଲା। ରାଇକିଆ ବ୍ଲକ ତରଫରୁ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ତ୍ତିକେଶ୍ୱର ବେହେରା ପ୍ରକୃତି ମିତ୍ର ପୁରସ୍କାର ମଞ୍ଚାସୀନ ସମସ୍ତ ଗଣମାନ୍ୟ ଅତିଥିଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ ଠାରୁ ସେ ଗ୍ରହଣ କରିଥିଲେ । ତାଙ୍କର ଅଦମ୍ୟ ଇଚ୍ଛାଶକ୍ତି ଓ ଛାତ୍ରଛାତ୍ରୀମାନଙ୍କ ପରିବେଶ ପ୍ରତି ସଚେତନତା ଯୋଗୁଁ ଏହି ସମ୍ମାନର ସେ ଅଧିକାରୀ ହୋଇଥିବା ପରୋକ୍ଷରେ ମତପୋଷଣ କରିଛନ୍ତି।

## 'ପ୍ରକୃତି ବନ୍ଧୁ ପୁରସ୍କାର' ପାଇ ଭଦ୍ରକ ଜିଲ୍ଲା ପାଇଁ ଗୌରବ ଆଣିଲେ ମୁକ୍ତିକାନ୍ତ




**ଧାମନଗର, ୬।୬ (ସଂଚାର ବ୍ୟୁରୋ):** ବିଶ୍ୱ ପରିବେଶ ଦିବସ ଅବସରରେ ଆୟୋଜିତ ଗଜପତି ଜିଲ୍ଲାଠାରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଆରଉଦୟଗିରି ବ୍ଲକ ଅନ୍ତର୍ଗତ ତବାରସିଂ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମୁକ୍ତିକାନ୍ତ ମଲ୍ଲିକଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଚେକ୍ ସହିତ "ପ୍ରକୃତି ବନ୍ଧୁ ପୁରସ୍କାର" ପ୍ରଦାନ କରାଯାଇଛି। ବନ୍ତ ଅଞ୍ଚଳର ଶିକ୍ଷକ ଗଜପତି ଜିଲ୍ଲାରେ ଏହି ପୁରସ୍କାର ଓ ସମ୍ମାନିତ ହୋଇ ଭଦ୍ରକ ଜିଲ୍ଲାର ଗୌରବ ଆଣିଥିବାରୁ ଶୁଭେଚ୍ଛାର ଶୁଅ ଛୁଟି ଥିବା ବେଳେ ନିଜ ଅଞ୍ଚଳ ସହ ଜିଲ୍ଲାରେ ଖୁସି ଲହରୀ ଖେଳିଯାଇଛି। ପରିବେଶ ସୁରକ୍ଷା, ବୃକ୍ଷରୋପଣ, ସ୍ୱଚ୍ଛତା ଓ ପରିବେଶ ସଚେତନତା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଶ୍ରୀ ମଲ୍ଲିକ ଦୀର୍ଘଦିନ ଧରି ବିଦ୍ୟାଳୟ ଓ ସମାଜ ସ୍ତରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ,ପରିବେଶ ସଚେତନତା ରାଲି,ବିଜ୍ଞାନ ଭିତ୍ତିକ ସଚେତନତା ଅଭିଯାନ ଏବଂ ସ୍ୱଚ୍ଛ ପରିବେଶ ଗଠନ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି।

## ମହୁଲିଆ ପାବନ ସରୋବରରେ ବିଶ୍ୱ ପରିବେଶ ଦିବସ ପାଳିତ



**ବେତନଟୀ, ୬।୬ (ସଂଚାର ବ୍ୟୁରୋ):** ପାବନ ସରୋବର ମହୁଲିଆଠାରେ ବିଶ୍ୱ ପରିବେଶ ଦିବସ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ପରିବାର ପକ୍ଷରୁ ମୟୁରଭଞ୍ଜ ଜିଲ୍ଲାର ମୁଖ୍ୟ ସଂଚାଳିକା ବି କେ ସାବିତ୍ରୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବୋର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍) ଗୁଜୁରାଟ ପ୍ରଦେଶର ଭୁଜ କ୍ଷେତ୍ରସନ୍‌ର ନାଏବ ସୁବେଦାର ମୋତିଲାଲ ବେହେରା ଯୋଗଦାନ କରି କହିଲେ ଯେ ଦେଶକୁ ବାହ୍ୟ ଶକ୍ତି ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ସୈନିକମାନେ ଯେପରି ଜାଗ୍ରତ ଅଛନ୍ତି ସେହିପରି ବ୍ରହ୍ମା କୁମାରୀ ଭଉଣୀ ମାନେ ବିଶ୍ୱକୁ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ତାପନରୁ ସୁରକ୍ଷା କରିବା ପାଇଁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରୁଥିବାରୁ କୃତଜ୍ଞତା ଜଣାଇଥିଲେ । ମୁଖ୍ୟ ବକ୍ତା ଭାବରେ ଜାତୀୟ ସବୁଜ ବାହିନୀ ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ଶିମିଳିପାଳ ଇକୋ ଫ୍ରେଣ୍ଡସର ସମ୍ପାଦକ ଡକ୍ଟର ରମାକାନ୍ତ ମହାନ୍ତ ଏବଂ ବିଶିଷ୍ଟ ବକ୍ତା ଭାବରେ ଡାକ୍ତର କୃପାସିନ୍ଧୁ ବିନ୍ଧାଣୀ ବିଶ୍ୱ ପରିବେଶ ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଅଭିମତ ପୋଷଣ କରିଥିଲେ।

## ବେଆଇନ ବାଲି ବୋଝେଇ ଟିପର ଜବତ, ଚାଳକ ଗିରଫ

**ବାଲିଅନ୍ତା,୬।୬ (ସଂଚାର ବ୍ୟୁରୋ):** ବେଆଇନ ବାଲି ଚାଲାଣ ମାମଲାରେ ବାଳକାଟି ଫାଣ୍ଡି ପୁଲିସ ଚାଳକ କୁରୁପା ମାଝିକୁ ଗିରଫ କରିବା ସହ ବେଆଇନ ବାଲିମାଟି ଚାଲାଣରେ ବ୍ୟବହୃତ ଟିପର ଜବତ କରିଛି । ସୂଚନାଯୋଗ୍ୟ ଯେ, ଆଜି ବିଳମ୍ବିତ ରାତିରେ ରଙ୍ଗବଜାର ଛକଠାରେ ନାଇଟ୍ ବ୍ଲକିଂ ଓ ଯାନବାହନ ଯାଞ୍ଚ ଚାଲିଥିବା ବେଳେ ବୈଁତୁଆ ଗ୍ରାମ ପଟୁ ଏକ ଟାଟା ଟିପ୍ପର ଦ୍ରୁତ ଗତିରେ ସତ୍ୟଭାମାପୁର ଆଡକୁ ଆସୁଥିବା ଦେଖି ପୁଲିସ ଗାଡ଼ିକୁ ଅଟକାଇ ଯାଞ୍ଚ କରାଯିବାରୁ ଗାଡ଼ିରେ ବାଲି ପରିବହନ ହେଉଥିବା ଜଣାପଡ଼ିଥିଲା। ଡ୍ରାଇଭର କୁରୁପା ମାଝୀଙ୍କୁ ବାଲି ପରିବହନ ସମ୍ପର୍କିତ ବୈଧ ଦସ୍ତାବିଜ ଦେଖାଇ ପାରିନଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ କୁରୁପା ମାଝୀ, ଗାଡ଼ି ମାଲିକଙ୍କ ନିର୍ଦ୍ଦେଶରେ ବେଆଇନ ଭାବରେ ବାଲି ଖନନ, ପରିବହନ କରୁଥିବା ସ୍ୱୀକାର କରିଥିଲେ। ଘଟଣାସ୍ଥଳରୁ ବାଲି ବୋଝେଇ ଟାଟା ଟିପ୍ପରକୁ ଜବତ କରାଯାଇଥିଲା।

# ସୁନ୍ଦରଗଡ଼ ପୌରପାଳିକାରେ ଏସ୍‌ଆଇଆର୍ ସଚେତନତା କାର୍ଯ୍ୟକ୍ରମ




**ସୁନ୍ଦରଗଡ, ୬।୬ (ସଂଚାର ବ୍ୟୁରୋ):** ସୁନ୍ଦରଗଡ ପୌରପାଳିକା କାଉନସିଲ ହଲଠାରେ ଶନିବାର ସକାଳ ୯ ଟା ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ. ଆଇ. ଆର. ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ତେଜସ୍ୱିନି ବେହେରା ଏବଂ ଡେପୁଟି କଲେକ୍ଟର ଜ୍ୟୋତି ରଞ୍ଜନ ପ୍ରଧାନ ଉପସ୍ଥିତ ରହି ସମସ୍ତ କାଉନସିଲର ଓ ପୌରପାଳିକା କର୍ମଚାରୀଙ୍କୁ ଏସ.ଆଇ.ଆର. ଉପରେ ସଚେତନ କରିଥିଲେ ଏବଂ ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ।

ଯେପରିକି ଏକ ତ୍ରୁଟି ଶୁନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇ ପାରିବ ଏବଂ ସମସ୍ତ ଯୋଗ୍ୟ ଭୋଟର ମାନେ ଯେପରି ତାଲିକାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ତାହା ସୁନିଶ୍ଚିତ କରିବା ଉପରେ ସଚେତନ କରାଇବେ । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, କାର୍ଯ୍ୟନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, କାଉନସିଲର ତଥା ଜିଲ୍ଲା ଯୋଜନା କମିଟି ସଦସ୍ୟ ସୁମନ୍ତ ସାହୁ, କାଉନସିଲର କୈଳାଶ ତନ୍ତୀ,ରମେଶ ସୋରେଙ୍ଗ, ଭାରତୀ ପଟେଲ୍, ମମତା ଖାଲକୋ, ମିନତି ପୁରୋହିତ, ଦୀପାଞ୍ଜଳି ନନ୍ଦ,ଦୁସିଲା ଦଣ୍ଡସେନା, ରଜନୀ ରୋହିଦାସ, ସୁଶୀଳା ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ତରାଭଟାରେ ରବି ଧାନ ମଣ୍ଡି ଖୋଲିବା ଦାବିରେ ଚାଷୀଙ୍କ ଧାରଣା



**ବୋରିଗୁମ୍ମା, ୬।୬ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ତରାଭଟା ଛକ ଠାରେ ଚଳିତ ରବି ଧାନ ମଣ୍ଡି ଶୁଭାରମ୍ଭ ଦାବି ନେଇ ଚାଷୀମାନେ ଶନିବାର ପୂର୍ବାହ୍ନରେ ବୋରିଗୁମ୍ମା ବ୍ଲକ ସ୍ଥିତ ତରାଭଟା ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ତୁରନ୍ତ ମଣ୍ଡିର ଶୁଭାରମ୍ଭ ସହ ଚାଷୀଙ୍କ ଧାନ କ୍ରୟ କରିବାକୁ ଦାବି କରିଥିଲେ । ଚଳିତ ବର୍ଷ ଜିଲ୍ଲାରେ ଚାଷୀମାନଙ୍କ ଦ୍ୱାରା ଅମଳ ହୋଇଥିବା ରବି ଧାନ ବିକ୍ରି ନିମନ୍ତେ ଜୁନ ୧ରୁ ମଣ୍ଡି ଶୁଭାରମ୍ଭ ନେଇ ଜିଲ୍ଲା ସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଏବେ ୬ ତାରିଖ ହୋଇଯାଇଥିଲେ ସୁଦ୍ଧା କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ରବି ଧାନମଣ୍ଡି ଶୁଭାରମ୍ଭ ହୋଇପାରିନାହିଁ ।

ଏନେଇ ବ୍ଲକର ଅସନ୍ତୋଷ ଚାଷୀମାନେ ଧାର କରଜ କରି ଚାଷ କରିଥିବା ଚାଷୀଙ୍କ ପାଇଁ ବିଳମ୍ବିତ ମଣ୍ଡି, ଚିନ୍ତାର ବିଷୟ ପାଲଟିଛି। ଚାଷୀ ନିଜ ଖଳାରେ ଅମଳ ଧାନକୁ ସାଇତି ରଖୁଛନ୍ତି। ମଣ୍ଡିରେ ବିକିବେ ବୋଲି, ଏଣେ ଚାଷୀଙ୍କ ପଛରେ ପଡିଲେଣି ବେପାରୀ। ମଣ୍ଡି ନ ଖୋଲିବାରୁ ଚାଷୀ ବି ନିଜ କଷ୍ଟ ଉପାର୍ଜିତ ଧାନକୁ ବେପାରୀ ହାତକୁ ଟେକି ଦେବାକୁ ଚିନ୍ତା କଲେଣି। ଚଳିତ ବର୍ଷ ରବି ଧାନ ଚାଷକୁ ନେଇ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ବୋରିଗୁମ୍ମା ବ୍ଲକର ଚାଷୀ।

**ସ୍ଥାୟୀ ପଟ୍ଟା ବଣ୍ଟନକୁ ନେଇ ବଢୁଛି ବିବାଦ**

# ଚକବନ୍ଦୀ କାର୍ଯ୍ୟାଳୟ ଘେରିଲେ ଶତାଧିକ ହିତାଧିକାରୀ



**ନିମାପଡା, ୬।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଅଣ୍ଟିଆ ମୌଜାର ସ୍ଥାୟୀ ପଟ୍ଟା ବଣ୍ଟନରୁ ବାଦ୍ ପଡ଼ିଥିବା ଶତାଧିକ ହିତାଧିକାରୀ ଘେରିଲେ ଚକବନ୍ଦୀ କାର୍ଯ୍ୟାଳୟ। ଦୀର୍ଘ ୯୯ ବର୍ଷର ସମସ୍ୟା ସମାଧାନ ଆଳରେ ହିତାଧିକାରୀ ମାନଙ୍କ ସମସ୍ୟାକୁ ଆହୁରି ସରକାର ବଢ଼ାଇ ଦେଇଥିବା କଥା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ କିଛିଦିନ ତଳେ ଏକ ସ୍ୱତନ୍ତ୍ର ସ୍ଥାୟୀ ଜମି ପଟ୍ଟା ବଣ୍ଟନ ଉତ୍ସବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଦୀର୍ଘ ଦିନ ହେବ ନଟ୍ ଫାଇନାଲ ହୋଇ ପଡ଼ିରହିଥିବା ଅଣ୍ଟିଆ ମୌଜାର ୨୪୦ ଜଣ ପ୍ରଜାଙ୍କ ରେକର୍ଡ ଫାଇନାଲ କରି ପ୍ରାଥମିକ ପର୍ଯ୍ୟାୟରେ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ମୌଜାର ୮ ଟି ଖାତା ସଂଖ୍ୟା ୫୦୭, ୫୦୮, ୫୩୬, ୭୬, ୬୩୫, ୪୦, ୬୭ ଓ ୫୦୬ ର ପାଖାପାଖି ୪ ହଜାର ହିତାଧିକାରୀଙ୍କ ୨୬୭ ଏକରରୁ ଊର୍ଦ୍ଧ୍ୱ ସ୍ଥିତିବାନ ଜମି ସରକାରୀ ଖାତାକୁ ଚାଲି ଯାଇଥିବାରୁ ତାହା ଅବୈଧ ଭାବେ ଫଇସଲାରୁ ବାଦ ପଡିବାର ଅଭିଯୋଗ ଆଣି ଚକବନ୍ଦୀ କାର୍ଯ୍ୟାଳୟ ଘେରିଛନ୍ତି ଶତାଧିକ ହିତାଧିକାରୀ।

ଜମି ମାଲିକାନାରେ ଥିବା ହିତାଧିକାରୀଙ୍କ ସହ କୌଣସି ଆଲୋଚନା କରା ନ ଯାଇ ତାଙ୍କ ଅଜାଣତରେ ଜମି ଗୁଡିକୁ ସରକାରୀ ଖାତାକୁ ନିଆଯାଇ ସେମାନଙ୍କୁ ସମସ୍ୟା ଭିତରକୁ ସରକାର ଠେଲି ଦେଇଥିବା ଅଭିଯୋଗ ହେବା ସହ କିଛି ଲୋକଙ୍କୁ ଖୁସି କରିବାକୁ ଯାଇ ଅନ୍ୟ ମାନଙ୍କୁ ସମସ୍ୟାରେ ପକାଇବା କେତେ ଦୂର ଯୁକ୍ତି ଯୁକ୍ତ ବୋଲି ହିତାଧିକାରୀ ମାନେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ସରକାରୀ ଖାତାରୁ ଫେରାଇ ଚକବନ୍ଦୀରେ ଫଇସଲା କରାଯାଇ କ୍ରେତାଙ୍କ ନାମରେ ରେକର୍ଡ ସଂଶୋଧନ କରି ଜମି ପଟ୍ଟା ଯୋଗାଇ ଦେବାକୁ ଦାବି ହୋଇଛି ।

**ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା**

## ୭୯ ପ୍ରକଳ୍ପ କାର୍ଯ୍ୟ ଶେଷ




**କୋରାପୁଟ, ୬।୬ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ନିଜସ୍ୱ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଅଟେ। ଏହି ଯୋଜନା ଅଧୀନରେ ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ସୁଦୃଢ କରାଯିବାର ଲକ୍ଷ୍ୟ ରଖାଯାଇଛି। କୋରାପୁଟ ବ୍ଲକର ସବୁ ପଞ୍ଚାୟତର ଗ୍ରାମାଞ୍ଚଳରେ ପକ୍କା ରାସ୍ତା, ବଜାର ଗୃହ, କ୍ରୀଡା ଭିତ୍ତିଭୂମିର ଉନ୍ନତିକରଣ, ଭୋଗ ମଣ୍ଡପ, ଗୋଷ୍ଠୀ ସାଂସ୍କୃତିକ କେନ୍ଦ୍ର, ଅତିରିକ୍ତ ଶ୍ରେଣୀ ଗୃହ, ଭାଗବତ ଟୁଙ୍ଗୀ ପ୍ରଭୃତି ପ୍ରକଳ୍ପ ଗ୍ରାମସଭାରେ ଅନୁମୋଦିତ ହେବାରେ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି।

କୋରାପୁଟ ବ୍ଲକରେ ଗତ ୨୦୨୪/୨୦୨୫ ଆର୍ଥିକ ବର୍ଷରେ ୪୦ଟି ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ତନ୍ମଧ୍ୟରୁ ୩୯ଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଯାଇଛି। ମସ୍ତିପୁଟ ପଞ୍ଚାୟତର ଦେଶନାୟକଗୁଡା ଗ୍ରାମରେ ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଭାଗବତ ଟୁଙ୍ଗୀର ନିର୍ମାଣ କାର୍ଯ୍ୟ ଚାଲିଛି। ଚଳିତ ମାସ ଶେଷ ସୁଦ୍ଧା କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଫକୀର ପ୍ରଧାନ କହିଛନ୍ତି।କୋରାପୁଟ ବିଡିଓ ଦେବାଶିଷ ଗୌଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ସେ କହିଛନ୍ତି।୨୦୨୫/୨୦୨୬ ଆର୍ଥିକ ବର୍ଷ ନିମନ୍ତେ ୮୨ ଟି ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ତନ୍ମଧ୍ୟରୁ ୪୦ ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଯାଇଛି।ପଞ୍ଚାୟତ ସ୍ତରର ଜନପ୍ରତିନିଧି ଓ ଅଧିକାରୀ ଏବଂ ବ୍ଲକର ବିଡିଓଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ ମାନଙ୍କ ମିଳିତ ସହଯୋଗରେ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରାଯାଉଛି।

# ପାଳିବନ୍ଧ ଖାରି ନାଳର ଡିମାର୍କେସନ ଶେଷ, ପୁନରୁଦ୍ଧାର ଆଶା ବଢ଼ିଲା



**ଛତ୍ରପୁର, ୬।୬ (ସଂଚାର ବ୍ୟୁରୋ):** ଦୀର୍ଘ ଦିନ ଧରି ପୁନଃରୁଦ୍ଧାର ଦାବି ହୋଇଆସୁଥିବା ପାଳିବନ୍ଧ ଖାରି ନାଳର ପୁନଃରୁଦ୍ଧାର ଦିଗରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ନାଳର ଡିମାର୍କେସନ କାର୍ଯ୍ୟ ଡ୍ରେନେଜ ବିଭାଗ ପକ୍ଷରୁ ସମ୍ପନ୍ନ ହୋଇଥିବା ବେଳେ ଏହାକୁ ନେଇ ଅଞ୍ଚଳବାସୀ ଓ ଚାଷୀମାନଙ୍କ ମଧ୍ୟରେ ଆଶାର ସଞ୍ଚାର ହୋଇଛି।

ସୂଚନାନୁସାରେ, ସ୍ଥାନୀୟ ବିଧାୟକଙ୍କ ଉଦ୍ୟମ ଏବଂ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ନାଳ ପୁନଃରୁଦ୍ଧାର ପ୍ରକ୍ରିୟା ଆଗକୁ ବଢ଼ିଛି। ଡିମାର୍କେସନ ପରେ ନାଳ ପୁନଃରୁଦ୍ଧାର ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରାଯିବ ବୋଲି ଏସଡିଓ ସୁଚରିତା ପଣ୍ଡା ସୂଚନା ଦେଇଛନ୍ତି। ଡିପିଆର୍ ଅନୁମୋଦନ ପରେ ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ। ଏହି ନାଳର ପୁନଃରୁଦ୍ଧାର ହେଲେ ଅଞ୍ଚଳର ଚାଷୀମାନଙ୍କ ଦୀର୍ଘଦିନର ଆଶା ପୂରଣ ହେବ। ଏହା ଦ୍ୱାରା କୃଷି ଜମିକୁ ଜଳ ଯୋଗାଣ ବ୍ୟବସ୍ଥା ସୁଦୃଢ଼ ହେବା ସହ ସେଚନ ସମସ୍ୟାର ସମାଧାନ ହୋଇପାରିବ। ଅନ୍ୟପକ୍ଷରେ ଗଞ୍ଜାମ ସହରର ବର୍ଷାଜଳ ଓ ଅତିରିକ୍ତ ପାଣିର ସୁଚାରୁ ନିଷ୍କାସନ ସମ୍ଭବ ହେବାରୁ ଜଳବନ୍ଦୀ ଏବଂ ବନ୍ୟା ସମସ୍ୟା ମଧ୍ୟ ବହୁ ପରିମାଣରେ ଦୂର ହେବ ବୋଲି ସ୍ଥାନୀୟ ଲୋକମାନେ ଆଶାବାଦୀ ଅଛନ୍ତି।

## ମାନସିକ ରୋଗୀଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ



**ମାଲକାନଗିରି, ୬।୬ (ସଂଚାର ବ୍ୟୁରୋ):** ମା ଭୈରବୀ ଇଲେକ୍ଟ୍ରିକାଲ୍ ଆସୋସିଏସନ, ମାଲକାନଗିରି ପକ୍ଷରୁ ଆଜି ପୁରୁଣା ମେଡିକାଲ ପରିସରରେ ଅବସ୍ଥିତ ମିଶନ ଆଶ୍ରମରେ ରହୁଥିବା ପ୍ରାୟ ୯୫ ଜଣ ମାନସିକ ରୋଗୀଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରାଯାଇଥିଲା। ଏହି ସେବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରିର ଅତିରିକ୍ତ ଜିଲ୍ଲାପାଳ (ଏ.ଡି.ଏମ.) ବେଦବର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସି.ଡି.ଏମ.ଓ. ମାଲକାନଗିରି, ସଂଘର ଉପଦେଷ୍ଟା ଭବାନୀ ମିଶ୍ର, ପଦ୍ମ ପାଙ୍ଗୀ, ସଭାପତି ଡମ୍ବୁ ଜାନି, ହେମନ୍ତ ଜୈନ, ସମ୍ପାଦକ ରାମା ରାଓ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## କୁଲଡିହାରୁ ଦୁଇ ଶିକାରୀ ଗିରଫ



**ନୀଳଗିରି, ୬।୬ (ସଂଚାର ବ୍ୟୁରୋ):** ଗତ ୫ ତାରିଖ ଶୁକ୍ରବାର ରାତି ପ୍ରାୟ ୮.୨୦ ମିନିଟ ସମୟରେ କୁଲଡିହା ଅଭୟାରଣ୍ୟ ର ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅନ୍ତର୍ଗତ ଚଟକା (ପଇଡ଼ ପାଣି) ଠାରେ ପ୍ରବେଶ ପଥରେ ଡ୍ୟୁଟି କରୁଥିବା ବେଳେ, ବନ କର୍ମଚାରୀମାନେ ଦୁଇ ଜଣ ଶଶସ୍ତ୍ର ଶିକାରୀ ଙ୍କୁ ଅଟକ ରଖିଥିଲେ। ସେମାନେ ହେଲେ ନୀଳଗିରିର ଅଞ୍ଚଳ ବାଙ୍କିଶୂଳ ଗ୍ରାମର ଗୁରୁବା ସିଂ ଏବଂ ନୀଳଗିରିର ନୂଆସାହି ଅଞ୍ଚଳର ସଦା ସିଂ। ଯାଞ୍ଚ ସମୟରେ, କର୍ମଚାରୀମାନେ ସେମାନଙ୍କ ନିକଟରୁ ୨ ଗୋଟି ଦେଶୀ ବନ୍ଧୁକ, କୁଟୁରା ମାଂସ, ବିସ୍ଫୋରକ ଓ ଗୋଟିଏ ଦାଆ ଜବତ କରିଥିଲେ।

ବେଆଇନ ଶିକାର କାର୍ଯ୍ୟରେ ସମ୍ପୃକ୍ତ ଥିବା ସନ୍ଦେହରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ଉଭୟ ଅଭିଯୁକ୍ତଙ୍କ ନାମରେ ବନ ବିଭାଗ ତରଫ ରୁ ଏକ ମାମଲା ରୁଜୁ କରି ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନୀଳଗିରି ଏସ ଡିଜେଏମ କୋର୍ଟରେ ହାଜର କରାଯାଇଥିଲା। ବେଲ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆ ଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

**ପ୍ରତିଶ୍ରୁତି ପାଣି ଫୋଟକା**

# ଗ୍ରୀଷ୍ମ ପ୍ରସ୍ତୁତି ସତ୍ତ୍ୱେ ଦିନକୁ ୧୦ରୁ ଅଧିକ ଥର ବିଦ୍ୟୁତ୍ କାଟ୍

**ଘଣ୍ଟାଏ ଜଳିଲେ ତିନି ଘଣ୍ଟା ଅନ୍ଧାର**

**ଗାଁ ଗାଁରେ କୁହୁଳୁଛି ଅସନ୍ତୋଷ**

**ଅସହ୍ୟ ଗରମରେ ଅସ୍ତବ୍ୟସ୍ତ ଲୋକେ**



**କାକଟପୁର/ଅସ୍ତରଙ୍ଗ,୬।୬ (ସଂଚାର ବ୍ୟୁରୋ):** ଏଥର ଗ୍ରୀଷ୍ମ ଦିନେ ଯେପରି ଉପଭୋକ୍ତା ହଇରାଣ ନ ହେବେ, ସେଥିପାଇଁ ବିଜୁଳି ବିତରଣ ସଂସ୍ଥା ଟିପିସିଓଡିଏଲ ବାରମ୍ବାର ବୈଠକ କରିଥିଲା। ଏହା ସହ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ ତରଫରୁ ଗ୍ରୀଷ୍ମ କାଳୀନ ପ୍ରସ୍ତୁତି ପାଇଁ ବିଦ୍ୟୁତ ବିଭାଗକୁ ମଧ୍ୟ ଉପଭୋକ୍ତା ହଇରାଣ ନ ହେବେ ପରାମର୍ଶ ଦିଆଯାଇଥିଲା। ଏପରି ଗ୍ରୀଷ୍ମ ମୁକାବିଲା ପାଇଁ କମ୍ପାନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ନେଇ କୁହାଗଲା। ଯେଉଁଠି ଯେଉଁଠି ଆବଶ୍ୟକ ଥିଲା ସେଠାରେ ପୁରୁଣାକୁ ବଦଳାଇ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବିଜୁଳି ତାର ଓ ସରଞ୍ଜାମ ଲଗାଇ ଦିଆଯାଇଛି ବୋଲି କମ୍ପାନୀର ବରିଷ୍ଠ ଅଧିକାରୀମାନେ ସୂଚନା ଦେଲେ। ମାତ୍ର ଏ ସମସ୍ତ ପ୍ରତିଶ୍ରୁତି ଓ ଘୋଷଣା ଏବେ ଭୁଲ ପ୍ରମାଣିତ ହୋଇଛି। ଘଣ୍ଟାଏ ଜଳିଲେ ଘର ତିନି ଘଣ୍ଟା ଅନ୍ଧାର ରହୁଛି। ପ୍ରବଳ ଗରମ ଓ ଗୁଳୁଗୁଳି ଏ ପଟେ ବିଜୁଳି ସେବା ଠପ ହୋଇ ଯାଉଥିବାରୁ ଲୋକ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଲାଣି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ସମସ୍ୟା ବେଶ ବଢ଼ିଗଲାଣି। ଶୁକ୍ରବାର ସନ୍ଧ୍ୟାରେ ପାଖାପାଖି ୨ଘଣ୍ଟାରୁ ଊର୍ଦ୍ଧ୍ୱ ବିଦ୍ୟୁତ ନଥିବା ବେଳେ ପ୍ରତ୍ୟେକ ଦିନ ଦିନରେ ୧୦ ଥରରୁ ଅଧିକ ବିଜୁଳି କଟୁଥିବା ବେଳେ ସନ୍ଧ୍ୟାରେ ଭୋଲଟେଜ ଅତ୍ୟନ୍ତ କମିଯାଉଛି। ଫଳରେ ବିଜୁଳି ବଲବ ଗୁଡିକ ଲଣ୍ଠନ ଭଳି ଜଳୁଛି। ଦିନରେ ବି ସମାନ ଅବସ୍ଥା। ବାହାରେ ସୂର୍ଯ୍ୟଙ୍କ ପ୍ରଚଣ୍ଡ ରୋଦ୍ରତାପ ଓ ଭିତରେ ବିଜୁଳି ଯନ୍ତ୍ରଣା ଯୋଗୁଁ ଉପଭୋକ୍ତା ତ୍ରାହି ତ୍ରାହି ଡାକିଲେଣି। ବର୍ତ୍ତମାନ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଯେତିକି ବିଜୁଳି ଉପଭୋକ୍ତା ଥିଲେ ପ୍ରତ୍ୟେକ ବର୍ଷ କିଛି ମାତ୍ରାରେ ଉପଭୋକ୍ତା ବଢୁଛନ୍ତି। ମାତ୍ର ଏ ନେଇ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି। ସେହି ପୁରୁଣା ଟ୍ରାନ୍ସଫର୍ମର, ତାର ଓ ଅନ୍ୟାନ୍ୟ ବିଜୁଳି ସାମଗ୍ରୀ ବ୍ୟବହାର କରାଯାଉଛି। ଫଳରେ ବଢୁଥିବା ଉପଭୋକ୍ତା ବ୍ୟବହାର କରୁଥିବା ବିଜୁଳି ଲୋଡ଼ ଏହି ପୁରୁଣା ବିଜୁଳି ସରଞ୍ଜାମ ସମ୍ଭାଳି ପାରୁନାହିଁ। ଏଣୁ ବାରମ୍ବାର ବିଜୁଳି କଟୁଥିବା ବେଳେ ଭୋଲଟେଜ କମି ଯାଉଥିବା ଅଭିଯୋଗ ହୋଇଛି।

ଏବେ ବି ବିଭିନ୍ନ ଗାଁରେ ନୂତନ ଟ୍ରାନ୍ସଫର୍ମର ବସୁଥିବା ଦେଖାଯାଉଛି। ଟିପିସିଓଡିଏଲ ଏହି ଯୋଜନା ଗ୍ରୀଷ୍ମ ପୂର୍ବରୁ କାହିଁକି କାର୍ଯ୍ୟକାରୀ କରାଯାଉନି, ଏହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତ୍ୟେକ ବର୍ଷ ଉପଭୋକ୍ତା ମାନଙ୍କର ପୁଞ୍ଜିଭୂତ ଅସନ୍ତୋଷ ବେଳେ ବେଳେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରୁଛି। ତୁରନ୍ତ ସମାଧାନ ଲାଗି ଦାବୀ କରିଛନ୍ତି ଲୋକେ। ନଚେତ ଆଗାମୀ ଦିନରେ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ଉଚ୍ଚଶିକ୍ଷା ବିଭାଗ-ଏଡୁନେଟ୍ ଫାଉଣ୍ଡେସନ ବୁଝାମଣାପତ୍ର ସ୍ୱାକ୍ଷରିତ

# ଏଆଇ କ୍ଷେତ୍ରରେ ଛାତ୍ରୀଙ୍କ ସଶକ୍ତିକରଣ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ



**ଭୁବନେଶ୍ୱର, ୬।୬ (ସଂଚାର ବ୍ୟୁରୋ):** ଉଚ୍ଚଶିକ୍ଷା ବିଭାଗ ଓ ଏଡୁନେଟ୍ ଫାଉଣ୍ଡେସନ ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ମାଧ୍ୟମରେ ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ), ଡାଟା ସାଇନ୍ସ, ମେସିନ ଲର୍ଣ୍ଣିଂ, ସାଇବର ସିକ୍ୟୁରିଟି, ପାଇଥନ ପ୍ରୋଗ୍ରାମ, ଡାଟା ଆନାଲିଟିକ୍ସ ଆଦି କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ।ଏଡୁନେଟ୍ ଫାଉଣ୍ଡେସନ ଏବଂ ମାଇକ୍ରୋସଫ୍ଟର ମିଳିତ ସହାୟତାରେ ଏହି ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ପାଠ୍ୟକ୍ରମ ଛାତ୍ରୀମାନଙ୍କୁ ପ୍ରଦାନ କରାଯିବ। ଛାତ୍ରୀମାନଙ୍କୁ ସମୁଦାୟ ୨୪୦ ଘଣ୍ଟାର ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ପ୍ରଦାନ କରାଯିବ।

- ପ୍ରତିବର୍ଷ ହଜାରେ ଛାତ୍ରୀଙ୍କୁ ଦିଆଯିବ ପ୍ରଶିକ୍ଷଣ
- ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସଶକ୍ତ କରିବା ଲକ୍ଷ୍ୟ

ଛାତ୍ରୀମାନଙ୍କ ପାଇଁ 'କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ମହିଳାଙ୍କ ପାଇଁ କ୍ୟାରିୟର ସୁଯୋଗ' ଶୀର୍ଷକ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମର ପ୍ରାବଧାନ ରହିବ। ଛାତ୍ରୀମାନଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧିତ ପ୍ରକଳ୍ପ (କ୍ୟାପ୍‌ଷ୍ଟୋନ ପ୍ରୋଜେକ୍ଟ)ରେ କାମ କରିବାକୁ ସୁଯୋଗ ପ୍ରଦାନ କରାଯିବ। ଏଥିସହ ଇଣ୍ଟର୍ନସିପ୍ ଓ ନିଯୁକ୍ତି ସୁଯୋଗ ମଧ୍ୟ ପ୍ରଦାନ କରାଯିବ। ଏହି ବୁଝାମଣାପତ୍ର ସ୍ୱାକ୍ଷର ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୧ ହଜାର ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଶିକ୍ଷଣ ପରେ ଛାତ୍ରୀମାନଙ୍କୁ ଏଡୁନେଟ୍ ଫାଉଣ୍ଡେସନ ଏବଂ ମାଇକ୍ରୋସଫ୍ଟ ତରଫରୁ ସାର୍ଟିଫିକେଟ ମଧ୍ୟ ପ୍ରଦାନ କରାଯିବ।

ଏହି ବୁଝାମଣାପତ୍ର ସ୍ୱାକ୍ଷର ସମାରୋହକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ସହ ସେମାନଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିବା ଉପରେ ପ୍ରାଧାନ୍ୟ ଦିଆଯାଉଛି। ବିଶେଷ ଭାବରେ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ କୃତ୍ରିମ ବୁଦ୍ଧିମତା ଏବଂ ଏହା ସହ ସମ୍ବନ୍ଧୀୟ ବିଭିନ୍ନ ପ୍ରଯୁକ୍ତିବିଦ୍ୟା ଉପରେ ପ୍ରଶିକ୍ଷଣ ପ୍ରଦାନ କରିବାର ଲକ୍ଷ୍ୟ ନେଇ ଆଜିର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଛାତ୍ରୀମାନଙ୍କୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସଶକ୍ତ କରିବା ସହ ସେମାନଙ୍କୁ ଯେପରି ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇପାରିବ, ସେ ଦିଗରେ ଗୁରୁତ୍ୱାରୋପ କରାଯାଉଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ମତ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଏଡୁନେଟ୍ ଫାଉଣ୍ଡେସନର ନିର୍ଦ୍ଦେଶକ ଆଶିଷ ଅରୋଡ଼ା, ଅତିରିକ୍ତ ଶାସନ ସଚିବ ପ୍ରତିଭା ସାହୁ, ଯୁଗ୍ମ ଶାସନ ସଚିବ ମୌସୁମୀ ନାୟକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### 'ଆୟୁଷ୍ମାନ ଭାରତ'ରେ ପ୍ରି ଓ ପୋଷ୍ଟ-ହସ୍ପିଟାଲାଇଜେସନ ଖର୍ଚ୍ଚ

# ଆଡଭାଇଜରି ପାଳନର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ):** ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ଚିକିତ୍ସା ସେବା ପାଉଥିବା ହିତାଧିକାରୀ ଆଡମିଟ୍ ହେବାର ୩ ଦିନ ପୂର୍ବରୁ ମେଡିକାଲ୍ ପରୀକ୍ଷା ଆୟୁଷ୍ମାନ କାର୍ଡରେ ହେବ ଓ ରୋଗୀ ଡିସ୍‌ଚାର୍ଜ ହେବା ପରେ ୧୫ ଦିନ ପର୍ଯ୍ୟନ୍ତ ଆବଶ୍ୟକ ପରାମର୍ଶ, ଔଷଧ, ପରୀକ୍ଷା ଓ ପୋଷ୍ଟ-ଅପରେଟିଭ୍ କେୟାର ମଧ୍ୟ ପ୍ୟାକେଜ ମୂଲ୍ୟ ଅଧୀନରେ ରହିବ ଓ ପୋଷ୍ଟ-ହସ୍ପିଟାଲାଇଜେସନ ସମ୍ବନ୍ଧୀୟ



#### ରୋଗୀଙ୍କୁ ସମ୍ମାନର ସହ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ

ଖର୍ଚ୍ଚ ଆଦାୟ ନ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଆସ୍ୟୁରାନ୍ସ ସମିତି ପକ୍ଷରୁ ସମସ୍ତ ପଞ୍ଜୀକୃତ ହସ୍ପିଟାଲକୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି।

ଚିକିତ୍ସାଳୟଗୁଡ଼ିକ ରୋଗୀଙ୍କୁ ଆବଶ୍ୟକ ଔଷଧ ଯୋଗାଇବା ସହ ଡିସ୍‌ଚାର୍ଜ ପରବର୍ତ୍ତୀ ୧୫ ଦିନ ମଧ୍ୟରେ ଆବଶ୍ୟକ ଫଲୋ-ଅପ୍ ଭିଜିଟ୍ ଓ ପରୀକ୍ଷା ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ ପ୍ରଦାନ କରିବାକୁ ବାଧ୍ୟ। ଅସ୍ତ୍ରୋପଚାର କ୍ଷେତ୍ରରେ ଚିକିତ୍ସା ସହ ଜଡିତ ରୋଗୀ ଡିସ୍‌ଚାର୍ଜ ଜଟିଳତା ଓ ପୁନଃ ଭର୍ତ୍ତି ହେବାର ଖର୍ଚ୍ଚ ମଧ୍ୟ ପୂର୍ବ ପ୍ୟାକେଜ ମୂଲ୍ୟରେ ସାମିଲ ରହିବ। ସମସ୍ତ ପଞ୍ଜୀକୃତ ହସ୍ପିଟାଲ ଏହି ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଓ ପ୍ୟାକେଜ ଅଧୀନରେ ଥିବା କୌଣସି ସେବା ପାଇଁ ହିତାଧିକାରୀଙ୍କଠାରୁ ଅର୍ଥ ଆଦାୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶନାମାର ଉଲ୍ଲଂଘନ କରୁଥିବା ହସ୍ପିଟାଲ ବିରୋଧରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଆସ୍ୟୁରାନ୍ସ ସମିତି ପକ୍ଷରୁ କୁହାଯାଇଛି।

ଆଜି ଏହି ପରିପେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଭୁବନେଶ୍ୱରର ଦୁଇଟି ବେସରକାରୀ ହସ୍ପିଟାଲକୁ ଆକସ୍ମିକ ପରିଦର୍ଶନ କରି ଜାରି ହୋଇଥିବା ଆଡଭାଇଜରି କେମିତି ଅନୁପାଳନ ହେଉଛି, ତା' ପଚାରି ବୁଝିଥିଲେ। ସେହିପରି ଏହି ପରିଦର୍ଶନ ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପୂର୍ବରୁ ହୋଇଥିବା ପଞ୍ଜୀକୃତ ହସ୍ପିଟାଲ ସହ ସମୀକ୍ଷା ବୈଠକରେ ହେଲ୍ପ ଡେସ୍କ କରିବାକୁ ଦିଆଯାଇଥିବା ନିର୍ଦ୍ଦେଶ ବିଷୟରେ ପଚାରିବା ସହ ରୋଗୀଙ୍କୁ ସମ୍ମାନର ସହ ଉଚିତ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

- ଜୁଆ ଆଡ୍ଡା ଉପରେ ଚଢ଼ାଉ

## ୭ ଗିରଫ, ୨ ବୋଲେରୋ ଜବତ

**ଉମରକୋଟ,୬।୬(ସଂଚାର ବ୍ୟୁରୋ):** ଜୁଆ ଆଡ୍ଡା ଉପରେ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ୭ ଜଣଙ୍କୁ ପୁଲିସ୍ ଗିରଫ କରିବା ସହ ସେମାନଙ୍କଠାରୁ ୨ଟି ବୋଲେରୋକୁ ଜବତ କରିଛି। ଏହାଛଡ଼ା ଘଟଣାସ୍ଥଳରୁ ନଗଦ ୫୫ ହଜାର ୩୪୦ ଟଙ୍କା ସହ ଜୁଆ ଖେଳ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ଡଙ୍ଗରୀସାହିଠାରେ ଗତକାଲି ବିଳମ୍ବିତ ରାତିରେ ଜୁଆ ଆଡ୍ଡା ଉପରେ ପୁଲିସ ଏହି ଚଢ଼ାଉ କରିଥିଲା। ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ ଗୁପ୍ତ ସୂଚନା ଆଧାରରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ସେଠାରେ ଜୁଆ ଖେଳୁଥିବା ୭ ଜଣଙ୍କୁ କାବୁ କରାଯାଇଥିଲା। ଅଭିଯୁକ୍ତମାନଙ୍କଠାରୁ ନଗଦ ଟଙ୍କା, ତାସ୍ ଓ ଅନ୍ୟାନ୍ୟ ଜୁଆ ସାମଗ୍ରୀ ଜବତ କରାଯାଇଛି। ଘଟଣାସ୍ଥଳରେ ଥିବା ଦୁଇଟି ବୋଲେରୋ ଗାଡ଼ିକୁ ମଧ୍ୟ ଜବତ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି।

## ବାଘ ଛାଲ ଜବତ, ୮ ଗିରଫ

- ମୂଲଚାଲ ବେଳେ ଚଢ଼ାଉ

**ରାୟଗଡ଼ା,୬।୬(ସଂଚାର ବ୍ୟୁରୋ):** ବାଘ ଛାଲ ବିକ୍ରି କରିବା ସକାଶେ ମୂଲଚାଲ ଚାଲିଥିବା ସମୟରେ ଅଚାନକ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ବାଘ ଛାଲ ଜବତ ହୋଇଥିବା ବେଳେ ବନ ବିଭାଗ ୮ ଜଣଙ୍କୁ ଗିରଫ ମଧ୍ୟ କରିଛି। ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବନାଞ୍ଚଳ ଅଧିନସ୍ଥ ରିବଲକଣାରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଗୋଟିଏ ଚିତା ବାଘ ଛାଲକୁ ଏକ ଘରେ ମୂଲଚାଲ କରୁଥିବା ସମୟରେ ବନ ବିଭାଗ ପକ୍ଷରୁ ରେଞ୍ଜର ସଚ୍ଚିଦାନନ୍ଦ ପରିଡ଼ା ଓ ଫରେଷ୍ଟର ଶିବପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ପୁଲିସ କଳାହାଣ୍ଡି ଜିଲ୍ଲାର ୩ ଜଣ ଓ ରାୟଗଡ଼ା ଜିଲ୍ଲାର ୫ ଜଣଙ୍କୁ ଗିରଫ କରିବା ସହ ୩ଟି ବାଇକ୍ ଓ ମୋବାଇଲ୍ ମଧ୍ୟ ଜବତ କରିଛି। କୌଣସି ସୂତ୍ରରୁ ଖବର ପାଇଁ ଆଜି ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବେଲକଣା ଗାଁରେ ଥିବା ଏକ ଘରେ ଚଢ଼ାଉ କରିଥିଲା। ଗିରଫ୍ ଅଭିଯୁକ୍ତମାନଙ୍କୁ ଆଜି ଅଧିକ ପଚରାଉଚରା ପରେ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

## ହାତୀ ଆକ୍ରମଣରେ ମହିଳା ମୃତ, ଜଣେ ଗୁରୁତର



**ଆନନ୍ଦପୁର,୬।୬(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ଫକିରପୁର କଜଳେଇ ତୋଟାରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତ ମହିଳା ଜଣଙ୍କ ହେଲେ ଗାଁର ମଞ୍ଜୁଲତା ନାଥ (୫୫)। ମିଳିଥିବା ସୂଚନାନୁଯାୟୀ, ଆଜି ସକାଳୁ ଫକିରପୁର ଅଞ୍ଚଳରେ ଏକ ହାତୀ ଉପଦ୍ରବ କରିଥିଲା। ସ୍ଥାନୀୟ ଲୋକେ ଓ ବନ ବିଭାଗ କର୍ମଚାରୀଙ୍କ ସହଯୋଗରେ ହାତୀକୁ ଘଉଡ଼ାଇବା ପାଇଁ ଉଦ୍ୟମ କରାଯାଇଥିଲା। ଏହି ସମୟରେ ମଞ୍ଜୁ ନାଥଙ୍କ ସମ୍ପର୍କରେ କୌଣସି ଖବର ମିଳି ନ ଥିଲା। ବହୁ ସମୟ ଧରି ଘରକୁ ଫେରି ନ ଥିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ କଜଳେଇ ତୋଟା ନିକଟରେ ମଞ୍ଜୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ହାତୀ ତାଙ୍କୁ କଚାଡ଼ି ତାଙ୍କୁ ମାରିଥିବା ସନ୍ଦେହ କରାଯାଉଛି। ଘଟଣା ସମ୍ପର୍କରେ ପରିବାର ଲୋକେ ପୁଲିସ ଓ ବନ ବିଭାଗକୁ ଖବର ଦେବା ପରେ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଯଶୋଦା ମଲ୍ଲିକ ନାମକ ଜଣେ ମହିଳା ମଧ୍ୟ ହାତୀ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଛନ୍ତି। ଆଜି ସକାଳେ ସେ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କର ଅବସ୍ଥା ଗୁରୁତର ହେବାରୁ ଉନ୍ନତ ଚିକିତ୍ସା ପାଇଁ କଟକକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ଫକିରପୁର ଓ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ୮୮୦ ଲିଟର ପୋଚ ଓ ୬୦ ଲିଟର ଦେଶୀ ମଦ ଜବତ

**ବୌଦ୍ଧ,୬।୬(ସଂଚାର ବ୍ୟୁରୋ):** ଜଙ୍ଗଲରେ ଚାଲିଥିଲା ଚୋରା ମଦ ପ୍ରସ୍ତୁତି। ଏହି ସମୟରେ ହଠାତ୍ ପହଞ୍ଚି ମାଡ଼ି ବସିଲା ଅବକାରୀ ବିଭାଗ। ୮୮୦ ଲିଟର ପୋଚ ଓ ୬୦ ଲିଟର ଦେଶୀ ମଦ ଜବତ କରାଯାଇଛି। ବୌଦ୍ଧ ଜିଲ୍ଲା ନୂଆପଡ଼ା ଡ୍ୟାମ୍ ନାଳ ନିକଟରେ ମଦ ତିଆରି ହେଉଥିବା ଖବର ପାଇ ଚଢ଼ାଉ କରିଥିଲେ ଅବକାରୀ ବିଭାଗ କର୍ମଚାରୀ। ଶହ ଶହ ଲିଟର ମଦ ସହ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଜବତ କରି ଏକ ମାମଲା ରୁଜୁ କରାଯାଇଛି। ତେବେ ମାଫିଆ ଫେରାର ହୋଇଯାଇଥିବା ବେଳେ ତାକୁ ଧରିବାକୁ ତଦନ୍ତ ଜାରି ରଖିଛି ଅବକାରୀ ବିଭାଗ।

## ଚାକିରିକୁ ଫେରିଲେ ଧିମାନ ଚାକ୍‌ମା

- ଲାଞ୍ଚ ନେଇ ଧରାପଡ଼ି ନିଲମ୍ବିତ ହୋଇଥିଲେ



**ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ):** ପୁଣି ଚାକିରିକୁ ଫେରିଲେ ଆଇଏଏସ ଅଫିସର ଧିମାନ ଚାକମା। ରାଜସ୍ୱ ବିଭାଗର ଉପସଚିବ ଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ୨୦୨୧ ବ୍ୟାଚର ଏହି ଆଇଏଏସ ଅଧିକାରୀ ଜଣଙ୍କ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ସରକାରୀ ବାସଭବନରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ତାଙ୍କୁ ପ୍ରମାଣ ସହ ଗିରଫ କରିଥିଲା। ପରେ ତାଙ୍କ ବାସଭବନରେ ଚଢ଼ାଉ କରାଯାଇ ତଲାସୀ ସମୟରେ ୪୭ ଲକ୍ଷ ଟଙ୍କାର ନଗଦ ବି ଜବତ ହୋଇଥିଲା।

ଭିଜିଲାନ୍ସ ହାତରେ ଗିରଫ ହେବା ପରେ ଶ୍ରୀ ଚାକ୍‌ମାଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ ରାଜ୍ୟ ସରକାର। ତେବେ କିଛି ଦିନ ଜେଲରେ ରହିବା ପରେ ତାଙ୍କୁ ହାଇକୋର୍ଟରୁ ଜାମିନ୍ ମିଳିଥିଲା। ଏବେ ପୁଣି ସେ ଚାକିରିରେ ଯୋଗ ଦେଇଛନ୍ତି। ରାଜସ୍ୱ ବିଭାଗରେ ଉପ ସଚିବ ଭାବେ ତାଙ୍କୁ ଗତ ୨୧ ତାରିଖରେ ନିଯୁକ୍ତି ମିଳିବା ପରେ ଏବେ ସେ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଯଥେଷ୍ଟ କମ୍ ବୟସରେ ଅସାମାନ୍ୟ ପ୍ରତିଭାର ଅଧିକାର ଶ୍ରୀ ଚାକ୍‌ମା ତାଙ୍କ କ୍ୟାରିଅର୍‌କୁ ନେଇ ସବୁଠି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିବା ବେଳେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ବେଶ୍ ନିନ୍ଦିତ ହୋଇଥିଲେ। ତେବେ ଚାକିରିକୁ ଫେରିବା ପରେ ସେ ତାଙ୍କ ଦେହରେ ଲାଗିଥିବା କଳାଦାଗକୁ ହଟାଇବାକୁ ଚେଷ୍ଟା କରିବେ ବୋଲି ଆଶା।

# ସୂର୍ଯ୍ୟମନ୍ଦିରରେ ଏଏସଆଇ ଡିଜିଙ୍କ ସ୍ଥିତି ଅନୁଧ୍ୟାନ



**କୋଣାର୍କ,୬।୬(ସଂଚାର ବ୍ୟୁରୋ):** ସୂର୍ଯ୍ୟମନ୍ଦିର ଜଗମୋହନ ଗର୍ଭଗୃହରୁ ବାଲିକଢ଼ା ପ୍ରକ୍ରିୟାର ଅନୁଧ୍ୟାନ କରାଯାଇଛି। ଏଏସଆଇ ଡିଜି ଯଦୁବୀର ସିଂ ରାଓ୍ୱତ, ବୈଷୟିକ ଟିମ, ସୂର୍ଯ୍ୟମନ୍ଦିର କୋର କମିଟି ସଦସ୍ୟ, ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ମାଡ୍ରାସର ପ୍ରଫେସର ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଡିଜିଙ୍କ ସମେତ ଏହି ଟିମ୍ ସୂର୍ଯ୍ୟମନ୍ଦିରର ପଶ୍ଚିମ ଦିଗରେ ୮୦ ଫୁଟ ଉପରେ ପ୍ରଥମ ପିଢ଼ରେ ମନ୍ଦିର ଗର୍ଭଗୃହ ମଧ୍ୟକୁ ହୋଇଥିବା ଦୁଇଟି କୋର ଡ୍ରିଲର ସ୍ଥାନକୁ ଦେଖିବା ସହ ଏହାର ସ୍ଥିତି ଯାଞ୍ଚ କରିଛନ୍ତି। ସୂର୍ଯ୍ୟମନ୍ଦିର ଗର୍ଭ ଗୃହରୁ ବାଲି କାଢ଼ିବା ଏକ ସହଜ ପ୍ରକ୍ରିୟା ନୁହେଁ। ଏ ସଂକ୍ରାନ୍ତ ନିଷ୍ପତ୍ତି ନେବା ସକାଶେ ସମୟ ଲାଗିବ। ବୈଷୟିକ ଟିମ ଏଥିପାଇଁ ବିଭିନ୍ନ କୋଣରୁ ବିଚାର କରି ନିଷ୍ପତ୍ତି ନେବ। ଅବଶ୍ୟ ଗର୍ଭଗୃହର ସ୍ଥିତି ଠିକ ଅଛି। ଧୀରେ ଧୀରେ ଏହି ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ଏଏସଆଇ ଡିଜି ଶ୍ରୀ ରାଓ୍ୱତ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ କୋର କମିଟି ସଦସ୍ୟ ଇଂ. ଅଶୋକ ବାସା, ପ୍ରତ୍ନତତ୍ତ୍ୱବିତ୍ ଡଃ ଜୀବନ ପଟ୍ଟନାୟକ, ଡଃ ସୁନୀଲ ପଟ୍ଟନାୟକ, ଡ. ଏନ ସି ପାଲ, ଏଏସଆଇ ସୁପରିଣ୍ଟେଣ୍ଡେଣ୍ଟ ଡକ୍ଟର ମିଲନ ଚାଓ୍ୱେଲ, ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଚିତ୍ତରଞ୍ଜନ ଦାଶ, ଇଂ. ଲୋକନାଥ ମହାରଣା, ଆଇଆଇଟି ମାଡ୍ରାସର ପ୍ରଫେସର ଅରୁଣ ମେନନ, ଏଏସଆଇ କେମେଷ୍ଟ୍ରି ସୁପରିଣ୍ଟେଣ୍ଡେଣ୍ଟ ଏସଏସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଗତ ୨୦୨୨ ସେପ୍ଟେମ୍ବର ୮ତାରିଖରେ ଏଏସଆଇ ଓ ବିଡିଆର୍ ନିର୍ମାଣ ବିଭାଗ ସୂର୍ଯ୍ୟମନ୍ଦିର ଗର୍ଭଗୃହ ଦ୍ୱାର ନିକଟରେ ପୂଜାର୍ଚ୍ଚନା ସହ ହୋମଯଜ୍ଞ କରି ଶୁଭ ଦେଇଥିଲେ। ବାଲିକଢ଼ା ନେଇ ୩ ବର୍ଷର ଧାର୍ଯ୍ୟ ସମୟସୀମା ମଧ୍ୟ ଇତିମଧ୍ୟରେ ଶେଷ ହୋଇସାରିଛି।

## ପଳାଶୁଣୀରେ ଟ୍ରକ୍-ସ୍କୁଟି ଧକ୍କା: ଯୁବକ ମୃତ

**ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ):** ଶନିବାର ଦିନ ଭୁବନେଶ୍ୱରର ପଳାସୁଣୀ ଛକରେ ଏକ ଦ୍ରୁତଗାମୀ ଟ୍ରକ୍ ସ୍କୁଟିକୁ ପଛରୁ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଦୁଇଜଣ ଯୁବକ ଏକ ସ୍କୁଟିରେ ଚଢ଼ି ଯାଉଥିବା ବେଳେ ଏକ ଦ୍ରୁତଗାମୀ ଟ୍ରକ୍ ପଛରୁ ସେମାନଙ୍କୁ ଧକ୍କା ଦେଇଥିଲା । ଧକ୍କା ଫଳରେ ଆରୋହୀ ରାସ୍ତା ଉପରେ ଛିଟିକି ପଡ଼ିଥିଲେ ଏବଂ ଟ୍ରକ୍ ତାଙ୍କ ଉପରେ ଚଢ଼ିଯାଇଥିଲା । ଜଣଙ୍କର ଦୁର୍ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ । ସୂଚନା ପାଇ ମଞ୍ଚେଶ୍ୱର ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଛି। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ମୃତକ ଏବଂ ଆହତ, ଉଭୟଙ୍କ ପରିଚୟ ଖବର ଲେଖାହେବା ଯାଏ ସ୍ପଷ୍ଟ ହୋଇନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ପଳାସୁଣୀ ଛକରେ ଗାଡ଼ିଗୁଡ଼ିକ ଜମା ହୋଇଯିବାରୁ କିଛି ସମୟ ପାଇଁ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ପୋଲିସ ରାସ୍ତା ସଫା କରି ଘଟଣାର ତଦନ୍ତ ଆରମ୍ଭ କରିଛି।

- ଯାଆଁଳ ଚୋରଙ୍କ ଉପରେ ମତ୍ସ୍ୟ ବିଭାଗର ଚଢ଼ାଉ

## ୩ ଡଙ୍ଗା ଜବତ, ୧.୫ ଲକ୍ଷ ଯାଆଁଳ ମୁକ୍ତ



**କାକଟପୁର/ଅସ୍ତରଙ୍ଗ,୬।୬(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସଂଲଗ୍ନ ଦେବୀ ନଦୀରେ ଗତକାଲି ମତ୍ସ୍ୟ ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇ ବଡ଼ ଧରଣର ଏକ ଯାଆଁଳ ଚୋରା ଚାଲାଣ ଉଦ୍ୟମକୁ ପଣ୍ଡ କରାଯାଇଛି। ପୁରୀ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ ସହକାରୀ ମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାସଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ଦେବୀ ନଦୀ ଅଞ୍ଚଳରେ ୩ଟି ଡଙ୍ଗା ବେଆଇନ ଭାବେ ଛୋଟ ଛୋଟ ମାଛ ଯାଆଁଳ ଧରୁଥିବା ବେଳେ ଧରାପଡ଼ିଛନ୍ତି। ମତ୍ସ୍ୟ ବିଭାଗ ତୁରନ୍ତ ଉକ୍ତ ୩ଟି ଡଙ୍ଗାକୁ ଜବତ କରିବା ସହ ଡଙ୍ଗାର ଲାଇସେନ୍ସ ବାତିଲ କରିଛି। ଚଢ଼ାଉ ସମୟରେ ଜବତ ହୋଇଥିବା ପ୍ରାୟ ୧ ଲକ୍ଷ ୫୦ ହଜାର ଜୀବନ୍ତ ଯାଆଁଳକୁ ବିଭାଗ ପକ୍ଷରୁ ନୂଆଗଡ଼ ମତ୍ସ୍ୟ ପ୍ରଜନନ କେନ୍ଦ୍ର ନିକଟରେ ଦେବୀ ନଦୀରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବେଆଇନ ଭାବେ ଧରାଯାଉଥିବା ଯାଆଁଳକୁ ଉଦ୍ଧାର କରାଯାଇ ନଦୀରେ ଛଡ଼ାଯାଇଥିବା ବେଳେ ଜବତ ହୋଇଥିବା ୩ଟି ଡଙ୍ଗା ନଗର ପଞ୍ଚାୟତ ବିରୁଡ଼ିପନ୍ତାଳ ଅଞ୍ଚଳର ବୋଲି ଜଣାପଡ଼ିଛି।

ଅସ୍ତରଙ୍ଗ ସହକାରୀ ମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାସ କହିଛନ୍ତି ଯେ ଯାଆଁଳ ଅବସ୍ଥାରେ ମାଛ ଧରିବା ଦଣ୍ଡନୀୟ ଅପରାଧ। ଏହା ନଦୀର ମାଛ ବଂଶ ନଷ୍ଟ କରେ। ଆଜି ଜବତ ହୋଇଥିବା ୧.୫ ଲକ୍ଷ ଯାଆଁଳ ନଦୀରେ ଛଡ଼ାଯିବା ଫଳରେ ଆଗାମୀ ୬ରୁ ୮ ମାସ ମଧ୍ୟମରେ ଧୀବରମାନେ ଉପକୃତ ହେବେ। ଜବତ ହୋଇଥିବା ୩ ଡଙ୍ଗାର ଲାଇସେନ୍ସ ତୁରନ୍ତ ବାତିଲ କରାଯାଇଥିବା ବେଳେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶ୍ରୀ ଦାସ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଯାଆଁଳ ଧରିବା ଛୋଟ ଜାଲ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ନିୟମ ଭାଙ୍ଗିଲେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ଏହି ଚଢ଼ାଉ ସମୟରେ ମା' ତାରିଣୀ ସୋସାଇଟିର ମାୟାଧର ବେହେରା, ମତ୍ସ୍ୟ ବିଭାଗ କର୍ମଚାରୀ ଓମ୍ ପ୍ରସାଦ ମହାନ୍ତି, ଶଶୀଭୂଷଣ ବେହେରା ଚଢ଼ାଉରେ ସାମିଲ ଥିବା ବେଳେ ଏପରି ଚଢ଼ାଉକୁ ଧୀବରମାନେ ସ୍ୱାଗତ କରିଛନ୍ତି। ସଂଘ ସଭାପତି କହିଛନ୍ତି ଯେ ଯାଆଁଳ ଚୋରି ଯୋଗୁଁ ଆମେ ମାଛ ପାଉ ନ ଥିଲୁ। ବିଭାଗର ଏହି ପଦକ୍ଷେପ ଆମ ପାଇଁ ବରଦାନ।

## ଧବଳେଶ୍ୱରଙ୍କ ଜମିରୁ ଜବରଦଖଲ ଉଚ୍ଛେଦ

**କଟକ,୬।୬(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ଆଠଗଡ଼ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଶ୍ରୀଧବଳେଶ୍ୱରଙ୍କ ଜମି ଗତ କିଛି ଦିନ ତଳେ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଓ ବିଲଡରଙ୍କ ଦ୍ୱାରା ଜବରଦଖଲ ହୋଇଥିଲା। ଆଠଗଡ଼ ପ୍ରଶାସନ ପକ୍ଷରୁ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଆଠଗଡ଼ର ଆରାଧ୍ୟ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ଅନେକ ଭୂସମ୍ପତ୍ତି ଦୀର୍ଘ ଦିନ ଧରି ଜବରଦଖଲ କବଜାରେ ରହିଥିବା ଅଭିଯୋଗ ହୋଇ ଆସୁଛି। ମଞ୍ଚେଶ୍ୱର ଗ୍ରାମ ପଞ୍ଚାୟତ ଅଧୀନସ୍ଥ ପାଇକେରାପୁରରେ ପ୍ରାୟ ୯ ଏକରରୁ ଉର୍ଦ୍ଧ୍ୱ ଜମି କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଓ ବିଲଡର ସଂସ୍ଥା ଦ୍ୱାରା ଜବର ଦଖଲ ହୋଇଥିଲା। ଏ ସମ୍ପର୍କରେ ଦେବୋତ୍ତର ବିଭାଗ ପକ୍ଷରୁ ଆଠଗଡ ଉପଜିଲ୍ଲାପାଳଙ୍କ ଅଦାଲତରେ ଏକ ମାମଲା ବିଚାରାଧୀନ ରହିଥିଲା। ଉକ୍ତ ମାମଲାର ବିଚାର କରି ଦେବୋତ୍ତର ଜମି ଉପରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଆଦେଶ ଦେଇଥିଲେ। ଆଦେଶ ଅନୁଯାୟୀ ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ସୌମେନ୍ଦ୍ର କୁମାର ଭଞ୍ଜ, ରାଜସ୍ୱ ନିରୀକ୍ଷକ ସତ୍ୟବ୍ରତ ସାହୁଙ୍କ ସମେତ ଗୁରୁଡିଝାଟିଆ ଥାନା ପୁଲିସବାହିନୀଙ୍କ ଉପସ୍ଥିତିରେ ଜମି ଉପରେ ନିର୍ମିତ ହୋଇଥିବା ବେଆଇନ ରାସ୍ତା ଓ ମାଙ୍କଡା ପଥର ସବୁ ଉଠାଯାଇ ଜବରଦଖଲ ମୁକ୍ତ ହୋଇଥିଲା। ଉଚ୍ଛେଦ ବେଳେ ଦେବୋତ୍ତର ସୁପରଭାଇଜର ଭବାନୀଶଙ୍କର ପଣ୍ଡା ଓ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ଟାଟା ପାୱାର କର୍ମଚାରୀ



**କଟକ,୬।୬(ସଂଚାର ବ୍ୟୁରୋ):** ଟାଟା ପାୱାର୍ କମ୍ପାନୀ (ଟିପିସିଓଡିଲ୍)ର ଜନୈକ କର୍ମଚାରୀଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। ଧର୍ମନିରଞ୍ଜନ ଚୌଧୁରୀ ନାମକ ଲାଇନ୍‌ମ୍ୟାନ୍-ଏ' ଜନୈକ ଚାଷୀଙ୍କ ବିଲରୁ ବିପଜ୍ଜନକ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ ହଟାଇବା ସକାଶେ ୨୫ ହଜାର ଟଙ୍କାର ଲାଞ୍ଚ ଦାବି କରିଥିଲେ। ଏଥିରୁ ସେ ଅନଲାଇନ୍‌ରେ ୮ ହଜାର ଟଙ୍କା ନେଇସାରିଥିବା ବେଳେ ଆଉ ୧୭ ହଜାର ଟଙ୍କା ନେବା ସମୟରେ ଭିଜିଲାନ୍ସ ହାବୁଡ଼ିରେ ପଡ଼ିଯାଇଛନ୍ତି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ତାଙ୍କ ସହ ଜଡ଼ିତ ଗୋଟିଏ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ମିଳିଥିବା ସୂଚନାନୁସାରେ, କଟକ ଟିପିସିଓଡିଏଲ୍ ଅଧୀନସ୍ଥ ନରସିଂହପୁର ବିଦ୍ୟୁତ୍ ବିଭାଗର ଲାଇନ୍‌ମ୍ୟାନ୍-ଏ' ଶ୍ରୀ ଚୌଧୁରୀ ଜନୈକ କୃଷକଙ୍କ ବିଲ ଉପର ଦେଇ ଯାଇଥିବା ୧୧ କେଭି ଲାଇନ୍ ଖୁଣ୍ଟ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବାରୁ ଏହାକୁ ହଟାଇବା ସକାଶେ ୧୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏଥିରୁ ଉକ୍ତ କୃଷକ ଜଣଙ୍କ ଅନଲାଇନ୍‌ରେ ୮ ହଜାର ଟଙ୍କା ପଇଠ କରିଥିଲେ। ଏହି ୮ ହଜାର ଟଙ୍କା ନେଇ ଶ୍ରୀ ଚୌଧୁରୀ ଏକ ନୂଆ ଖୁଣ୍ଟ ପକାଇଥିଲେ। କିନ୍ତୁ ବିପଜ୍ଜନକ ଅବସ୍ଥାରେ ଥିବା ଖୁଣ୍ଟଟିକୁ ଆଉ ହଟାଇ ନ ଥିଲେ। ଫଳରେ କୌଣସି ପ୍ରକାର ବିପଦ ଆଶଙ୍କାରେ କୃଷକ ଜଣଙ୍କ ତାଙ୍କୁ ଏ ଦିଗରେ ପଦକ୍ଷେପ ନେବା ସକାଶେ ନିବେଦନ କରିଆସୁଥିଲେ। ପରେ ଶ୍ରୀ ଚୌଧୁରୀ ୧୭ ହଜାର ପରିବର୍ତ୍ତେ ୧୫ ହଜାର ଟଙ୍କା ଦେଲେ କାମ ହୋଇଯିବ ବୋଲି କହିଥିଲେ। ତେବେ ଏତେ ଟଙ୍କା ଦେବାକୁ ସେ ଅକ୍ଷମ ବୋଲି ବାରମ୍ବାର କହିଥିଲେ ମଧ୍ୟ ଶ୍ରୀ ଚୌଧୁରୀ ଆଦୌ କର୍ଣ୍ଣପାତ କରିନଥିଲେ ଓ ଟଙ୍କା ନ ଦେଲେ କାମ ହୋଇପାରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିଲେ। ଫଳରେ କୃଷକ ଜଣଙ୍କ ବାଧ୍ୟ ହୋଇ ଭିଜିଲାନ୍ସରେ ଜଣାଇଥିଲେ। ଏହି ସୂଚନା ଆଧାରରେ ଆଜି ଭିଜିଲାନ୍ସ ଟିମ୍ ଶ୍ରୀ ଚୌଧୁରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ବେଳେ କୃଷକଙ୍କଠାରୁ ସେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ତାଙ୍କୁ ମାଡ଼ି ବସିଥିଲେ। ଏଥିସହ ତାଙ୍କ ନିକଟରୁ କେମିକାଲ୍‌ବୋଳା ୧୫ ହଜାର ଟଙ୍କା ମଧ୍ୟ ପ୍ରମାଣ ସ୍ୱରୂପ ଜବତ କରାଯାଇଛି। କଟକ ଭିଜିଲାନ୍ସରେ ଗତକାଲି ତାଙ୍କ ବିରୋଧରେ ୨୨/୨୬ରେ ଏକ ମାମଲା ରୁଜୁ ହୋଇଛି।

## ହାତୀ ଛୁଆର ମୃତଦେହ ଉଦ୍ଧାର

**ରିଆମାଳ,୬।୬(ସଂଚାର ବ୍ୟୁରୋ):** ଦେବଗଡ଼ ଜିଲ୍ଲା ରିଆମାଳ ରେଞ୍ଜ କୁଣ୍ଡେଇଗୋଲା ଫରେଷ୍ଟ ସେକ୍ସନ ସଙ୍ଘାପଶି ଖସଡ଼ା ଜଙ୍ଗଲରୁ ହାତୀ ଛୁଆର ମୃତଦେହ ଉଦ୍ଧାର। ମୃତ ହାତୀଟି ଏକ ଅଣ୍ଡିରା ହାତୀ ଶାବକ ବୋଲି ଜଣାପଡ଼ିଛି। ତେବେ ହାତୀ ଛୁଆର କେମିତି ମୃତ୍ୟୁ ତାହା ଅସ୍ପଷ୍ଟ ରହିଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ତଦନ୍ତ କରୁଛି। ।ତାବ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ମିଳିଥିବା ସୂଚନାନୁସାରେ, ଗତକାଲି ଅପରାହ୍ନ ସମୟରେ ଅନୁଗୁଳ ଜିଲ୍ଲା ପଟୁ ଦଳବଦ୍ଧ ଭାବେ ହାତୀପଲ ଆସିଥିଲେ। ମାତ୍ର କୌଣସି କାରଣରୁ ଏହି ଅଣ୍ଡିରା ହାତୀ ଛୁଆଟିର ମୃତ୍ୟୁ ଘଟିଥିଲା। ଆଜି ସକାଳ ହେବାରୁ ଅନ୍ୟ ହାତୀମାନେ ତାକୁ ଛାଡ଼ିଯାଇଥିଲେ। ଫଳରେ କିଛି ସ୍ଥାନୀୟ ଜନସାଧାରଣ ଉକ୍ତ ହାତୀଛୁଆର ମୃତଦେହ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ମନ୍ମଥ ବେହେରା, ଫରେଷ୍ଟ ଗାର୍ଡ ବାହନ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ହାତୀ ଶାବକର ମୃତଦେହ ଜବତ କରି ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ରେଞ୍ଜର ନିରଞ୍ଜନ ଧରୁଆ ଓ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହର ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## କମ୍ପାନୀଙ୍କ ଉପରେ ସରକାରୀ ଲଗାମ

# ୮୫୦ ଗ୍ରାମ ଖାଦ୍ୟ ତୈଳ ପ୍ୟାକେଟ୍ ବନ୍ଦ




**ନୂଆଦିଲ୍ଲୀ,୬।୬ଃ** ସରକାର ଖାଦ୍ୟ ତୈଳ କମ୍ପାନୀଙ୍କ ମନଇଛା ପ୍ୟାକେଜିଂ ଉପରେ ରୋକ ଲଗାଇଛନ୍ତି। ଏଣିକି କମ୍ପାନୀମାନଙ୍କୁ ୨୦୦ଗ୍ରାମରୁ ଆରମ୍ଭ କରି ୨୦ କେଜି ପ୍ୟାକ୍ ରେ ଖାଦ୍ୟ ତୈଳ ବିକ୍ରୟ କରିବାକୁ ପଡିବ। ଏଥିରେ କମ୍ପାନୀମାନଙ୍କୁ ୨୦୦ ଗ୍ରାମ, ୫୦୦ଗ୍ରାମ, ୧ କେଜି, ୨କେଜି,୩କେଜି, ୪ କେଜି, ୫ କେଜି,୧୫ କେଜି ଓ ୨୦ କେଜି ପ୍ୟାକିଂରେ ତୈଳ ବିକ୍ରୟ କରିବାକୁ ହେବ। ସରକାରଙ୍କ ଏହି ନିୟମ ପରେ କମ୍ପାନୀମାନେ ନିଜ ଇଛାରେ ପ୍ୟାକେଟର ଆକାର ଆଉ ଛୋଟବଡ଼ କରି ବିକ୍ରି କରିପାରିବେନି। କେନ୍ଦ୍ର ସରକାରଙ୍କ ଖାଉଟି ବ୍ୟାପାର ଖାଦ୍ୟ ଏବଂ ସାର୍ବଜନିକ ବିତରଣ ମନ୍ତ୍ରାଳୟଙ୍କ ଖାଉଟି ବ୍ୟାପାର ବିଭାଗ ଦେଶରେ ଖାଦ୍ୟ ତୈଳ ବିକ୍ରିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଦ୍ୱାରା ଜାରି ଅଧିକାରୀକ ଅଧିସୂଚନା ଅନୁସାରେ ଏବେ କମ୍ପାନୀମାନଙ୍କୁ ୨୦୦ ଗ୍ରାମରୁ ଆରମ୍ଭ କରି ୨୦ କେଜି ପର୍ଯ୍ୟନ୍ତ ଧାର୍ଯ୍ୟ ପ୍ୟାକେଟରେ ଖାଦ୍ୟ ତୈଳ ବିକ୍ରି କରିବାକୁ ହେବ। ସରକାରଙ୍କ ଲିଗାଲ ମେଟ୍ରୋଲଜି ଫ୍ରେମୱାର୍କ ଅନୁସାରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୋର (ଏସଓପି)ରେ କରାଯାଇଥିବା ସଂଶୋଧନରେ ଏହି ନିୟମ ପାମ ଅୟେଲ, ସୋୟାବିନ ଅୟେଲ, ସୂର୍ଯ୍ୟମୁଖୀ ତୈଳ, ସୋରିଷ ତେଲ, ବାଦାମ ତେଲ, ରାଶି ତେଲ, ରାଇସ ବ୍ରାନ ଅୟେଲ, କଟନସିଡ ଅୟେଲ, କର୍ଣ୍ଣ ଅୟେଲ ଓ ଏହାର ମିଶ୍ରଣ ଉପରେ ଲାଗୁ ହେବ। ଅଧିସୂଚନା ଅନୁସାରେ ୨୦୦ ଗ୍ରାମ ବା ୨୦୦ ମିଲିଲିଟରରୁ କମ ପ୍ୟାକେଟ ଉପରେ କୌଣସି କଟକଣା ରହିବ ନାହିଁ। ଏହାଛଡା ଯଦି ତୈଳର ମାତ୍ରା ବା ଭଲ୍ୟୁମ (ମିଲି ଲିଟର ବା ଲିଟର)ରେ ଘୋଷିତ ହୋଇଥାଏ ତେବେ କମ୍ପାନୀଙ୍କୁ ପ୍ୟାକେଟରେ ଏହାର ସମାନ ଓଜନ (ଗ୍ରାମ ଅଥବା କିଲୋଗ୍ରାମ) ଅକ୍ଷର ଅଥବା ସଂଖ୍ୟାରେ ଲେଖିବା ବାଧ୍ୟତାମୂଳକ ହେବ। କମ୍ପାନୀ, ପ୍ୟାକର୍ସ ଓ ଆମଦାନୀକାରୀଙ୍କୁ ଏହି ନିୟମ ପାଳନ କରିବା ଲାଗି ୩ ମାସ ସମୟ ଦିଆଯାଇଛି। କାହିଁକି ଆବଶ୍ୟକ ପଡିଲା ଏହି ନିୟମ ? ଗତ କିଛି ସମୟ ହେଲା ଖାଦ୍ୟ ତୈଳ କମ୍ପାନୀମାନେ ବଜାରରେ ଏକ ଅନନ୍ୟ ଟ୍ରେଣ୍ଡ ପ୍ରଚଳନ କରିଆସୁଥିଲେ। ପ୍ୟାକେଟର ମୂଲ୍ୟ ସିଧାସଳଖ ବଢ଼ାଇବା ବଦଳେ ଚାଲାକି କରି ପ୍ୟାକେଜର ଆକାର ବଦଳାଇ ଦେଉଥିଲେ। ଏଥିରେ ସେମାନେ ପ୍ୟାକେଜିଂ ସାଇଜ କମାଇ ଦେଉଥିଲେ। ବଜାରରେ ୧ କେଜି ବା ୧ ଲିଟର ବଦଳେ ୮୫୦, ୯୦୦ ଅଥବା ୯୧୦ ଗ୍ରାମର ଅଜବ ଆକୃତିର ପ୍ୟାକେଟ ଚଳି ଆସୁଥିଲା। ଏଥିରେ ସାଧାରଣ ଗ୍ରାହକ ପ୍ୟାକେଟକୁ ୧ ଲିଟର ଅଥବା ୧ କେଜି ଭାବି କିଣି ନେଉଥିଲେ। ଏହା ଦ୍ୱାରା ସେମାନେ ଓଜନ ଠକେଇର ଶିକାର ହେଉଥିଲେ ଓ ସେମାନଙ୍କ ପକେଟ ଉପରେ ପ୍ରଭାବ ପଡୁଥିଲା। ଅଲଗା ଅଲଗା କମ୍ପାନୀଙ୍କ ଅଜବ ଅଜବ ପ୍ୟାକେଟରୁ ଗ୍ରାହକ ମୂଲ୍ୟର ସଠିକ ତୁଳନା କରିପାରୁନଥିଲେ। ହେଲେ ଏବେ ସରକାରଙ୍କ ଏହି ପଦକ୍ଷେପ ଯୋଗୁ ତୈଳ ବଜାରରେ ପାରଦର୍ଶିତା ଆସିବ ଓ ଏପରି ପ୍ରେଡେଟରୀ ପ୍ୟାକେଜିଂ ଉପରେ ଲଗାମ ଲାଗିବ। ଇଣ୍ଡିଆ ଭେଜିଟେବଲ ଅଏଲ ପ୍ରଡ୍ୟୁସର୍ସ ଆସୋସିଏସନ (ଆଇଭିପିଏ) ଓ ଅନ୍ୟ ଉଦ୍ୟୋଗ ସଂଘ ସରକାରଙ୍କ ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଖାସ ପରିବର୍ତ୍ତନ ପରେ ଖାଉଟି ବିନା କୌଣସି ଭ୍ରମରେ ଉଚିତ ଦାମରେ ଉଚିତ ମାତ୍ରାର ଖାଦ୍ୟ ତୈଳ କ୍ରୟ କରିପାରିବେ ଓ ଠକେଇରୁ ବର୍ତ୍ତିପାରିବେ।

## ଭୂଇଁରେ ବର୍ଷା ସଂକଟ, ସମୁଦ୍ରରେ ଅଶାନ୍ତି, ଭାରୀ ପଡ଼ିବ ସାର ସବ୍‌ସିଡି ବୋଝ

# ରାଜକୋଷରୁ ଯିବ ୩ଲକ୍ଷ କୋଟି




**ନୂଆଦିଲ୍ଲୀ,୬।୬ଃ** ମଧ୍ୟପ୍ରାଚ୍ୟରେ ଅଶାନ୍ତି । ବିଶ୍ୱ ବ୍ୟାପାରର ଏକ ପ୍ରମୁଖ ମାର୍ଗ 'ହୋର୍ମୁଜ' ବନ୍ଦ ପଡ଼ିଛି । ଏଭଳି ସ୍ଥିତିରେ ଅଶୋଧିତ ତୈଳ ଏବଂ ସାର ଆମଦାନି ଖର୍ଚ୍ଚ ବଢ଼ିଯାଇଛି । ଏହାର ସିଧା ପ୍ରଭାବ ଭାରତର କୃଷି ଉତ୍ପାଦନ ଖର୍ଚ୍ଚ ଉପରେ ପଡ଼ିବ । ଅନ୍ୟପକ୍ଷରେ ଆଇଏମ୍‌ଡିର ଅନୁମାନ ରହିଛି ଯେ, ଏଥର ମୌସୁମୀ ଦୁର୍ବଳ ରହିପାରେ । ଅର୍ଥାତ ବର୍ଷା ପରିମାଣ କମ୍ ରହିବ । ଏଲ୍‌ନିନୋ ପାଲଟିବ ଚିନ୍ତା। ଏହାର ଅର୍ଥ ଆକାଶରୁ ସମୁଦ୍ର ଯାଏ ଚାଷୀ ତଥା ଅର୍ଥନୀତିକୁ ମିଳିବ ଡବଲ୍ ଝଟ୍‌କା । ସାର ସବ୍‌ସିଡି ବାବଦ ସରକାରୀ ରାଜକୋଷ ଉପରେ ପଡ଼ିବ ୩ ଲକ୍ଷ କୋଟି ଟଙ୍କାର ବୋଝ । ଚଳିତ ଆର୍ଥିକବର୍ଷ ବଜେଟରେ ସାର ସବ୍‌ସିଡି ପାଇଁ ୧.୭ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ଭୂ ରାଜନୈତିକ ଅସ୍ଥିରତା ଏବଂ ମୌସୁମୀ ସମସ୍ୟା ଯୋଗୁ ଏଥିପାଇଁ ଅତିରିକ୍ତ ୧ ଲକ୍ଷ କୋଟି ଟଙ୍କା ରାଜକୋଷରୁ ଯିବ ବୋଲି ଅନୁମାନ କରିଛନ୍ତି ଅର୍ଥନୀତିଜ୍ଞ । ଭାରତର କୃଷି ବ୍ୟବସାୟ ସର୍ବଦା ଦୁଇଟି ବିଷୟ ଉପରେ ନିର୍ଭର କରେ । ଉପରେ ଆକାଶ ଏବଂ ତଳେ ସମୁଦ୍ର । ଏ ବର୍ଷ ଚାଷୀ ଗୋଟିଏ ନଜର ମୌସୁମୀ ବାଦଲ ଉପରେ ରଖିଥିବାବେଳେ ବଜାରର ଦ୍ୱିତୀୟ ଦୃଷ୍ଟି ରହିଛି ୨୦୦୦ କିଲୋମିଟରରୁ ଅଧିକ ଦୂରରେ ଥିବା ଏଭଳି ଏକ ସ୍ଥାନ ଉପରେ, ଯେଉଁ ବାଟ ଦେଇ ଅତିକ୍ରମ କରିବା ପାଲଟିଛି ମୁସ୍କିଲ । ଏଭଳି ଏକ ଉଦ୍ୟୋଗ ଯିଏ ସର୍ବଦା ବର୍ଷା ପାଇଁ ପ୍ରାର୍ଥନା କରିଆସୁଥିଲା ଉକ୍ତ ଉଦ୍ୟୋଗ ଏବେ'ହୋର୍ମୁଜ ଷ୍ଟ୍ରେଟ୍'ରେ ଶାନ୍ତି କାମନା କରୁଛି । ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ହୋର୍ମୁଜରେ ସାମୁଦ୍ରିକ ଜାହାଜ ଚଳାଚଳ ଠପ୍ ହୋଇଯାଇଛି । ଫଳରେ ଭାରତରେ ସାର ଯୋଗାଣ ଚାପରେ। ଜମିରେ ଫସଲ ଅମଳ କମିବା ଏବଂ ଖାଦ୍ୟ ପାନୀୟ ଦର ବୃଦ୍ଧି ଚିନ୍ତା ବଢ଼ିଛି । ଏହି ସଂକଟ ସ୍ପଷ୍ଟ କରିଦେଇଛି ଯେ, ଭାରତ ଚାଷଜମି ସହ ଜଡ଼ିତ କଞ୍ଚାମାଲ ପାଇଁ ଅନ୍ୟ ଦେଶଗୁଡ଼ିକ ଉପରେ କେତେ ନିର୍ଭରଶୀଳ । ସାର ବ୍ୟବହାରରେ ବିଶ୍ୱର ଦ୍ୱିତୀୟ ବୃହତ୍ ରାଷ୍ଟ୍ର ଭାରତ କଞ୍ଚାମାଲ ପାଇଁ ଗଲ୍ଫ ରାଷ୍ଟ୍ରଗୁଡ଼ିକ ଉପରେ ବହୁ ମାତ୍ରାରେ ନିର୍ଭରଶୀଳ। ଏଥିମଧ୍ୟରୁ ଅତି ଜରୁରୀ ଖେପ ସିଧା ଉକ୍ତ ଅଶାନ୍ତ 'ହୋର୍ମୁଜ' ମାର୍ଗ ଦେଇ ଆସିଥାଏ । ବର୍ତ୍ତମାନ ସେଠାରେ ଅଶାନ୍ତି ଯୋଗୁ ସାର ଯୋଗାଣ ବାଧା ପାଇଛି । ଭାରତୀୟ ଚାଷୀଙ୍କ ପାଇଁ ଏହା ଏକ ଖରାପ ସମୟ। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ(ଆଇଏମ୍‌ଡି ) ଗତ ଶୁକ୍ରବାର ଏକ ଚିନ୍ତାଜନକ ସୂଚନା ଦେଇଛି । ଦେଶ ଏକ ଦଶକ ମଧ୍ୟରେ ଏହାର ସବୁଠୁ ଦୁର୍ବଳ ମୌସୁମୀକୁ ସାମ୍ନା କରିବାକୁ ଯାଉଛି । ସେପଟେ ହୋର୍ମୁଜ ସଂକଟ ଯୋଗୁ ସାର ଯୋଗାଣ ଠପ୍ । ଏପଟେ ଭଲ ବର୍ଷା ହେବ ନାହିଁ । ତେଣୁ ଦେଶ ଏବେ ଏକ ବଡ଼ ସଂକଟର ସାମ୍ନା କରିବାକୁ ଯାଉଥିବା ଆଶଙ୍କା କରିଛନ୍ତି ଅର୍ଥନୀତିଜ୍ଞ ।

## ଦେଶର ପ୍ରଥମ ପାଇଁ ଗଡ଼ିବ ୧୦୦% ଇଥାନଲ ଚାଳିତ ବାଇକ୍

**ନୂଆଦିଲ୍ଲୀ,୬।୬ଃ** ଯଦି ଆପଣ ପେଟ୍ରୋଲର ଆକାଶଛୁଆଁ ଦରକୁ ନେଇ ଚିନ୍ତିତ ଏବଂ ପ୍ରତିଦିନର ଯାତ୍ରା ଖର୍ଚ୍ଚ କମାଇବାକୁ ଚାହୁଁଛନ୍ତି, ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର ଆସିଛି। ଭାରତର ସବୁଠାରୁ ବଡ଼ ଦୁଇଚକିଆ ଯାନ ପ୍ରସ୍ତୁତକାରୀ କମ୍ପାନୀ ହିରୋ ମୋଟୋକର୍ପ ଆସନ୍ତା ଜୁନ ୩ ତାରିଖରେ ଦେଶର ପ୍ରଥମ ୧୦୦ ପ୍ରତିଶତ ଇଥାନଲ (ଇ୧୦୦) ଦ୍ୱାରା ଚାଳିତ ଫ୍ଲେକ୍ସ-ଫ୍ୟୁଏଲ ମୋଟରସାଇକେଲ ଲଞ୍ଚ କରିବାକୁ ଯାଉଛି। ଏହି ବାଇକ କେବଳ ପରିବେଶକୁ ସ୍ୱଚ୍ଛ ରଖିବାରେ ସାହାଯ୍ୟ କରିବ ନାହିଁ, ବରଂ ଗ୍ରାହକଙ୍କ ପକେଟ ଉପରୁ ପେଟ୍ରୋଲର ମହଙ୍ଗା ବୋଝକୁ ସାରା ଜୀବନ ପାଇଁ ହଟାଇ ଦେବ। ନୂଆଦିଲ୍ଲୀରେ ଆୟୋଜିତ ଏକ ସତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ଉପସ୍ଥିତିରେ ଏହି ବାଇକ୍‌କୁ ଲଞ୍ଚ କରିବେ। ବର୍ତ୍ତମାନ ଭାରତୀୟ ବଜାରରେ ଚାଲୁଥିବା ଗାଡ଼ିଗୁଡ଼ିକରେ ସର୍ବାଧିକ ୨୦% ଇଥାନଲ ମିଶ୍ରିତ ପେଟ୍ରୋଲ (ଇ୨୦) ବ୍ୟବହାର କରାଯାଉଛି। କିନ୍ତୁ ହିରୋର ଏହି ନୂଆ ବାଇକ ସମ୍ପୂର୍ଣ୍ଣ ରୂପେ ଶୁଦ୍ଧ ଇଥାନଲରେ ଚାଲିବ। ବଜାରରେ ପୂର୍ବରୁ ସୁଜୁକି ଏବଂ ହୋଣ୍ଡା କମ୍ପାନୀର କିଛି ଫ୍ଲେକ୍ସ-ଫ୍ୟୁଏଲ ଗାଡ଼ି ଅଛି, କିନ୍ତୁ ସେଗୁଡ଼ିକ କେବଳ ୮୫% ଇଥାନଲ (ଇ୮୫) ସପୋର୍ଟ କରନ୍ତି। ହିରୋ ପ୍ରଥମ କମ୍ପାନୀ ଭାବେ ୧୦୦% ଇଥାନଲ ବାଇକ ଆଣି ବଜାରରେ ଇତିହାସ ସୃଷ୍ଟି କରିବାକୁ ଯାଉଛି। ପେଟ୍ରୋଲ ତୁଳନାରେ ଇଥାନଲର ଦାମ ଯଥେଷ୍ଟ କମ ହୋଇଥିବାରୁ ଏହା ଦ୍ୱାରା ଗାଡ଼ି ଚଲାଇବା ଖର୍ଚ୍ଚ ପ୍ରାୟ ଅଧା ହୋଇଯିବ। ହିରୋ କମ୍ପାନୀ ପକ୍ଷରୁ ଏପର୍ଯ୍ୟନ୍ତ ଏହି ନୂଆ ମୋଟରସାଇକେଲର ନାମ କିମ୍ବା ଦାମ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। କିନ୍ତୁ ସୂତ୍ର ଅନୁଯାୟୀ, କମ୍ପାନୀର ଦୁଇଟି ସବୁଠାରୁ ଜନପ୍ରିୟ ଏବଂ ଭରସାଯୋଗ୍ୟ ମଡେଲ 'ହିରୋ ସ୍ପ୍ଲେଣ୍ଡର' କିମ୍ବା 'ଏଚଏଫ ଡିଲକ୍ସ'ର ପ୍ଲାଟଫର୍ମ ଉପରେ ଆଧାର କରି ଏହାକୁ ବଜାରକୁ ଅଣାଯାଇପାରେ। ଯଦି ଏହି ମଧ୍ୟବିତ୍ତ ଶ୍ରେଣୀର ବାଇକରେ ଏହି ଟେକ୍ନୋଲୋଜି ଆସେ, ତେବେ ଦେଶର କୋଟି କୋଟି ସାଧାରଣ ଜନତା ଏବଂ ଗ୍ରାମାଞ୍ଚଳର ଗ୍ରାହକମାନେ ସବୁଠାରୁ ଅଧିକ ଲାଭବାନ ହେବେ। କେନ୍ଦ୍ର ସରକାର ଗାଡ଼ିଗୁଡ଼ିକରେ ଇଥାନଲ ବ୍ୟବହାରକୁ କ୍ରମାଗତ ଭାବେ ପ୍ରୋତ୍ସାହନ ଦେଉଛନ୍ତି। ଏହା ଦ୍ୱାରା ବିଦେଶରୁ ମହଙ୍ଗା ଅଶୋଧିତ ତେଲ ଆମଦାନୀ ହ୍ରାସ ପାଇବ ଏବଂ ଭାରତର ବୈଦେଶିକ ମୁଦ୍ରା ସଞ୍ଚୟ ହେବ। ଏଥିସହିତ ଇଥାନଲ ସମ୍ପୂର୍ଣ୍ଣ କୃଷିଜାତ ଦ୍ରବ୍ୟ (ଯେପରିକି ଆଖୁ ଓ ମକା) ରୁ ପ୍ରସ୍ତୁତ ହେଉଥିବାରୁ ଏହାଦ୍ୱାରା ଦେଶର ଚାଷୀମାନଙ୍କର ମଧ୍ୟ ବଡ଼ ଆର୍ଥିକ ଉନ୍ନତି ହେବ। କମ୍ପାନୀର ସିଇଓଙ୍କ କହିବା ଅନୁଯାୟୀ, କେବଳ ଇଲେକ୍ଟ୍ରିକ ଗାଡ଼ି ଉପରେ ନିର୍ଭର ନକରି ଫ୍ଲେକ୍ସ-ଫ୍ୟୁଏଲ ଭଳି ବିକଳ୍ପ ଉପରେ କାମ କରିବା ଭାରତ ପାଇଁ ଅଧିକ ସହଜ ଏବଂ ବ୍ୟବହାରିକ ଅଟେ।




## ଏଲଏସିରେ ଚୀନ୍‌କୁ ଟକ୍କର ଦେବ ଜୋରାୱାର ଟ୍ୟାଙ୍କ୍

**ନୂଆଦିଲ୍ଲୀ,୬।୬ଃ** ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ହେଉଛି 'ଜୋରାୱାର' ହାଲୁକା ଟ୍ୟାଙ୍କ (ଜୋରୱାର ଲାଇଟ୍ ଟ୍ୟାଙ୍କ୍)। ଏ.ଏମ୍. ନାଏକ ହେଭି ଇଞ୍ଜିନିୟରିଂ କମ୍ପ୍ଲେକ୍ସରେ ପ୍ରସ୍ତୁତ ଏହି ଟ୍ୟାଙ୍କଟି ମାତ୍ର ୧୯ ମାସରୁ କମ୍ ସମୟ ମଧ୍ୟରେ ତିଆରି କରାଯାଇଛି। ଏହି ଟ୍ୟାଙ୍କର ନାମକରଣ ଇତିହାସ ପୁରୁଷ ଡୋଗରା ସେନା ଜେନେରାଲ 'ଜୋରାୱାର ସିଂହ'ଙ୍କ ନାଁରେ ନାକରଣ କରାଯାଇଛି। ଯାହାଙ୍କୁ ଲଦାଖର ବିଜେତା ବୋଲି କୁହାଯାଏ। ଏଲ୍.ଏ.ସି ରେ ଚୀନ୍ ସହ ଉତ୍ତେଜନା ସମୟରେ ଚୀନର 'ଟାଇପ୍ ୧୫' ଟ୍ୟାଙ୍କର ମୁକାବିଲା କରିବା ପାଇଁ ଭାରତକୁ ଏକ ଶକ୍ତିଶାଳୀ ତଥା ହାଲୁକା ଯୁଦ୍ଧଯାନର ଆବଶ୍ୟକତା ଥିଲା, ଯାହା ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ମଧ୍ୟ ସହଜରେ ଚଳପ୍ରଚଳ କରିପାରିବ। ଏହି ଜୋରାୱର ଟ୍ୟାଙ୍କ ଚୀନ ଟ୍ୟାଙ୍କ ଠିକ୍ କଡ଼ା ଟକ୍କର ଦେଇପାରିବ. ତେବେ ଏହା ଚୀନର ଟାଇପ-୧୫ ଟ୍ୟାଙ୍କ ଠାରୁ ଅଧିକ ହାଲୁକା ହୋଇଥିବା ବେଳେ ସାମରିକ ସଜ୍ଜା କିନ୍ତୁ ସେହିପରି। ଯାନ୍ତ୍ରିକ କ୍ଷମତା ଓ ଅସ୍ତ୍ର ଖଚିତ ଶକ୍ତି ଓଜନ ଓ ଗତିଃ ପ୍ରାୟ ୨୫ ଟନ୍ ଓଜନର ଏହି ଟ୍ୟାଙ୍କରେ ୭୬୦ ଏଚ୍‌ପି କ୍ଷମତାସମ୍ପନ୍ନ କମିନ୍ସ ଡିଜେଲ ଇଞ୍ଜିନ୍ ଏବଂ ରେଙ୍କ୍ ଟ୍ରାନ୍ସମିସନ୍ ବ୍ୟବହୃତ ହୋଇଛି। ଏହା ସର୍ବାଧିକ ୭୦ କିମିଘଣ୍ଟା ପ୍ରତି ବେଗରେ ଗତି କରିପାରିବ ଏବଂ ଏହାର ଅପରେସନାଲ୍ ରେଞ୍ଜ୍ ୪୫୦ କିମି।



## ଅଷ୍ଟ୍ରେଲିଆରେ ସର୍ବପ୍ରଥମେ ଆରମ୍ଭ ହୋଇଥିଲା ପ୍ଲାଷ୍ଟିକ ମୁଦ୍ରା

**ନୂଆଦିଲ୍ଲୀ, ୬।୬ଃ** ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ଲାଷ୍ଟିକ୍ ମୁଦ୍ରା ଆଣିବା ନେଇ ଯୋଜନା କରୁଥିବା ଜଣାପଡ଼ିବା ପରେ ଏହାକୁ ନେଇ ଚର୍ଚ୍ଚା ବଢ଼ିଛି। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ଶୁକ୍ରବାର ଏହାର ସୂଚନା ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ପଲିମର ନୋଟର ପ୍ରସ୍ତାବ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଆଉ ଏହା ଉପରେ ଅଧିକ ଆଲୋଚନା ଜାରି ରହିଛି। ହେଲେ ରିପୋର୍ଟ ଅନୁସାରେ, ଏପ୍ରସଙ୍ଗରେ ଖୁବଶୀଘ୍ର ଏକ ପାଇଲଟ ପ୍ରୋଜେକ୍ଟ ଘୋଷଣା କରାଯାଇପାରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ ଏବଂ ୨୦ ଟଙ୍କିଆ ନୋଟ ଆସିପାରେ। କାରଣ ଏହା ସବୁଠୁ ଅଧିକ ବ୍ୟବହାର ହୋଇଥାନ୍ତି ଏବଂ ଖୁବଶୀଘ୍ର ଖରାପ ହୋଇଯାଏ। ଦୁନିଆର ୬୦ ଦେଶରେ ପୂର୍ବରୁ ହିଁ ପ୍ଲାଷ୍ଟିକ ମୁଦ୍ରା ପ୍ରଚଳିତ। ଏଥିରେ ଅଷ୍ଟ୍ରେଲିଆ, କାନାଡା, ଯୁକେ, ସିଙ୍ଗାପୁର, ନ୍ୟୁଜିଲାଣ୍ଡ, ମାଲେସିଆ ଏବଂ ଥାଇଲ୍ୟାଣ୍ଡ ଭଳି ଦେଶ ଅଛନ୍ତି। ଅଷ୍ଟ୍ରେଲିଆରେ ସର୍ବପ୍ରଥମେ ଆରମ୍ଭ ହୋଇଥିଲା ପ୍ଲାଷ୍ଟିକ ମୁଦ୍ରା ପ୍ଲାଷ୍ଟିକ ନୋଟ ସର୍ବପ୍ରଥମେ ଅଷ୍ଟ୍ରେଲିଆରେ ଆରମ୍ଭ ହୋଇଥିଲା। ୧୯୮୮ରେ ଅଷ୍ଟ୍ରେଲିଆ ପ୍ରଥମେ ପଲିମରରେ ତିଆରି ନୋଟ୍ ପ୍ରଚଳନ କରିଥିଲା। ଏହି ନୋଟକୁ ଅଧିକ ସୁରକ୍ଷିତ, ଦୀର୍ଘସ୍ଥାୟୀ ଏବଂ ନକଲି ନୋଟ ବିରୋଧରେ ଅଧିକ ପ୍ରଭାବୀ ବୋଲି ଧରାଯାଏ। ଅଷ୍ଟ୍ରେଲିଆର ପ୍ଲାଷ୍ଟିକ କରେନ୍ସୀକୁ ଦୁନିଆର ସବୁଠୁ ମଜବୁତ କରେନ୍ସୀ ବୋଲି ମଧ୍ୟ କୁହାଯାଏ। ଏହା ଅନେକ ବର୍ଷ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିପାରେ। ତେବେ ଅଷ୍ଟ୍ରେଲିଆ ପରେ ଧୀରେ ଧୀରେ ଅନ୍ୟ ଦେଶମାନେ ମଧ୍ୟ ଏହି ଜ୍ଞାନକୌଶଳକୁ ଆପଣାଇଥିଲେ। କାନାଡା ୨୦୧୧ରେ ପ୍ଲାଷ୍ଟିକ ନୋଟ ପ୍ରଚଳନ କରିଥିଲା। ସେହିଭଳି ୟୁରୋପର ଅନେକ ଦେଶ ମଧ୍ୟ ଏଦିଗରେ ପଦକ୍ଷେପ ନେଇଛନ୍ତି।



### ପ୍ଲାଷ୍ଟିକ୍ ନୋଟର ସୁବିଧା ?

ବିଶେଷଜ୍ଞଙ୍କ ମତରେ କାଗଜ ନୋଟ୍ ଅପେକ୍ଷା ପ୍ଲାଷ୍ଟିକ୍ ନୋଟ୍ ଅନେକ ଦୃଷ୍ଟିରୁ ଉତ୍କୃଷ୍ଟ। ସବୁଠାରୁ ବଡ଼ ସୁବିଧା ହେଉଛି ଏହାର ସ୍ଥାୟୀତ୍ୱ। ସାଧାରଣ କାଗଜ ନୋଟ୍ ୨ରୁ ୩ ବର୍ଷ ମଧ୍ୟରେ ନଷ୍ଟ ହୋଇଯାଇପାରେ, କିନ୍ତୁ ପ୍ଲାଷ୍ଟିକ୍ ନୋଟ୍ ୫ରୁ ୧୦ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ରହିପାରେ। ପାଣି, ଆର୍ଦ୍ରତା ଏବଂ ଧୂଳି ଯୋଗୁ ମଧ୍ୟ ଏହା ସହଜରେ ଖରାପ ହୋଇନଥାଏ। ବାରମ୍ବାର ବ୍ୟବହାର ସତ୍ତ୍ୱେ ଏଗୁଡ଼ିକ ଛିଣ୍ଡିବା କିମ୍ବା କ୍ଷତିଗ୍ରସ୍ତ ହେବାର ସମ୍ଭାବନା କମ୍। ଫଳରେ ନୂଆ ନୋଟ୍ ଛାପିବାର ଆବଶ୍ୟକତା ହ୍ରାସ ପାଇଥାଏ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୭୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୭୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୦,୦୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୨,୭୩୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୨,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୯୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୧୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୭୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୦୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୫,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮. ୮୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୪୭ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୮୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୫୫ ପଇସା ରହିଛି ।

# ସରକାରୀ ବିହନ ନେବାକୁ ଚାଷୀ କୁନ୍ଥକୁନ୍ଥ



● ଫାଉଣ୍ଡେସନ ବିହନର ଚାହିଦା ବଢୁଛି
● ସାର୍ଟିଫାଏଡ଼ ବିହନ ସ୍ଥାନ ନେଉଛି ଫାଉଣ୍ଡେସନ ବିହନ
● ଅସ୍ତରଙ୍ଗରେ ୧୭ଟି ବିହନ ବିକ୍ରୟ କେନ୍ଦ୍ର

କାକଟପୁର/ଅସ୍ତରଙ୍ଗ,୬।୬ (ସଂଚାର ବ୍ୟୁରୋ): ଚଳିତ ବର୍ଷ ଚାଷୀ ମାନେ ନିଜ ମନପସନ୍ଦର ଧାନ ବିହନ ଖୋଜୁଛନ୍ତି। ଏଥିପାଇଁ ବଜାର ଓ ଛକରେ ଥିବା ସାର ଦୋକାନୀ ଏବଂ ମଞ୍ଜି ଦୋକାନୀ ଙ୍କୁ ଅର୍ଡର ଦେଇ ଆଣୁଛନ୍ତି ହାଇବ୍ରିଡ଼ ବିହନ। ଯାହାକୁ କହୁଛନ୍ତି ଫାଉଣ୍ଡେସନ ବିହନ। କିନ୍ତୁ ସରକାରୀ ଭାବେ ଯେଉଁ ବିହନ ସରକାର ଦେଉଛନ୍ତି ଓ ତାହାକୁ ବେସରକାରୀ ସଂସ୍ଥା ବିକୁଛନ୍ତି ତାହାକୁ ସାର୍ଟିଫାଏଡ଼ ବିହନ ବୋଲି କହୁଛନ୍ତି। ଏହି ସାର୍ଟିଫାଏଡ଼ ବିହନ ବସ୍ତା ଉପରେ ନେଳିଆ ରଙ୍ଗର କାର୍ଡ ଝୁଲୁଛି। ଏହି ବିହନ କିଣିଲେ କୃଷି ବିଭାଗ ଚାଷୀଙ୍କୁ ପ୍ରତି ୨୦କିଗ୍ରା ବସ୍ତା ପାଇଁ ୨୦୦ରୁ ୨୫୦ଟଙ୍କା ଯାଏ ସବସିଡ଼ି ଦେଉଛନ୍ତି। ତଥାପି ମଧ୍ୟ ଚାଷୀଙ୍କର ଏହି ସାର୍ଟିଫାଏଡ଼ ବିହନ ପ୍ରତି ଆଗ୍ରହ ନାହିଁ। କାରଣ ହାଇବ୍ରିଡ୍ ଯାହାକି ଫାଉଣ୍ଡେସନ ବିହନରେ ଚାଷ କଲେ ଗୋଟିଏ ଏକର ଜମିରେ ୨୫ରୁ ୨୭କୁଇଣ୍ଟାଲ ଧାନ ଅମଳ ହେଉଛି।

ଅନ୍ୟ ପକ୍ଷରେ ଅଖିମୁଠି ଅନୁକୂଳ ଠାରୁ ଚାଷୀ ବିହନ ଓ ତଳି ପକେଇବା ପାଇଁ କସରତ କରୁଛନ୍ତି। ଆଗାମୀ ରଜ ଭିତରେ ବିହନ ବୁଣା ପାଇଁ ଚାଷୀଟିଏ ଅଣ୍ଟା ଭିଡୁଛି। ହେଲେ ଏଠି କଥା ଉଠୁଛି ବିହନ ନିଗମରେ ମିଳୁଥିବା ବିହନରେ ଉଭୋଇଁ ଅମଳ ହେଉନି। ଅଧିକ ନାହିଁ ଯେଉଁଠା ଅଛି ସେଇଠା ସାର୍ଟିଫାଏଡ ଯାହାକୁ ଚାଷୀ ନେବାକୁ କୁନ୍ଥକୁନ୍ଥ। ଏ ପଟେ ସରକାରୀ ସ୍ତରରେ ବିହନ ଲାଇସେନ୍ସ ଧରି ବସିଛନ୍ତି ଅନେକ ଅଧିକାରୀ। ହେଲେ ବିହନ ଆଣିବାକୁ ନାରାଜ। ବିହନ ୨୦କେଜି ୨୫କେଜି ବିହନକୁ ଆଣି ସରକାରୀ ଦରରେ ବିକିବେ ତାକୁ ଅନଲାଇନରେ ସେଲ କଲେ ସେମିତି ସବସିଡ଼ି ପାଇବ ଏତେ ସବୁ ଧନ୍ଦା ଭିତରେ ସମବାୟ ସଂସ୍ଥା ପଶିବାକୁ ଚାହୁଁନାହାନ୍ତି। ତେଣୁ ସରକାରୀ ସ୍ତରରେ ସ୍ୱର୍ଣ୍ଣ, କଳାଚମ୍ପା, ସ୍ୱର୍ଣ୍ଣ ସବ (୧)ପୂଜା ଆଦି ୪ରୁ ୫ଜାତିର ବିହନ ଦୋକାନୀ ମାନେ ୧୨ରୁ ୧୫କିସମର ବିହନ ତାହା ପୁଣି ଫାଉଣ୍ଡେସନର ବିହନ ଆଣି ଚାଷୀଙ୍କୁ ଯୋଗାଉଛନ୍ତି। ଆଉ କିଛି ଧାନ ବେପାରୀ ମଧ୍ୟ୫କେଜି,୧୦କେଜି ଓ ୨୦କେଜି ବିହନ ପ୍ୟାକେଟ ଯାହାକି ବିଭିନ୍ନ ଭେରାଇଟିରେ ରଖି ଚାଷୀଙ୍କୁ ଆଗୁଆ ସାହାଯ୍ୟ କରୁଥିବା ନଜର ଏବେ ଗାଁ ଗଣ୍ଡାରେ ଦେଖାଯାଉଛି।

ମୋଟ ଉପରେ ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକରେ ୧୫ଗୋଟି ପଂଚାୟତ ରେ ୧୭ଟି ବିହନ ବିକ୍ରୟ କେନ୍ଦ୍ର ମଧ୍ୟରୁ ୮ଟି ସରକାରୀ ଓ ୯ଟି ବେସରକାରୀ ଭାବେ ଖୋଲାଯାଇଛି। ଏମାନଙ୍କ ମଧ୍ୟରେ ସାର ଦୋକାନୀ, ମଞ୍ଜି ଦୋକାନୀ ଏବଂ କେତେକ ଧାନ ବେପାରୀ ମଧ୍ୟ ବିହନ ବିକିବାକୁ ଲାଇସେନ୍ସ ନେଇଛନ୍ତି। କିନ୍ତୁ ଫାଉଣ୍ଡେସନ ବିହନକୁ ଚାଷୀ ଅଧିକ ପସନ୍ଦ କରୁଛନ୍ତି।

## ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର



### ରକ୍ତଦାତାଙ୍କୁ ଉତ୍ସାହିତ କଲେ ରମେଶ ଜେନା

### ରେକର୍ଡ ସଂଖ୍ୟକ ରକ୍ତ ସଂଗ୍ରହ

ହିଞ୍ଜିଳିକାଟୁ/ବ୍ରହ୍ମପୁର,୬।୬ (ସଂଚାର ବ୍ୟୁରୋ): ବ୍ରହ୍ମପୁର ବଡ଼ମେଡ଼ିକାଲ୍ ପରିସରରେ ଥିବା ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଦେଖାଦେବାରେ ଲାଗିଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ରକ୍ତ ସଂଗ୍ରହ ବହୁ ପରିମାଣରେ କମିଯାଇଛି। ଆବଶ୍ୟକ ଅନୁଯାୟୀ ରକ୍ତ ସଂଗ୍ରହ ହୋଇପାରୁନି। ଫଳରେ ଜରୁରୀ ପରିସ୍ଥିତିରେ ରୋଗୀଙ୍କୁ ରକ୍ତ ମିଳିପାରୁନି। ଏହି ଅଭାବ ଦୂର କରିବା ପାଇଁ ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ନିକଟସ୍ଥ ବଡଲଙ୍ଗୋଳି (ଫାର୍ମହାଉସ)ରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ନେତୃତ୍ୱରେ ଏକ ବିଶାଳ ରକ୍ତଦାନ ଶିବିର ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିର ପ୍ରଥମ ଥର ହୋଇଥିଲେ ମଧ୍ୟ ରେକର୍ଡ ସଂଖ୍ୟକ ୩୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏଥିସହ ରକ୍ତଦାନ ଭଳି ମହତ୍ କାର୍ଯ୍ୟରେ ସହଯୋଗ କରିଥିବା ରକ୍ତଦାତାଙ୍କୁ ଶ୍ରୀ ଜେନା ଅଣ୍ଡା ଓ କଦଳୀ ଖୁଆଇ ଉତ୍ସାହିତ କରିଥିଲେ। ଏହି ଶିବିର ଅପରାହ୍ଣ ୩ଟାରୁ ରାତ୍ର ୯ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବା ବେଳେ ଗଂଜାମ ଜିଲ୍ଲାର ବହୁ ଛାତ୍ର, ସାମାଜିକ କର୍ମୀ, ଅଞ୍ଚଳବାସୀ ଏବଂ ବହୁ ସଂଘର କର୍ମକର୍ତ୍ତାମାନେ ରକ୍ତଦାନ କରିଥିଲେ।

## ଚଲାଣଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ 'ପ୍ରକୃତି ମିତ୍ର' ପୁରସ୍କାର



ବୋରିଗୁମ୍ମା,୬।୬ (ସଂଚାର ବ୍ୟୁରୋ): କୋରାପୁଟ ସହର ପାଇନ୍ ରିସର୍ଟ ଠାରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଜିଲ୍ଲାରେ ବିଗତ ଦିନରେ ବିଭିନ୍ନ ବ୍ଲକରେ ବୃକ୍ଷରୋପଣ କରିଥିବା ଅନୁଷ୍ଠାନ ତଥା ବ୍ୟକ୍ତି ବିଶେଷଙ୍କୁ "ପ୍ରକୃତି ମିତ୍ର" ଆଉ ପ୍ରକୃତି ବନ୍ଧୁ ରୂପେ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ସମସ୍ତଙ୍କ ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ପରିପେକ୍ଷୀରେ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଚଲାଣଗୁଡ଼ା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ "ପ୍ରକୃତି ମିତ୍ର" ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଧାଶ୍ୟାମ ସାହୁ ଜିଲ୍ଲାପାଳଙ୍କ ଠାରୁ "ପ୍ରକୃତି ମିତ୍ର" ରୂପେ ମାନପତ୍ର ସହ ୨୦ ହଜାର ଟଙ୍କା ଆର୍ଥିକ ରାଶି ଗ୍ରହଣ କରିଥିଲେ।

# ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ଅଭିଯୋଗ

### କାମ ନକରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍



ମାଲକାନାଗିରି,୬।୬ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଭେଙ୍କଟପଲମ ପଞ୍ଚାୟତରେ ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଅର୍ଥ ହରିଲୁଟ୍ ହୋଇଥିବା ନେଇ ଏକ ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିଛି । କ୍ଷେତ୍ରରେ କୌଣସି କାର୍ଯ୍ୟ ନକରି ଜାଲ୍ ବିଲ୍ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ଏହି ଦୁର୍ନୀତି ଯୋଗୁଁ ସ୍ଥାନୀୟ ଅଞ୍ଚଳର ପ୍ରକୃତ ଗରିବ ଜବ୍ କାର୍ଡଧାରୀ ଶ୍ରମିକମାନେ କାମ ପାଇବାରୁ ବଞ୍ଚିତ ହେଉଛନ୍ତି । ଫଳରେ ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ବାଧ୍ୟ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ସୀମା ପାର୍ ହେଉଛନ୍ତି । ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ସ୍ଥାନୀୟ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଅଭିଯୋଗକାରୀଙ୍କ କହିବା ଅନୁଯାୟୀ,ପଞ୍ଚାୟତରେ କାଗଜପତ୍ରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦର୍ଶାଯାଇ ଅର୍ଥ ଆତ୍ମସାତ କରାଯାଇଛି । ଏହାସହ ଗ୍ରାମରେ ଶ୍ରମିକମାନଙ୍କୁ କାମ ଯୋଗାଇଦେବା ପରିବର୍ତ୍ତେ କୋଉଠି ମେସିନ୍ ସାହାଯ୍ୟରେ କାମ କରାଯାଉଛି କିମ୍ବା ସମ୍ପୂର୍ଣ୍ଣ ମିଥ୍ୟା ବିଲ୍ ପ୍ରସ୍ତୁତ କରି ଟଙ୍କା ଉଠାଇ ନିଆଯାଉଛି। ପ୍ରକୃତ ହିତାଧିକାରୀଙ୍କ ପାଖରେ କାମ ପହଞ୍ଚିପାରୁ ନଥିବାରୁ, ସେମାନେ ନିଜ ପରିବାର ପ୍ରତିପୋଷଣ ପାଇଁ ଦାଦନ ସାଜି ଅନ୍ୟ ରାଜ୍ୟକୁ ପଳାୟନ କରୁଛନ୍ତି।

ସୂଚନା ଅନୁଯାୟୀ, ଆରଏନବିପି ଗାର୍ଡେନ ୱାଲ୍,ଭେଙ୍କଟପଲମରେ ଏକପେଡ ମା କେ ନାମ, ମାର୍ଗିପଲ୍ଲି ଗ୍ରାମରେ ସକପିଟ, କୋୟାଗୁଡା ଗ୍ରାମରେ ଅମୃତସରବର ଫେସ୍ ୨ ଏବଂ କୋୟାଗୁଡା ଗ୍ରାମ ଠାରୁ ତେଲିଗୁଡ଼ା ଗ୍ରାମରେ ଡବଲୁବିଏମ ରାସ୍ତା ଭଳି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନକରି ଲକ୍ଷ ଲକ୍ଷ ଟଙ୍କାର ବିଲ୍ ପାସ୍ କରି ନିଆଯାଇଛି । ଗରିବ ଶ୍ରମିକମାନଙ୍କୁ ରୋଜଗାର ଯୋଗାଇଦେବା ପାଇଁ ଆସିଥିବା ସରକାରୀ ପାଣ୍ଠିକୁ କେତେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଦଲାଲ୍ ମିଶି ହଡ଼ପ କରିଥିବା ଅଭିଯୋଗ ହୋଇଛି । ଗ୍ରାମର ଧନୀ, ପ୍ରଭାବଶାଳୀ , ସିଆରପି, ବିକଳାଙ୍ଗ ପେନସନ ପାଉଥିବା ବ୍ୟକ୍ତି ଏବଂ କାଲିମେଳା ଲ୍ୟାମ୍ପରେ ଚାକିରିଆଙ୍କ ନାମରେ ମଧ୍ୟ ବେଆଇନ ଭାବେ ଜବ୍ କାର୍ଡ ତିଆରି କରାଯାଇ ଏହି ଅର୍ଥ ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି ।

ଏନେଇ ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବାଙ୍କ ସମେତ ଭେଙ୍କଟପଲମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଏବଂ ବହୁ ସଂଖ୍ୟକ ଲୋକ ଏକାଠି ହୋଇ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅଭିଯୋଗ ପତ୍ରରେ ସ୍ଥାନୀୟ ଜନପ୍ରତିନିଧି ଏବଂ କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଅନୁମୋଦିତ ଅର୍ଥର ହରିଲୁଟ ହୋଇଥିବା ବିଷୟ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି । ଏହାସହ ଏହି ମାମଲାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି ।

## ଜିଲ୍ଲା କୁମ୍ଭକାର ସମାଜର ବାର୍ଷିକ ମହାସଭା



ଫୁଲବାଣୀ ,୬।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବବଡଙ୍ଗିଆ ମା ପିତାବଳୀ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା କୁମ୍ଭକାର ସମାଜ ମହାସଭା ଫୁଲବାଣୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲ୍ଲା କୁମ୍ଭକାର ସମାଜର କେନ୍ଦ୍ର ଲଳିତ ମୋହନ ରଣାଙ୍କ ଅଧ୍ୟକ୍ଷତାରେ ଏବଂ କେନ୍ଦ୍ର କପିଳ ରଣାଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ବାର୍ଷିକ ସମ୍ମିଳନୀ ତିନି ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କୁମ୍ଭକାର ସମାଜ ର କେନ୍ଦ୍ର ସଭାପତି ଲଳିତ ମୋହନ ରଣା, ସମ୍ପାଦକ ଶୁବଳ ରଣା, ସହ ସମ୍ପାଦକ କପିଳ ରଣା, ଉପ ସଭାପତି ଶଶିଭୂଷଣ ରଣା,ସହ ଜିଲ୍ଲା ବାହାରୁ ମଧ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ ତିନି ଦିନ ଧରି ଅନୁଷ୍ଠିତ ହେଉଥିବା ସମ୍ମିଳନୀ ରେ ପ୍ରଥମ ଦିନରେ ସଭା ମଣ୍ଡପ ରୁ ବାହାରି ଖୋଳ ତାଳ କୀର୍ତ୍ତନ ସହ କଳସୀ ଯାତ୍ରା ଅନୁଷ୍ଠିତ ପରେ ପୁନର୍ବାର ସଭା ମଣ୍ଡପର ପୂଜା ମଣ୍ଡପ ରେ ସ୍ଥାପନ କରାଯାଇଥିଲା। ବୈଠକରେ ସାମାଜିକ ସମସ୍ୟା ଶିକ୍ଷା ସ୍ୱାସ୍ଥ୍ୟ, ନିଶା ନିବାରଣ ଭଳି ଗୁରୁତ୍ୱ ପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା।

## ଉର୍ମାଗଡ଼ ଜଳପ୍ରପାତ ନିକଟରେ ସ୍ୱଚ୍ଛତା ଓ ପ୍ଲାଷ୍ଟିକ ସଚେତନତା କାର୍ଯ୍ୟକ୍ରମ




ଫୁଲବାଣୀ,୬।୬ (ସଂଚାର ବ୍ୟୁରୋ): ବିଶ୍ୱ ପରିବେଶ ଦିବସ ଅବସରରେ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଉର୍ମାଗଡ ଜଳପ୍ରପାତ ନିକଟରେ ବନାଞ୍ଚଳ ସ୍ତରୀୟ ଏକ ସ୍ୱଚ୍ଛତା ଓ ପ୍ଲାଷ୍ଟିକ ପ୍ରଦୂଷଣ ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ପ୍ରଦୋଶ କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ଓ ପ୍ରକୃତି ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ରାଲିରେ ଅଂଶଗ୍ରହଣକାରୀମାନେ ଗଛ ଲଗାଇବା, ପ୍ଲାଷ୍ଟିକ ବ୍ୟବହାର କମାଇବା ଓ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ ଉର୍ମାଗଡ ଜଳପ୍ରପାତ ପରିସରରେ ସଫାସୁତୁରା କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା।

## ଯାଜପୁର ରୋଡ଼ ରେଞ୍ଜ ବିଭାଗ ପକ୍ଷରୁ ଚାରାରୋପଣ




ଯାଜପୁର ରୋଡ଼,୬।୬ (ସଂଚାର ବ୍ୟୁରୋ): କୋରେଇ ବ୍ଲକ ପାଟରଙ୍ଗା ପଞ୍ଚାୟତରେ ଯାଜପୁର ରୋଡ ଫରେଷ୍ଟ ରେଞ୍ଜ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେଞ୍ଜର ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଆକାଶ ଦାସ ନାୟକ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ,ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ଆଂଚଳିକ ପ୍ରଦୂଷଣ ଅଧିକାରୀ ମଦନ ମୋହନ ସାହୁ, ସରପଂଚ ରଞ୍ଜନ କୁମାର ଦାସ, ପୂର୍ବତନ ସରପଂଚ ଦିପ୍ତିମୟୀ କୁଅଁର, ଧନେଶ୍ୱର ବାରିକ, ଅଶୋକ ବାରିକ ପ୍ରମୁଖ ଯୋଗଦେଇ ଚାରା ରୋପଣ କରି ପରିବେଶକୁ ସୁରକ୍ଷା ଦେବା ପାଇଁ ସମସ୍ତେ ଗୋଟେ ଗୋଟେ ଗଛ ଲଗାଇବାକୁ ରେଞ୍ଜର ପରାମର୍ଶ ଦେଇଥିଲେ। ପରିବେଶକୁ ସୁରକ୍ଷା ଦେବା ଆମର ପ୍ରଥମ କର୍ତବ୍ୟ ଏବଂ ଆମେ ସମସ୍ତେ ବୃକ୍ଷ ରୋପଣ କରି ଆଗାମୀ ଦିନରେ ସବୁଜ ସୁନ୍ଦର କୋରେଇ ଗଢ଼ିତୋଳିବାର ସଂକଳ୍ପ ନେବା ପାଇଁ ବିଧାୟକ ଶ୍ରୀ ଦାସନାୟକ ପରାମର୍ଶ ଦେଇଥିଲେ।

## ମାଲକାନଗିରିରେ ବିଶ୍ୱ ପରିବେଶ ଦିବସ ପାଳିତ



ମାଲକାନଗିରି,୬।୬ (ସଂଚାର ବ୍ୟୁରୋ): ବିଶ୍ୱ ପରିବେଶ ଦିବସ ଅବସରରେ ଚିତ୍ରକୋଣ୍ଡାଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଚିତ୍ରକୋଣ୍ଡା ଡ୍ୟାମ ନିକଟରୁ ଡୋରାଘାଟ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୪ କି.ମି. ଦୈର୍ଘ୍ୟ ବିଶିଷ୍ଟ ଟ୍ରେକିଂ ରୁଟର ଉଦ୍ଘାଟନ ଜିଲ୍ଲାପାଳ, ମାଲକାନଗିରିଙ୍କ ଦ୍ୱାରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁଲିସ ଅଧୀକ୍ଷକ (, ଡିଏଫଓ, ବ୍ଲକ ଅଧ୍ୟକ୍ଷ, ଏସିଏଫମାନେ, ମାଲକାନଗିରି ବନ ବିଭାଗ ଏବଂ ଜୟପୁର କେନ୍ଦୁପତ୍ର ବିଭାଗର କର୍ମଚାରୀ, ଭିଏସଏସ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ। ବ୍ୟାପକ ଜନସହଭାଗିତା ପ୍ରକୃତି ଓ ପରିବେଶ ସଂରକ୍ଷଣ ପ୍ରତି ଲୋକମାନଙ୍କ ଆଗ୍ରହକୁ ପ୍ରତିଫଳିତ କରିଥିଲା।

ଏହି ଅବସରରେ ସର୍ବସାଧାରଣଙ୍କ ସକ୍ରିୟ ସହଭାଗିତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିବେଶ ସୁରକ୍ଷା, ବନ୍ୟଜନ୍ତୁ ସଂରକ୍ଷଣ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ "ପ୍ରକୃତି ମିତ୍ର" ଏବଂ "ପ୍ରକୃତି ବନ୍ଧୁ" ସମ୍ମାନ ପ୍ରଦାନ କରାଯାଇଥିଲା।

ଏହା ବ୍ୟତୀତ ବିଭାଗର ବିଭିନ୍ନ ରେଞ୍ଜ ସ୍ତରରେ ପିକନିକ ସ୍ଥଳୀଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ, ପରିବେଶ ସଚେତନତା ସଭା, ଚାରା ବଣ୍ଟନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ସାଧାରଣ ଜନତା, ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି, ବିଏସ୍ଏଫ୍ ଜବାନ, ଭିଏସ୍ଏସ୍ ସଦସ୍ୟ, ଛାତ୍ରଛାତ୍ରୀ ଏବଂ ବନ କର୍ମଚାରୀମାନଙ୍କର ସକ୍ରିୟ ସହଭାଗିତା ଦେଖିବାକୁ ମିଳିଥିଲା, ଯାହା ପରିବେଶ ସୁରକ୍ଷା ଏବଂ ପ୍ରାକୃତିକ ସମ୍ପଦର ସୁସ୍ଥାୟୀ ପରିଚାଳନା ପ୍ରତି ସମସ୍ତଙ୍କ ଅଙ୍ଗୀକାରକୁ ପ୍ରକାଶ କରିଥିଲା।

# ପାରାଦୀପ ବନ୍ଦର ପାଳିଲା ବିଶ୍ୱ ପରିବେଶ ଦିବସ



ପାରାଦୀପ,୬।୬ (ସଂଚାର ବ୍ୟୁରୋ): ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ଏହାର ଅତ୍ୟାଧୁନିକ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ-୩ (ଏସ୍ଟିପି-୩) କମ୍ପ୍ଲେକ୍ସରେ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳନ କରିଛି । ସ୍ଥାୟୀ ବିକାଶ, ପରିବେଶଗତ ପରିଚାଳନା ଏବଂ ଜଳବାୟୁ କାର୍ଯ୍ୟ ପ୍ରତି ଏହାର ପ୍ରତିବଦ୍ଧତାକୁ ବନ୍ଦର କର୍ତ୍ତୃପକ୍ଷ ପୁନଃନିର୍ମାଣ କରିଛନ୍ତି । ଏହି ଉତ୍ସବ ୨୦୨୬ ପାଇଁ ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନଇପି) ଥିମ୍, "ପ୍ରକୃତି ଦ୍ୱାରା ଅନୁପ୍ରାଣିତ । ଜଳବାୟୁ ପାଇଁ ଆମ ଭବିଷ୍ୟତ ପାଇଁ" ସହିତ ସଂଯୁକ୍ତ ହୋଇଥିଲା । ଯାହା ବିଶ୍ୱସ୍ତରୀୟ କାର୍ଯ୍ୟ ଆହ୍ୱାନ ଅଧୀନରେ ଅନୁଷ୍ଠିତ ହୋଇଥିଲା । ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ଶ୍ରୀ ପି. ଏଲ୍. ହରନାଧ, ପାରାଦୀପ ସାକ୍ଷରତା ସମିତି (ପିଏସଏସ) ର ଉପାଧ୍ୟକ୍ଷ ଶ୍ରୀ ଟି. ଭେନୁ ଗୋପାଳ, ବିଭାଗ ମୁଖ୍ୟ, ଅଧିକାରୀ, କର୍ମଚାରୀ ଏବଂ ସ୍ୱେଚ୍ଛାସେବକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ସମାବେଶକୁ ସମ୍ବୋଧିତ କରି ଶ୍ରୀ ହରନାଧ ପ୍ରକୃତି-ଆଧାରିତ ସମାଧାନ ଏବଂ ସ୍ଥାୟୀ ପ୍ରଯୁକ୍ତିବିଦ୍ୟାକୁ ବନ୍ଦର କାର୍ଯ୍ୟରେ ସମନ୍ୱିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ପାରାଦୀପ ବନ୍ଦରକୁ ଏକ ଆଧୁନିକ, ପରିବେଶଗତ ଭାବରେ ଦାୟୀ ଏବଂ ଜଳବାୟୁ-ପ୍ରତିରୋଧୀ ସାମୁଦ୍ରିକ କେନ୍ଦ୍ରରେ ପରିଣତ କରିବାର ପିପିଏର ଦୃଷ୍ଟିକୋଣକୁ ପୁନର୍ବାର ଦୋହରାଇଥିଲେ।

"ଆମର ପ୍ରାକୃତିକ ପରିବେଶ ସ୍ଥିରତା ପାଇଁ ଚୂଡ଼ାନ୍ତ ବ୍ଲୁପ୍ରିଣ୍ଟ ପ୍ରଦାନ କରିଥିବା ଅଧ୍ୟକ୍ଷ ପ୍ରକାଶ କରିଥିଲେ । ଏସ୍ଟିପି-୩ ରେ ଉନ୍ନତ ପରିବେଶଗତ ଇକୋଲୋଜିକାଲ ଇଞ୍ଜିନିୟରିଂକୁ ଉପଯୋଗ କରି, ପିପିଏ କେବଳ ବର୍ଜ୍ୟଜଳ ବିଶୋଧନ କରୁନାହିଁ; ଆମେ ପ୍ରକୃତି-ଆଧାରିତ ସମାଧାନ କାର୍ଯ୍ୟକାରୀ କରୁଛୁ ଯାହା ଆମର କାର୍ବନ ପାଦଚିହ୍ନକୁ ହ୍ରାସ କରେ, ମୂଲ୍ୟବାନ ସମ୍ପଦ ସଂରକ୍ଷଣ କରେ ଏବଂ ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ଭବିଷ୍ୟତରେ ଯୋଗଦାନ ଦିଏ," ବୋଲି ସେ କହିଛନ୍ତି । ଅଧ୍ୟକ୍ଷ ଅଭିନବ ପରିବେଶ ପରିଚାଳନା ଅଭ୍ୟାସ, ସମ୍ବଳ-ଦକ୍ଷ ଭିତ୍ତିଭୂମି ଏବଂ ସ୍ଥାୟୀ କାର୍ଯ୍ୟକ୍ଷମ ରଣନୀତି ମାଧ୍ୟମରେ ଏକ ସ୍ୱୟଂଚାଳିତ, କାର୍ବନ-ନିରପେକ୍ଷ ଏବଂ ସବୁଜ ବନ୍ଦର ଇକୋସିଷ୍ଟମ ଗଠନ ଦିଗରେ ବନ୍ଦର କର୍ତ୍ତୃପକ୍ଷଙ୍କ ଜାରି ପ୍ରୟାସ ଉପରେ ଆଲୋକପାତ କରିଥିଲେ । ସେ ପରିବେଶଗତ ଚ୍ୟାଲେଞ୍ଜର ମୁକାବିଲା ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ସାମୂହିକ କାର୍ଯ୍ୟର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ।

## ହିଞ୍ଜିଳିକାଟୁ କଂଗ୍ରେସର ମିଶ୍ରଣ ପର୍ବ

ହିଞ୍ଜିଳିକାଟୁ,୬।୬ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ହିଞ୍ଜିଳିକାଟୁ ବିଧାୟକ ପ୍ରାର୍ଥୀ ତଥା କଂଗ୍ରେସ ବରିଷ୍ଠ ନେତା ରଜନୀକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଆୟୋଜିତ ସମ୍ମିଳନୀରେ ଅନ୍ୟ ଦଳର ବହୁ ନେତା ଓ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ କଂଗ୍ରେସକୁ ଜିତାଇବାକୁ ସଂକଳ୍ପ ନେଇଛନ୍ତି। ଏହି ବୈଠକରେ ଗୋପାଳପୁରର ପୂର୍ବତନ ବିଧାୟକ ଡା. ତ୍ରିନାଥ ବେହେରା, ପଶ୍ଚିମ ଗଞ୍ଜାମ ସାଙ୍ଗଠନିକ ଜିଲ୍ଲା ସଭାପତି ଦଣ୍ଡପାଣି ପାତ୍ର, ସୁନାରାମ ସାବତ, ଆଶିଷ କୁମାର ପାଢ଼ି ପ୍ରମୁଖ ଯୋଗ ଦେଇଥିଲେ।



## ସ୍ୱାଧୀନତା ସଂଗ୍ରାମୀ ଡ଼ଃ ଫନିପାଳଙ୍କ ଶ୍ରାଦ୍ଧବାର୍ଷିକୀ




ଯାଜପୁର ରୋଡ଼,୬।୬(ସଂଚାର ବ୍ୟୁରୋ): ବ୍ୟାସନଗର ପୌର ସହରର ସ୍ଥାନୀୟ ରୟାଲ କଳିଙ୍ଗ ହୋଟେଲ ସଭା ଗୃହରେ ଡକ୍ଟର ଫନିପାଳ ସ୍ମୃତିସଂସଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡାକ୍ତର ଫନିପାଳଙ୍କ ୪୬ତମ ଶ୍ରଦ୍ଧାବାର୍ଷିକୀ ସଂସଦର ସଭାପତି ବିଦ୍ୟାଧର ମହାନ୍ତି ଅଧକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଇସକପର ସର୍ବଭାରତୀୟ ସମ୍ପାଦକ ବିଶିଷ୍ଟ ବାମପନ୍ଥୀ ନେତା ବିଜୟ କୁମାର ପଢ଼ିଆରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ଼କ୍ଟର ଫନିପାଳଙ୍କ ସ୍ମୃତିଚାରଣ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପସଭାପତି ପ୍ରଫୁଲ୍ଲ ନାୟକ,ଯାଜପୁର ଜିଲ୍ଲା ଟାକ୍ସବାର ଆସୋସନ ସଭାପତି ଆଇନଜୀବି ବିବେକାନନ୍ଦ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ମୋହନ ଚରଣ ଖୁଂଟିଆ, ଦିଗନ୍ତ ରାଉତ, ରଞ୍ଜନ କୁମାର ସାହୁ ଅଶୋକ କୁମାର ବୋଷ, ଅଶ୍ୱିନୀ କୁମାର ଦାସ, ଆଇନଜୀବି ଆଭାମାୟୀ ମହାନ୍ତି, ସଦାଶିବ ଦାସ, ଦେବେନ୍ଦ୍ର ପାତ୍ର ସଂଗ୍ରାମ ଜେନା, ମଧୁସୂଦନ ମହାପାତ୍ର, ନବଘନ ସ୍ୱାଇଁ, ମହେଶ୍ୱର ନାୟକ ପ୍ରମୁଖ ସୃତି ଚରଣ କରିଥିଲେ। ସଂସଦ ପକ୍ଷରୁ ଡ଼କ୍ଟର ପଦ୍ମନାଭ ମଲ୍ଲ, ଡ଼କ୍ଟର ଲଳିତା ରାଉତ, ଆଶିଷ କୁମାର ରାୟ, ବିଶିଷ୍ଟ ଶିକ୍ଷାବିତ୍ ଯୁବ ସମାଜସେବୀ ସୌମ୍ୟଜିତ ଜେନା, ପ୍ରବୀର କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇଥିଲା।

# ଆମ୍ବ ଚାଷ ସାଜିଛି ଜୀବିକାର ମାଧ୍ୟମ



### ବର୍ଷକୁ ରୋଜଗାର ହେଉଛି ୭୦ ହଜାର

ଫୁଲବାଣୀ,୬।୬ (ସଂଚାର ବ୍ୟୁରୋ): କଠିନ ପରିଶ୍ରମ ଓ ନିଷ୍ଠା ବଳରେ ଚାଷକୁ ଲାଭଜନକ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ଦୁଇ ଭାଇ। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ପଞ୍ଚାୟତ ଅନ୍ତର୍ଗତ ଖଜୁରୀ ଗାଁର ଦୁଇ ଜଣ ଆଦର୍ଶ ଚାଷୀ ପ୍ରକାଶ କହଁର ଏବଂ ବନବାସୀ କହଁର ଆମ୍ବ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ନିଜର ପ୍ରାୟ ୩ ଏକର ପୈତୃକ ଜମିରେ ହୋଇଥିବା ଆମ୍ବ ବଗିଚା ଏବେ ସେମାନଙ୍କ ପରିବାର ପ୍ରତିପୋଷଣର ମୁଖ୍ୟ ମାଧ୍ୟମ ସାଜିଛି।

ବନବାସୀଙ୍କ କହିବା ଅନୁଯାୟୀ, ଗତ ୨୦୦୮ ଓ ୨୦୧୨ ମସିହାରେ ତାଙ୍କ ସ୍ୱର୍ଗତ ପିତା ଫୁଲବାଣୀ କୃଷି ଉଦ୍ୟାନ ବିଭାଗ ଠାରୁ ଆମ୍ରପାଲି, ଆଖୁରସ ଓ ଲେଙ୍ଗଡ଼ା ପ୍ରଭାଜତିର ପ୍ରାୟ ୧୫୦ଟି ଆମ୍ବ ଗଛ ଆଣି ଏହି ଜମିରେ ରୋପଣ କରିଥିଲେ। ପରବର୍ତ୍ତୀ ସମୟରେ ଏହା ବୃଦ୍ଧି ପାଇ ଏବେ ବଗିଚାରେ ଗଛ ସଂଖ୍ୟା ୩୦୦ରେ ପହଞ୍ଚିଛି। ବାପାଙ୍କ ଦେହାନ୍ତ ପରେ ଦୁଇ ଭାଇ ମିଶି ଏହି ବଗିଚାର ସମ୍ପୂର୍ଣ୍ଣ ରକ୍ଷଣାବେକ୍ଷଣ ଓ ଯତ୍ନ ନେଉଛନ୍ତି। ଏହି ବଗିଚାରୁ ପ୍ରତିବର୍ଷ ୩୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଆମ୍ବ ଉତ୍ପାଦନ ହେଉଛି, ଯାହାକୁ ବିକ୍ରି କରି ସେମାନେ ବାର୍ଷିକ ୬୦ ରୁ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଛନ୍ତି। ଚଳିତ ବର୍ଷ ଗଛଗୁଡ଼ିକରେ ବହୁତ ଭଲ ଆମ୍ବ ଆସିଥିବାରୁ, ଗତ ବର୍ଷ ଅପେକ୍ଷା ଅଧିକ ରୋଜଗାର ହେବ ବୋଲି ଦୁଇ ଭାଇ ଆଶା ବାନ୍ଧିଛନ୍ତି।

ପ୍ରକାଶ କହଁରଙ୍କ ସୂଚନା ମୁତାବକ, ସ୍ଥାନୀୟ ବଜାର ଅପେକ୍ଷା ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଏହି ଆମ୍ବର ବେଶ୍ ଚାହିଦା ରହିଛି। ବିଶେଷ କରି ଖୋର୍ଦ୍ଧା, ନୟାଗଡ଼ ଏବଂ କଟକ ଜିଲ୍ଲାର ବ୍ୟବସାୟୀମାନେ ସିଧାସଳଖ ଟ୍ରକ୍ ମାଧ୍ୟମରେ ଏଠାକୁ ଆସି ବଗିଚାରୁ ଆମ୍ବ କିଣି ନେଉଛନ୍ତି। ବର୍ତ୍ତମାନ ବଜାରରେ ଆମ୍ବ କିଲୋ ପ୍ରତି ୧୩ ଟଙ୍କା ଦରରେ ବିକ୍ରି ହେଉଥିବା ବେଳେ ଗୋଟିଏ କ୍ଷେତ୍ର (କ୍ରେଟ୍) ଆମ୍ବର ମୂଲ୍ୟ ପ୍ରାୟ ୨୦୦ ଟଙ୍କା ରହୁଛି। ଏହାଦ୍ୱାରା ଦୁଇ ପଇସା ଭଲ ରୋଜଗାର ହୋଇପାରୁଛି ବୋଲି ସେ ପ୍ରକାଶ କରିଛନ୍ତି।

ଆମ୍ବ ଚାଷରୁ ଭଲ ଦୁଇ ପଇସା ମିଳୁଥିଲେ ମଧ୍ୟ ଏହି ବଗିଚାରେ ଜଳସେଚନର ସଠିକ୍ ବ୍ୟବସ୍ଥା ନାହିଁ ପାଣି ସମସ୍ୟା ଯୋଗୁଁ ଗଛଗୁଡ଼ିକର ଯେଭଳି ବିକାଶ ଓ ଉତ୍କୃଷ୍ଟ ମାନର ଫଳ ହେବା କଥା, ତାହା ହୋଇପାରୁ ନାହିଁ ବୋଲି ଦୁଇ ଚାଷୀ ଭାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯଦି ପ୍ରଶାସନ କିମ୍ବା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏହି ବଗିଚା ପାଇଁ ଏକ ଜଳସେଚନ (ପାଣି) ର ସୁବିଧା ଯୋଗାଇ ଦିଆଯାନ୍ତା, ତେବେ ଆଗାମୀ ଦିନରେ ଏଠାରୁ ଅଧିକ ମାତ୍ରାରେ ଉନ୍ନତମାନର ଆମ୍ବ ଉତ୍ପାଦନ କରାଯାଇପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଚାଷୀ ମହଲରେ ମତପ୍ରକାଶ ପାଇଛି।

# ‘ବାରଣାସୀ’ରେ ରାମାୟଣର ସବୁଠାରୁ ଭୟଙ୍କର ଯୁଦ୍ଧ



ଭେଟରାନ ଫିଲ୍ମ ମେକର ଏସ.ଏସ.ରାଜମୌଳୀଙ୍କ ଆଗାମୀ ଫିଲ୍ମ ‘ବାରଣାସୀ’କୁ ନେଇ ଦର୍ଶକଙ୍କ ମଧ୍ୟରେ ବହୁ କ୍ରେଜ ରହିଛି । ଏହି ଫିଲ୍ମ ସହ ଯୋଡ଼ି ହୋଇଥିବା ଛୋଟ ବଡ଼ ଅପଡେଟ୍ ଫ୍ୟାନ୍ସଙ୍କ ହୃଦସ୍ପନ୍ଦନ ବଢ଼ାଇ ଦେଉଛି । ଏବେ ଏହି ମେଗା ବଜେଟ ଫିଲ୍ମକୁ ନେଇ ଏକ ବହୁତ ଆଶ୍ଚର୍ଯ୍ୟଜନକ ଏବଂ ବଡ଼ ଖୁଲାସା ହୋଇଛି । ପ୍ରକାଶ ଯେ, ରାଜମୌଳୀଙ୍କ ବାପା ଏବଂ ଫେମସ ରାଇଟର କେ.ବି.ବିଜୟେନ୍ଦ୍ର ପ୍ରସାଦ କନଫର୍ମ କରିଛନ୍ତି କି ଫିଲ୍ମରେ ରାମାୟଣ ସମୟ ସହ ଯୋଡ଼ି ହୋଇଥିବା ଭଗବାନ ଶ୍ରୀରାମ ଏବଂ ମହାବଳୀ କୁମ୍ଭକର୍ଣ୍ଣଙ୍କ ମଧ୍ୟରେ ଏକ ଭୟଙ୍କର ଯୁଦ୍ଧ ଦେଖିବାକୁ ମିଳିବ । ଏହା କୌଣସି ଛୋଟ ସିନ୍ ନୁହେଁ, ବରଂ ପୂରା ୩୦ମିନିଟର ଏକ ସିକ୍ୱେନ୍ସ ହେବାକୁ ଅଛି । ଯାହା ଫିଲ୍ମ ହଲରେ ଫ୍ୟାନ୍ସଙ୍କ ରୁମ ଛିଡ଼ା କରିଦେବ । ଫିଲ୍ମରେ ସୁପରଷ୍ଟାର ମହେଶ ବାବୁ ଭଗବାନ ରାମଙ୍କ ଚରିତ୍ରରେ ନଜର ଆସିବେ । ନିକଟରେ ଏକ ଇଭେଣ୍ଟରେ ରାଜମୌଳୀଙ୍କ ବାପା ବିଜୟେନ୍ଦ୍ର ପ୍ରସାଦଙ୍କୁ ଏହି ୩୦ମିନିଟର ସିନ୍ ବିଷୟରେ ଏକ ପ୍ରଶ୍ନ କରାଯାଇଥିଲା । ତାଙ୍କୁ ପଚରାଯାଇଥିଲା କି ଏହି ସିନ୍ କୌଣସି ପୌରାଣିକ ପୃଷ୍ଠଭୂମୀ ଉପରେ ଆଧାରିତ ଅଟେ କିମ୍ବା ଏହାର କୌଣସି ପଲିଟିକାଲ କନେକ୍ସନ ଅଛି ତ ସେ ଖୋଲିକରି କହିଛନ୍ତି । ରାଇଟର କହିଛନ୍ତି କି, ଏହା ପ୍ରକୃତରେ ରାମ ଏବଂ କୁମ୍ଭକର୍ଣ୍ଣ ମଧ୍ୟରେ ଲଢେଇର ସିନ୍ ଅଟେ... ଆପଣମାନେ ଟ୍ରେଲରରେ ବି ଏହି କଥାର ନୋଟିସ୍ କରିଥିବେ । ସେଠାରେ ରାମ ଏବଂ କୁମ୍ଭକର୍ଣ୍ଣ ଦେଖାଯାଉଛନ୍ତି। ଏହାସହ ଭଗବାନ ହନୁମାନଙ୍କ ଲାଞ୍ଜ ଏବଂ ଏହା ଉପରେ ଏକ ରଥ ବି ନଜର ଆସୁଛି । ମୁଁ ସେହି ଭିଜୁଆଲ ବିଷୟରେ କହୁଛି । ତାହା ସତରେ ମନ୍ତ୍ରମୁଗ୍ଧ କରିଦେବ । ନିର୍ଦ୍ଦେଶକ ଏସ.ଏସ.ରାଜମୌଳୀ ପ୍ରଥମରୁ ହିଁ ଏହି କଥା ଉପରେ ମୋହର ମାରି ସାରିଛନ୍ତି କି ମହେଶ ବାବୁ ଫିଲ୍ମରେ ‘ରାମ’ଙ୍କ ଚରିତ୍ର ନିଭାଉଛନ୍ତି । ଗତ ବର୍ଷ ଏକ କାର୍ଯ୍ୟକ୍ରମ ସମୟରେ ରାଜମୌଳୀ ମହେଶ ବାବୁଙ୍କ ଲୁକକୁ ନେଇ ନିଜ ଏକ୍ସପେରିୟନ୍ସ ସେୟାର କରିଥିଲେ । ସେ କହିଥିଲେ କି, ସୁଟିଂର ପ୍ରଥମ ଦିନ ଯେତେବେଳେ ମହେଶ ବାବୁ ଫଟୋଶୁଟ୍ ଲାଗି ଭଗବାନ ରାମଙ୍କ ପୂରା ଗେଟଅପରେ ପ୍ରସ୍ତୁତ ହୋଇ ମୋ ପାଖକୁ ଆସିଥିଲେ, ସେତେବେଳେ ତାଙ୍କୁ ଦେଖି ମୋ ରୁମ ଛିଡ଼ା ହୋଇଯାଇଥିଲା । ଗୋଟିଏ ମୂହୁର୍ତ୍ତ ଲାଗି ମୁଁ ଦ୍ୱନ୍ଦରେ ପଡ଼ି ଯାଇଥିଲି।

### ୬୧ ବର୍ଷ ବୟସରେ ତୃତୀୟ ଥର ବର ସାଜିବେ ଆମିର

# ଜୁଲାଇ ୫ରେ ଗୌରୀଙ୍କୁ କରିବେ ବିବାହ !

ବଲିଉଡର ଇଣ୍ଡଷ୍ଟ୍ରିରୁ ଆସିଛି ଏକ ବଡ଼ ଖବର। ମିଷ୍ଟର ପରଫେକ୍ସନିଷ୍ଟ ଆମିର ଖାନ ପୁଣି ଥରେ ବର ହେବାକୁ ଯାଉଛନ୍ତି। ଆମିର ଖାନ ଏବଂ ଗୌରୀ ସ୍ପ୍ରେଟ ବହୁତ ଦିନ ଧରି ପରସ୍ପରକୁ ଡେଟ୍ କରୁଛନ୍ତି ଏବଂ ଏବେ ଏହି ଦମ୍ପତି ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିବାହ ତାରିଖ ମଧ୍ୟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ଆମିର ଏବଂ ଗୌରୀ ସ୍ପ୍ରେଟଙ୍କ ମଧ୍ୟରେ ଘନିଷ୍ଠତା ଏବେ ବିବାହ ପର୍ଯ୍ୟନ୍ତ ପହଞ୍ଚିଛି। ଉଭୟ ପାରସ୍ପରିକ ସହମତି ଏବଂ ସମ୍ପୂର୍ଣ୍ଣ ବୁଝାମଣାରେ ସେମାନଙ୍କ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ଏବଂ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ସୂତ୍ର ଅନୁଯାୟୀ, ଆମିର ଏବଂ ଗୌରୀ ଏକ ବର୍ଷରୁ ଅଧିକ ସମୟ ଧରି ଏକ ପରିବାର ଭାବରେ ଏକାଠି ରହୁଛନ୍ତି। ଗତ କିଛି ମାସ ଧରି ସେମାନେ ଗଣମାଧ୍ୟମର ଚମକରୁ ଦୂରରେ ଏକ ବହୁତ ଖୁସି, ଶାନ୍ତିପୂର୍ଣ୍ଣ ଏବଂ ସ୍ଥିର ଜୀବନ ସୃଷ୍ଟି କରିଛନ୍ତି। ରିପୋର୍ଟରୁ ଜଣାପଡ଼ିଛି ଯେ ଏବେ ସେମାନେ ସେମାନଙ୍କ ପରିବାର ଉପସ୍ଥିତିରେ ଏହି ସୁନ୍ଦର ଯାତ୍ରାକୁ ଆନୁଷ୍ଠାନିକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ବିବାହର ତାରିଖ ଏବଂ ସ୍ଥାନ ମଧ୍ୟ ସ୍ଥିର ହୋଇଛି। ଆମିର ଖାନ ଏବଂ ଗୌରୀ ସ୍ପ୍ରେଟଙ୍କ ଏହି ବିବାହ ଉତ୍ସବ ୫ ଜୁଲାଇରେ ହେବ ବୋଲି କୁହାଯାଉଛି। ସବୁଠାରୁ ଖାସ କଥା ହେଉଛି ଏଥିପାଇଁ କୌଣସି ବଡ଼ ଲଗଜରୀ ହୋଟେଲ କିମ୍ବା ଡେଷ୍ଟିନେସନ୍ ୱେଡିଂ ବଛାଯାଇ ନାହିଁ ବରଂ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଆମିର ଖାନଙ୍କ ଘରେ ଆୟୋଜିତ ହେବ। ଯଦିଓ ଅତିଥି ଲିଷ୍ଟ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ପ୍ରକାଶିତ ହୋଇନାହିଁ, କିନ୍ତୁ ଆଲୋଚନା ହେଉଛି ଯେ ତାଙ୍କ ଭଲ ବନ୍ଧୁ ସଲମାନ ଖାନ ଏବଂ ଶାହରୁଖ ଖାନ ମଧ୍ୟ ସେମାନଙ୍କ ବିବାହରେ ଯୋଗ ଦେଇପାରନ୍ତି। ଆମିରଙ୍କ ବୟସ ୬୧ବର୍ଷ ଏବଂ ଗୌରୀଙ୍କର ୪୬ ଏହାରି ମଧ୍ୟରେ ୧୪ ବର୍ଷର ବୟସ ପାର୍ଥକ୍ୟ ସତ୍ତ୍ୱେ ଏକ ଦୃଢ଼ ସମ୍ପର୍କ ରହିଛି। ସେମାନଙ୍କୁ ପ୍ରାୟତଃ ବିଭିନ୍ନ କାର୍ଯ୍ୟକ୍ରମରେ ଏକାଠି ଦେଖାଯାଏ। ଯଦି ଏହି ବିବାହ ହୁଏ, ତେବେ ଏହା ପୂର୍ବ ଦୁଇଟି ବିବାହ ପରେ ଅଭିନେତାଙ୍କ ଜୀବନରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ରୀନା ଦତ୍ତାଙ୍କ ସହିତ ତାଙ୍କର ପ୍ରଥମ ବିବାହ ହୋଇଥିଲା, ଯାହା ୧୯୮୬ ରୁ ୨୦୦୨ ପର୍ଯ୍ୟନ୍ତ ଚାଲିଥିଲା । ପୂର୍ବତନ ଦମ୍ପତିଙ୍କ ଦୁଇଟି ସନ୍ତାନ ଅଛନ୍ତି – ଜୁନୈଦ ଖାନ ଏବଂ ଇରା ଖାନ । ଗୌରୀଙ୍କ ପ୍ରେମରେ ପଡ଼ିବା ପୂର୍ବରୁ, ଆମିର ଫିଲ୍ମ ନିର୍ମାତା କିରଣ ରାଓଙ୍କୁ ବିବାହ କରିଥିଲେ ।



# ଫିଲ୍ମ ‘କକଟେଲ୍-୨’ର ଟ୍ରେଲର୍ ଆଉଟ୍

ଶାହିଦ କପୁର, କୃତି ସାନନ୍ ଓ ରଶ୍ମିକା ମନ୍ଦାନା ଷ୍ଟାରର୍ ‘କକଟେଲ୍-୨’ର ଟ୍ରେଲର୍ ରିଲିଜ୍ ହୋଇଛି । ଏଥିରେ ତିନିଜଣଙ୍କର ସମ୍ପର୍କ ପ୍ରଦର୍ଶିତ ହୋଇଛି । ଫିଲ୍ମ ଏକ ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ, ଯେଉଁଥିରେ ବନ୍ଧୁତା ଓ ପ୍ରେମର ସୀମା ଝାପ୍ସା ହେଉଥିବା ଦେଖାଯାଉଛି । ଆଧୁନିକ ସମ୍ପର୍କର ଜଟିଳତା ଓ ଭାବପ୍ରବଣ ସଂଘର୍ଷ ଉପରେ ଏହା ପର୍ଯ୍ୟବସିତ । ଟ୍ରେଲରେ ‘ତୁମ୍ ହି ହୋ ବନ୍ଧୁ’ର ଝଲକ୍ ବି ରହିଛି, ଯାହା ସୈଫ୍ ଅଲି ଖାନ୍ ଷ୍ଟାରର୍ ମୂଳ ଫିଲ୍ମର ଚର୍ଚ୍ଚିତ ଗୀତ ଥିଲା । ଫିଲ୍ମ ପ୍ରସ୍ତୁତ କରିଛନ୍ତି ଦିନେଶ ଭିଜନ ଓ ଲଭ୍ ରଞ୍ଜନ । ନିର୍ଦ୍ଦେଶନା ଦେଇଛନ୍ତି ହୋମି ଅଦଜାନିୟା । ସେ ୨୦୧୨ରେ ମୁକ୍ତିପ୍ରାପ୍ତ ‘କକଟେଲ୍’ର ନିର୍ଦ୍ଦେଶନା ଦେଇଥିଲେ । ତେବେ ସିକ୍ୱେଲ ମୂଳ କାହାଣୀକୁ ଆଗକୁ ବଢ଼ାଉନି । କିନ୍ତୁ ଏହାର ବିଷୟ ସମ୍ପର୍କ, ବନ୍ଧୁତା ଓ ପ୍ରେମର ଜଟିଳ ସମୀକରଣ ଉପରେ ଆଧାରିତ । ଏ ଥର ଫିଲ୍ମରେ ପୂରା ନୂଆ ଷ୍ଟାର୍ କାଷ୍ଟ ଓ ନୂଆ କାହାଣୀ ଦେଖିବାକୁ ମିଳିବ । କାହାଣୀ ଲେଖିଛନ୍ତି ତରୁଣ ଜୈନ ଓ ଲଭ୍ ରଞ୍ଜନ । ସଙ୍ଗୀତ ପ୍ରସ୍ତୁତ କରିଛନ୍ତି ପ୍ରୀତମ, ଗୀତ ଲେଖିଛନ୍ତି ଅମିତାଭ ଭଟ୍ଟାଚାର୍ଯ୍ୟ । ଶାହିଦ ଓ କ୍ରିତି ପୂର୍ବରୁ ଏକାଠି ପରଦାକୁ ଆସିଥିଲେ । ରଶ୍ମିକା ପ୍ରଥମ ଥର ଉଭୟଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି । ଫିଲ୍ମ ଆସନ୍ତା ୧୯ରେ ଥିଏଟରକୁ ଆସିବ ।



# ବିବାଦରେ ଫିଲ୍ମ ‘କାଲା ହିରନ୍’




ଫିଲ୍ମ କାଲା ହରିଣ ଦି ବ୍ୟାଟେଲ୍ ଫର୍ ଲିଗାସି ର ଘୋଷଣା ପରେ ବିବାଦ ଆରମ୍ଭ ହୋଇଛି । କାହିଁକିନା ଏହି ଫିଲ୍ମ ସଲମାନଖାନଙ୍କ ୧୯୯୮ ମସିହାର ବ୍ଲାକ୍ ବକ୍ ମାମଲାକୁ ନେଇ କରାଯାଇଛି । ଏହି ମାମଲାରେ ସଦ୍ୟତମ ଘଟଣା ହେଉଛି ଯେ ସଲମାନ ଖାନଙ୍କ ଆଇନଗତ ଫିଲ୍ମ ସହିତ ଜଡିତ ଲୋକଙ୍କୁ ଏକ ଆଇନଗତ ନୋଟିସ ପଠାଇଛନ୍ତି । ଏହି ନୋଟିସର ପ୍ରତିକ୍ରିୟା ଫିଲ୍ମର ପ୍ରଯୋଜକ ଅମିତ ଜାନିଙ୍କଠାରୁ ମିଳିଛି । ସଲମାନ ଖାନଙ୍କ ଦ୍ୱାରା ପଠାଯାଇଥିବା ନୋଟିସରେ , ଫିଲ୍ମର ପ୍ରଯୋଜକ ଏବଂ ନିର୍ଦ୍ଦେଶକଙ୍କୁ ଏହାର ରିଲିଜ୍ ବନ୍ଦ କରିବା ସହିତ ଏଥିରେ ଜଡିତ ପୋଷ୍ଟର ଏବଂ ଅନ୍ୟାନ୍ୟ ପ୍ରଚାର ସାମଗ୍ରୀ ହଟାଇବାକୁ କୁହାଯାଇଛି । ଆଇନଗତ ନୋଟିସରେ ସ୍ପଷ୍ଟ ଭାବରେ ଚେତାବନୀ ଦିଆଯାଇଛି ଯେ ଯଦି ଦାବି ପୂରଣ ନ ହୁଏ, ତେବେ ସମ୍ପୃକ୍ତ ପକ୍ଷଙ୍କ ବିରୁଦ୍ଧରେ ଆହୁରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନ୍ୟପକ୍ଷରେ, ଅମିତ ଜାନି ଆଇନଗତ ନୋଟିସର ଉତ୍ତର ଦେଇ କହିଛନ୍ତି ଯେ ସେ ଭୟଭୀତ ହେବେ ନାହିଁ। ଏକ୍ସ ରେ ଦବଙ୍ଗ ଖାନଙ୍କ ଦଳରୁ ମିଳିଥିବା ନୋଟିସକୁ ସେୟାର କରି ପ୍ରଯୋଜକ ଲେଖିଛନ୍ତି ଯେ, ସଲମାନ ଖାନ କାଲା ବକ୍ ସିନେମା ସହିତ ଜଡିତ ଲୋକଙ୍କୁ ନୋଟିସ ପଠାଇ ଧମକ ଦେବା ଆରମ୍ଭ କରିଛନ୍ତି ।



# ୧୦ ବର୍ଷ ହେବ ଅଭିନୟ ଛାଡିବାକୁ ଚାହୁଁଛନ୍ତି ମନୋଜ ବାଜପେୟୀ

ମନୋଜ ବାଜପେୟୀ ବଲିଉଡର ସବୁଠାରୁ ପ୍ରତିଭାବାନ ଅଭିନେତାଙ୍କ ମଧ୍ୟରୁ ଜଣେ। ସେ ତାଙ୍କ କ୍ୟାରିଅରରେ ଇଣ୍ଡଷ୍ଟ୍ରିକୁ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି, ଯାହା ତାଙ୍କର ଅଭିନୟ ଦକ୍ଷତାକୁ ପ୍ରମାଣିତ କରିଛି। ଏଥିସହିତ ସେ ଓଟିଟିର ବାଦଶାହ ମଧ୍ୟ। ଏସବୁ ମଧ୍ୟରେ, ଅଭିନେତା ସମ୍ପ୍ରତି ପ୍ରକାଶ କରିଛନ୍ତି ଯେ ସେ ଗତ ଦଶନ୍ଧି ମଧ୍ୟରେ ଅନେକ ଥର ଅଭିନୟ ଛାଡ଼ିବାକୁ ଚିନ୍ତା କରିଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ କଷ୍ଟକର ଚରିତ୍ର ଚିତ୍ରଣ କରିବାର ବୋଝ ପ୍ରାୟତଃ ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏକ ରିପୋର୍ଟ ଅନୁସାରେ, ମନୋଜ କହିଛନ୍ତି ଯେ ଅଭିନୟ ଛାଡିବା କଥା ତାଙ୍କ ମନକୁ ବାରମ୍ବାର ଆସିଛି। ସେ କହିଛନ୍ତି, "ସତ କହିବାକୁ ଗଲେ, ପ୍ରାୟ ୧୦ ବର୍ଷ ହେବ, ମୁଁ ମଝିରେ ମଝିରେ ଛାଡିବାକୁ ଇଚ୍ଛା କରୁଛି। କିନ୍ତୁ ତା'ପରେ କୌଣସି ଭୂମିକା ଆସିଯିବ, ମୁଁ ପୁଣି ଆଗକୁ ବଢ଼ିବି। ଅଭିନେତା ଜୋର ଦେଇ କହିଛନ୍ତି ଯେ ସେ ବାଧ୍ୟବାଧକତାରେ କାମ ଜାରି ରଖିବାକୁ ଚାହାଁନ୍ତି ନାହିଁ। ସେ କହିଛନ୍ତି, "ମୁଁ ବାଧ୍ୟ ହୋଇ ଅଭିନୟ କରିବାକୁ ଚାହୁଁନାହିଁ କି ମୋତେ ଘରକୁ ଖାଦ୍ୟ ନେବାକୁ ପଡ଼ିବ। ମୁଁ ଅଭିନୟ କରିବାକୁ ଚାହୁଁଛି। ଯଦି କୌଣସି ଚରିତ୍ର ଥାଏ, ତେବେ ତାହା କରିବା ମଜାଦାର ହେବ।" ମନୋଜ ଆହୁରି କହିଛନ୍ତି ଯେ ସେ ବର୍ଷ ବର୍ଷ ଧରି ଇଣ୍ଟେନ୍ସ ସାଇକୋଲୋଜିକାଲ ଡିମାଣ୍ଡିଂ ରୋଲ୍ କରିବା ପରେ ସେ ଏବେ ହାଲୁକା, କର୍ମସିଆଲ ଏଣ୍ଟରଟେନିଂ ଫିଲ୍ମ ପ୍ରତି ଆକର୍ଷିତ ହୋଇଛନ୍ତି। ଅଭିନେତା କହିଛନ୍ତି, "ଆଜିକାଲି ମୁଁ କମର୍ସିଆଲ ଫିଲ୍ମ ପାଇଁ ଇଚ୍ଛା କରୁଛି... କେବଳ ସ୍ଲାପଷ୍ଟିକ୍ କମେଡି, ବକୱାସ୍ କମେଡି। ଟିକେ ଟିକେ କିଛି ଗୀତରେ ନାଚିବା। ଘରୁ ଆପଣଙ୍କୁ ପ୍ରସ୍ତୁତ ହୋଇ ଆସିବାକୁ ପଡ଼ିବ ନାହିଁ। କେବଳ ଆପଣଙ୍କ ପରିବାରକୁ ଗୁଡବାଏ କହିବ ଏବଂ ସେଟରେ ଭଲ ସମୟ ବିତାଇବା।" ଅଭିନେତା ସ୍ୱୀକାର କରିଛନ୍ତି ଯେ ଗଲି ଗୁଲିୟାଁ, ଆଲିଗଡ଼ ଏବଂ ଭୋନ୍ସଲେ ଭଳି ଫିଲ୍ମ କିଛି ଅନ୍ଧକାର ଏବେ ବି ତାଙ୍କ ଭିତରେ ରହିଛି। ସେ କହିଛନ୍ତି, "କେତେବେଳେ ମୁଁ ମୋର ନିଜର ମାନସିକ ଅନ୍ଧକାର ଅନୁଭବ କରେ। କେତେବେଳେ ମୁଁ ଠିକ୍ ଭାବରେ ଜାଣିଥାଏ ଯେ ଏହା କେଉଁଠାରୁ ଆସୁଛି। ଏପରି ଭୂମିକାଗୁଡ଼ିକ ପ୍ରାୟତଃ ମନୋଭାବ ପରିବର୍ତ୍ତନ ଏବଂ ଭାବପ୍ରବଣ କ୍ଲାନ୍ତିର କାରଣ ହୋଇଥାଏ।

### ବନ୍ଧ ପୁନରୁଦ୍ଧାର କାମକୁ ନେଇ କଂଗ୍ରେସ ବିଜେଡି ମୁହାଁମୁହିଁ

# ପଙ୍କୋଦ୍ଧାର କାମରେ ଦୁର୍ନୀତି ନେଇ କଂଗ୍ରେସର ପ୍ରତିବାଦ



**ବଲାଙ୍ଗିର,୬।୬(ସଂଚାର ବ୍ୟୁରୋ)ଃ** ବଲାଙ୍ଗିର ପୌର ପରିଷଦ ପକ୍ଷରୁ ସହରର ଚାଲିଥିବା ବନ୍ଧ ଗୁଡିକର ପଙ୍କ ଉଦ୍ଧାର ଠିକରେ ହେଉ ନଥିବା ଏବଂ ୧୫ ପ୍ରତିଶତ ପିସି କାରବାର ଚାଲିଥିବା ନେଇ ଆଜି ସ୍ଥାନୀୟ ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ନରସିଂହ ବନ୍ଧ ଆଡିରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏହା ଦେଖି ଅନ୍ୟ ପଟେ ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁଙ୍କ ନେତୃତ୍ୱରେ ଏକ ରେଲି କରି ବିଜେଡି କାଉନସିଲର ଏବଂ କର୍ମୀମାନେ କଂଗ୍ରେସ କରୁଥିବା ପ୍ରତିବାଦ ସଭା ନିକଟରେ ପହଚିଂ ପ୍ରତିବାଦ କରିଥିଲେ। ଦୁଇଦଳ ମାଇକ ଯୋଗେ ନିଜ ନିଜ ଦଳର ସ୍ଲୋଗାନ ଦେବା ସହ ନାରାବାଜୀ କରିଥିଲେ। ଗୋଟିଏ ସ୍ଥାନରେ କଂଗ୍ରେସ କର୍ମୀ ଓ ବିଜେଡି କର୍ମୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତ ହୋଇଥିଲା। ଏଭଳି ପରିସ୍ଥିତିକୁ ଦେଖି ସ୍ଥାନୀୟ ଏସଡିପିଓ ଏବଂ ଟାଉନଥାନା ଆଇଆଇସି ଅବନୀ ସାହୁଙ୍କ ନେତୃତ୍ୱରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ପୁଲିସ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୃତୟନ କରିଥିଲା। ବିଜେଡି କର୍ମୀମାନେ ନିଜ ନେତା ତଥା ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ଜୟକାର କରିବା ସହ ବିରୋଧି କଂଗ୍ରେସ ନେତାଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳୁଥିଲା। ଅନ୍ୟପଟେ କଂଗ୍ରେସ କର୍ମୀମାନେ ନିଜ ନେତା ପୂର୍ବତନ ବିଧାୟକ ନରସିଂହ ମିଶ୍ରଙ୍କ ସ୍ଲୋଗାନ ଦେଉଥିବା ବେଳେ ବିଜେଡି ନେତାଙ୍କ ବିରୋଧରେ ସ୍ଲୋଗାନମାନ ଦେଉଥିଲେ। କଂଗ୍ରେସ କର୍ମୀଙ୍କ କହିବା ଅନୁସାରେ ବହୁ ଶୀଘ୍ର ବର୍ଷାର ଆଗମନ ହେବ ତେଣୁ ତା ପୂର୍ବରୁ ଜଳାଶୟ ଗୁଡିକର ପଙ୍କ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ ଏବଂ ବନ୍ଧ ଆଡି ଭିତରେ ପକାଯାଉଥିବା ମାଟି ଉଠାଯାଇ ବାହାରେ ପକାଯାଉ ବୋଲି ଦାବୀ କରିଥିଲେ। ଏହାସହ ବର୍ଷା ଆସିଗଲେ ମାଟି ଉଠାକାମ ବନ୍ଦ ହୋଇଯିବ ଏବଂ ମାଟି ବନ୍ଧ ଭିତରେ ରହିଯିବ। ଏହାଦ୍ୱାରା ଦୁର୍ନୀତି କୁ ବଲାଙ୍ଗିର ପୌରପରିଷଦ ପ୍ରଶ୍ରୟ ଦେବା ସହ ନିଜେ ଦୁର୍ନୀତିରେ ଲିପ୍ତ ଥିବା କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପଟେ ବିଜେଡି ଦଳ ବନ୍ଧ ଗୁଡିକର ପୁଃନଉଦ୍ଧାର ଏବଂ ପଙ୍କ ଉଦ୍ଧାର କାମକୁ କଂଗ୍ରେସ ସହି ନ ପାରି ଆଜି ପ୍ରତିବାଦ କରୁଛି ବୋଲି ଉଲଟା ଅଭିଯୋଗ କରୁଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି କଂଗ୍ରେସ କାମ ଠିକ ରେ ହେଉନାହିଁ ବୋଲି ପ୍ରତିବାଦ କରୁଥିଲା ତେବେ ବେଜେଡି ଦଳ ପ୍ରତିବାଦ ବିରୋଧରେ ନିଜେ କାହିଁକି ଆଜି ପ୍ରତିବାଦ କରୁଥିଲା। ବିଜେଡି ଭଲ କାମ କରି ବିରୋଧିଙ୍କ ମୁହଁ ଚୁପ କରିଦେଇ ପରିଥାନ୍ତା କାରଣ ତାଙ୍କ ଦଳର ବିଧାୟକ ଏବଂ ବଲାଙ୍ଗିର ପୌରପରିଷଦରେ ଅଧ୍ୟକ୍ଷା ଅଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା।

## ଏମସିଏଲରେ ସବୁଜ ପ୍ରତିଶ୍ରୁତି ସହ ପାଳିତ ହେଲା ବିଶ୍ୱ ପରିବେଶ ଦିବସ



**ସମ୍ବଲପୁର,୬।୬(ସଂଚାର ବ୍ୟୁରୋ)ଃ** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଗଉଖ) ପକ୍ଷରୁ ପରିବେଶ ସୁରକ୍ଷା ଏବଂ ସୁଦୂରପ୍ରସାରୀ ବିକାଶ ପ୍ରତି ସଂକଳ୍ପବଦ୍ଧତା ସହ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳିତ ହୋଇଯାଇଛି। କମ୍ପାନୀର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ (ଉଗଡ) ଶ୍ରୀ ଉଦୟ ଅନନ୍ତ କାଓଲେ ପରିବେଶ ପତାକା ଉତ୍ତୋଳନ କରିବା ସହ ମୁଖ୍ୟାଳୟର କର୍ମଚାରୀମାନଙ୍କୁ ପରିବେଶ ସୁରକ୍ଷା ସଙ୍କଳ୍ପ ପାଠ କରାଇଥିଲେ। ଏହାସହ ପରିବେଶର ସୁରକ୍ଷା ଓ ସ୍ଥାୟୀ ପ୍ରଗତି ପ୍ରତି ଏମସିଏଲର ଉତ୍ସର୍ଗୀକୃତ ମନୋଭାବକୁ ସେ ଦୋହରାଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ କେଶବ ରାଓ, କୋଲ୍ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷଙ୍କ ବାର୍ତ୍ତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ବିତ୍ତ) ଶ୍ରୀ ଅଜିତ କୁମାର ବେହୁରା, ନିର୍ଦ୍ଦେଶକ (ବୈଷୟିକ-ପରିଚାଳନା/ପି ଆଣ୍ଡ ପି) ଶ୍ରୀ ଏସ. କେ. ଝା, ବିଭିନ୍ନ ବିଭାଗୀୟ ମୁଖ୍ୟ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସ୍ମରଣୀୟ ଦିବସରେ ଶ୍ରୀ କାଓଲେଙ୍କ ନେତୃତ୍ୱରେ 'ଏକ ପେଡ୍ ମାଆ କେ ନାମ' ଅଭିଯାନ ଅଧୀନରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହା ସମଗ୍ର କମ୍ପାନୀ ଅଞ୍ଚଳରେ ସବୁଜିମା ବୃଦ୍ଧି ଓ ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ କମ୍ପାନୀର ନିରନ୍ତର ପ୍ରୟାସକୁ ଦର୍ଶାଉଛି। ଏହା ସହିତ ଏସିଆର ସବୁଠାରୁ ଦୀର୍ଘତମ ମାଟି ବନ୍ଧ 'ହୀରାକୁଦ ବନ୍ଧ'ର ଜିରୋ ପଏଣ୍ଟଠାରେ ଏକ ସଫେଇ ଅଭିଯାନର ଆୟୋଜନ କରାଯାଇଥିଲା, ଯେଉଁଥିରେ କମ୍ପାନୀର ଉଚ୍ଚ ପଦାଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ବିଶ୍ୱ ପରିବେଶ ଦିବସ ୨୦୨୬ ଉପଲକ୍ଷେ ଏମସିଏଲ୍ ପକ୍ଷରୁ ଜୁନ୍ ୨ ରୁ ୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଇଜ୍, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ସହିତ ବର୍ଜ୍ୟବସ୍ତୁ ପରିଚାଳନା ଓ କିଚେନ୍ ଗାର୍ଡନିଂ (ରୋଷେଇ ଘର ବଗିଚା) ଉପରେ କର୍ମଶାଳା ଅନ୍ତର୍ଭୁକ୍ତ ଥିଲା। ଏହି ସବୁ କାର୍ଯ୍ୟକ୍ରମରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଉତ୍ସାହର ସହ ଭାଗ ନେଇ ଏକ ସ୍ଥାୟୀ ତଥା ପରିବେଶ ଅନୁକୂଳ ଜୀବନଶୈଳୀ ଆପଣାଇବାକୁ ପ୍ରେରଣା ଯୋଗାଇଥିଲେ। କମ୍ପାନୀର ଅନ୍ୟ ସମସ୍ତ ଖଣି ଅଞ୍ଚଳ ଗୁଡ଼ିକରେ ମଧ୍ୟ ଏଭଳି ସଦୃଶ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଏହି ସବୁ ପଦକ୍ଷେପ କର୍ମଚାରୀଙ୍କ ପରିବେଶ ସୁରକ୍ଷା ପ୍ରତି ଥିବା ସାମୂହିକ ପ୍ରତିଶ୍ରୁତିକୁ ପ୍ରଦର୍ଶିତ କରିବା ସହ ଏକ ସବୁଜ ଓ ସୁନ୍ଦର ଭବିଷ୍ୟତ ଗଠନରେ ସହଯୋଗ କରୁଛି।

## କାଳ ବୈଶାଖି ସହ ବଜ୍ରପାତ ଯୋଗୁଁ ବୈଶିଙ୍ଗା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି



**ବୈଶିଙ୍ଗା,୬।୬(ସଂଚାର ବ୍ୟୁରୋ)ଃ** ଅସନ୍ତୁଳିତ ପରିବେଶ ତଥା ପ୍ରତିକୂଳ ଜଳବାୟୁ ପାଇଁ ଆଜି ଅଦିନରେ ମଧ୍ୟ କାଳ ବୈଶାଖି ର କରାଳ ରୂପ ଗ୍ରାସ କରି ଚାଲିଛି ସାରା ସଂସାରକୁ। ଗତ କାଲି ଶୁକ୍ରବାର ବଜ୍ରପାତ ଯୋଗୁଁ ବୈଶିଙ୍ଗା ଥାନା ଅଧିନ ବିଦୁକୁଡିଆ ଗ୍ରାମର ଜନୈକା ମହିଳା ଝୁନୁ ପାତ୍ର (୩୭)ଙ୍କ ମୃତ୍ୟୁ ହୋଇଥିବା ବେଳେ ଶନିବାର ଅପରାହ୍ନରେ ତିନୋଟି ସ୍ଥାନରେ ୪ ଗୋଟି ଗାଈ ଓ ଛେଳି ମୃତ୍ୟୁବରଣ କରି ଥିବା ଘଟଣା ଜଣାଯାଇଛି। ଏଥି ସହିତ ପ୍ରାୟ ଏକ ଘଣ୍ଟା ଧରି ଏହି ବଜ୍ରପାତ ଯୋଗୁଁ ଶହ ଘରେ ବିଜୁଳି ଚାଳିତ ଇନଭେଟର, ପଙ୍ଖା, ଟେଲିଫୋନ, ୱାଇ ଫାଇ ଆଦି ନଷ୍ଟ ହୋଇଯାଇଥିବାର ଜଣାଯାଇଛି। ଏଥି ସହିତ ବିଭିନ୍ନ ସ୍ଥାନରେ ବଡ ବଡ ଗଛ ନଷ୍ଟ ହୋଇଥିବାର ଖବର ମିଳିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ବୈଶିଙ୍ଗା ଲ୍ୟାମ୍ପସ ତରଫରୁ ବୈଶିଙ୍ଗା ସ୍ଥିତ ଆରଏମସି ପଡ଼ିଆରେ ରବି ଧାନ କିଣାଯାଉଥିଲା। ବର୍ଷା ଆସିବାକୁ ଦେଖି ଚାଷୀମାନେ ଧାନ ରଖିଦେଇ ପଳାଇ ଯାଇଥିଲେ। ମାତ୍ର ଅଳ୍ପ ସମୟ ପରେ ଏହି କାଳ ବୈଶାଖୀ ଅପରାହ୍ନ ୩ ଘଟିକା ସମୟରେ ଆସିଯିବା ପରେ ଠିକ ସେହି ସ୍ଥାନରେ ଥିବା ଏକ କଦମ୍ବ ଗଛ କୁ ବଜ୍ରାଘାତ ହେବା ଯୋଗୁଁ ଗଛଟି ସଂପୂର୍ଣ୍ଣ ଦୁଇ ଫାଳ ହୋଇ ଯାଇଥିଲା ଅଳ୍ପ ଦୂରରେ ଥିବା ଘର ମାନଙ୍କରେ ସମସ୍ତ ବିଜୁଳି ଯନ୍ତ୍ରାଂଶ ପୋଡ଼ି ଯାଇଥିଲା। ଧାନ ବିକ୍ରୀ କରିବା ପାଇଁ ଆସି ଥିବା ଚାଷୀ ମାନେ ରକ୍ଷା ପାଇଯାଇଛନ୍ତି। ଚାଷୀ ମାନଙ୍କର ରହଣି ପାଇଁ କିଛି ସୁବିଧା ନ ଥିବାରୁ ଚାଷୀ ଦୁଃଖ ପ୍ରକାଶ କରିଛନ୍ତି।

## ପରିବର୍ତ୍ତନ କ୍ଲାସେସ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

### ସଫେଇ ଅଭିଯାନ ସହ ଛାତ୍ରଛାତ୍ରୀ ପୁରସ୍କୃତ



**ଥୁଆମୂଳ ରାମପୁର,୬।୬(ସଂଚାର ବ୍ୟୁରୋ)ଃ** କଳାହାଣ୍ଡି ଜିଲା ଥୁଆମୂଳ ରାମପୁରଠାରେ ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ପରିବର୍ତ୍ତନ କ୍ଲାସେସ୍' ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ସମାରୋହ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାପକ ସଫେଇ ଅଭିଯାନ, ସଚେତନତା ଶୋଭାଯାତ୍ରା ଏବଂ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶୁକ୍ରବାର ସକାଳେ ସ୍ଥାନୀୟ ମିନି ଷ୍ଟାଡିୟମଠାରୁ ଏକ ପରିବେଶ ସଚେତନତା ପଦଯାତ୍ରା ବାହାରିଥିଲା। ଏହି ପଦଯାତ୍ରା ସମଗ୍ର ସହର ପରିକ୍ରମା କରିବା ସହ ପ୍ରସିଦ୍ଧ ମା' ମାଣିକେଶ୍ୱରୀ ମନ୍ଦିର ଦର୍ଶନ କରିଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ସଦସ୍ୟମାନେ ସାମିଲ ହୋଇ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ପରିସର ସଫା କରିବା ସହ ଜନସାଧାରଣଙ୍କୁ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ସଚେତନ କରିଥିଲେ। ପଦଯାତ୍ରା ପରେ ମିନି ଷ୍ଟାଡିୟମ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଅନେକ ନେତୃମଣ୍ଡଳୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଅତିଥିମାନେ ଆଜିର ସମୟରେ ପରିବେଶ ସନ୍ତୁଳନ ରକ୍ଷା, ଜୈବ ବିବିଧତାର ସୁରକ୍ଷା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ କରିବାର ଆବଶ୍ୟକତା ଉପରେ ନିଜର ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମାରୋହ ଅବସରରେ ସପ୍ତମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି, ମାନପତ୍ର ଏବଂ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

## ରକ୍ତଦାନ ମହତ ଦାନଃ ଆୟୋଜନ ପାଇଁ ପ୍ରସ୍ତୁତି

**ଦିଗପହଣ୍ଡି, ୬।୬(ଅଶେଷ ନାଥ ମିଶ୍ର)** ଗଞ୍ଜାମ ଜିଲା ଦିଗପହଣ୍ଡିର ଜଣାଶୁଣା ଫଟୋ ଏବଂ ଭିଡିଓଗ୍ରାଫର ସ୍ୱର୍ଗତ ଓଡ଼ି ପ୍ରଦୀପ କୁମାରଙ୍କ ଦ୍ୱାଦଶାହ ସ୍ମୃତି ସଭା ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏନଏସି କାର୍ଯ୍ୟାଳୟରେ ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୩ ତାରିଖ ସକାଳ ୯ ଟା ରେ ଏନଏସି ସମ୍ମିଳନୀ କକ୍ଷରେ ଶିବିର ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା। ଖେମୁଣ୍ଡି ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ଓ ପ୍ରଦୀପଙ୍କ ପରିବାର ବର୍ଗଙ୍କ ମିଳିତ ଉଦ୍ୟମରେ ଶିବିର ଆୟୋଜନ ହେବାକୁ ଥିବା ବେଳେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ରକ୍ତ ଭଣ୍ଡାର ଦ୍ୱାରା ଶିବିର ପରିଚାଳନା କରାଯିବ। ସେହିଭଳି ଦିଗପହଣ୍ଡି ଏନଏସି ପ୍ରଶାସନ ରକ୍ତଦାନ ଶିବିରର ସଫଳ ପରିଚାଳନା ଦିଗରେ ସହଯୋଗ ଯୋଗାଇ ଦେବାକୁ ସମ୍ମତି ପ୍ରଦାନ କରିଥିବା ଜଣାପଡିଛି। ଅନୁଷ୍ଠିତ ଏହି ବୈଠକରେ ରକ୍ତଦାତା ସଂଘ ସଭାପତି ଭି. ଧର୍ମ ରାଜୁ, ସମ୍ପାଦକ ହରପ୍ରସାଦ ରଥ, ପ୍ରାକ୍ତନ ସଭାପତି ତପନ କୁମାର ମିଶ୍ର, ଏନଏସି ଉପାଧ୍ୟକ୍ଷା ଙ୍କ ପ୍ରତିନିଧି କେ. କୁନା, ସାମାଜିକ କର୍ମୀ ଭି. ଶ୍ୟାମ ସୁନ୍ଦର ରାଜୁ, ବସନ୍ତ କୁମାର ପଟ୍ଟନାୟକ, ଶ୍ରୀଧର ମେକାପ, ଆଇନଜୀବୀ ମନୋରଞ୍ଜନ ପଣ୍ଡା, କାଉନସିଲର ସୁଶାନ୍ତ କୁମାର ପାତ୍ର, ନୀଳମାଧବ ଗୌଡ଼, ସୁନିଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ଏନସିସି କ୍ୟାଡେଟଙ୍କ ଶ୍ରେଷ୍ଠ ପ୍ରଦର୍ଶନ



**ଲାଞ୍ଜିଗଡ଼,୬।୬(ସଂଚାର ବ୍ୟୁରୋ)ଃ** କଳାହାଣ୍ଡିର ଲାଞ୍ଜିଗଡ଼ ଭଳି ଆଦିବାସୀ ଓ ଅନୁସୂଚିତ ଜାତି ବହୁଳ ଅଞ୍ଚଳରେ ଅନେକ ପ୍ରତିଭାବାନ ଶିକ୍ଷାର୍ଥୀ ରହିଛନ୍ତି। ସେମାନଙ୍କୁ ଉପଯୁକ୍ତ ସୁବିଧା, ସୁଯୋଗ ଏବଂ ପ୍ରଶିକ୍ଷଣ ମିଳିଲେ ଭବିଷ୍ୟତରେ ସେନାବାହିନୀ ସମେତ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ ଚୟନ ହୋଇ ଅଞ୍ଚଳ ଓ ଜିଲ୍ଲାର ନାମ ଉଜ୍ଜ୍ୱଳ କରିପାରିବେ। ଏହି ଉକ୍ତିକୁ ପ୍ରମାଣିତ କରିଛନ୍ତି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କାଉଗୁଡାସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଏନସିସି କ୍ୟାଡେଟମାନେ। ଝାରସୁଗୁଡା ଜିଲ୍ଲା ବେଲପାହାଡ଼ସ୍ଥିତ ବି. ଆର ହାଇସ୍କୁଲଠାରେ ଓଡ଼ିଶା ଏୟାର ସ୍କ୍ୱାର୍ଡନ ଏନସିସି ଦ୍ୱାରା ଆୟୋଜିତ ବାର୍ଷିକ ତାଲିମ ଶିବିରରେ ଏହି ବିଦ୍ୟାଳୟର ୨୫ଜଣ ଏନସିସି କ୍ୟାଡେଟ ଭାଗ ନେଇ ଉଲ୍ଲେଖନୀୟ ସଫଳତା ହାସଲ କରି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଶିବିରରେ କ୍ୟାଡେଟମାନେ ଡ୍ରିଲ୍‌ରେ ପ୍ରଥମ, କ୍ରୀଡ଼ାରେ ପ୍ରଥମ, ଦଳଗତ ନୃତ୍ୟରେ ପ୍ରଥମ ଏବଂ ଏକକ ନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।ଏହା ସହିତ ବିଦ୍ୟାଳୟ ସାମଗ୍ରିକ ପ୍ରଦର୍ଶନରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଏନସିସି ସେକେଣ୍ଡ ଅଫିସର ସନ୍ଦୀପ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିବା ଏହି କ୍ୟାଡେଟମାନଙ୍କ ସଫଳତାରେ ଶ୍ରୀ ମିଶ୍ର ବେଶ ଖୁସି ବ୍ୟକ୍ତ କରିଛନ୍ତି।ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ଦୋରାଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଅଞ୍ଚଳବାସୀ କ୍ୟାଡେଟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସାପ କାମୁଡାରେ ଗଲା ୨ ଜୀବନ

**ଅନୁଗୋଳ,୬।୬(ସଂଚାର ବ୍ୟୁରୋ)ଃ** ସାପ କାମୁଡ଼ାରେ ଦୁଇ ମୃତ। ଅନୁଗୋଳ ଜିଲ୍ଲା ବନ୍ତଳା ଅଞ୍ଚଳରେ ପୃଥକ ପୃଥକ ସ୍ଥାନରେ ସାପ କାମୁଡାରେ ଦୁଇ ଜଣଙ୍କ ମୃତ୍ୟୁ । ପୋକତୁଙ୍ଗା ଷଣ୍ଢଛକ ସାହିରେ ସାପ କାମୁଡାରେ ଜଣେ ମହିଳା ମୃତ । ଶରଧାପୁର ପଞ୍ଚାୟତ ବେତର ଗାଁରେ ସାପ କାମୁଡାରେ ଜଣେ ଯୁବକ ମୃତ ହୋଇଛି। ଶବ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି। ସେହିପରି ତିନିଦିନ ତଳେ ମଧ୍ୟ ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ବେଲଦା ଗାଁରେ ବିଷାକ୍ତ ସାପ କାମୁଡ଼ାରେ ଜଣଙ୍କ ଜୀବନ ଯାଇଥିଲା । ଯାହାଙ୍କ ନାମ ହେଉଛି ପାଗଳ ଦେହୁରୀଙ୍କ ପୁଅ ସିପୁ । ରାତିରେ ସିପୁ ଖାଇବା ପରେ ଶୋଇବାକୁ ଯାଇଥିଲା । ରାତି ୩ରୁ ତାକୁ ସାପ କାମୁଡି ଦେଇଥିବା କହିବା ପରେ ପରିବାର ଲୋକେ ପ୍ରଥମେ ତାକୁ ସାଇଁକୁଳ ମେଡିକାଲକୁ ନେଇଯାଇଥିଲେ ହେଲେ ସେଠାରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଆନନ୍ଦପୁର ମେଡିକାଲକୁ ନେଇ ଆସିବାପରେ ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ସାଇକେଲ ଶୋଭାଯାତ୍ରା ଓ ପରିବେଶ ଦିବସ କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୬।୬(ସଂଚାର ବ୍ୟୁରୋ)ଃ** ବିଶ୍ୱ ପରିବେଶ ଦିବସ ଅବସରରେ, ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ 'ମହାନଦୀ ଧାରା' ସଂଗଠନ ପକ୍ଷରୁ ସୋନପୁରଠାରେ ଏକ ସାଇକେଲ ଶୋଭାଯାତ୍ରା (ରାଲି) ଏବଂ ପରିବେଶ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ସାଇକେଲ ଶୋଭାଯାତ୍ରା ଅପରାହ୍ନ ୫:୩୦ ସମୟରେ ଘୋଡ଼ାଘାଟ ପଡ଼ାରୁ ଆରମ୍ଭ ହୋଇ 'ଆମ ପୃଥିବୀ, ଆମ ଦାୟିତ୍ୱ' ବାର୍ତ୍ତା ନେଇ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ନାଗରିକମାନଙ୍କୁ ପରିବେଶ ଅନୁକୂଳ ଅଭ୍ୟାସ ଆପଣେଇବା ଏବଂ ପରିବେଶ ସୁରକ୍ଷା ପାଇଁ ସାମୂହିକ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରେରିତ କରିବା ଏହି ରାଲିର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ଶୋଭାଯାତ୍ରାରେ ମହାନଦୀ ଧାରାର ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ମହାନଦୀ ଧାରାର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ଲାବନ ମହାପାତ୍ର ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଶିକ୍ଷକ କିରଣ ସାହୁ ଓ ବିଶ୍ୱନାଥ ମହାକୁଡ଼ ଏବଂ ସ୍ୱେଚ୍ଛାସେବୀ ଛାତ୍ର ରିତେଶ ରଥ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିବାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ଏବଂ ପରିବେଶ ପ୍ରେମୀମାନେ ଅତ୍ୟନ୍ତ ଉତ୍ସାହର ସହ ଏହି ରାଲିରେ ସାମିଲ ହୋଇ ସହର ସାରା ସାଇକେଲ ଚଲାଇ ପରିବେଶ ସୁରକ୍ଷା, ପ୍ରଦୂଷଣ ହ୍ରାସ, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଏବଂ ଏକ ସବୁଜ ଭବିଷ୍ୟତର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିଥିଲେ।

## ଗ୍ୟାସ୍ ଦର ବୃଦ୍ଧି, କାଠଚୁଲିର ଚାହିଦା ବଢ଼ୁଛି

**ଜୟପୁର,୬।୬(ସଂଚାର ବ୍ୟୁରୋ)ଃ** ୨୦୧୬ ମସିହାରେ ଯୋଜନା ଆରମ୍ଭ ହେବା ପରେ ଗ୍ରାମାଚଂଳର ଗରିବ ମହିଳାଙ୍କୁ ମାଗଣାରେ ଇନ୍ଧନ ଗ୍ୟାସ ସଂଯୋଗ ଯୋଗାଇ ଦିଆଯାଉଛି। ଧୂଆଁମୁକ୍ତ ରୋଷେଇ ପାଇଁ କେନ୍ଦ୍ର ସରକାର ଆରମ୍ଭ କରିଥିଲେ ଉଜ୍ଜ୍ୱଳା ଯୋଜନା। ଏଯାବତ୍ କୋରାପୁଟ ଜିଲା ଜୟପୁର, କୋରାପୁଟ, ସେମିଳିଗୁଡା, ବୈପାରିଗୁଡା, ପଟାଙ୍ଗୀ ବ୍ଲକରେ ଏହି ଯୋଜନା ଅନେକ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିନାହିଁ କି ଅନେକ ପାଇଥିଲେ ମଧ୍ୟ ଗ୍ୟାସ୍ ଉଚ୍ଚ ଦର ଗରିବଙ୍କ ପେଟକୁ ଲାତ ମାରିଛି। ତେଣୁ ଏବେ ମଧ୍ୟ ଗ୍ରାମାଚଂଳର ମହିଳା କାଠଚୁଲି ବ୍ୟବହାର କରୁଛନ୍ତି। ଏଥିପାଇଁ ନିୟମିତ କାଠ ସଂଗ୍ରହ କରିବା ପାଇଁ ବାଧ୍ୟ ହେଉଛନ୍ତି। ଗ୍ରାମାଚଂଳ, ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଗଛରୁ କାଠ ସଂଗ୍ରହ ଅନେକ ସମୟରେ ମହିଳାମାନେ କରୁଥିବା ସହ ଗ୍ରାମାଚଂଳରେ ମଧ୍ୟ ଜାଳେଣି କାଠ ସଂଗ୍ରହ ହୋଇ ରୋଷେଇ ହେଉଛି। ଘଣ୍ଟା ଘଣ୍ଟା କାଠ ସଂଗ୍ରହରେ ରହୁଥିବାରୁ ଆତ୍ମନିର୍ଭର ହେବା ପାଇଁ ସମୟ ପାଉନାହାନ୍ତି। ଏବେ ମଧ୍ୟ କୋରାପୁଟ ଜିଲାରେ ଅନେକ ପରିବାର ଅଛନ୍ତି ଉଜ୍ଜଳା ଯୋଜନାରେ ସାମିଲ ହୋଇନାହାନ୍ତି। ତେଣୁ ମହିଳା ମାନେ ସକାଳୁ ଉଠିବା ମାତ୍ରେ ଜାଳେଣି କାଠ ସଂଗ୍ରହ କରିବାକୁ ଯାଉଛନ୍ତି। ସେହିପରି କିଛି ପରିବାର ଗ୍ୟାସ ସଂଯୋଗ ପାଇଥିଲେ ସୁଦ୍ଧା ବ୍ୟବହାର କରୁନାହାନ୍ତି। କାରଣ ମାସିକ ପାଖାପାଖି ୧ ହଜାର ଟଙ୍କା ଦେଇ ସିଲିଣ୍ଡର କିଣିବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ସୂଚନା ଦେଇଛନ୍ତି। ସରକାର ସମସ୍ତ ପରିବାରକୁ ଉଜ୍ଜ୍ୱଳା ଯୋଜନାରେ ସାମିଲ ସହ ସ୍ୱଳ୍ପ ପରିମାଣ ଗ୍ୟାସ ଯୋଗାଇଲେ ଗରିବ ଶ୍ରେଣୀର ଲୋକ ବ୍ୟବହାର କରିବା ସହ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଧୂଆଁମୁକ୍ତ ରୋଷେଇ ଯୋଜନା ସଫଳ ହୁଅନ୍ତା।

## ଘର ଆଗରେ ମା'-ଝିଅଙ୍କୁ ଅସଦାଚରଣ, ଥାନାରେ ଏତଲା




**ଦିଗପହଣ୍ଡି,୬।୬(ସଂଚାର ବ୍ୟୁରୋ)ଃ** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ୍ ଅଧୀନ ଏକ ଗାଁରେ ଜଣେ ଯୁବତୀ ତାଙ୍କ ଘର ବାରଣ୍ଡାରେ ବସିଥିବା ବେଳେ ଗ୍ରାମର ଏ.ଶଙ୍କର ପାତ୍ର ତାଙ୍କୁ ଘର ସମ୍ମୁଖରେ ଅସଦାଚରଣ କରିଥିଲେ। ସେ ପାଟି କରିବାରୁ ଯୁବତୀଙ୍କ ମା' ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବାରୁ ଶଙ୍କର ଉଭୟଙ୍କୁ ଅସଦାଚରଣ କରିବା ସହ ଯୁବତୀଙ୍କ ମା'ଙ୍କୁ ଠେଙ୍ଗାରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଯୁବତୀ ଜଣକ ତାଙ୍କ ମା'ଙ୍କ ସହ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିବା କହିଛନ୍ତି। ପୁଲିସ୍ ଏନେଇ ତଦନ୍ତ ଚଳାଇଛି। ଶୁକ୍ରବାର ଅପରାହ୍ନରେ ଯୁବତୀ ଜଣକ ଘର ବାରଣ୍ଡାରେ ବସିଥିଲେ। ଶଙ୍କର ସେଠାରେ ପହଞ୍ଚି ଯୁବତୀଙ୍କୁ ଭିଡ଼ି ଧରିଥିଲେ। ଯୁବତୀଙ୍କ ମା' ସେଠାରେ ପହଞ୍ଚିବାରୁ ଶଙ୍କର ଯୁବତୀଙ୍କ ଚୁଟି ଧରି ଘୋଷାଡ଼ି ତଳେ ପକାଇ ଦେଇଥିଲେ। ପରେ ଶଙ୍କର ଉଭୟଙ୍କୁ ଆପତ୍ତି ଜନକ ଭାଷାରେ ଗାଳି କରି ଉଭୟଙ୍କୁ ଧକ୍କା, ଲାତ, ଗୋଇଠା ମାରିଥିଲେ। ପରେ ଯୁବତୀଙ୍କ ମା'ଙ୍କ ମୁଣ୍ଡକୁ ଠେଙ୍ଗାରେ ମାଡ଼ ମାରିଥିଲେ। ଯୁବତୀଙ୍କ ମାଙ୍କ ବେକରୁ ରୁପା ଚେନ୍ ଛଡ଼ାଇ ନେବାକୁ ଉଦ୍ୟମ କରିଥଲେ। ପାଖ ପଡ଼ୋଶୀ କିଛି ମହିଳା ସେଠାରେ ପହଞ୍ଚି ଛଡାଛଡ଼ି କରିଥିଲେ। ଯୁବତୀଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଶଙ୍କର ପୂର୍ବରୁ ମଧ୍ୟ ଏକାଧିକ ଥର ଯୁବତୀଙ୍କ ଘରେ ପଶି ତାଙ୍କୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

## ଜଗା ଦର୍ଶନରୁ ଫେରିବା ବେଳେ ଦୁର୍ଘଟଣାଃ ୮ ଗୁରୁତର

**ଗଞ୍ଜାମ,୬।୬(ସଂଚାର ବ୍ୟୁରୋ)ଃ** ପୁରୀରୁ ଜଗା ଦର୍ଶନ ସାରି ଭୋରରୁ ଘରକୁ ଫେରୁଥିଲା ବେଳେ ପୋଲସରା ମଥୁରା ନିକଟସ୍ଥ ଜାଲଖାଇ ନିକଟରେ କାରଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗୋଟିଏ ଘରକୁ ଧକ୍କା ଦେଇଥିଲା। କାରରେ ଥିବା ୫ ଜଣ ମହିଳାଙ୍କ ସମେତ ଆଠ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ମାନଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି। ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି।

## କାଳବୈଶାଖୀ ତାଣ୍ଡବଃ ବୃଦ୍ଧାଙ୍କ ଘର ଭାଙ୍ଗିଲା

**ମାଲକାନଗିରି,୬।୬ (ସଂଚାର ବ୍ୟୁରୋ)ଃ** କାଲିମେଳା ବ୍ଲକ ଅନ୍ତର୍ଗତ ବେଜାଙ୍ଗିବାଡା ପଞ୍ଚାୟତର ଏମପିଭି ୩୯ ଗ୍ରାମରେ ଗତକାଲି ହୋଇଥିବା କାଳବୈଶାଖୀ ଝଡ଼ରେ ବ୍ୟାପକ କ୍ଷତି ହୋଇଛି। ଏହି ଝଡ଼ରେ ଗ୍ରାମର ବିଜଳୀ ରାଣୀ ବାଇନ (୭୦)ଙ୍କ ଘର ଉପରେ ବଡ଼ ଗଛ ଭାଙ୍ଗି ପଡ଼ି ଘରଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ଘରଟି ପୂରାପୂରି ଭାଙ୍ଗିପଡ଼ିଥିବାରୁ ବୃଦ୍ଧା ଜଣକ ଗୁରୁତର ଅସୁବିଧାରେ ପଡ଼ିଛନ୍ତି। ସେ ପୂର୍ବରୁ କୌଣସି ଇନ୍ଦିରା ଆବାସ ଯୋଜନାର ଲାଭ ମଧ୍ୟ ପାଇନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ପ୍ରଶାସନକୁ ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଓ ଆବାସ ଯୋଜନାରେ ସାମିଲ କରିବାକୁ ଦାବି କରିଛନ୍ତି।

## ଶୂଳିଆ ପାହାଡ଼ରେ ରୋପଣ ହେଲା ୪ ହଜାର ବାଉଁଶ ଚାରା



**ଦିଗପହଣ୍ଡି,୬।୬(ସଂଚାର ବ୍ୟୁରୋ)ଃ** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ଗ୍ରାମ ସ୍ଥିତ ଚନ୍ଦ୍ରଗିରି ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ରେଞ୍ଜର ରୂପକ ପ୍ରଧାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଦ୍ମପୁର ଗ୍ରାମ ନିକଟ ଶୂଳିଆ ପାହାଡର ପ୍ରାୟ ୧୦ ହେକ୍ଟର ଇଲାକାରେ ୪ ହଜାର ବାଉଁଶ ଗଛ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନାଏବ ସରପଞ୍ଚ ବୁଦ୍ଧିଆ ଗୌଡ଼ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ମୃଗ ବିହାରରେ ସାନଖେମୁଣ୍ଡି ବ୍ଲକ ଟି. ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ମଙ୍ଗଳା ଗମାଙ୍ଗ ଅତିଥି ଭାବେ ଯୋଗଦେଇ ମୃଗଙ୍କ ରହଣି ପାଇଁ ବିଭିନ୍ନ କିସମର ୩୦ ଟି ଛାୟା ପ୍ରଦାନକାରୀ ବୃକ୍ଷ ଚାରା ରୋପଣ କରିଥିଲେ। ଢେପାଗୁଡ଼ା ପଞ୍ଚାୟତ ଅନୁସୂଚିତ ଜନଜାତି ବହୁଳ ଦା - ବାଡ଼ ଗ୍ରାମରେ ବନ ବିଭାଗ ପକ୍ଷରୁ ରେଞ୍ଜରଙ୍କ ଅଧ୍ୟକ୍ଷତାରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ସହ ବୃକ୍ଷ ରୋପଣ ସମ୍ପର୍କିତ ସଚେତନତା ସଭା କରାଯାଇଥିଲା। ସରପଞ୍ଚ ସୁନୀଲ ରାଇକା ଅତିଥି ଭାବେ ଯୋଗଦେଇଥିଲେ। ପରେ ଗ୍ରାମ ସଂଲଗ୍ନ ଜଙ୍ଗଲ ଜମିରେ ଆମ୍ବ, ପଣସ, ଅଁଳା,ବାହାଡା, ତେନ୍ତୁଳି ପ୍ରଭୃତି ୧ ଶହଟି ବିଭିନ୍ନ ଫଳ ଗଛ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ଦେବାଶିଷ ଶତପଥି, ସୁନୀଲ ମଣ୍ଡଳ, ଆଲୋକ ଜେନା,ସୁଧାକର କାଣ୍ଡୁଲା, ଧର୍ମାରାଜୁ ମିସାଲ,ଫରେଷ୍ଟଗାର୍ଡ ବନ୍ଧିଆ ଗମାଙ୍ଗ,ବିଷ୍ଣୁପ୍ରିୟା ଗୌଡ଼,ଦମୟନ୍ତୀ ଗୌଡ଼,କେ.ଗୌତମୀ, ଗିରିଜା ଶଙ୍କର ଦୋରା,ସରୋଜ କୁମାର,ଲକ୍ଷପତି ଗମାଙ୍ଗ,ପ୍ରଭାତ ଓରାମ,ଝସକେତନ ବରିହାଙ୍କ ସମେତ ବହୁ ସଂଖ୍ୟକ ପ୍ରକୃତି ପ୍ରେମୀ ଜନସାଧାରଣ ଓ ବନ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

### କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରକୃତ ଚିତ୍ର

# ଭିତ୍ତିଭୂମି ଥାଇ ମଧ୍ୟ ଟ୍ରମା ସେଣ୍ଟର ନିର୍ମାଣରେ ବିଳମ୍ବ



**କେସିଙ୍ଗା,୬।୬(ସଂଚାର ବ୍ୟୁରୋ)ଃ** କଳାହାଣ୍ଡି ଜିଲାର କେସିଙ୍ଗା ସହରରେ ଅବସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରକାର ମୌଳିକ ଭିତ୍ତିଭୂମି ଥିବା ସତ୍ତ୍ୱେ ବିଭିନ୍ନ ସମସ୍ୟା ଦେଖାଦେଉଛି। ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଟ୍ରମା ସେଣ୍ଟର ସ୍ଥାପନ କରାଯିବାର ବ୍ୟବସ୍ଥା ରହିଛି। ଏହି ଯୋଜନା ଅନୁସାରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିହ୍ନଟ କରାଯାଇଥିବା ସହ ଜଣେ ନୋଡାଲ ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ଟ୍ରମା ସେଣ୍ଟର କାର୍ଯ୍ୟକ୍ଷମ ହୋଇପାରିନାହିଁ। ନିୟମ ଅନୁଯାୟୀ, ଦୁର୍ଘଟଣାଜନିତ ରୋଗୀଙ୍କ ଚିକିତ୍ସା ଟ୍ରମା ସେଣ୍ଟରରେ ହେବା କଥା। ମାତ୍ର ଗୁରୁତର ରୋଗୀମାନଙ୍କୁ ଭବାନୀପାଟଣାକୁ ରେଫର କରାଯାଉଛି। ସେଠାରୁ ଅଧିକ ଉନ୍ନତ ଚିକିତ୍ସା ପାଇଁ ବୁର୍ଲା କିମ୍ବା କଟକ ପଠାଯାଉଥିବା ବେଳେ ଅନେକ ସମୟରେ ରୋଗୀ ବାଟରେ ମୃତ୍ୟୁବରଣ କରୁଛନ୍ତି। ତେଣୁ ଦୁର୍ଘଟଣାଜନିତ ରୋଗୀଙ୍କୁ ନିର୍ଦ୍ଦିଷ୍ଟ ଟ୍ରମା ସେଣ୍ଟରରେ ଚିକିତ୍ସା କରାଗଲେ ଅନେକ ଜୀବନ ରକ୍ଷା ପାଇପାରିବ ବୋଲି ମତ ପ୍ରକାଶ ପାଉଛି। ଚଳିତ ବର୍ଷ ଜାନୁଆରୀ ୨୬ ତାରିଖରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୧୫୪ ଜଣ ଆହତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଓ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଚିକିତ୍ସା ଯୋଗାଇ ଜୀବନ ରକ୍ଷା କରାଯାଇଥିଲା। ସେହିପରି ଫେବୃଆରୀରେ ୧୨୮ ଜଣ, ମାର୍ଚ୍ଚରେ ୧୧୨ ଜଣ, ଏପ୍ରିଲରେ ୧୧୦୪ ଜଣ ଏବଂ ମେ ମାସରେ ୧୧୯ ଜଣ ଦୁର୍ଘଟଣାଜନିତ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଥିବା ବେଳେ ୩ ଜଣଙ୍କର ମୃତ୍ୟୁ ଘଟିଛି।ଏହି ଟ୍ରମା ସେଣ୍ଟରକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ଦାବି ଜୋର ଧରିଛି।